ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଡିସେମ୍ବର ୨୯/୨୦୧୯ (୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, December 29 / 2019 ★★
୧୬ଶ ଭାଗ ୧୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ସୂର୍ଯ୍ୟକାନ୍ତଙ୍କୁ ୫ ଉଇକେଟ ସଫଳତା

ଡ୍ରିମ୍ସ ଗ୍ରାଉଣ୍ଡରେ ଉତ୍ତରାଖଣ୍ଡ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ ୫ ଉଇକେଟ ସଫଳତା ହାସଲ କରିଛନ୍ତି।

୧୫

୦୨

## ‘ଲୁଡୋ’ରେ ଅଭିଷେକ ବଚ୍ଚନ

‘ଜଗ୍ଗା ଜାସୁସ’ ପରେ ଅଭିନେତା ଅଭିଷେକ ବଚ୍ଚନ ଅଭିନୀତ ‘ଲୁଡୋ’ର ଶୁଟିଂ ଆରମ୍ଭ ହୋଇଛି। ୨୦୨୦ ଏପ୍ରିଲ ୨୪ରେ ଏହା ପରଦାକୁ ଆସିବ।



ଆପଣଙ୍କ ଏହି କପି ସହିତ
ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

# ଶୀତରେ କଲବଲ ଓଡ଼ିଶା



ଦାରିଙ୍ଗବାଡି ବ୍ଲକ କିରିକୁଟି ପଞ୍ଚାୟତର ଏକ ସାହିରେ ଲୋକେ ଶୀତଦାଉରୁ ରକ୍ଷା ପାଇବାକୁ ନିଆଁ ଜାଳି ବସିଛନ୍ତି।

- ୧୦ ଡିଗ୍ରୀ ତଳକୁ ଖସିଲା ୧୧ ସହର ପାରଦ
- ସୋନପୁରରେ ୪ ଡିଗ୍ରୀ ସେଲ୍‌ସିୟସ
- ଆଉ ୩ ଦିନ ଥରେଇବ
- ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ
- ଅନାଥଙ୍କ ପାଇଁ ଗାଁରେ ସ୍କୁଲଘର, ସହରରେ ରାତ୍ର ଆଶ୍ରୟସ୍ଥଳ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ରାଜ୍ୟରେ ଆରମ୍ଭ ହୋଇଛି ପ୍ରବଳ ଶୀତ। ଗାଁ ଗଣ୍ଡାରୁ ଆରମ୍ଭ କରି ସହର ଯାଏ ସବୁଠି ଥରାଉଛି ହାଡ଼ଭଙ୍ଗା ଶୀତ । ସଞ୍ଜ ନଇଁବା ମାତ୍ରେ ଶୀତ ମାଡ଼ିଆସୁଛି। ଗ୍ରାମାଞ୍ଚଳରେ ରାସ୍ତାଘାଟ ଶୂନଶାନ୍ ହୋଇ ଯାଉଛି। ଦେହ ମୁଣ୍ଡ କାଲୁଆ କରି ପକାଉଛି। ଶୀତ ଦାଉରୁ ରକ୍ଷା ପାଇବା ଲାଗି ଲୋକମାନେ ନିଆଁ ପୋଉଁଥିବା ଦେଖାଯାଉଛି। କେବଳ ମନୁଷ୍ୟ ନୁହନ୍ତି ପଶୁପକ୍ଷୀ ମଧ୍ୟ ଶୀତରେ କଲବଲ ହେଉଛନ୍ତି।

ଉତ୍ତର ଭାରତରେ ପ୍ରଚଣ୍ଡ ଶୀତ ଆରମ୍ଭ ହୋଇଛି। ଉତ୍ତର ଦିଗରୁ ରାଜ୍ୟକୁ ଥଣ୍ଡା ବାୟୁ ପ୍ରବାହ ଯୋଗୁ ହଠାତ୍ ଶୀତ ବଢି ଯାଇଛି। ୧୧ଟି ସ୍ଥାନରେ ପାରଦ ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଦୁଇଦିନ ତଳେ ସର୍ବନିମ୍ନ ପାରଦ ୧୪ ଡିଗ୍ରୀ ସେଲ୍‌ସିୟସ ଉପରେ ଥିବା ବେଳେ ଶନିବାର ହଠାତ୍ ୫ରୁ ୭ ଡିଗ୍ରୀ ତଳକୁ ଖସିଆସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ସୋନପୁରରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ ତଳେ ଥିବା ବେଳେ ଝାରସୁଗୁଡା ୫.୮, ବାଲେଶ୍ୱର ୭.୬, କଟକ ୯.୬, ଅନୁଗୋଳ ୮, ବାରିପଦା ୮.୫, କେନ୍ଦୁଝର ୫.୬, ସମ୍ବଲପୁର ୭.୪, ହୀରାକୁଦ ୯.୮, ଟିଟିଲାଗଡ଼ ୭ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଶୀତ ଆଉ ୩ ଦିନ ଥରେଇବ। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ମୁତାବକ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ଅନୁଗୋଳ, ମୟୂରଭଞ୍ଜ, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଶୀତ ଲହରି (କୋଲ୍ଡ ୱେଭ) ଜାରି ରହିବ। ସେହିପିର ଅନୁଗୋଳ, କେନ୍ଦୁଝର ମୟୂରଭଞ୍ଜ, ବାଲେଶ୍ୱର ଏବଂ ଦେବଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରଚଣ୍ଡ ଶୀତଲହରି ହେବାର ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କଟକ ଓ ବାଲେଶ୍ୱର ଜିଲାରେ ମଧ ଥଣ୍ଡାବାୟୁ ପ୍ରବାହ ହେବ। କନ୍ଧମାଳ, କୋରାପୁଟ କଳାହାଣ୍ଡି ଏବଂ ବଲାଙ୍ଗୀରରେ ପ୍ରବଳ କୁହୁଡ଼ି ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଏହି ସବୁ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ସେହିପରି ୩୦ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା, ବାଲେଶ୍ୱର, କଟକ, ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର ଜିଲାରେ ପ୍ରବଳ ଶୀତଲହରି ହେବାର ସମ୍ଭାବନା ରହିଛି। ଡିସେମ୍ବର ୩୧ରେ ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ବଲାଙ୍ଗୀର ☞ପୃଷ୍ଠା-୪

## ଘନକୁହୁଡ଼ି ଯୋଗୁ ୧୨ ଗାଡ଼ି ଧକ୍କା
## ୨ ମୃତ, ଅନେକ ଆହତ

ହିସାର,୨୮।୧୨: ଘନ କୁହୁଡ଼ି ଯୋଗୁ ଶନିବାର ସକାଳେ ଦିଲ୍ଲୀ-ଜୟପୁର ଜାତୀୟ ରାଜପଥରେ ୧୨ଟି ଗାଡ଼ି ପରସ୍ପର ସହ ଧକ୍କା ହୋଇଥିଲେ। ଏଥିରେ ୨ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। ଜାତୀୟ ରାଜପଥ ୮ର ସାବନ ଚୌକଠାରେ ଏହି ଦୁର୍ଘଟଣା ହୋଇଛି। ଆହତମାନଙ୍କୁ ରେୱାରୀର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରୁଛି। କୁହୁଡ଼ି ଯୋଗୁ ରାସ୍ତା ଦେଖିହେଉ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ବାୱାଲ ଥାନା ଭାରପ୍ରାପ୍ତ ଅଧିକାରୀ ନୀରଜ କୁମାର କହିଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକରୁ ଲୋକଙ୍କୁ ଉଦ୍ଧାର କରିଥିଲା। ଦୁର୍ଘଟଣା ଯୋଗୁ କିଛି ସମୟ ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍ ରହିଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ହଟାଇ ପୋଲିସ ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲା। ଉତ୍ତର ଭାରତର ବିଭିନ୍ନ ସ୍ଥାନରେ କୁହୁଡ଼ି ଯୋଗୁ ଛୋଟବଡ଼ ଦୁର୍ଘଟଣା ଘଟିଥିବା ଜଣାପଡିଛି। ଉତ୍ତର ଭାରତରେ ବିମାନ ଓ ରେଳ ଚଳାଚଳ ମଧ ଘନ କୁହୁଡ଼ି ଯୋଗୁ ପ୍ରଭାବିତ ହୋଇଛି।

## ଟ୍ରକ୍ ଚାଳକଙ୍କୁ ବନ୍ଧକ, ୫୧ କୁଇଣ୍ଟାଲ ପିଆଜ ଲୁଟ୍

**ପାଟନା,୨୮।୧୨(ଆଇଏଏନ୍ଏସ୍)**

ଦେଶବ୍ୟାପୀ ପିଆଜ ଦର ବୃଦ୍ଧି ଯୋଗୁ ଏହାର ଅଭାବ ଦେଖାଦେଇଛି। ଏଭଳି ସ୍ଥିତିରେ ବିହାରର କୈମୁର ଜିଲାରେ ଜଣେ ଟ୍ରକ୍‌ଚାଳକଙ୍କୁ କେତେଜଣ ଯୁବକ ବନ୍ଧକ ରଖି ୫୧ କୁଇଣ୍ଟାଲ୍ ପିଆଜ ଲୁଟି ନେଇଛନ୍ତି। ଗୁରୁବାର ରାତିରେ ଡ୍ରାଇଭର ଦେଶରାଜ ଟ୍ରକ୍‌ରେ ପିଆଜ ନେଇ ଉତ୍ତରପ୍ରଦେଶର ଆଲ୍ଲାହାବାଦରୁ ଜାହାନାବାଦ୍ ଯାଉଥିଲେ। ଯୁବକମାନେ ତାଙ୍କୁ ଅସ୍ତ୍ରଶସ୍ତ୍ର ଦେଖାଇ ବନ୍ଧକ ରଖିବା ସହ ଟ୍ରକରୁ ପିଆଜ ଲୁଟି ନେଇଥିଲେ। ଶୁକ୍ରବାର ରାତି ୨ଟାରେ ଅପରାଧୀମାନେ ତାଙ୍କୁ ମୁକ୍ତ କରିଥିବା ଜଣାପଡ଼ିଛି। ପୋଲିସ ଏହି ମାମଲାର ତଦନ୍ତ ଜାରି ରଖିଥିବା ପ୍ରକାଶ।

# ଜରିନ୍‌ଙ୍କୁ ହରାଇ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ମେରୀକମ୍

**ନୂଆଦିଲ୍ଲୀ, ୨୮।୧୨ (ପି.ଟି.)**

ଶେଷରେ ବିବାଦର ଅବସାନ ଘଟିଛି। ଛ’ ଥର ବିଶ୍ୱ ଚାମ୍ପିୟନ ଏମ୍.ସି. ମେରୀକମ୍ (୫୧ କେଜି କାଟେଗୋରି) ଆସନ୍ତା ବର୍ଷ ହେବାକୁ ଥିବା ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ଭାରତରୁ ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ବକ୍ସିଂ ଟ୍ରାଏଲରେ ସେ ପୂର୍ବତନ ବିଶ୍ୱ ଜୁନିୟର ଚାମ୍ପିୟନ ନିଖତ ଜରିନଙ୍କୁ ହରାଇ ଦେଇଛନ୍ତି। ବାଉଟ୍‌ରେ ମେରୀକମ୍‌ଙ୍କ ଆକ୍ରମଣାତ୍ମକ ରଣନୀତିକୁ ଜରିନ ସାମ୍ନା କରିପାରି ନ ଥିଲେ। ଫଳରେ କିମ୍ବଦନ୍ତୀ ବକ୍ସର ୯-୧ ବ୍ୟବଧାନରେ ଏହି ମୁକାବିଲାକୁ ଅତି ସହଜରେ ଜିତି ନେଇଥିଲେ। ଉଲ୍ଲେଖଯୋଗ୍ୟ, ଅଭିଜ୍ଞତା, ରେକର୍ଡ ଏବଂ ଦକ୍ଷତାକୁ ଭିତ୍ତିକରି ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ୫୧କେଜି ବର୍ଗରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ବିନା ଟ୍ରାଏଲରେ ପ୍ରଥମେ ମେରୀକମ୍‌ଙ୍କୁ ମନୋନୀତ କରାଯାଇଥିଲା। ମାତ୍ର ଜରିନ ଏଥିରେ ଆପତ୍ତି ଉଠାଇଥିଲେ। ଟ୍ରାଏଲ ଭିତ୍ତିରେ ଏହା ନିର୍ଣ୍ଣୟ କରାଯାଉ ବୋଲି ସେ ସାଧାରଣରେ ଦାବି କରିଥିଲେ। ଏପରିକି ସେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଉଟ୍ ପରେ ଜରିନ କରମର୍ଦ୍ଦନ କରିବାକୁ ଉଦ୍ୟମ କରିଥିଲେ, ହେଲେ ୩୬ ବର୍ଷୀୟା ମେରୀକମ୍ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ☞ପୃଷ୍ଠା-୪



୫୧କେଜି ମହିଳା ବକ୍ସିଂ ଟ୍ରାଏଲ୍‌ରେ ନିଖତ ଜରିନଙ୍କ ସହିତ ମୁକାବିଲା କରୁଛନ୍ତି ଏମ୍.ସି. ମେରୀକମ୍।

### ହାତ ମିଳାଇବାକୁ ମନାକଲେ

## ମହିଳାଙ୍କୁ ଗଣବଳାତ୍କାର ଘଟଣା
## ୨୦ ଦିନରେ ଚାର୍ଜଶିଟ୍ ଦାଖଲ କଲା ପୋଲିସ

**ସମ୍ବଲପୁର,୨୮।୧୨(ବ୍ୟୁରୋ)**

ସମ୍ବଲପୁର ସହରର ଅଇଁଠାପାଲି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗତ ୭ ତାରିଖ ରାତିରେ ଗଣବଳାତ୍କାର କରାଯାଇଥିଲା । ଏହି ଘଟଣାରେ ପୋଲିସ ୨୦ ଦିନ ଭିତରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଡିଏସ୍‌ପି ସୁଜାତା ପଣ୍ଡା ତଦନ୍ତ କରି ୨୦୫ ପୃଷ୍ଠାର ଏହି ଚାର୍ଜଶିଟ ଦାଖଲ କରିଛନ୍ତି। ଏଥିରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କଲା ଭଳି ଉପଯୁକ୍ତ ପ୍ରମାଣ ରହିଥିବା ଏସ୍‌ପି କନୱର ବିଶାଲ ସିଂ ସୂଚନା ଦେଇଛନ୍ତି। ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କୋର୍ଟରେ ପୋଲିସ ଅନୁରୋଧ କରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ପୀଡିତାଙ୍କ ପରିବାରଙ୍କୁ ସରକାରୀ ଯୋଜନା ଅନୁସାରେ ଆର୍ଥିକ ସହାୟତା ଓ ସାମାଜିକ ସୁରକ୍ଷା ଦେବା ପାଇଁ ମଧ ପ୍ରକ୍ରିୟା ଆରମ୍ଭ ହୋଇଥିବା ଏସ୍‌ପି କହିଛନ୍ତି । ସୂଚନାଯୋଗ୍ୟ, ଡିସେମ୍ବର ୮ ତାରିଖ ସକାଳେ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ☞ପୃଷ୍ଠା-୪

# କାର୍ ବୋମା ବିସ୍ଫୋରଣ: ୯୦ ନିହତ

**ମୋଗାଡିଶୁ,୨୮।୧୨(ଏଏଫ୍‌ପି)**

ସୋମାଲିଆର ଜନବହୁଳ ମୋଗାଡିଶୁ ସହରରେ ଶନିବାର କାର୍‌ବୋମା ବିସ୍ଫୋରଣରେ ୯୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ବୋଲି ଜଣାପଡିଛି। ସୁରକ୍ଷା ଚେକ୍ ପଏଣ୍ଟ ଓ ଟ୍ୟାକ୍ସ ଅଫିସ ଥିବା ଜନଗହଳିପୂର୍ଣ୍ଣ ଛକ ସ୍ଥାନରେ ଏହି ବିସ୍ଫୋରଣ ଘଟିଥିଲା। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଅନେକ ଗାଡ଼ି ଜଳିଯିବା ସହ ଛିନ୍ନଛତ୍ର ହୋଇଯାଇଥିଲେ। ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ଅଲ୍‌କାଏଦାର ସହଯୋଗୀ ସଂଗଠନ ଅଲ୍-ଶବାବ ଇସ୍‌ଲାମିଷ୍ଟ ଆତଙ୍କବାଦୀମାନେ ମୋଗାଡିଶୁରେ ଅନେକ ସମୟରେ ବିସ୍ଫୋରଣ ଘଟାଇଥାନ୍ତି।

### ଆଜିର ସମ୍ପାଦକୀୟ
ଇତିହାସରୁ ଶିଖିଲୁ ନାହିଁ

### ଆଜିର ମନ୍ତବ୍ୟ

“ସିଏଏ-ଏନ୍ଆର୍‌ସିକୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରି ମିଛ କହିବାରେ ମୋଦି ଓ ଶାହା ଓସ୍ତାଦ।

-ମଲ୍ଲିକାର୍ଜୁନ ଖାର୍ଗେ, ବରିଷ୍ଠ କଂଗ୍ରେସ ନେତା

### କିଛି ତଥ୍ୟ

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଗତ ୩ ଆର୍ଥିକ ବର୍ଷରେ ଋଣ ଖିଲାପ କରିଥିବା ବ୍ୟକ୍ତି ବିଶେଷଙ୍କ ୨.୩ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛନ୍ତି।

– ଅର୍ଥ ମନ୍ତ୍ରଣାଳୟ

Vencobb FRESH CHICKEN
28.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 85 | 139 | 149 |
| DKL | 88 | 142 | 152 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 89 | 144 | 154 |
| BHM | 88 | 142 | 152 |

*Conditions Apply
Issued in the Interest of Consumers

# ସାନଭଉଣୀକୁ ବଳିଦେଲେ ଭାଇ

**ବଲାଙ୍ଗୀର ଅଫିସ/ବଙ୍ଗୋମୁଣ୍ଡା, ୨୮।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ଥାନା ଅଧୀନ ଏକ ଗ୍ରାମର ଜଣେ ନାବାଳିକା(୧୨)ଙ୍କୁ ବଳି ଦିଆଯାଇଥିବା ଅଭିଯୋଗ ହୋଇଛି । ଏହି ବଳି ଅନ୍ୟ କେହି ନୁହେଁ, ବରଂ ନାବାଳିକାଙ୍କ ବଡ଼ଭାଇ ତନ୍ତ୍ର ସାଧନା ପାଇଁ ଦେଇଛନ୍ତି । ଗତ ୨୪ ତାରିଖରୁ ସଂପୃକ୍ତ ନାବାଳିକା ବଡ଼ଭାଇଙ୍କ ସଙ୍ଗରେ ଯାଇ ନିଖୋଜ ହେବା ପରେ ଏହି ସନ୍ଦେହ ଗ୍ରାମବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ନାବାଳିକାଙ୍କ ବଡ଼ଭାଇ ପୂର୍ବରୁ ମଧ୍ୟ ଏକ ବଳି ଅଭିଯୋଗରେ ଗିରଫ ହୋଇ ଜେଲରେ ଥିଲେ । ଗତ କିଛିମାସ ହେବ ସେ ଜାମିନରେ ଘରକୁ ଫେରିଥିଲେ। ସେ ତନ୍ତ୍ର ସାଧନା କରନ୍ତି। ଗତ ସୂର୍ଯ୍ୟୋପରାଗ ତଥା ଅମାବାସ୍ୟ ତିଥିରେ ସେ ନିଜ ଭଉଣୀଙ୍କୁ ବଳି ଦେଇଥିବା ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଶନିବାର ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀ ଥାନା ଘେରାଉ କରିଥିଲେ। ଶେଷରେ ପୋଲିସ ନାବାଳିକାଙ୍କ ଭାଇଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି ।

ନାବାଳିକାଙ୍କ ବାପା ବି ସିନ୍ଧେକେଲା ଥାନାରେ ଅନ୍ୟ ଏକ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୨୪ ତାରିଖ ସକାଳ ପ୍ରାୟ ୮ଟାରେ ମୋ ପୁଅ ଖଡିଆଳ ଯିବାକୁ ବାହାରିଥିଲେ। ଯିବାବେଳେ ସାନଭଉଣୀକୁ ସାଇକେଲରେ ବସାଇ ନେଇଥିଲେ। ନଦୀ ପାଖରେ ମୋତେ ଛାଡିଦେଇ ଭଉଣୀ ଫେରି ଆସିବ ବୋଲି ସେ କହିଥିଲେ। ସେଦିନଠାରୁ ମୋ ଝିଅ ଆଉ ଘରକୁ ଫେରି ନାହିଁ। ☞ପୃଷ୍ଠା-୪




ଅଭିଯୁକ୍ତଙ୍କ ଗିରଫ ଦାବିରେ ଉତ୍ତେଜିତ ଗ୍ରାମବାସୀ ସିନ୍ଧେକେଲା ଥାନା ଘେରାଉ କରିଛନ୍ତି।

- ଥାନା ଘେରିଲେ ଗ୍ରାମବାସୀ
- ଅଭିଯୁକ୍ତ ବଡ଼ଭାଇ ଅଟକ
- ପୂର୍ବରୁ ବି ବଳି ଅଭିଯୋଗରେ ଗିରଫ ହୋଇଥିଲେ
- ସୂର୍ଯ୍ୟୋପରାଗ ଅମାବାସ୍ୟା ତିଥିରେ ବଳି ଦିଆଯାଇଥିବା ସନ୍ଦେହ





ଅଭିନେତା କୁଶଲ ପଞ୍ଜାବୀଙ୍କ ଆକସ୍ମିକ ମୃତ୍ୟୁରେ ମୁଁ ମର୍ମାହତ। ସଫଳ ଅଭିନେତା ହେବା ଲାଗି ତାଙ୍କ ପାଖରେ ଭଲ ଦକ୍ଷତା ଥିଲା।

-ଏକ୍ତା କପୁର,
ବଲିଉଡ୍ ପ୍ରଯୋଜକ



## ସେବା ଯୋଗାଉଛି ବାଇକ୍ ଆମ୍ବୁଲାନ୍ସ




**ହାଇଦ୍ରାବାଦ:** ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଏହି ମର୍ମରେ ହାଇଦ୍ରାବାଦ୍‌ରେ ବରିଷ୍ଠ ନାଗରିକଙ୍କ ପାଇଁ ଜରୁରିକାଳୀନ ସେବା ପ୍ରଦାନ ଲାଗି ସ୍ୱେଚ୍ଛାସେବୀ ସଙ୍ଗଠନ 'ହ୍ୟୁମାନ ରାଇଟସ୍ ଅର୍ଗାନାଇଜେସନ୍ ଅଫ୍ ଗୁଡ୍ ସମାରିଟାନ୍ସ ଇଣ୍ଡିଆ' ପକ୍ଷରୁ ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଛି। ରାସ୍ତାକଡ଼ରେ ଶୋଇଥିବା ବେସାହାରା ବରିଷ୍ଠ ନାଗରିକଙ୍କୁ ଏହି ସଂସ୍ଥା ସେବା ଯୋଗାଇବା ସହିତ ସେମାନଙ୍କର ଯତ୍ନ ନେଉଛି। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ବସ୍ତି ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ଏହି ସଂସ୍ଥାର କର୍ମୀ ବାଇକ୍ ଆମ୍ବୁଲାନ୍ସ ସହାୟତାରେ ଆବଶ୍ୟକ ସେବା ଯୋଗାଇ ଦେଉଛନ୍ତି। ଆଗାମୀ ଦିନରେ ଦେଶବ୍ୟାପୀ ଏହି ସେବା ପ୍ରଦାନ କରାଯିବା ପାଇଁ ସଂସ୍ଥା ପକ୍ଷରୁ ଯୋଜନା କରାଯାଇଛି। ବଡ଼ଗାଡ଼ି ପଶିପାରୁ ନ ଥିବା ଅଞ୍ଚଳରେ ବାଇକ୍ ଆମ୍ବୁଲାନ୍ସ ଦ୍ୱାରା ଜରୁରି କାଳୀନ ସେବା ପ୍ରଦାନ କରାଯାଉଛି।

## ଟ୍ରେନ୍‌ଯାତ୍ରୀଙ୍କ ପ୍ରସବ କରାଇଲେ ୨ ସେନା କ୍ୟାପ୍ଟେନ୍

**ଗୁର୍‌ଦାସପୁର(ପଞ୍ଜାବ):** ଦେଶ ଏବଂ ପ୍ରତ୍ୟେକ ନାଗରିକଙ୍କୁ ସୁରକ୍ଷା ଯୋଗାଇଦେବା ସେନାବାହିନୀର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ଏହାକୁ ଠିକ୍‌ଭାବେ ପାଳନ କରିବାକୁ ଯାଇ ଅନେକ ଯବାନ୍ ଦେଶପାଇଁ ଜୀବନ ବଳିଦାନ ମଧ୍ୟ ଦେଇଛନ୍ତି। ହେଲେ ସ୍ଥାନ, କାଳ ଯାହା ବି ହେଉ ଯବାନଙ୍କ ପାଇଁ ନିଜ କର୍ତ୍ତବ୍ୟ ହିଁ ଆଗରେ, ଏହା ପ୍ରମାଣିତ କରିଛନ୍ତି ପଞ୍ଜାବର ଗୁର୍‌ଦାସପୁର ମିଲିଟାରି ହସ୍ପିଟାଲ୍‌ରେ କାର୍ଯ୍ୟ କରୁଥିବା ଭାରତୀୟ ସେନାର ମହିଳା କ୍ୟାପ୍ଟେନ୍ ଲଲିଥା ଏବଂ କ୍ୟାପ୍ଟେନ୍ ଅମନଦୀପ୍। ଏହି ୨ ମହିଳା ସେନା କ୍ୟାପ୍ଟେନ୍ ହାଓଡ଼ା ଏକ୍ସପ୍ରେସ୍ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ଜଣେ ମହିଳା ଯାତ୍ରୀଙ୍କ ସମୟ ପୂର୍ବରୁ(ପ୍ରିମାଚ୍ୟୁର୍)ପ୍ରସବ ବେଦନା ହେବାରୁ ସେଠାରେ ତାଙ୍କର ସଫଳ ପ୍ରସବରେ ସହାୟତା କରିଛନ୍ତି। ଏହାର ଏକ ଫଟୋ ଭାରତୀୟ ସେନା ପକ୍ଷରୁ ଟୁଇଟ୍ କରାଯିବା ସହ ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ଉଲ୍ଲେଖ କରିଛନ୍ତି। ଏହାକୁ ଦେଖି ଅନେକ ଭାରତୀୟ ୨ କ୍ୟାପ୍ଟେନ୍‌ଙ୍କ କାର୍ଯ୍ୟରେ ଗର୍ବ ଅନୁଭବ କରିବା ସହ 'ଜୟ ଯବାନ୍' କହି ସମ୍ମାନ ଜଣାଇଛନ୍ତି। ଆଉ କେତେକ ଏହା ହିଁ ଭାରତୀୟ ସେନାର ସ୍ୱତନ୍ତ୍ରତା ବୋଲି ରିଟୁଇଟ୍ କରିଛନ୍ତି।



## ଘରେ ପାଇଖାନା ନାହିଁ ତ ନିର୍ବାଚନ ଲଢ଼ିବା ମନା



**କୋର୍ବା:** ଛତିଶଗଡ଼ରେ ପୌର ନିର୍ବାଚନ ପରେ ଏବେ ପଞ୍ଚାୟତ ନିର୍ବାଚନ ବିଗୁଲ୍ ବାଜିଛି। ନିର୍ବାଚନ ଅଧିସୂଚନା ଜାରି ହେବା ପରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ୩୦ ଡିସେମ୍ବରରୁ ଆରମ୍ଭ ହେବ। ତିନୋଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀଙ୍କ ଲାଗି ନୂଆ ମାପଦଣ୍ଡ ରଖିଛି ପ୍ରଶାସନ। ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଏହା କରାଯାଇଛି। ସରପଞ୍ଚ ପ୍ରାର୍ଥୀ ହେବାକୁ ହେଲେ ସେମାନଙ୍କ ଘରେ ପାଇଖାନା ରହିଥିବା ଜରୁରୀ ବୋଲି କୁହାଯାଇଛି। ଏହାବାଦ୍ ପଞ୍ଚାୟତର ସବୁ ପ୍ରକାର ଟ୍ୟାକ୍ସ ଓ ବେଆଇନ ନିର୍ମାଣ ସମ୍ପର୍କିତ ମାମଲା ସେମାନଙ୍କ ନାମରେ ନ ଥିବା ଦରକାର ବୋଲି ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି। ପ୍ରଥମେ ଶିକ୍ଷାଗତ ଯୋଗ୍ୟତା ସରପଞ୍ଚଙ୍କ ଲାଗି ୮ମ ଓ ୱାର୍ଡମେମ୍ବରଙ୍କ ପାଇଁ ୫ମ ପାସ୍ ରଖାଯାଇଥିଲା। ଏବେ ସରପଞ୍ଚ, ୱାର୍ଡମେମ୍ବର ଓ ଜିଲା ପରିଷଦ ପ୍ରାର୍ଥୀ କେବଳ ସାକ୍ଷର ହେବା ଜରୁରୀ ବୋଲି କୁହାଯାଇଛି।

## 'ଲୁଡୋ'ରେ ଅଭିଷେକ



ଏପ୍ରିଲ ୨୪ରେ ରିଲିଜ୍

**ବମ୍ବେ:** 'ଜଗ୍ଗା ଜାସୁସ' ପରେ ପୁଣି ଏକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯାଉଛନ୍ତି ନିର୍ଦ୍ଦେଶକ ଅନୁରାଗ ବସୁ। ଅଭିନେତା ଅଭିଷେକ ବଚ୍ଚନ, ରାଜକୁମାର ରାଓ ଏଥିରେ ପ୍ରମୁଖ ଭୂମିକାରେ ନଜର ଆସିବେ। ଏଥିରେ ନାୟିକା ସାଜିବେ ଦଙ୍ଗଲ ଅଭିନେତ୍ରୀ ଫାତିମା ସନା। ଫିଲ୍ମଟିର ନାଁ 'ଲୁଡୋ' ରଖାଯିବା ଫାଇନାଲ ହୋଇଛି। ଅନ୍ୟାନ୍ୟ ଭୂମିକାରେ ସାନ୍ୟା ମାଲହୋତ୍ରା, ଆଦିତ୍ୟ ରୟ କପୁର, ପଙ୍କଜ ତ୍ରିପାଠୀ, ରୋହିତ ସରାଫ ପ୍ରମୁଖ ନଜର ଆସିବେ। ଫିଲ୍ମଟି ଆସନ୍ତା ବର୍ଷ ଏପ୍ରିଲ ୨୪ରେ ପରଦାକୁ ଆସିବ। ଟ୍ରେଡ୍ ଆନାଲିଷ୍ଟ ତରଣ ଆଦର୍ଶ ଟୁଇଟରରେ ଏହି ସୂଚନା ଦେଇଛନ୍ତି।

୨୦୧୮ରେ ଅଭିଷେକ ଫିଲ୍ମ 'ମନ୍‌ମର୍ଜିୟାଁ'ରେ ନଜର ଆସିଥିଲେ। ଫିଲ୍ମରେ ତାଙ୍କ ଅଭିନୟକୁ ବେଶ୍ ପସନ୍ଦ କରାଯାଇଥିଲା। ବିକ୍କି କୌଶଲ ଏବଂ ତାପସୀ ପନ୍ନୁ ମଧ୍ୟ ଫିଲ୍ମରେ କାମ କରିଥିଲେ। ହାତରେ ଥିବା ଫିଲ୍ମ ବିଷୟରେ କଥା ହେଲେ, ଅଭିଷେକ ଏବେ ଫିଲ୍ମ 'ବବ୍ ବିଶ୍ୱାସ'ରେ କାମ କରୁଛନ୍ତି। ସେହିଭଳି ରାଜକୁମାର ରାଓ 'ଶିମ୍‌ଲା ମିର୍ଚ୍ଚ, 'ଛଲାଙ୍ଗ' ଆଦିରେ କାମ କରୁଛନ୍ତି।

## ଯୁବାବସ୍ଥାରେ ସେଲିବ୍ରିଟିଙ୍କ ଆତ୍ମହତ୍ୟା

**ମୁମ୍ବାଇ:** କୌଣସି ନା କୌଣସି କାରଣକୁ ନେଇ ଖୁବ୍ କମ୍ ବୟସରେ ବଲିଉଡ୍‌ର କେତେଜଣ ସେଲିବ୍ରିଟି ଆତ୍ମହତ୍ୟା କରିଥିବା ନଜିର ରହିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ପ୍ରତ୍ୟୁଷା ବାନାର୍ଜୀ। ଟେଲି ସିରିୟଲ 'ବାଲିକା ବଧୂ'ର ଆନନ୍ଦୀ ଭୂମିକାରେ ଅଭିନୟ କରିଥିବା ପ୍ରତ୍ୟୁଷା ୨୦୧୬ ଏପ୍ରିଲ ୧ରେ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପ୍ରତ୍ୟୁଷାଙ୍କ ମୃତ୍ୟୁ ପାଇଁ ବୟଫ୍ରେଣ୍ଡ୍ ରାହୁଲ ରାଜସିଂହଙ୍କୁ ଦୋଷୀ କରିଥିଲେ ତାଙ୍କ ପରିବାର ଲୋକେ। ପ୍ରତ୍ୟୁଷାଙ୍କୁ ସେତେବେଳେ ମାତ୍ର ୨୫ ବର୍ଷ ହୋଇଥିଲା। ସେହିଭଳି ଜିୟା ଖାନ୍ ମଧ୍ୟ ଯୁବାବସ୍ଥାରେ ଆତ୍ମହତ୍ୟା କରିଥିଲେ। 'ନିଃଶବ୍ଦ', 'ହାଉସ୍‌ଫୁଲ୍', 'ଗଜନୀ' ଆଦି ଫିଲ୍ମରେ ଦମ୍‌ଦାର ଅଭିନୟ କରିଥିବା ଜିୟା ୨୦୧୩ ଜୁନ୍ ୩ରେ ଆତ୍ମହତ୍ୟା କରିଥିଲେ। ତାଙ୍କୁ ସେତେବେଳକୁ ମାତ୍ର ୨୫ ବର୍ଷ ହୋଇଥିଲା। ଏଥିରେ ମଧ୍ୟ ତାଙ୍କ ବୟଫ୍ରେଣ୍ଡ୍ ସୁରଜ୍‌ଙ୍କୁ ଦାୟୀ କରାଯାଇଥିଲା। ପୁଣି ଅଭିନେତା କୁନାଲ୍ ସିଂହ ୧୯୯୯ ମସିହାରେ ଅଭିନୟ ଜଗତରେ ପାଦ ଥାପିଥିଲେ। ଫିଲ୍ମରେ ତାଙ୍କ ବିପକ୍ଷରେ ନାୟିକା ଥିଲେ ସୋନାଲି ବେନ୍ଦ୍ରେ। ୨୦୦୮ ଫେବୃୟାରୀ ୭ରେ କୁନାଲ ମୁମ୍ବାଇସ୍ଥିତ ନିଜ ଆପାର୍ଟମେଣ୍ଟରେ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା କାହିଁକି କରିଥିଲେ ସେ ବିଷୟରେ ଯଦିଓ ସ୍ପଷ୍ଟ ହୋଇ ନ ଥିଲା ଲଗାତର ଫିଲ୍ମରେ ଅସଫଳ ହେଉଥିବାରୁ ଭାରସାମ୍ୟ ହରାଇ ଆତ୍ମହତ୍ୟାର ପଥ ବାଛି ନେଇଥିଲେ ବୋଲି କୁହାଯାଇଥିଲା। ତାଙ୍କୁ ସେତେବେଳକୁ ମାତ୍ର ୩୦ ବର୍ଷ ହୋଇଥିଲା। ପଞ୍ଜାବୀ ଟେଲି ଅଭିନେତା କୁଶଲ ପଞ୍ଜାବୀ ଗତ ଗୁରୁବାର ରାତିରେ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ମାତ୍ର ୩୭ ବର୍ଷରେ କୁଶଲଙ୍କ ଏପରି ପଦକ୍ଷେପକୁ ଇଣ୍ଡଷ୍ଟ୍ରିର ଲୋକମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି।




## ମାତିଛନ୍ତି ପଙ୍ଗପାଳ



**ବନଶ୍‌କଣ୍ଠା:** ପାକିସ୍ତାନରୁ ଗୁଜରାଟର ବନଶ୍‌କଣ୍ଠା ଜିଲାକୁ ମାଡି ଆସିଛନ୍ତି ପଙ୍ଗପାଳ ଦଳ। ପାକିସ୍ତାନ ସୀମାକୁ ଲାଗି ରହିଥିବା ଏହି ଜିଲାର ଗାଁଗୁଡ଼ିକରେ ପଙ୍ଗପାଳ ଏମିତି ଫସଲ ନଷ୍ଟ କରୁଛନ୍ତି ଯେ କୃଷକମାନଙ୍କ ନିଦ ହଜେଇ ଦେଇଛନ୍ତି। ୨୫ ବର୍ଷ ମଧ୍ୟରେ ଏହାକୁ ପଙ୍ଗପାଳଙ୍କର ବଡ ଧରଣର ଆକ୍ରମଣ ବୋଲି କୁହାଯାଉଛି। କୃଷକମାନେ ଏମାନଙ୍କ କବଳରୁ ଫସଲକୁ ରକ୍ଷାକରିବା ଲାଗି କୀଟନାଶକ ପ୍ରୟୋଗ କରୁଛନ୍ତି ସତ, କିନ୍ତୁ ତାହା କାମ କରୁନାହିଁ। ସେମାନେ ବି ଥାଳି ବଜାଇ କ୍ଷେତରୁ ପଙ୍ଗପାଳଙ୍କୁ ତଡୁଛନ୍ତି। ଡିଜେ ବି ବଜାଉଛନ୍ତି। ପାଖାପାଖି ୩୦ ହଜାର ହେକ୍ଟରରେ ଲଗାଯାଇଥିବା ଫସଲ ଏମାନେ ନଷ୍ଟ କରିସାରିଲେଣି। ରାତିରେ ପଙ୍ଗପାଳ ଦଳ ଭାରତକୁ ପ୍ରବେଶ କରି ୨୦ କିଲୋମିଟର ବ୍ୟାପିଯାଉଛନ୍ତି ଓ ଫସଲ ନଷ୍ଟ କରିଦେଉଛନ୍ତି। ଏଥିରେ ପ୍ରାୟ ୫୦ କୋଟି ପଙ୍ଗପାଳ ରହୁଛନ୍ତି ବୋଲି କୁହାଯାଉଛି। କୃଷକମାନେ ଏହି ଏମାନଙ୍କୁ ତଡିବା ଲାଗି ନାକେଦମ ହୋଇଗଲେଣି ତଥାପି ସେମାନେ ହଟୁନାହାନ୍ତି। ଏବେ କେନ୍ଦ୍ର ଓ ରାଜ୍ୟ ପ୍ରଶାସନ ପହଞ୍ଚି ଗଲେଣି। ପାକିସ୍ତାନୀ ପଙ୍ଗପାଳଙ୍କୁ ତଡିବା ଲାଗି ଏବେ ୮ ମିନିଟରେ ୧ ଏକର ଜମିରେ କୀଟନାଶକ ସ୍ପ୍ରେ କରୁଛି ଫାଲ୍‌କନ ମେଶିନ।

**ପାକିସ୍ତାନରେ ନଷ୍ଟକଲେଣି ୩୦ ହଜାର ହେକ୍ଟର ଫସଲ**

## 'ସିନ୍ଧୁଙ୍କ ହୃଦୟ ନାହିଁ'



**ନୂଆଦିଲ୍ଲୀ:** ଭାରତୀୟ ତାରକା ମହିଳା ଶଟଲର ପି. ଭି. ସିନ୍ଧୁଙ୍କ ହୃଦୟ ନାହିଁ। ଏଭଳି କଡ଼ା ମନ୍ତବ୍ୟ ଦେଇଛନ୍ତି ବିଶ୍ୱ ଚାମ୍ପିୟନ ଖେଳାଳିଙ୍କ ପୂର୍ବତନ କୋରିଆନ୍ କୋଚ୍ କିମ୍ ଜି ହ୍ୟୁନ। ପୂର୍ବରୁ ବିଶ୍ୱ ଚାମ୍ପିୟନଶିପ୍‌ରେ ଦୁଇ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତି ସାରିଥିଲେ ମଧ୍ୟ ସିନ୍ଧୁ ସ୍ୱର୍ଣ୍ଣ ପଦକ ସ୍ୱାଦ ଚାଖି ନ ଥିଲେ। ମାତ୍ର କିମ୍‌ଙ୍କ ନେତୃତ୍ୱରେ ବାସେଲଠାରେ ସିନ୍ଧୁଙ୍କ ବିଶ୍ୱ ଚାମ୍ପିୟନ ହେବାର ସ୍ୱପ୍ନ ପୂରା ହେଲା। ଆଉ ଭାରତକୁ ମିଳିଥିଲା ବିଶ୍ୱ ଚାମ୍ପିୟଶିପ୍‌ରେ ପ୍ରଥମ ସ୍ୱର୍ଣ୍ଣ। ଏହାର କିଛି ସପ୍ତାହ ପରେ କୋରିଆନ୍ କୋଚ୍ ଭାରତ ଛାଡ଼ି ସ୍ୱାମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ନ୍ୟୁଜିଲାଣ୍ଡ ଚାଲିଯାଇଥିଲେ। କୋରିଆନ୍ ସୋସିଆଲ ମିଡିଆକୁ ଏକ ସାକ୍ଷାତ୍‌କାର ଦେଇ କିମ୍ ଏ ସମ୍ପର୍କରେ କହିଛନ୍ତି, ବାସେଲରୁ ଫେରିଲା ପରେ ମୁଁ ଖୁବ୍ ଅସୁସ୍ଥ ହୋଇଯାଇଥିଲି। ଏପରି କି, ମେଡିକାଲରେ ୫ ଇଞ୍ଜେକ୍ସନ ମଧ୍ୟ ନେଇଥିଲି। ମୋତେ କେହି ଦେଖିବାକୁ ଆସି ନ ଥିଲେ। ଏଭଳି ସ୍ଥିତିରେ କିନ୍ତୁ ଟ୍ରେନିଂ ପୁଣି କେବେ ଆରମ୍ଭ ହେବ ବୋଲି ସିନ୍ଧୁ ଫୋନ୍ ଯୋଗେ ପଚାରିଥିଲେ। ଏଣୁ ମୋତେ ଲାଗିଲା ତାଙ୍କର ହୃଦୟ ନାହିଁ। ତାଙ୍କର କେବଳ ଟ୍ରେନିଂ ପାଇଁ ମୁଁ ଦରକାର। ଏହାପରେ ଘରକୁ ଫେରିବାକୁ ନିଷ୍ପତ୍ତି ନେଲି। ହେଲେ ଏହାକୁ ଅସ୍ୱୀକାର କରିଛନ୍ତି ସିନ୍ଧୁଙ୍କ ବାପା ତଥା ପୂର୍ବତନ ଭଲିବଲ ଖେଳାଳି ପି.ଭି. ରମଣ। ସେ କହିଛନ୍ତି କିମ୍‌ଙ୍କ ଅସୁସ୍ଥତା ସମ୍ପର୍କରେ କେହି ଜଣାଇ ନ ଥିଲେ, ନ ହେଲେ ସିନ୍ଧୁ ମେଡିକାଲ ଯାଇଥାନ୍ତେ।

## ମାଇନସ୍ ୫୨ ଡିଗ୍ରୀରେ ଦୌଡ଼ିଲେ ମାରାଥନ ଧାବକ

**ବେଜିଂ:** ଉତ୍ତର ଚାଇନାର ମଙ୍ଗୋଲିଆ ନିକଟରେ ଥିବା ଜେନେ ସହରରେ ୨୦୧୯ର ଚାଇନା ପୋଲ ଅଫ୍ କୋଲ୍ଡ ମାରାଥନର ଆୟୋଜନ କରାଯାଇଥିଲା। ଏଥିରେ ପାଖାପାଖି ୧୫ଶହ ପ୍ରତିଯୋଗୀ ଦୌଡ଼ିଥିଲେ। ବୁଧବାର ଆୟୋଜିତ ଏହି ପ୍ରତିଯୋଗିତା ସମୟରେ ସେଠାକାର ତାପମାତ୍ରା ଥିଲା ମାଇନସ୍ ୫୨ ଡିଗ୍ରୀ ସେଲସିୟସ୍। ସେଥିପାଇଁ ଏଥିରେ ଭାଗ ନେଇଥିବା ଧାବକମାନଙ୍କ ଦେହରେ ବରଫ ଜମି ଯାଇଥିଲା। ଥଣ୍ଡାରୁ ମୁକ୍ତି ପାଇଁ ଏମାନେ ମୋଟା କପଡା ପିନ୍ଧିଥିଲେ ସତ ହେଲେ ସେମାନଙ୍କ ଉପରେ ବରଫର ଆସ୍ତରଣ ଦେଖି କୌତୂହଳ ପ୍ରକାଶ ପାଇଥିଲା। ଆୟୋଜକଙ୍କ କହିବା କଥା ହେଲା ଉକ୍ତ ଅଞ୍ଚଳ ବରଫପାତର ଏକ ପ୍ରମୁଖ ଅଞ୍ଚଳ ଭାବେ ପରିଚିତ। ଆଉ ପ୍ରତିବର୍ଷ ସେଠାରେ ପୋଲ ଅଫ୍ କୋଲ୍ଡ ମାରାଥନର ଆୟୋଜନ କରାଯାଇଥାଏ। ଏହା ଚାଇନାର ସବୁଠାରୁ ଥଣ୍ଡା ଅଞ୍ଚଳ ହୋଇଥିବା ବେଳେ ଏଠାରେ ମାଇନସ୍ ୫୮ ଡିଗ୍ରୀ ପର୍ଯ୍ୟନ୍ତ ମଧ୍ୟ ତାପମାତ୍ରା ରେକର୍ଡ କରାଯାଇଛି। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ପୂର୍ବରୁ ମାଇନସ୍ ୪୦ ଡିଗ୍ରୀରେ ଦୌଡିଥିବା ବେଳେ ଚଳିତ ବର୍ଷ ମାଇନସ୍ ୫୨ଡିଗ୍ରୀରେ ଦୌଡିଛନ୍ତି।



## ଅନ୍‌ଲାଇନ୍‌ରେ ବର୍ଜ୍ୟବସ୍ତୁ କାରବାର

**ଚେନ୍ନାଇ:** ବର୍ଜ୍ୟବସ୍ତୁ ପରିଚାଳନା ନେଇ ଚେନ୍ନାଇରେ ଅନ୍‌ଲାଇନ୍ କାରବାର ଆରମ୍ଭ ହୋଇଛି। ଏଥିରେ ୯ ଶହରୁ ଅଧିକ ଲୋକ କାର୍ଯ୍ୟ କରୁଛନ୍ତି। ଗ୍ରେଟର ଚେନ୍ନାଇ କର୍ପୋରେଶନ ସହଯୋଗରେ ମାଡ୍ରାସ୍ ୱେଷ୍ଟ୍ ଏକ୍ସଚେଞ୍ଜ୍ ପୋର୍ଟାଲ୍ ନିର୍ମିତ ହୋଇଛି। ବର୍ଜ୍ୟବସ୍ତୁକୁ ବାହାରେ ନ ଫୋପାଡ଼ି ଏହାକୁ ଅନ୍‌ଲାଇନ୍‌ରେ ବିକ୍ରି କଲେ ଲୋକଙ୍କୁ ଏହାର ଉପଯୁକ୍ତ ଦାମ୍ ପ୍ରଦାନ କରାଯାଉଛି। ସହରକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବା ପାଇଁ ଏପରି କରାଯାଇଛି। ଏହି ପୋର୍ଟାଲରେ ଇତିମଧ୍ୟରେ ୭ ଶହ କ୍ରେତା ଏବଂ ୨ଶହ ବିକ୍ରେତାଙ୍କୁ ପଞ୍ଜୀକରଣ କରାଯାଇଛି। ଏହାଦ୍ୱାରା ପରିବେଶ ସୁରକ୍ଷିତ ରହିବା ସହିତ ବର୍ଜ୍ୟବସ୍ତୁ ଜମାହୋଇ ରହିବ ନାହିଁ ବୋଲି ଗ୍ରେଟର ଚେନ୍ନାଇ କର୍ପୋରେଶନ ପକ୍ଷରୁ କୁହାଯାଇଛି।



ସମାନ ସ୍ତରୀୟ ଲୋକ ସହିତ ମିତ୍ରତା ଶୋଭା ପାଇଥାଏ।
- ଚାଣକ୍ୟ




■ ଲିଙ୍ଗରାଜ ମନ୍ଦିର ପାରିପାର୍ଶ୍ୱିକ ବିକାଶ

# ୫ କୋଟିର ପ୍ୟାକେଜ୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ ରାଜ୍ୟ ସରକାର ଗତ ୧୨ତାରିଖରେ ପ୍ୟାକେଜ୍ ଘୋଷଣା କରିଥିଲେ। ଏଥିସହିତ ଉନ୍ନୟନ ସମ୍ପର୍କିତ କାର୍ଯ୍ୟ ନେଇ ମଧ୍ୟ ନିୟମିତ ସମୀକ୍ଷା ଜାରି ରଖିଛନ୍ତି। ଏହି କ୍ରମରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ଭଜନ ମଣ୍ଡପ ଏବଂ ଲିଙ୍ଗରାଜ ରିସର୍ଚ୍ଚ ସେଣ୍ଟର ଲାଗି ଖର୍ଚ୍ଚ କରାଯିବ। ଏହି ଦୁଇ ଅନୁଷ୍ଠାନ ଲିଙ୍ଗରାଜ ଏଣ୍ଟ୍ରି ପ୍ଲାଜା ନିକଟରେ ରହିଛି। ଏହି ବିଲ୍ଡିଂରେ ୱାଚ୍ ଟାୱାର ବ୍ୟବସ୍ଥା ମଧ୍ୟ କରାଯିବ। ଏ ସମସ୍ତ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ସୂଚନା ଦିଆଯାଇଛି। ଲିଙ୍ଗରାଜ ମନ୍ଦିର ସମ୍ପର୍କିତ ପୂର୍ବ ପ୍ୟାକେଜ୍‌ରେ ଏକାଧିକ ବଡ଼ ଘୋଷଣା କରାଯାଇଥିଲା। ମନ୍ଦିର ସମେତ ମୋଟ୍ ୬୬ ଏକର ପରିମିତ ସ୍ଥାନରେ ଏକାମ୍ର ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନା ମଧ୍ୟରେ ୯ଟି ପ୍ରକଳ୍ପ ରହିଛି। ସେହିପରି ଏହି ଯୋଜନା ଦ୍ୱାରା କ୍ଷତିଗ୍ରସ୍ତ ଉଠା ଦୋକାନୀଙ୍କ ଥଇଥାନକୁ ମଧ୍ୟ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ୨ଟି କିସ୍ତିରେ ଦୋକାନୀଙ୍କୁ ୩୦ ହଜାର ଟଙ୍କା, ପକ୍କାଘର ଥିବା ଦୋକାନୀଙ୍କୁ ମାସିକ ୧୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବାକୁ ବ୍ୟବସ୍ଥା କରାଯାଇଛି। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ମାର୍କେଟ କମ୍ପ୍ଲେକ୍ସରେ ଏହି ଦୋକାନୀମାନଙ୍କୁ ଥଇଥାନ କରାଯିବ।




## ବ୍ୟୋମକେଶ ତ୍ରିପାଠୀ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନୂଆ କୁଳପତି ହେଲେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀ।



ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ୩ବର୍ଷ ପାଇଁ ଏହି ନିଯୁକ୍ତି ଦେଇଛନ୍ତି। ଏ ନେଇ ଶନିବାର ରାଜଭବନ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଫେସର ତ୍ରିପାଠୀ ବର୍ତ୍ତମାନ ମଧ୍ୟପ୍ରଦେଶ ଅମରକଣ୍ଟକସ୍ଥିତ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଟ୍ରାଇବାଲ ୟୁନିଭର୍ସିଟିରେ ଇତିହାସ ବିଭାଗ ପ୍ରାଧ୍ୟାପକ ଅଛନ୍ତି। ୧୯୬୪ ଜୁନ ୧୫ରେ ଜନ୍ମଗ୍ରହଣ କରିଥିବା ପ୍ରଫେସର ତ୍ରିପାଠୀ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୧୯୮୬ରେ ଏମ୍‌ଏ ଓ ୧୯୯୪ରେ ପିଏଚ୍‌ଡି ହାସଲ କରିଛନ୍ତି। ୨୦୦୭ରେ ସେ ପ୍ରଫେସର ଭାବେ ନିଯୁକ୍ତି ପାଇଥିଲେ। ତାଙ୍କର ୨୭ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଛି। ସେ ଇଟାନଗରସ୍ଥିତ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟରେ ୩ବର୍ଷ ଇତିହାସ ବିଭାଗ ମୁଖ୍ୟ, ୬ବର୍ଷ ବୋର୍ଡ ଅଫ୍ ଷ୍ଟଡିଜ୍‌ର ଅଧ୍ୟକ୍ଷ, ୩ବର୍ଷ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଟ୍ରାଇବାଲ ୟୁନିଭର୍ସିଟିରେ ଏକାଡେମିକ୍ ନିର୍ଦ୍ଦେଶକ, ୫ବର୍ଷ ଡିନ୍, ୧୨ବର୍ଷ ଏକାଡେମିକ୍ କାଉନ୍‌ସିଲ ସଦସ୍ୟ ଓ ୩ବର୍ଷ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ ସଦସ୍ୟ ରହିଛନ୍ତି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେ ବିଭିନ୍ନ ସମ୍ମିଳନୀରେ ଭାଗ ନେଇଛନ୍ତି। ତାଙ୍କ ଅଧୀନରେ ୧୧ଜଣ ସଫଳତାର ସହ ପିଏଚ୍‌ଡି ହାସଲ କରିଛନ୍ତି।

# ଘରେ ବସି ମିଳିବ ଜମିର ପାଉତି



ଇ- ସାର୍ଟିଫିକେଟ୍, ମୋବାଇଲ ପାଉତି ଆପ୍ ସେବାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ଜମିଜମା ପାଉତି କାଟିବାକୁ ଆଉ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ। ଘରେ ବସି ଲୋକମାନେ ମୋବାଇଲ ଆପ୍ ଜରିଆରେ ଜମିଜମାର ଖଜଣା ଦେଇ ପାଉତି ପାଇପାରିବେ। ଏହାଛଡ଼ା ରାଜସ୍ୱ ସେବାକୁ ଲୋକାଭିମୁଖୀ କରିବାକୁ ବାସସ୍ଥାନ, ଆୟ ଏବଂ ଅନ୍ୟାନ୍ୟ ସାର୍ଟିଫିକେଟ୍ ସବୁ ହିତାଧିକାରୀଙ୍କ ନିଜସ୍ୱ ଘୋଷିତ ତଥ୍ୟ ଆଧାର(ସେଲ୍‌ଫ ସାର୍ଟିଫିକେଶନ)ରେ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଲୋକସେବା ଭବନ ଠାରେ ମୋବାଇଲ ପାଉତି ଆପ୍ ଏବଂ ଇ-ସାର୍ଟିଫିକେଟ୍ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ରାଜସ୍ୱ ସେବା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଲକ୍ଷ୍ୟ ନେଇ ଏହି ସେବା ଆରମ୍ଭ କରାଯାଇଛି। ସମସ୍ତ ସାର୍ଟିଫିକେଟ୍ ହିତାଧିକାରୀଙ୍କୁ ମାଗଣାରେ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉକ୍ତ ସାର୍ଟିଫିକେଟ୍ ପାଇବା ଲୋକମାନଙ୍କର ଅଧିକାର। ଏଥିପାଇଁ କୌଣସି ଦେୟ ପ୍ରଦାନ କରିବାକୁ ପଡ଼ିବ ନାହିଁ। ଏଥି ସହିତ ସଲଭେନ୍ସି ସାର୍ଟିଫିକେଟ୍ ବ୍ୟବସ୍ଥାର ମଧ୍ୟ ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ପ୍ରକାର ସାର୍ଟିଫିକେଟ୍ ସୁବିଧା ଏହି କାର୍ଯ୍ୟକ୍ରମରେ ସାମିଲ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ସରକାରୀ କର୍ମଚାରୀଙ୍କ ମୃତ୍ୟୁ କ୍ଷେତ୍ରରେ ଏବଂ ପ୍ରାପ୍ୟ ପାଇବା ପାଇଁ ଉତ୍ତରାଧିକାରୀ ସାର୍ଟିଫିକେଟ୍ (ଲିଗାଲ ହେୟାର)ର ଆବଶ୍ୟକତା ପଡ଼ିବ ନାହିଁ। କର୍ମଚାରୀଙ୍କ ସର୍ଭିସ ବୁକ୍‌ର ଏଣ୍ଟ୍ରି ଅନୁଯାୟୀ ସେମାନଙ୍କ ଉତ୍ତରାଧିକାରୀମାନେ ସବୁ ପ୍ରକାର ସୁବିଧା ପାଇପାରିବେ। ଏହି ବୈଠକରେ ମୋବାଇଲ ଆପ୍ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲୋକଙ୍କ ଦୈନନ୍ଦିନ ଜୀବନରେ ଅଧିକ ସହଜତା ଆଣିବା ପାଇଁ ସମସ୍ତ ସରକାରୀ ସେବାକୁ ଲୋକଙ୍କ ନିକଟତର କରିବାକୁ ଉଦ୍ୟମ ଜାରିରହିଛି। ଏହିସବୁ ପଦକ୍ଷେପ ଜନସାଧାରଣଙ୍କ ଜୀବନରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି ଯେ, ଏହି ପଦକ୍ଷେପ ଦ୍ୱାରା ରାଜସ୍ୱ ପ୍ରଶାସନ ଅଧିକ ଲୋକାଭିମୁଖୀ ହୋଇପାରିବ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଥିଲେ ଯେ ୫-ଟି କାର୍ଯ୍ୟକ୍ରମ ଲୋକଙ୍କ ଦୈନନ୍ଦିନ ଚଳନୀରେ ବହୁ ସୁବିଧା ଆଣି ପାରିଛି। ଦେଶର ଅନ୍ୟ କୌଣସି ରାଜ୍ୟରେ ଏଭଳି ସୁବିଧା ଉପଲବ୍ଧ ନାହିଁ ବୋଲି ସେ କହିଛନ୍ତି।

ଆଗାମୀ ଦିନରେ ବିବାହ ପ୍ରମାଣ ପତ୍ର ସହ ଅନ୍ୟାନ୍ୟ ସୁବିଧା କିପରି ଲୋକମାନେ ସହଜରେ ପାଇ ପାରିବେ ସେ ସମ୍ପର୍କରେ ମତାମତ ଜଣାଇବା ପାଇଁ ଜିଲାପାଳ ଓ କର୍ମଚାରୀମାନଙ୍କ ପରାମର୍ଶ ଆହ୍ୱାନ କରାଯାଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଉପଦେଷ୍ଟା, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ୫-ଟି ସଚିବ, ବିଭିନ୍ନ ଜିଲାର ଜିଲାପାଳମାନେ ଯୋଗ ଦେଇଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ବିହାର ରାଜ୍ୟପାଳ

ପୁରୀ ଅଫିସ, ୨୮।୧୨

ବିହାର ରାଜ୍ୟପାଳ ଫଗୁ ଚୌହ୍ୱାନ ଶନିବାର ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ରାଜ୍ୟପାଳ ଚୌହ୍ୱାନ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ତାଙ୍କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ପରେ ସେ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସର ବୁଲିଥିଲେ।




## ଜିଲା ଚିଠି



### କେନ୍ଦୁଝର

# ଆଦିବାସୀ ସଂସ୍କୃତି

କେନ୍ଦୁଝର ଜିଲାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହିତ ଆଦିବାସୀ ସଂସ୍କୃତିର ପ୍ରଚାରପ୍ରସାର ଜରୁରୀ ହୋଇପଡିଛି। ଜିଲାବାସୀଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶରେ ପର୍ଯ୍ୟଟନ ଓ ଆଦିବାସୀ ସଂସ୍କୃତିର ଉନ୍ନତି ସହାୟକ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଜିଲାର ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ପର୍ଯ୍ୟଟନର ବିକାଶରେ ମିଶାଇବାର ସମୟ ଆସିଛି। ଭୂୟାଁ ଓ ଜୁଆଙ୍ଗଙ୍କ ଚାଙ୍ଗୁ ନୃତ୍ୟ, ମୁଣ୍ଡା ଓ ସାନ୍ତାଳୀଙ୍କ ମାଦଳ ନୃତ୍ୟ, ଛଉ ନୃତ୍ୟ, ଝୁମର ନାଚ, କଣ୍ଢେଇ ନାଚ ଆଦି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଯାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ ବୋଲି ମତ ପ୍ରକାଶ ପାଉଛି। ଅନ୍ୟପକ୍ଷେ ବଣ ଜଙ୍ଗଲ ଘେରରେ ରହୁଥିବା ଆଦିବାସୀମାନେ ସେମାନଙ୍କ କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିପାରିବେ। ଏଥିଯୋଗୁ ସେମାନଙ୍କ ଆର୍ଥିକ ଉନ୍ନତି ହୋଇପାରିବ। ବିଶେଷକରି କେନ୍ଦୁଝର ଜିଲାର ଶୀତଳ ଜଳବାୟୁ, ବଣଜଙ୍ଗଲ ଓ ପାହାଡ ପରିପୂର୍ଣ୍ଣ ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ବର୍ଷ ତମାମ ଆକୃଷ୍ଟ କରିଥାଏ। ହେଲେ ଏହି ସବୁଜ ସୁନ୍ଦର ପରିବେଶର ବିକାଶ, ପ୍ରଚାର ପ୍ରସାର ଏବଂ ଉପଯୁକ୍ତ ସୁବିଧା ସୁଯୋଗ ଅଭାବ ଅଧିକାଂଶ ସମୟରେ ପର୍ଯ୍ୟଟକମାନଙ୍କୁ ନିରାଶ କରୁଛି। ଖଣିଜ ଶିଳ୍ପ ଭଳି ପର୍ଯ୍ୟଟନ ଶିଳ୍ପର ବିକାଶ ପ୍ରତି ସରକାର ଗୁରୁତ୍ୱ ଦେଉ ନ ଥିବା, ତ୍ରୁଟିପୂର୍ଣ୍ଣ ଖଣି ଓ ଶିଳ୍ପନୀତି ଯୋଗୁ ପର୍ଯ୍ୟଟନ କେନ୍ଦ୍ରଗୁଡିକ କ୍ଷତିଗ୍ରସ୍ତ ହେଉଛି। ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଜଳପ୍ରପାତ, ଡ୍ୟାମ, ପୌରାଣିକ ମଠ ଓ ମନ୍ଦିର ଆଦିକୁ ଯାତାୟାତ ପାଇଁ ଭଲ ରାସ୍ତାଟିଏ ନାହିଁ। ସେଠାରେ ପର୍ଯ୍ୟଟକଙ୍କ ପାଇଁ ରହିବା, ଖାଇବା ଆଦି ସୁବିଧା ନାହିଁ। ସୁରକ୍ଷା ବ୍ୟବସ୍ଥା କଥା ନ କହିବା ଭଲ। ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟମୟ ସାନଘାଗରା, ବଡଘାଗରା, ହାଣ୍ଡିଭଙ୍ଗା, ମୁର୍ଗା, ଭୀମକୁଣ୍ଡ, ଗୁଣ୍ଡିଚାଘାଗି ଆଦି ରମଣୀୟ ଜଳପ୍ରପାତ ରହିଛି। ଏହିସବୁ ପର୍ଯ୍ୟଟନ କ୍ଷେତ୍ର ପାହାଡ ଓ ଜଙ୍ଗଲ ଘେରା ଆଦିବାସୀ ଅଞ୍ଚଳରେ ଥିଲେ ମଧ୍ୟ ଆବଶ୍ୟକ ପ୍ରଚାର ପ୍ରସାର ଅଭାବରୁ ତାହା ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିନାହିଁ। ଏପରି କି କେତେକ ଜଳପ୍ରପାତକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇନାହାନ୍ତି। ସେହିପରି କାଞ୍ଜିପାଣି ଘାଟି, ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକା ଓ ବୈତରଣୀ ନଦୀ କୂଳରେ ଥିବା ପୀଠ, ମନ୍ଦିର ଆଦି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲେ ମଧ୍ୟ ବିକାଶ କ୍ଷେତ୍ରରେ ପଛରେ ପଡିଛି। ଗୁଣ୍ଡିଚାଘାଗିଠାରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଗୁଣ୍ଡିଚାଘାଗି ମହୋତ୍ସବ ଭଳି ଗୋନାସିକା ମହୋତ୍ସବ, ସାନଘାଗରା ମହୋତ୍ସବ, ଖଣ୍ଡାଧାର ମହୋତ୍ସବ, ମୁର୍ଗା ମହୋତ୍ସବ, ହାଣ୍ଡି ଭଙ୍ଗା ମହୋତ୍ସବ, ଭୀମକୁଣ୍ଡ ମହୋତ୍ସବ ଆଦି ପ୍ରଶାସନ ସ୍ଥାନୀୟ ବନବାସୀ, ଅଧିବାସୀ ଓ ସାଂସ୍କୃତିକ ସଙ୍ଗଠନ, ସ୍ୱେଚ୍ଛାସେବୀ ସଂଗଠନଙ୍କ ସହଯୋଗରେ ଆୟୋଜନ କରିବାର ସମୟ ଆସିଛି। ଏହାଦ୍ୱାରା ସେହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହିତ ଆଦିବାସୀ ସଂସ୍କୃତିର ସୁଦୂର ପ୍ରସାର ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। - ନରେଶ ଚନ୍ଦ୍ର ପଟ୍ଟନାୟକ

# ଆପୋଲୋ ହସ୍ପିଟାଲ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

**କିଡ୍‌ନୀ ଚୋରି ମାମଲା**
- ମୁଖ୍ୟ ଶାସନ ସଚିବଙ୍କୁ ପୁଣି ନିର୍ଦ୍ଦେଶ ଦେଲେ ଏନ୍‌ଏଚ୍‌ଆର୍‌ସି
- ହସ୍ପିଟାଲ୍ ରେଜିଷ୍ଟ୍ରେଶନ ରଦ୍ଦ କର, ପୀଡିତଙ୍କୁ କ୍ଷତିପୂରଣ ଦିଅ

କିଡ୍‌ନୀ ଚୋରି ମାମଲାରେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲର ଯୁକ୍ତିକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଖାରଜ କରିଛନ୍ତି। ଏଥିସହ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ପୁଣି ନିର୍ଦ୍ଦେଶ ଦେଇଛନ୍ତି। ହସ୍ପିଟାଲ ରେଜିଷ୍ଟ୍ରେଶନ ରଦ୍ଦ ପାଇଁ ପୂର୍ବରୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ କମିଶନ କ୍ଷୋଭ ପ୍ରକାଶ କରିଛନ୍ତି। ୨୦୧୩ରେ ଆପୋଲୋ ହସ୍ପିଟାଲରେ ବରଗଡର ଅନିଲ୍ କୁମାର ସ୍ୱାମୀଙ୍କ କିଡ୍‌ନୀକୁ ପଡୋଶୀ ରାଘବରାମ ଦୋରାଙ୍କଠାରେ ପ୍ରତିରୋପଣ କରାଯାଇଥିଲା। ତାଙ୍କ ଅଜାଣତରେ ଓ ସମ୍ପୂର୍ଣ୍ଣ ବେଆଇନ ଭାବେ ଏହା କରାଯାଇଥିବା ନେଇ ୨୦୧୬ ଜାନୁୟାରୀ ୩ରେ ଅନିଲ୍ ବରଗଡ ଟାଉନ ଥାନାରେ ଅଭିଯୋଗ କରିଥିଲେ। ମାନବାଧିକାର କର୍ମୀ ଶ୍ରୀ ଅଖଣ୍ଡ ଏହି ଘଟଣାକୁ ନେଇ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଉକ୍ତ କିଡ୍‌ନୀ ପ୍ରତ୍ୟାରୋପଣ ବେଆଇନ ବୋଲି ଜାଣିବା ପରେ କମିଶନ ହସ୍ପିଟାଲର ରେଜିଷ୍ଟ୍ରେଶନ ରଦ୍ଦ କରିବା ସହିତ ପୀଡିତଙ୍କୁ ୨ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଗତ ଅଗଷ୍ଟ ମାସରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ଆପୋଲୋ ହସ୍ପିଟାଲ୍ ପକ୍ଷରୁ ହାଇକୋର୍ଟରେ ଏକ ପିଟିଶନ କରାଯାଇଥିଲା। ଆପୋଲୋ ହସ୍ପିଟାଲକୁ ପକ୍ଷ ରଖିବା ଲାଗି ସୁଯୋଗ ଦେବାକୁ କୋର୍ଟ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଗତ ସେପ୍ଟେମ୍ବର ୧୨ରେ ଆପୋଲୋ ହସ୍ପିଟାଲ୍ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା ଯେ, ପ୍ରକୃତ କିଡ୍‌ନୀ ଦାତା ଜୟରାମ ଦୋରା ଥିଲେ। କିନ୍ତୁ ତାଙ୍କ ସ୍ଥାନରେ ଭୁଲ୍‌ରେ ଅନିଲ ସ୍ୱାମୀଙ୍କୁ ହସ୍ପିଟାଲ୍ କର୍ତ୍ତୃପକ୍ଷ ଜୟରାମ ଦୋରା ବୋଲି ଭାବିଥିଲେ। ଗୁରୁବାର ମାମଲାର ଶୁଣାଣିବେଳେ ହସ୍ପିଟାଲର ଏହି ଯୁକ୍ତିକୁ କମିଶନ ଅଗ୍ରାହ୍ୟ କରି କହିଛନ୍ତି ଯେ, ଜଣେ କିଡ୍‌ନୀ ଦାତାଙ୍କ ଫଟୋ ଉଠାଯାଇଥିବାବେଳେ ତାଙ୍କ ବଦଳରେ ଆଉ ଜଣଙ୍କର କିଡ୍‌ନୀ ସେହି ହସ୍ପିଟାଲରେ କଢ଼ାଯିବା କଳ୍ପନାତୀତ। ତେଣୁ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ରିପୋର୍ଟ ଦାଖଲ ଓ ପୀଡିତଙ୍କୁ ୬ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେବାକୁ କମିଶନ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆପୋଲୋ ହସ୍ପିଟାଲ ମୁଖପାତ୍ର ରାକେଶ ରାୟ କହିଛନ୍ତି, ଏନ୍‌ଏଚ୍‌ଆର୍‌ସି ଆପୋଲୋକୁ ପକ୍ଷ ରଖିବାକୁ ସୁଯୋଗ ଦେଇନାହାନ୍ତି। ସୁଯୋଗ ମିଳିଥିଲେ ଆମେ ପ୍ରମାଣ ଭିତ୍ତିକ ତଥ୍ୟ ଉପସ୍ଥାପନ କରିଥାନ୍ତୁ। ଏଥିସହ ଓଡ଼ିଶା ହାଇକୋର୍ଟଙ୍କ ରହିତାଦେଶକୁ କମିଶନ ବିଚାରକୁ ନେଇ ନାହାନ୍ତି। ଏହା ବିରୋଧରେ ଉପର କୋର୍ଟଙ୍କ ଦ୍ୱାରସ୍ଥ ହେବୁ। ପ୍ରକୃତ ସତ୍ୟ ନିଶ୍ଚୟ ପଦାକୁ ଆସିବ ଓ ନ୍ୟାୟ ମିଳିବ ବୋଲି ସେ କହିଛନ୍ତି।




■ ନବରଙ୍ଗପୁର ଗଣବଳାତ୍କାର ପ୍ରସଙ୍ଗ

# କଂଗ୍ରେସ ପରେ ବିଜେଡିକୁ ଟାର୍ଗେଟ କଲା ଭାଜପା

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ନବରଙ୍ଗପୁର ଜିଲା କୋଷାଗୁମୁଡାଠାରେ ଜଣେ ନାବାଳିକାକୁ ଗଣବଳାତ୍କାର ଏବଂ ହତ୍ୟା ଘଟଣାକୁ ନେଇ ସବୁ ରାଜନୈତିକ ଦଳ ମଧ୍ୟରେ କାଦୁଅ ଫିଙ୍ଗା ଆରମ୍ଭ ହୋଇଯାଇଛି। ଏହି ପ୍ରସଙ୍ଗରେ କଂଗ୍ରେସ ବନ୍ଦ ପାଳନ କରିଥିବା ସମୟରେ ଦଳର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ହିଂସା କରିବାକୁ ଉସୁକାଇଥିବା ଭିଡିଓ ଭାଇରାଲ ହେବାପରେ ତାଙ୍କୁ ବିଜେଡି ଏବଂ ଭାଜପା ଟାର୍ଗେଟ କରିଥିଲେ। ଏହି ପ୍ରସଙ୍ଗରେ ଶୁକ୍ରବାର ପ୍ରଦୀପଙ୍କୁ ଟାର୍ଗେଟ କରିବାକୁ ଯାଇ ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ଯେଉଁ ପ୍ରତିକ୍ରିୟା ରଖିଥିଲେ ତାକୁ ନେଇ ଭାଜପା ଶନିବାର ପ୍ରଶ୍ନ ଉଠାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି, ଗତ ୧୪ତାରିଖରେ ଜଣେ ନାବାଳିକାକୁ ଗଣବଳାତ୍କାର ପରେ ହତ୍ୟା କରାଯାଥିଲା। ବଳାତ୍କାର କରିଥିବା ଅଭିଯୁକ୍ତ ଶାସକ ଦଳର ହୋଇଥିବାରୁ ପୋଲିସ ସେମାନଙ୍କୁ ଜାଣିଶୁଣି ଗିରଫ କରୁନାହିଁ । ଖୋଦ୍ ପୋଲିସ ଘଟଣାର ତଦନ୍ତକୁ ବାଟବଣା କରୁଛି' ଦାସବର୍ମା ଏହି ଘଟଣାକୁ ମିଥ୍ୟା ବୋଲି କହିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ। ନବରଙ୍ଗପୁର ପୋଲିସ ଘଟଣା ସମ୍ପର୍କରେ କୌଣସି ବିବୃତି ଦେଇ ନ ଥିବାବେଳେ ଦାସବର୍ମା କେମିତି ଜାଣିଲେ ନାବାଳିକାଙ୍କୁ ବଳାତ୍କାର କିମ୍ବା ହତ୍ୟା କରାଯାଇନାହିଁ। ନବରଙ୍ଗପୁର ପୋଲିସ ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ ଶବ ବ୍ୟବଚ୍ଛେଦ ରିପୋର୍ଟ ସାର୍ବଜନୀନ କରିବା ପାଇଁ ଭୃଗୁ ଦାବି କରିଛନ୍ତି । ଭାଜପା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ସଞ୍ଜୟ କହିଛନ୍ତି, ତାଙ୍କ ମନ୍ତବ୍ୟ ବଦଳାଯାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ରାଜନୀତି କରିବା ଅନୁଚିତ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ସେ କହିଛନ୍ତି।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ଅଙ୍କିତା
ପରିବାରବର୍ଗ



ଅର୍ସିୟା
ପରିବାରବର୍ଗ



ସ୍ୱାଗତିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପୂର୍ବତନ ଉପନିବନ୍ଧକ ଗୌରାଙ୍ଗ ଚରଣଙ୍କ ପରଲୋକ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)- ପୂର୍ବତନ ଉପନିବନ୍ଧକ ଗୌରାଙ୍ଗ ଚରଣ ବିଶ୍ୱାଳଙ୍କ ଶୁକ୍ରବାର ଭୁବନେଶ୍ୱର ପଳାସପଲ୍ଲୀସ୍ଥିତ ବାସଭବନରେ ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷବୟସ ହୋଇଥିଲା । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ସ୍ୱର୍ଗତ ବିଶ୍ୱାଳ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନରେ ପ୍ରଥମେ ବାଲିକୁଦାରେ ଚାକିରିରେ ଯୋଗଦାନ କରି ପରେ ମଣିଜଙ୍ଗା, ମାର୍ଶାଘାଇ ଓ ବେତନଟୀରେ ସବ୍‌ରେଜିଷ୍ଟ୍ରାର ଭାବେ ଏବଂ ଶେଷରେ ସଚିବାଳୟରେ କାର୍ଯ୍ୟ କରିଥିଲେ। ମୃତ୍ୟୁବେଳକୁ ପତ୍ନୀ ତରୁଲତାଙ୍କ ସମେତ ପୁତ୍ର, ପୁତ୍ରବଧୂ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଡ଼ାଇଥିବୁ ଧରିବୁ ନାହିଁ**
**ଉଞ୍ଚାଇଥିବୁ ମାରିବୁ ନାହିଁ ।**

ଅପରାଧୀ ବ୍ୟକ୍ତିକୁ ଗୋଡ଼େଇବାରେ କ୍ଷତି ନ ଥିବା ବେଳେ ତାକୁ ଧରିବାରେ ବିପଦ ରହିଥାଏ। ସେହିପରି ମାଡ଼ ଦେବାର ପ୍ରତିକ୍ରିୟା ବେଳେ ବେଳେ ଭୟଙ୍କର ହୋଇଥାଏ। ତେଣୁ ମାଡ଼ ଦେବାକୁ ଉଞ୍ଚାଇବା ବା ଧମକ ଦେବା ଯଥେଷ୍ଟ ହୋଇଥିବା ବେଳେ ଗୁରୁତର ଘଟଣା ନ ଘଟେଇବା ଲାଗି ଏପରି ଉପଦେଶ ପ୍ରଦାନ କରାଯାଇଛି।

**ଗୋଡ଼ ଖସିଗଲେ ଜଣେ ମରେ**
**ତୁଣ୍ଡ ଖସିଗଲେ ସହସ୍ରେ ମରନ୍ତି ।**

ଗୋଡ଼ ଖସିଗଲେ ସ୍ଥଳବିଶେଷରେ ଜଣେ ପଡ଼ି ଲହୁଲୁହାଣ ହୋଇଯାଏ। ପରନ୍ତୁ ତୁଣ୍ଡ ଖସିଗଲେ ବା ଅପ୍ରିୟ କଥା ବାହାରିଗଲେ ପରିଣତି ଅନେକ ସମୟରେ ସାଂଘାତିକ ହୋଇଯାଏ ଯା'ର ପରାଭବ ଅନେକଙ୍କୁ ଭୋଗିବାକୁ ପଡ଼ିଥାଏ। ଅସାବଧାନତା ହିଁ ଅସୁବିଧାର କାରଣ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପ୍ରିୟ ବ୍ୟକ୍ତିଟିର ଅନୁପସ୍ଥିତି ଆଶଙ୍କା କରି ମନ ବ୍ୟାକୁଳ ହୋଇପାରେ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ଅଯାଚିତ ଭାବେ ପାଇବେ। କର୍ମକ୍ଷେତ୍ରରେ ବହୁତ ଦାୟିତ୍ୱ ହାତକୁ ନେବାକୁ ପଡିପାରେ। ମନେ ମନେ ଭାବୁଥିବା କାମ ହାସଲ କରିବେ ଓ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ବୃଷ** ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଜୋରଦାର ଉଦ୍ୟମ କରି ସଫଳ ମଧ୍ୟ ହେବେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥକୈନ୍ଦ୍ରିକ ହୋଇପଡିବ। ପରିବାର ଭିତରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ** ଲକ୍ଷ୍ୟ ହାସଲ କରିବା ପରିପ୍ରେକ୍ଷୀରେ ମଧୁର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ସହଜରେ ଆକର୍ଷିତ କରି ପାରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସକାଶେ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିବ। ପାରିବାରିକ ଅଶାନ୍ତି କ୍ରମଶଃ ବଢୁଥିବାରୁ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଯେତେ ଭଲ କାମ କରିଲେ ମଧ ସମାଲୋଚିତ ହେବାକୁ ପଡିପାରେ ।

**କର୍କଟ** ଚନ୍ଦ୍ରଙ୍କ ଶୁଭ ଦୃଷ୍ଟିରୁ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ନୀଚ ବିବାଦରୁ ଦୂରେଇ ରହିବା ଭଲ ହେବ। ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ। ପାଖ ପଡୋଶୀଙ୍କ ପରୋକ୍ଷ ଶତ୍ରୁତା ହେତୁ କାମଗୁଡିକ ସକାଶେ ସାମୟିକ ବାଧା ସୃଷ୍ଟି କରିପାରେ।

**ସିଂହ** ଆଜି କୌଣସି ଦୁଃଖଦ ଖବର ମନକୁ ସାମୟିକ ବିଚଳିତ କରିପାରେ। ସଭାସମିତି କିମ୍ବା ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ବିତର୍କ ସୃଷ୍ଟି ହୋଇପାରେ। ଥଣ୍ଡାଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରି ନିଜକୁ ସଂକୁଚିତ ମନେକରିପାରନ୍ତି। କର୍ମକ୍ଷେତ୍ରରେ କୌଣସି କର୍ମଚାରୀଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ।

**କନ୍ୟା** କୌଣସି ନୂତନ କର୍ମାରମ୍ଭ ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ଆନୁଷ୍ଠାନିକ କମରେ ଅନ୍ୟମାନଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ଘଟିବା ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆଲୋଚନା ପରିସରରେ ଅପ୍ରିୟସତ୍ୟ କଥା ପ୍ରକାଶ କରି ସମସ୍ୟାକୁ ବଢାଇ ଦେଇପାରନ୍ତି।

**ତୁଳା** ଆଜି ପାରିବାରିକ ଓ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ମତଭେଦ ଘଟିପାରେ। ଦୀର୍ଘ ଦିନରୁ ଆଶା କରିଥିବା କୌଣସି ଖବର ଆଜି ଅପରାହ୍ଣେ ପାଇ ଖୁସି ହେବେ। ଦୈନିକ ଚର୍ଯ୍ୟାରେ ଆର୍ଥିକ ସଂକଟ କେତେକ ବ୍ୟତିକ୍ରମ ସୃଷ୍ଟି କରିବ। ଦୀର୍ଘଦିନରୁ ଚିନ୍ତା କରିଥିବା କାମ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**ବିଛା** ଅନ୍ୟମାନଙ୍କ ସମର୍ଥନ ନ ପାଇବା ହେତୁ କେତେକ କାମରୁ ଦୂରେଇ ରହିବାକୁ ବାଧ ହେବେ। ଗାଡି, ମୋଟର, ପୁରୁଣା ଘର ମରାମତି ସକାଶେ ନୂତନ ଯୋଜନା ପ୍ରଣୟନ କରି ପାରନ୍ତି। ଅନୁରାଧା ନକ୍ଷତ୍ରର ଟେନସନ୍ ଦୂର ହେବ ଓ ଅଟକି ରହିଥିବା କାମଗୁଡିକ ଯଥାବିଧି ସମ୍ପନ୍ନ ହେବ। କଳା, ସାହିତ୍ୟ ଓ କ୍ରୀଡା, ଚଳଚ୍ଚିତ୍ର , ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରିବା ଭଲ ହେବ। କର୍ମକ୍ଷେତ୍ରରେ ନିଜର ଅନିଚ୍ଛାଜନିତ ପ୍ରତିକ୍ରିୟାକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଶାରୀରିକ ଅସୁସ୍ଥତାଜନିତ ପୀଡାରେ କଷ୍ଟ ପାଇପାରନ୍ତି। ମନର ଗୋପନ ବ୍ୟଥାକୁ ସହିପାରିବେ ନାହିଁ କିମ୍ବା କହିପାରିବେ ନାହିଁ ଫଳରେ ମନ କଥା ଅପ୍ରକାଶ୍ୟ ରହିଯିବ।

**ମକର** ଆକସ୍ମିକ ପରିବର୍ତ୍ତନରେ ନିଜ ଲୋକମାନଙ୍କୁ ଛାଡି ପାରିବେ ନାହିଁ କିମ୍ବା ସେମାନଙ୍କ ଉପରେ ଭରସା ମଧ କରି ପାରିବେ ନାହିଁ। ସଭାସମିତି, ପରିବହନ, କଳା, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯାଇପାରିବ। ଧନିଷ୍ଠା ନକ୍ଷତ୍ରର ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** ବିଭିନ୍ନ ପ୍ରକାରର ସମସ୍ୟାଜନିତ ମାନସିକ ଚାପଗ୍ରସ୍ତ ହୋଇ ପାରିବାରିକ ସମସ୍ୟା ପ୍ରତି ବୀତସ୍ପୃହ ରହି ପାରନ୍ତି। କେତେକ କ୍ଷେତ୍ରରେ ନିଜର ସ୍ୱକୀୟ ମତ ପୋଷଣ କରି ସମାଲୋଚିତ ହେବାକୁ ପଡିପାରେ। ବ୍ୟବସାୟ କ୍ଷେତ୍ରରେ କର୍ମଚାରୀମାନଙ୍କୁ ଅପ୍ରିୟ ସତକଥା କହି ବିରୋଧର ସମ୍ମୁଖୀନ ହୋଇପାରନ୍ତି।

**ମୀନ** ନିର୍ମାଣାଧୀନ କାର୍ଯ୍ୟ ଓ ଜମିଜମା କ୍ରୟବିକ୍ରୟ ସମ୍ପର୍କୀୟ କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିବ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିପାରିବେ ନାହିଁ। ପର କଥାରେ ମୁଣ୍ଡ ନ ପୂରାଇବା ଭଲ କାରଣ ଅଯଥା ଟେନ୍‌ସନ ବଢିବ।

ଆଜି ପୌଷ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ରବିବାର, ଡିସେମ୍ବର ୨୯ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର,ମେଷ ରାଶିର ଘାତବାର, ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ଶରଣ, ସକାଳ ଘ.୭।୦୭ମି. ଗତେ ଘ.୯।୧୭ମି. ମଧ୍ୟେ ଅମୃତବେଳା। ଦିବା ଘ.୯।୦୯ମି. ଗତେ ଘ.୧୦।୩୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ.୩।୫୧ମି. ଗତେ ଘ.୫।୧୨ମି. ମଧ୍ୟେ ରାହୁକାଳ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ନାଜିଆ ସୁମ୍ବୁଲ



ଗୁରୁ ଆଶିଷ ମହାନ୍ତି



ସମୀର ପ୍ରଧାନ



ଧରିତ୍ରୀ ସାହୁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଆର୍‌ଏସ୍‌ପି ଭିତରକୁ ୨ ଗାଡିର ସନ୍ଦେହଜନକ ପ୍ରବେଶ

### ୫ ସୁରକ୍ଷା କର୍ମୀ ନିଲମ୍ବିତ ଚର୍ଚ୍ଚା

ରାଉରକେଲା ଅଫିସ, ୨୮।୧୨

ଶନିବାର ସନ୍ଦେହଜନକ ଅବସ୍ଥାରେ ରାଉରକେଲା ଇସ୍ପାତ କାରଖାନା ଭିତରକୁ ପଶିଥିବା ୨ ଭାରିଯାନକୁ ଅଟକ ରଖାଯାଇଛି। ଏହି ଘଟଣାକୁ କାରଖାନା କର୍ତ୍ତୃପକ୍ଷ ଗୁରୁତର ସହ ନେଇଛନ୍ତି। ଉକ୍ତ ଘଟଣାରେ ୫ ସୁରକ୍ଷା କର୍ମୀଙ୍କୁ ନିଲମ୍ବନ କରାଯାଇଥିବା ଚର୍ଚ୍ଚା ହେଉଛି । ଏ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଏହି ଘଟଣାକୁ ନେଇ ସୁରକ୍ଷା ଅଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ଦୁଇଟି ଟ୍ରଲର (ନଂ. ଏନ୍‌ଏମ୍ ୦୨କ୍ୟୁ ୧୩୩୬ ଟ୍ରକ ଓ ସିଜି ୦୪ଜେଡି ୭୨୮୫) କାରଖାନା ଭିତରକୁ ପ୍ରବେଶ କରିଥିଲା ସେ ନେଇ କୌଣସି ତଥ୍ୟ ମିଳିନି। ତଥାପି ଗାଡ଼ି ଦୁଇଟିକୁ ଜବତ କରାଯାଇଛି। ଗାଡି ଡ୍ରାଇଭର ଓ ଖଲାସୀ ଫେରାର୍ ହୋଇଯାଇଛନ୍ତି। ନିଉ ପ୍ଲେଟ ମିଲ ପଛରେ ଉଭୟ ଗାଡିକୁ ସୁରକ୍ଷା କର୍ମୀ ଅଟକ ରଖିଛନ୍ତି। ଏହି ୨ ଗାଡି ଗେଟ୍ ପାର ହୋଇ କିଭଳି ଆର୍‌ଏସ୍‌ପି ପରିସରକୁ ଓ କାହିଁକି ପ୍ରବେଶ କରିଥିଲା ସେନେଇ ଉଚ୍ଚ କର୍ତ୍ତୃପକ୍ଷ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଦାୟିତ୍ୱରେ ଥିବା ୫ଜଣ ସୁରକ୍ଷା କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହାର ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ କେହି କିଛି କହିବାକୁ ମନା କରି ଦେଇଛନ୍ତି। ଟାଙ୍ଗରପାଲ୍ଲୀ ଥାନା କର୍ତ୍ତୃପକ୍ଷ ଏହି ଘଟଣାକୁ ସ୍ୱୀକାର କରିଥିଲେ ବି ତଦନ୍ତ ଦୃଷ୍ଟିରୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିନାହାନ୍ତି।

## ଆଜି କ'ଣ କେଉଁଠି

**ଦେବଗଡ଼**
- ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ଟାଉନ ହଲ, ପୂର୍ବାହ୍ଣ ୧୦ଟା ୩୦।
- ସର୍ବଭାରତୀୟ ବାମଣ୍ଡା କ୍ରିକେଟ କପ୍ ଫାଇନାଲ ମ୍ୟାଚ, ଇନ୍ଦିରାଗାନ୍ଧି ଷ୍ଟାଡ଼ିୟମ, ଦେବଗଡ଼, ପୂର୍ବାହ୍ଣ ୧୦ଟା।

**ବୌଦ୍ଧ**
- ରାଜ୍ୟସ୍ତରୀୟ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ, ଉଚ୍ଚ ବିଦ୍ୟାଳୟ ପଡିଆ ତିଳେଶ୍ୱର, ଅପରାହ୍ଣ ୩ଟା।

**ବିଜେପୁର**
- ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସଙ୍କର୍ଷଣ ଏମ୍‌ଇ ସ୍କୁଲ, ସକାଳ ୯ଟା ।

**ଅତାବିରା**
- କୋଶଳ ସେନାର ଜରୁରୀ ବୈଠକ, ପ୍ରଭୁଭକ୍ତି ଆଶ୍ରମ, ଗୋଡ଼ଭଗା, ପୂର୍ବାହ୍ଣ ୯ଟା ।

**ସମ୍ବଲପୁର**
- ଲୋକମହୋତ୍ସବ-୨୦୨୦ ଉପଲକ୍ଷେ ଗଣଦୌଡ, ସମଲେଇ ମନ୍ଦିର ଛକ, ସକାଳ ସାଢ଼େ ୬ଟା ।
- ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ୬ଟା ।
- ଫଟୋଫିଲିକ୍ସ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ସିଟି ସେଣ୍ଟର, ସନ୍ଧ୍ୟା ୬ଟା।

# ଅଭିଯୁକ୍ତଙ୍କୁ ଧରାଇଦେଲା ଓଭରଆକ୍ଟିଂ

**କେତେକ କ୍ଷେତ୍ରରେ ଝିଅମାନେ ପୁଅଙ୍କ ଚରିତ୍ର ଓ ତାଙ୍କ ବିଷୟରେ ଠିକ୍‌ଭାବେ ନ ଜାଣି ତାଙ୍କୁ ଭଲ ପାଇ ବସନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ପୁଅଙ୍କ ବିଷୟରେ ସବୁକଥା ଜାଣିବା ପରେ ତାଙ୍କଠାରୁ ଦୂରେଇଯିବାକୁ ଚେଷ୍ଟା କରନ୍ତି। କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥାଏ। ଏଥିରୁ ଝିଅ ଦୂରେଇବାକୁ ଚାହିଁଲେ ମଧ ଯାଇପାରନ୍ତି ନାହିଁ, ଯେଉଁଥି ପାଇଁ ତାଙ୍କ ଜୀବନ ମଧ ଚାଲିଯାଏ। ଏହାର ଏକ ଉଦାହରଣ ହେଉଛି ରାଜଧାନୀ ଇନ୍‌ଫୋସିଟି ଥାନା କାନନବିହାର ଅଞ୍ଚଳରେ ଘଟିଥିବା ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ଥିଲା ପୋଲିସ ପାଇଁ ଚ୍ୟାଲେଞ୍ଜ। ହେଲେ ତଦନ୍ତ ବେଳେ ଯାହା ଅନୁଭୂତି ମିଳିଛି ତାହା ମୋ ଜୀବନ କାଳରେ ଅପାସୋରା ହୋଇରହିବ ବୋଲି କହିଛନ୍ତି ମହିଳା ଥାନା ଅଧିକାରୀ ବନୀତା ମହାରଣା।**



ଥାନା ଅଧିକାରୀଙ୍କ ଅନୁଭୂତି

ବନୀତା ମହାରଣା

ଉକ୍ତ ଘଟଣା ସମ୍ପର୍କରେ ଥାନାଧିକାରୀ ମହାରଣା କୁହନ୍ତି, ୨୦୧୭ ସେପ୍ଟେମ୍ବର ୨୬ ସକାଳୁ କାନନବିହାର ପ୍ଲଟ ନଂ. ଏମ୍‌ଆଇଜି-୫ ଘରୁ ଜଣେ ଯୁବତୀଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଗଲା। ତାଙ୍କ ଗଳା କଟାଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିଲା। ଯୁବତୀ ଜଣକ ଥିଲେ ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳର ହସିନା ଦାସ। ସେ ଆପୋଲୋ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଲାବୋରେଟୋରି ଟେକ୍ନିସିଆନ ଭାବେ କାମ କରି କାନନବିହାରର ଉକ୍ତ ଘରେ ଭଡ଼ାରେ ରହୁଥିଲେ। ତାଙ୍କୁ ତାଙ୍କ ପୁରୁଷ ବନ୍ଧୁ ପ୍ରଦ୍ୟୁମ୍ନ ପରିଡା ହତ୍ୟା କରିଥିଲେ। କିନ୍ତୁ ତାହା ଜାଣିବା କଷ୍ଟକର ଥିଲା। ସାଧାରଣ ଲୋକଙ୍କ ପରି ପ୍ରଦ୍ୟୁମ୍ନ କ୍ୟାପିଟାଲ ହସ୍ପିଟାଲର ଶବ ବ୍ୟବଚ୍ଛେଦ ଘର ନିକଟକୁ ଆସିଥିଲେ। ସେଠାରେ ପ୍ରଦ୍ୟୁମ୍ନ ଅଭିନୟ କରି ହସିନାଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଉଥିଲେ। ଆମେ ପ୍ରଥମେ ଘର ମାଲିକଙ୍କୁ ସନ୍ଦେହ କରିଥିଲୁ। ହେଲେ ତଦନ୍ତରେ ତାଙ୍କର କିଛି ଭୂମିକା ନ ଥିବା ଜଣାପଡିଥିଲା। କିନ୍ତୁ ପ୍ରଦ୍ୟୁମ୍ନ ହସ୍ପିଟାଲରେ ଯେଭଳି ଓଭରଆକ୍ଟିଂ କଲେ ସେଥିରୁ ତାଙ୍କ ଉପରେ ଆମର ସନ୍ଦେହ ବଢ଼ିଥିଲା। ତାଙ୍କୁ ଆମେ ଦ୍ୱିତୀୟ ବ୍ୟକ୍ତିଭାବେ ସନ୍ଦେହ ଘେରକୁ ନେଇଥିଲୁ। ହସିନା ପୂର୍ବରୁ ରହୁଥିବା ମେଡିକାଲ ଏବଂ ହଷ୍ଟେଲରେ ପଚରାଉଚରା ପରେ ଉଭୟଙ୍କର ପ୍ରେମ ସମ୍ପର୍କ କଥା ଜାଣିପାରିଥିଲୁ। ଏହାପରେ ପ୍ରଦ୍ୟୁମ୍ନଙ୍କ ଫୋନ୍ ନମ୍ବରକୁ ଯାଞ୍ଚ କରିବା ପରେ ସେ ହାସିନାଙ୍କ ସହ ଯୋଗାଯୋଗରେ ଥିଲେ। ଏପରି କି ହତ୍ୟାକାଣ୍ଡ ଦିନ ପ୍ରଦ୍ୟୁମ୍ନ ହସିନା ରହୁଥିବା ଘରକୁ ଯାଇଥିବା ନେଇ ତାଙ୍କ ମୋବାଇଲ ଫୋନ୍‌ର କଲ୍ ଡିଟେଲ ରେକର୍ଡ (ସିଡିଆର୍) ରିପୋର୍ଟରୁ ଜଣାପଡ଼ିଥିଲା। ଆମେ ପ୍ରଦ୍ୟୁମ୍ନଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ସେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ତାଙ୍କୁ ୨୦୧୭ ଅକ୍ଟୋବର ୪ରେ ଗିରଫ କରିଥିଲା।

୨୦୧୭ରେ ହସିନା କଳିଙ୍ଗ ହସ୍ପିଟାଲରେ କାମ କରୁଥିବାବେଳେ ସେଠାରେ ସୁପରଭାଇଜର ଭାବେ ପ୍ରଦ୍ୟୁମ୍ନ କାର୍ଯ୍ୟ କରୁଥିଲେ। ଉଭୟେ ପରିଚିତ ହେବା ପରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପ୍ରଦ୍ୟୁମ୍ନ ବିବାହିତ ବୋଲି ହସିନାଙ୍କୁ ଜଣାଇ ନ ଥିଲେ। କିନ୍ତୁ ହସିନା ତାହା ଜାଣିବା ପରେ ତାଙ୍କଠାରୁ ଦୂରେଇଯିବାକୁ ଚାହୁଁଥିଲେ। ହେଲେ ପ୍ରଦ୍ୟୁମ୍ନ ତାଙ୍କୁ ବିବାହ କରିବା ପାଇଁ ଜିଦ୍‌କରି ହଇରାଣ କରୁଥିଲେ। ଶେଷରେ ହସିନା ଆପୋଲୋ ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ପଳାଇଯାଇଥିଲେ। ସେହିଭଳି ପ୍ରଦ୍ୟୁମ୍ନ କଳିଙ୍ଗ ହସ୍ପିଟାଲରୁ କଟକର ଏକ ଅନ୍ୟ ଲ୍ୟାବକୁ ପଳାଇଯାଇଥିଲେ। କିନ୍ତୁ ସେ ଫୋନ୍ କରି ହସିନାଙ୍କୁ କଥା ହେବାକୁ ଚେଷ୍ଟା କରୁଥିଲେ। ହସିନା ଅନେକ ସମୟରେ ଫୋନ୍ ଉଠାଉ ନ ଥିବାରୁ ତାଙ୍କର ଅନ୍ୟ କାହା ସହ ସମ୍ପର୍କ ରହିଥିବା ପ୍ରଦ୍ୟୁମ୍ନ ସନ୍ଦେହ କରିଥିଲେ। ହତ୍ୟା ଦିନ ଅର୍ଥାତ୍ ସେପ୍ଟେମ୍ବର ୨୫ରେ ହସିନାଙ୍କ ରୁମ୍‌ମେଟ୍ ଗାଁକୁ ଯାଇଥିଲେ। ସେ ଏକାକୀ ଘରେ ଥିଲେ। ସେହିଦିନ ପ୍ରଦ୍ୟୁମ୍ନ ବାରମ୍ବାର ତାଙ୍କୁ ଫୋନ୍ କରିଥିଲେ। ସେ ଫୋନ୍ ନ ଉଠାଇବାରୁ ସନ୍ଧ୍ୟା ୭ଟାରେ କଟକରୁ କାନନବିହାର ଘରକୁ ଆସିଥିଲେ। ସେଠାରେ ହସିନାଙ୍କ ସହ ପାଟିତୁଣ୍ଡ ହେବା ପରେ ପ୍ରଦ୍ୟୁମ୍ନ ରୋଷେଇଘରୁ ଛୁରି ଆଣି ଭୁସିବାକୁ ଚେଷ୍ଟା କରିଥିଲେ। ହସିନା ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଶେଷରେ ପ୍ରଦ୍ୟୁମ୍ନ ହସିନାଙ୍କ ଦେହକୁ ଛୁରିରେ ଭୁସିବା ପରେ ଗଳା କାଟି ଦେଇଥିଲେ। ସେ ନ ମରିବାରୁ ଏକ କପଡାରେ ତାଙ୍କ ମୁହଁକୁ ବନ୍ଦ କରି ଅଣନିଃଶ୍ୱାସୀ କରି ପ୍ରଦ୍ୟୁମ୍ନ ହତ୍ୟା କରିଥିଲେ।

-ରିପୋର୍ଟ: ତ୍ରିନାଥ ମହାନ୍ତି

## ପ୍ରଥମ ପୃଷ୍ଠାରୁ...

### ଶୀତରେ...

ଏବଂ ସୋନପୁର ଜିଲାରେ ଶୀତଲହରି ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ଜାନୁୟାରୀ ପହିଲାରୁ ଶୀତ କମିବା ପାରଦ ପୁଣି ଉପରମୁହାଁ ହେବ। ଉତ୍ତର ଓଡ଼ିଶା ଉପକୂଳଠାରୁ ତ୍ରିପୁରା ଏବଂ ବଙ୍ଗୋପସାଗର ଉପରେ ଏକ ଟ୍ରଫ୍‌ଲାଇନ ରହିଛି। ଏହାର ପ୍ରଭାବରେ ନୂଆବର୍ଷରେ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ନୂଆପଡ଼ା, ବରଗଡ଼ ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧମ ଧରଣର ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଶୀତଲହରିକୁ ଦୃଷ୍ଟିରେ ରଖି ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମଣିଷ ଓ ଗୃହପାଳିତ ପଶୁଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନେବା ପାଇଁ ସେମାନଙ୍କୁ କୁହାଯାଇଛି। ଗ୍ରାମାଞ୍ଚଳରେ ଯେଉଁମାନଙ୍କର ବାସଗୃହ ନାହିଁ ସେମାନଙ୍କୁ ସ୍କୁଲ ଓ ଅନ୍ୟାନ୍ୟ ସରକାରୀ କୋଠାରେ ଆଶ୍ରୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସହରାଞ୍ଚଳରେ ପର୍ଯ୍ୟଟକ ଓ ନିରାଶ୍ରୟ ଲୋକମାନଙ୍କୁ ରାତ୍ର ଆଶ୍ରୟସ୍ଥଳରେ ରଖିବାକୁ କୁହାଯାଇଛି।

### ସାନ ଭଉଣୀକୁ...

ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ଝିଅର କୌଣସି ପତ୍ତା ମିଳିନାହିଁ। ଏହାର ତଦନ୍ତ କରିବାକୁ ସେ ପୋଲିସକୁ ଅନୁରୋଧ କରିଛନ୍ତି।

ତେବେ ସୂର୍ଯ୍ୟୋପରାଗ ଅମାବାସ୍ୟା ତିଥି ଅର୍ଥାତ୍ ଗତ ୨୬ ତାରିଖ ରାତିରେ ତନ୍ତ୍ର ସାଧନା ସିଦ୍ଧି ପାଇଁ ନାବାଳିକାଙ୍କୁ ବଳି ଦିଆଯାଇଛି। ବଡ଼ଭାଇ ନିଜ ନାବାଳିକା ଭଉଣୀକୁ ବଳି ଦେଇଥିବା ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଘଟଣାର ପର୍ଦ୍ଦାଫାଶ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନାବାଳିକାଙ୍କ ମୃତଦେହ ବି ଠାବ କରାଯାଇପାରିନାହିଁ। ଘଟଣା ସମ୍ପର୍କରେ ସିନ୍ଦେକେଲା ଥାନାଧିକାରୀ ଅନନ୍ତ ପଧାନଙ୍କୁ ପଚାରିବାରୁ ନାବାଳିକା ନିଖୋଜ ଘଟଣାକୁ ନେଇ ଥାନାରେ ଏକ ମାମଲା (ନଂ.୧୫୦/୨୦୧୯) ରୁଜୁ କରାଯାଇଛି। ପୋଲିସ ତଦନ୍ତ ଜାରି ରହିଛି। ନିଖୋଜ ଝିଅ ସମ୍ପର୍କରେ କୌଣସି ଖୋଜ ଖବର ମିଳି ନ ଥିବାରୁ ଏହାକୁ ବଳି ଘଟଣା କୁହାଯାଇପାରିବ ନାହିଁ । ତେବେ ପୋଲିସ ସବୁ ଦିଗକୁ ନେଇ ତଦନ୍ତ ଜାରି ରଖିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ,ଗତବର୍ଷ ନାବାଳିକାଙ୍କ ବଡ଼ଭାଇ ନିଜ ମାମୁ ପୁଅ ଭାଇ(୯ )ଙ୍କୁ ତନ୍ତ୍ର ସାଧନା ପାଇଁ ବଳି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ପୋଲିସ ନାବାଳିକାଙ୍କ ବଡ଼ଭାଇ ସମେତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛି ମାସ ହେଲା ସେ ହାଇକୋର୍ଟରୁ ଜାମିନରେ ଆସି ଘରେ ଥିଲେ। ପୂର୍ବ ଘଟଣା ପରିପ୍ରେକ୍ଷୀରେ ନିଜ ନାବାଳିକା ଭଉଣୀ ବଡଭାଇଙ୍କ ସହିତ ଯାଇ ନିଖୋଜ ହୋଇଯିବା ବଳି ସନ୍ଦେହକୁ ଆଉଥରେ ଉଦ୍‌ଜୀବିତ କରିଛି।

### ଜରିନ୍‌ଙ୍କୁ...

ବାଉଟ୍ ପରେ ମେରୀକମ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜଣେ ବକ୍ସର ହିସାବରେ ମୁଁ ଯେଉଁ ସଫଳତା ହାସଲ କରିଛି ଅନ୍ୟ କୌଣସି ଭାରତୀୟ ତାହା କରିନାହାନ୍ତି। ତେଣୁ ମୋ ଦକ୍ଷତା। ନେଇ ପ୍ରଶ୍ନ ଉଠାଇବା ମୋତେ ବ୍ୟଥିତ କରିବ ନିଶ୍ଚୟ। କାରଣ ଯାହା ହେଲେ ବି ମୁଁ ଜଣେ ସାଧାରଣ ମଣିଷ। ଏହା ପ୍ରଥମ ଦୃଷ୍ଟାନ୍ତ ନୁହେଁ, ମୋ କ୍ଷେତ୍ରରେ ଅନେକଥର ଘଟିଛି। ଅତୀତରେ ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ବିଜୟିନୀ ପିଙ୍କି ଜାଙ୍ଗ୍ରା ମଧ ମୋତେ ଚ୍ୟାଲେଞ୍ଜ କରିଥିଲେ। ଶନିବାର ମ୍ୟାଚ୍ ଫଳାଫଳକୁ ନେଇ ତେଲଙ୍ଗାନା ବକ୍ସିଂ ଆସୋସିଏଶନ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହ ପ୍ରବଳ ବିରୋଧ କରାଯାଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଶେଷରେ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ସଭାପତି ଅଜୟ ସିଂଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। । ସେ ତେଲେଙ୍ଗାନା ବକ୍ସିଂ ଆସୋସିଏଶନ ପ୍ରତିନିଧି ଏପି ରେଡ୍ଡୀଙ୍କୁ ରିଙ୍ଗ୍ ଅଞ୍ଚଳରୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ରାଜନୀତି ହେଲେ ଦେଶରେ ବକ୍ସିଂ ଉଧେଇ ପାରିବ ନାହିଁ ବୋଲି ରେଡ୍ଡୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ଅନ୍ୟ ଏକ ଟ୍ରାଏଲରେ ଦୁଇଥର ବିଶ୍ୱ ରୌପ୍ୟ ପଦକଧାରୀ ସୋନିଆ ଲାଥର (୫୭ କେଜି)ଙ୍କୁ ସାକ୍ଷୀ ଚୌଧାରୀ ହରାଇ ଦେଇଛନ୍ତି। ୬୦ କେଜି ବର୍ଗରେ ପୂର୍ବତନ ବିଶ୍ୱ ଚାମ୍ପିୟନ ଏଲ. ସରିତା ଦେବୀ ଜାତୀୟ ଚାମ୍ପିୟନ ସିମରନଜିତ କୌରଙ୍କଠାରୁ ପରାସ୍ତ ହୋଇଛନ୍ତି।

### ୨୦ ଦିନରେ...

ବରେଇପାଲି ନିକଟରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଜଣେ ମହିଳାଙ୍କୁ ଉଦ୍ଧାର କରି ଭିମ୍‌ସାରରେ ଭର୍ତ୍ତି କରିଥିଲା। ସନ୍ଧ୍ୟାରେ ସଂପୃକ୍ତା ମହିଳାଙ୍କ ଚେତା ଫେରିଥିଲା । ସେ ପୋଲିସ ଆଗରେ ୭ ତାରିଖ ରାତିରେ ଘଟିଥିବା ଘଟଣା ସମ୍ପର୍କରେ ବୟାନ ଦେବା ସହ ଗଣବଳାତ୍କାରର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ରେମେଡରେ ଏକ ଦୋକାନ ପାଖରେ ସେ ସେଦିନ ରାତି ୧୧ ଟାରେ ଘରକୁ ଯିବାକୁ ଗାଡିକୁ ଅପେକ୍ଷା କରି ଛିଡା ହୋଇଥିଲେ। ଏହି ସମୟରେ ଶିବଶଙ୍କର ନାୟକ ନାମକ ଜଣେ ବ୍ୟକ୍ତି ଆସି ତାଙ୍କୁ ଘରେ ଛାଡି ଦେବେ ବୋଲି କହିଥିଲେ। ଶିବଶଙ୍କରଙ୍କ ଉପରେ ସେ ଭରସା କରି ତାଙ୍କ ବାଇକ୍‌ରେ ବସିଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ପରେ ସେ ଆଉ ୫ ଜଣଙ୍କୁ ଡାକିଥିଲେ। ସେମାନେ ମଧ ପହଞ୍ଚି ବଳାତ୍କାର କରିଥିଲେ। ଶେଷରେ ତାଙ୍କୁ ସେଠାରେ ଛାଡିଦେଇ ସମସ୍ତେ ଚାଲି ଯାଇଥିଲେ। ବହୁ କଷ୍ଟରେ ସେ ବରେଇପାଲି ପର୍ଯ୍ୟନ୍ତ ଆସିଥିଲେ। ଏହି ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ୬ ଜଣ ସମ୍ପୃକ୍ତ ଥିବା ପୋଲିସକୁ ସୁରାକ ମିଳିଥିଲା। ସେଥିରେ ୨ ଜଣ ନାବାଳକ ମଧ୍ୟ ଥିଲେ। ମୁଖ୍ୟ ଅଭିଯୁକ୍ତ ଶିବଶଙ୍କରଙ୍କ ସହ ମହେଶ ସେଟ, ଅକୁର ଛୁରିଆ, ଡୋଳାମଣି ଭୁଏଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସେମାନେ ଏବେ ଜେଲରେ ଅଛନ୍ତି। ସେହିଭଳି ୨ ନାବାଳକଙ୍କୁ ପୋଲିସ ବାଳ ସୁଧାର ଗୃହକୁ ପଠାଇଛି। ପ୍ରକାଶଯୋଗ୍ୟ, ଏହି ଘଟଣା ରାଜ୍ୟ ମହିଳା କମିଶନଙ୍କ ଦୃଷ୍ଟିକୁ ଆସିବା ପରେ ୧୦ ତାରିଖରେ ମହିଳା କମିଶନ ଅଧକ୍ଷା ମିନତି ମିଶ୍ର ଭିମ୍‌ସାରରେ ପୀଡିତାଙ୍କୁ ଭେଟି ବୟାନ ରେକର୍ଡ କରିଥିଲେ। ଏହାସହ ଯେଉଁଠାରେ ମହିଳାଙ୍କୁ ବଳାତ୍କାର ହୋଇଥିଲା ଉକ୍ତ ସ୍ଥାନକୁ ଯାଇ ତଦନ୍ତ କରିଥିଲେ।



ଦେଶବ୍ୟାପୀ ସିଏଏ ବିରୋଧୀ ବିକ୍ଷୋଭ ଜାରି ରହିଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ 'ଟୁକ୍‌ଡ଼େ ଟୁକ୍‌ଡ଼େ' ମନ୍ତବ୍ୟକୁ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶ୍ୱନ୍ତ ସିହ୍ନା ପ୍ରଶ୍ନ ଉଠାଇଛନ୍ତି। ଏହି ଟୁକ୍‌ଡ଼େ ଟୁକ୍‌ଡ଼େ' ଗ୍ୟାଙ୍ଗ୍‌ରେ ଭାଜପାର ମାତ୍ର ଦୁଇଜଣ ଅଛନ୍ତି। ସେମାନେ ମହାଭାରତର ନକରାତ୍ମକ ଚରିତ୍ର ଦୁର୍ଯ୍ୟୋଧନ ଓ ଦୁଶାସନ ଭଳି । କୁରୁକ୍ଷେତ୍ର ଯୁଦ୍ଧ ଲାଗି ସେମାନେ ଦାୟୀ ଥିଲେ। ଏବେ ଏହି ଟୁକ୍‌ଡ଼େ ଟୁକ୍‌ଡ଼େ ଗ୍ୟାଙ୍ଗ୍‌କୁ ଦଣ୍ଡିତ କରିବାର ସମୟ ଆସିଛି ବୋଲି ଦିଲ୍ଲୀରେ ସିହ୍ନା କହିଛନ୍ତି।

## ସଂକ୍ଷେପରେ

### ତାଲିବାନ ଆକ୍ରମଣରେ ୧୦ ଆଫଗାନ ସୈନ୍ୟ ନିହତ

**କାନ୍ଦାହାର,୨୮।୧୨(ଏଏଫ୍‌ପି):** ଆଫଗାନିସ୍ତାନର ହେଲମଣ୍ଡ ପ୍ରଦେଶର ଏକ ସାମରିକ ଘାଟି ଉପରେ ତାଲିବାନ ଆତଙ୍କବାଦୀ ଆକ୍ରମଣ କରିବାରୁ ୧୦ ଜଣ ସୈନ୍ୟ ନିହତ ହୋଇଛନ୍ତି। ତାଲିବାନମାନେ ସାଙ୍ଗିନ୍ ଜିଲାରେ ଥିବା ସେନା ଘାଟି ପର୍ଯ୍ୟନ୍ତ ସୁଡ଼ଙ୍ଗ ଖୋଳି ଏହାକୁ ବିସ୍ଫୋରଣରେ ଉଡାଇଦେଇଥିଲେ। ଆକ୍ରମଣ ସମୟରେ ଉକ୍ତ ସେନା ବେସ୍‌ରେ୧୮ ଜଣ ସୈନ୍ୟ ଥିଲେ। ୪ ଜଣ ଆହତ ହୋଇଥିବା ବେଳେ ଅନ୍ୟ ୪ ଜଣ ଆତଙ୍କବାଦୀଙ୍କ ସହ ଲଢ଼େଇ କରିଥିଲେ। ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ ଗଣମାଧମକୁ ଏକ ବିବୃତି ପଠାଇ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛନ୍ତି। ଆଫଗାନିସ୍ତାନରୁ ହିଂସା ଦୂର ପାଇଁ ଆମେରିକା ଓ ତାଲିବାନ ମଧରେ ଆଲୋଚନା ଜାରି ରହିଥିବାବେଳେ ଏଭଳି ବିସ୍ଫୋରଣ ଘଟିଛି। ଗତ ମଙ୍ଗଳବାର ବାଲ୍‌ଖ ପ୍ରଦେଶରେ ତାଲିବାନ ଆକ୍ରମଣରେ ୭ ସୈନ୍ୟ ନିହତ ହୋଇଥିଲେ।

### ବ୍ୟଙ୍ଗ ଚିତ୍ରକର ବିକାଶ ସାବ୍‌ନିସଙ୍କ ଦେହାନ୍ତ



**ମୁମ୍ବାଇ,୨୮।୧୨(ପି.ଟି.):** ଜଣାଶୁଣା ବର୍ଷୀୟାନ ବ୍ୟଙ୍ଗ ଚିତ୍ରକର ବିକାଶ ସାବ୍‌ନିସ୍‌ଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ବାଲ୍ ଠାକ୍‌ରେଙ୍କ ରାଜନୈତିକ ବ୍ୟଙ୍ଗ ସାପ୍ତାହିକ ପତ୍ରିକା 'ମାର୍ମିକ'ରେ ୧୨ ବର୍ଷ କାର୍ଯ୍ୟ କରିବା ପରେ ସାବ୍‌ନିସ୍ ମରାଠୀ ଖବରକାଗଜ 'ଲୋକସତ୍ତା'ରେ ଯୋଗଦେଇଥିଲେ। ୫୦ ବର୍ଷର କ୍ୟାରିୟରରେ ସାବ୍‌ନିସ୍ ସାମାଜିକ-ରାଜନୈତିକ ଦୃଶ୍ୟପଟକୁ ନେଇ ଅନେକ ବ୍ୟଙ୍ଗଚିତ୍ର ଆଙ୍କି ଚର୍ଚ୍ଚିତ ହୋଇଥିଲେ।

### ପୋଷାକ ଗୋଦାମ ଜଳିଗଲା: ୨ ମୃତ

**ମୁମ୍ବାଇ,୨୮।୧୨(ପି.ଟି.):** ମୁମ୍ବାଇ ଉପକଣ୍ଠ ସାକି ନାକାଠାରେ ଶୁକ୍ରବାର ରାତିରେ ଏକ ପୋଷାକ ଗୋଦାମରେ ନିଆଁ ଲାଗି ୨ ଜଣଙ୍କ ମୃତ୍ୟୁ ଘଟିଛି। ଗୋଦାମଟି ସମ୍ପୂର୍ଣ୍ଣ ଜଳିଯାଇଛି। ମୃତକ ଦୁଇଜଣ ହେଲେ ଆରତି ଲାଲ୍‌ଜୀ ଜୟସ୍ୱାଲ(୨୫) ଓ ପୀୟୂଷ ଧୀରଜ କାଟାଡିୟା। ଅଗ୍ନିକାଣ୍ଡରେ କେତେଜଣ ନିଖୋଜ ଥିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରୁଛି।

### ଇତିହାସର ଆଇନାରେ
**ଡିସେମ୍ବର ୨୯ର ପ୍ରମୁଖ ଘଟଣା**

୧୯୯୭ ଡିସେମ୍ବର ୨୯ରେ ହଂକଂରେ ପ୍ରାୟ ଦେଢ଼କୋଟି କୁକୁଡ଼ାଙ୍କୁ ନିପାତ କରାଯାଇଥିଲା। ବାର୍ଡ ଫ୍ଲୁ ଆତଙ୍କ ଯୋଗୁ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିଲା।

୨୦୧୩ ଡିସେମ୍ବର ୨୯ରେ ଦକ୍ଷିଣ ରୁଷିଆ ସହର ଭୋଲ୍‌ଗୋଗ୍ରାଡ୍‌ର ଏକ ରେଲଓ୍ୱେଷ୍ଟେଶନରେ ଆତ୍ମଘାତୀ ବୋମା ବିସ୍ଫୋରଣ ହେବାରୁ ଏଥିରେ ୩୪ ଜଣ ପ୍ରାଣ ହରାଇଥିଲେ। ଏଥିରେ ପ୍ରାୟ ୫୦ ବ୍ୟକ୍ତି ଆହତ ହୋଇଥିଲେ।

## କଂଗ୍ରେସ ପ୍ରତିଷ୍ଠା ଦିବସରେ ସରକାରଙ୍କୁ ରାହୁଲଙ୍କ ଟାର୍ଗେଟ

# ଏନ୍‌ପିଆର୍, ଏନ୍‌ଆର୍‌ସି ଦ୍ୱିତୀୟ ବିମୁଦ୍ରୀକରଣ

- ଆସାମକୁ ପୁଣି ହିଂସା ଫେରିବା ଆଶଙ୍କା କଲେ
- ବିଭିନ୍ନ ସହରରେ କଂଗ୍ରେସର ଫ୍ଲାଗ୍‌ମାର୍ଚ୍ଚ

**ନୂଆଦିଲ୍ଲୀ/ ଗୁଆହାଟୀ,୨୮।୧୨(ପି.ଟି.)**

କଂଗ୍ରେସର ୧୩୫ତମ ପ୍ରତିଷ୍ଠା ଦିବସ ଅବସରରେ ଦଳର ନେତା ରାହୁଲ ଗାନ୍ଧୀ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଏବଂ ପ୍ରସ୍ତାବିତ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ସମାଲୋଚନା କରି ଏହାକୁ ସେ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ନୋଟବନ୍ଦୀ ବୋଲି କହିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ବିମୁଦ୍ରୀକରଣଠାରୁ ଆହୁରି ଭୟାବହ ସ୍ଥିତି ସୃଷ୍ଟିହେବ ବୋଲି ସେ ସତର୍କ କରାଇଦେଇଛନ୍ତି।

ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସି ବିରୋଧରେ କଂଗ୍ରେସ ପକ୍ଷରୁ ଶନିବାର ଦେଶବ୍ୟାପୀ 'ସମ୍ବିଧାନ ବଞ୍ଚାଅ, ଭାରତ ବଞ୍ଚାଅ' ବାର୍ତ୍ତା ନେଇ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଦିଲ୍ଲୀ, ମୁମ୍ବାଇ, କୋଲକାତା, ଜୟପୁରଠାରୁ ଆରମ୍ଭ କରି ବିଭିନ୍ନ ସହରରେ ହଜାର ହଜାର କଂଗ୍ରେସ କର୍ମୀ ଓ ନେତା ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଥିଲେ। ସରକାରଙ୍କ ସଂଶୋଧିତ ନାଗରିକତ୍ୱ ଆଇନ, ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସିକୁ କଂଗ୍ରେସ ନେତାମାନେ ଜୋର୍‌ଦାର ସମାଲୋଚନା କରିଥିଲେ। ଦେଶର ସମସ୍ତ ଗରିବ ଭାରତୀୟ କି ନୁହନ୍ତି ପଚାରିବା କଂଗ୍ରେସ ଫ୍ଲାଗ୍‌ମାର୍ଚ୍ଚର ମୂଳ ଉଦ୍ଦେଶ୍ୟ। ବିମୁଦ୍ରୀକରଣକୁ ନେଇ ସାରା ଦେଶର ଜନସାଧାରଣ ହଇରାଣ ହେଉଥିବାବେଳେ ମୋଦିଙ୍କର କେତେଜଣ ଘନିଷ୍ଠ ବ୍ୟବସାୟୀ ଏହାର ଫାଇଦା ଉଠାଇଥିଲେ। ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସି କାର୍ଯ୍ୟକାରୀ ହେଲେ ସ୍ଥିତି ଆହୁରି ଭୟାବହ ହୋଇପଡ଼ିବ ବୋଲି ରାହୁଲ କହିଛନ୍ତି। କେନ୍ଦ୍ର ସରକାର ଅଳ୍ପ କେତେଜଣ ପୁଞ୍ଜିପତିଙ୍କ ପାଇଁ କାର୍ଯ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଗୁଆହାଟୀଠାରେ ଏକ ସଭାକୁ ସମ୍ବୋଧିତ କରି ରାହୁଲ ଭାଜପା ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ଭାଜପାର ନୀତି ପାଇଁ ଆସାମ ପୁଣିଥରେ ହିଂସା ପଥକୁ ଫେରିପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ। ତେବେ ଆସାମ ଓ ଉତ୍ତରପୂର୍ବାଞ୍ଚଳର ଲୋକମାନଙ୍କ ପରିଚୟ, ସଂସ୍କୃତି ଓ ଭାଷା ଉପରେ ଆକ୍ରମଣ ପାଇଁ ଭାଜପା ଏବଂ ଆର୍‌ଏସ୍‌ଏସ୍‌କୁ ଅନୁମତି ଦିଆଯିବ ନାହିଁ ବୋଲି କଂଗ୍ରେସ ନେତା କହିଥିଲେ।



ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଦଳୀୟ ପତାକା ଉତ୍ତୋଳନ କରୁଛନ୍ତି।

ପ୍ରତିଷ୍ଠା ଦିବସ ଅବସରରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ୨୪ ଆକବର ରୋଡ୍‌ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। କଂଗ୍ରେସ ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଦେଶକୁ ପ୍ରାଧାନ୍ୟ ଦେଇଆସିଛି। ରାଷ୍ଟ୍ର ପାଇଁ ବଳିଦାନକୁ ଦଳ ସର୍ବାଗ୍ରେ ରଖିଆସିଛି ବୋଲି କଂଗ୍ରେସ ପକ୍ଷରୁ ଟୁଇଟ୍ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ବରିଷ୍ଠ ନେତା ଏ.କେ. ଆଣ୍ଟୋନି, ମୋତିଲାଲ ଭୋରା, ଆନନ୍ଦ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ସେଠାରେ ଉପସ୍ଥିତ ପିଲାମାନଙ୍କୁ ସୋନିଆ ମିଠା ବାଣ୍ଟିଥିଲେ। ଦଳ ପାଇଁ ଲକ୍ଷ ଲକ୍ଷ କଂଗ୍ରେସ କର୍ମୀ ବର୍ଷ ବର୍ଷ ଧରି ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିଆସିଥିବା ରାହୁଲ ଗାନ୍ଧୀ କହିଥିଲେ।

## ପ୍ରିୟଙ୍କାଙ୍କୁ ୟୁପି ପୋଲିସର ଦୁର୍ବ୍ୟବହାର



**ଲକ୍ଷ୍ନୌ,୨୮।୧୨**

ସିଏଏ ଏବଂ ଏନ୍‌ଆର୍‌ସି ବିରୋଧୀ ବିକ୍ଷୋଭ ବେଳେ ଗିରଫ ହୋଇଥିବା ପୂର୍ବତନ ଆଇପିଏସ୍ ଅଫିସର ତଥା ସାମାଜିକ କର୍ମୀ ଏସ୍.ଆର୍. ଦାରାପୁରୀଙ୍କ ପରିବାରଙ୍କୁ ଭେଟିବାକୁ ଯାଉଥିବା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ପୋଲିସ ଅଟକାଇବା ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଜଣେ ମହିଳା ପୋଲିସ ତାଙ୍କ ବେକକୁ ଧରିବା ସହ ଧକ୍କା ମାରିଥିଲେ। ଫଳରେ ସେ ପଡ଼ିଯାଇଥିଲେ ବୋଲି ପ୍ରିୟଙ୍କା କହିଛନ୍ତି। ଦୁଇଟି ସ୍ଥାନରେ ପୋଲିସ ତାଙ୍କୁ ଅଟକାଇବା ବେଳେ ପ୍ରିୟଙ୍କା ସେମାନଙ୍କ ସହ ଯୁକ୍ତି କରିଥିଲେ। କାର୍‌କୁ ଆଗକୁ ଯିବାକୁ ନ ଦେବାରୁ ପ୍ରିୟଙ୍କା ଜଣେ ଦଳୀୟ କର୍ମୀଙ୍କ ସ୍କୁଟରରେ ଯାଇଥିଲେ। ଦୁଇ କିଲୋମିଟର ପରେ ପୋଲିସ ତାଙ୍କୁ ପୁଣି ଅଟକାଇବାରୁ ସେ ସେଠାରୁ ଚାଲି ଚାଲି ଯିବାକୁ ନିଷ୍ପତ୍ତି ନେଇଥିଲେ।

ପ୍ରିୟଙ୍କା ଗଣମାଧମକୁ କହିଛନ୍ତି, ପୋଲିସ ଅତ୍ୟାଚାରର ସମ୍ମୁଖୀନ ହୋଇଥିବା ପ୍ରତ୍ୟେକ ନାଗରିକଙ୍କ ପଛରେ ଛିଡ଼ାହେବାକୁ ସେ ପ୍ରତିବଦ୍ଧ। ଏହା ତାଙ୍କର ସତ୍ୟାଗ୍ରହ। ଏଭଳି ଢଙ୍ଗରେ ତାଙ୍କୁ ପୋଲିସ ଅଟକାଇବାର କୌଣସି କାରଣ ନ ଥିଲା। ସେମାନେ କ'ଣ ପାଇଁ ଏଭଳି କଲେ ତାହା ଭଗବାନ ଜାଣନ୍ତି ବୋଲି କଂଗ୍ରେସ ନେତ୍ରୀ କହିଛନ୍ତି।



ରାଜସ୍ଥାନର ସିକର ଜିଲାରେ ବିଯୁକ୍ତ ତାପମାତ୍ରା: ଗଛଡାଳ ବରଫ ପାଲଟିଥିବା ଜଣେ କୃଷକ ଦେଖାଉଛନ୍ତି।

## ସିକିମ୍‌ରେ ତୁଷାରପାତ ୧୭୦୦ ପର୍ଯ୍ୟଟକଙ୍କୁ ଉଦ୍ଧାର କଲା ସେନା

**ନୂଆଦିଲ୍ଲୀ,୨୮।୧୨**

ସିକିମ୍‌ର ନାଥୁ ଲା ଠାରେ ପ୍ରବଳ ତୁଷାରପାତ ଯୋଗୁ ଫସିରହିଥିବା ୧୭୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଭାରତୀୟ ସେନା ଉଦ୍ଧାର କରିଛି। ପାଖାପାଖି ୩୦୦ ଟ୍ୟାକ୍ସିରେ ଯାଇଥିବା ଏହି ପର୍ଯ୍ୟଟକମାନେ ନାଥୁ ଲା ଗିରିପଥ- ସୋଙ୍ଗୋ ହ୍ରଦରୁ ଫେରୁଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ପ୍ରବଳ ତୁଷାରପାତ ହୋଇ ରାସ୍ତା ଅବରୋଧ ହୋଇଯାଇଥିଲା। ଫଳରେ ସେମାନେ ଜବାହରଲାଲ ନେହେରୁ ରୋଡ୍‌ରେ ଆଗକୁ ଆସି ନ ପାରି ଅଧାବାଟରେ ଫସିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ଯବାନମାନେ ଆଗେଇ ଆସିଥିଲେ।

## ୧୦୦୦ ଏଏମ୍‌ୟୁ ଛାତ୍ରଙ୍କ ବିରୋଧରେ ମାମଲା

**ସିଏଏ ବିରୋଧୀ ହିଂସା**

**ଆଲିଗଡ଼,୨୮।୧୨(ପି.ଟି.)**

ସିଏଏ ବିରୋଧୀ ହିଂସାକାଣ୍ଡ ଓ ସାଧାରଣ ସମ୍ପତ୍ତି ନଷ୍ଟ କରାଯିବା ଘଟଣାକୁ ନେଇ ରାପିଡ୍ ଆକ୍ସନ୍ ଫୋର୍ସ ପକ୍ଷରୁ ଆଲିଗଡ଼ ମୁସ୍‌ଲିମ ବିଶ୍ୱବିଦ୍ୟାଳୟ(ଏଏମ୍‌ୟୁ)ର ୧୦୦୦ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପ୍ରକାଶଥାଉ କି, ଗତ ଡିସେମ୍ବର ୧୫ରେ ଜାମିଆ ମିଲିଆରେ ପୋଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ହିଂସା ବ୍ୟାପକ ରୂପ ଧାରଣ କରିଥିଲା। ଡିସେମ୍ବର ୨୩ରେ ଏନେଇ ମାମଲା ରୁଜୁ କରାଯାଇଥିବା ରାପିଡ୍ ଆକ୍ସନ୍ ଫୋର୍ସ କମାଣ୍ଡାଣ୍ଟ ପୁନୀତ କୁମାର ଓ ଏସ୍‌ଏସ୍‌ପି ଆକାଶ କୁଲାହରୀ ପ୍ରକାଶ କରିଛନ୍ତି। ତେବେ ଅଭିଯୋଗପତ୍ରରେ ୧୦ ହଜାର ଛାତ୍ର ବୋଲି ଉଲ୍ଲେଖ କରାଯାଇଥିବାବେଳେ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟିହୋଇଥିଲା। ଏସ୍‌ଏସ୍‌ପି ଏହା ୧୦ ହଜାର ନୁହେଁ ବରଂ ୧ ହଜାର ବୋଲି ସ୍ପଷ୍ଟ କରିଛନ୍ତି। ଛାତ୍ରଙ୍କ ବିରୋଧରେ ଦଙ୍ଗା ଲାଗି ଉସୁକାଇବା, ସାଧାରଣ ସମ୍ପତ୍ତି ନଷ୍ଟକରିବା ଭଳି ଦଫା ଲଗାଯାଇଥିବା ଜଣାପଡ଼ିଛି। ୧୪୪ ଧାରା ଭାଙ୍ଗି କ୍ୟାଣ୍ଡେଲ ଲାଇଟ୍ ଶୋଭାଯାତ୍ରା କରିବା, ଆଇନକୁ ହାତକୁ ନେଇ ହିଂସାକାଣ୍ଡ ଘଟାଇବା ଅଭିଯୋଗରେ ପୂର୍ବରୁ ଛାତ୍ର, ଶିକ୍ଷକ ଓ କେତେକ ଅଜଣା ଲୋକଙ୍କୁ ମିଶାଇ ୧୨ ଶହଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା।

## ସାରା ଦେଶରେ ଶୀତ ଲହରି ଜାରି

**୧.୭ ଡିଗ୍ରୀକୁ ଖସିଲା ଦିଲ୍ଲୀର ପାରଦ**

**ନୂଆଦିଲ୍ଲୀ,୨୮।୧୨(ପି.ଟି.)**

କିଛିଦିନ ହେଲା ଉତ୍ତର ଭାରତ ସମେତ ସାରା ଦେଶ ଶୀତରେ ଥରୁଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ି ଯୋଗୁ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି। ଦିଲ୍ଲୀର ତାପମାତ୍ରା ଶନିବାର ସକାଳେ ୨ ଡିଗ୍ରୀ ସେଲ୍‌ସିୟସ୍ ତଳକୁ ଖସିଆସିଛି। ରାଜଧାନୀରେ ଏହା ଚଳିତ ଋତୁର ସବୁଠୁ ଥଣ୍ଡା ଦିନ ବୋଲି କୁହାଯାଉଛି। ଦିଲ୍ଲୀବାସୀ କିଛି ସପ୍ତାହ ହେଲା ପ୍ରବଳ ଶୀତକୁ ସାମନା କରିଆସୁଥିବାବେଳେ ଶନିବାର ସକାଳ ସାଢ଼େ ୮ଟାରେ ଲୋଧି ରୋଡ୍ ଅଞ୍ଚଳରେ ତାପମାତ୍ରା ୧.୭ ଡିଗ୍ରୀ ରେକର୍ଡ କରାଯାଇଥିବା ଭାରତୀୟ ପାଣିପାଗ ବିଭାଗ କହିଛି। ଏହା ବ୍ୟତୀତ ଆୟା ନଗରରେ ୧.୯ ଡିଗ୍ରୀ ଥିବାବେଳେ ସଫଦରଜଙ୍ଗ ଏନ୍‌କ୍ଲେଭ୍‌ରେ ୨.୪ ଡିଗ୍ରୀ ସେଲ୍‌ସିୟସ ରହିଥିଲା, ଯାହାକି ୧୯୯୨ ପରଠାରୁ ଏନ୍‌କ୍ଲେଭ୍‌ରେ ସର୍ବାଧିକ ଥଣ୍ଡା। ୩୦ ଦଶକରେ ସେଠାରେ ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ ରେକର୍ଡ କରାଯାଇଥିଲା। ଜାନୁୟାରୀ ୩ ପର୍ଯ୍ୟନ୍ତ ଏଭଳି ଥଣ୍ଡା ପାଗ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଥଣ୍ଡା ସାଙ୍ଗକୁ ଘନ କୁହୁଡ଼ି ଯୋଗୁ ରାସ୍ତାଘାଟ ଦୂରରୁ ଦୃଶ୍ୟ ହେଉନାହିଁ। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ଘନ କୁହୁଡ଼ି ଯୋଗୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀ ବିମାନବନ୍ଦରକୁ ଆସିବାକୁ ଥିବା ୪ଟି ବିମାନକୁ ଅନ୍ୟ ବିମାନବନ୍ଦରକୁ ପଠାଯାଇଥିଲା। ସେହିପରି ଭଲ ଦେଖାଯାଉ ନ ଥିବାରୁ ଦିଲ୍ଲୀରେ ୨୪ଟି ଟ୍ରେନ୍‌ର ଚଳାଚଳରେ ୨ରୁ ୫ ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା। ତାପମାତ୍ରା ହ୍ରାସ ସହିତ ଦିଲ୍ଲୀର ବାୟୁ ପ୍ରଦୂଷଣ ଶନିବାର ପୁଣିଥରେ ଉତ୍କଟ ରୂପ ଧାରଣ କରିଛି। ଅଧିକ ଆର୍ଦ୍ରତା ଓ ପବନର ବେଗ କମ୍ ରହୁଥିବାରୁ ତଳସ୍ତରର ବାୟୁରେ ପ୍ରଦୂଷଣ ଉପାଦାନ ଅଧିକ ରହୁଛି। ସକାଳ ୧୦ଟାରେ ଦିଲ୍ଲୀର ବାୟୁ ମାନ ୪୧୩ ରେକର୍ଡ କରାଯାଇଛି। ଉତ୍ତର, ପୂର୍ବ ଓ କେନ୍ଦ୍ରୀୟ ଭାରତରେ ପ୍ରବଳ ଶୀତ ଲହରି ଆଉ ୨ ଦିନ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଉତ୍ତରପଶ୍ଚିମ ଦିଗରୁ ଥଣ୍ଡା ପବନ ବହୁଥିବାରୁ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇଛି। ଓଡ଼ିଶା ସମେତ ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତର ରାଜସ୍ଥାନ ଓ ଉତ୍ତରପ୍ରଦେଶରେ ଶୀତ ଲହରି ଆଉ ୨ ଦିନ ଜାରି ରହିବ। ୩୧ରୁ ଏହିସବୁ ଅଞ୍ଚଳରେ ଶୀତ ପ୍ରକୋପ ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## '୨୬/୧୧ ପରେ ପାକ୍ ଉପରେ ଆକ୍ରମଣ ଯୋଜନା ଥିଲା'

**ନୂଆଦିଲ୍ଲୀ,୨୮।୧୨(ଆଇଏଏନ୍‌ଏସ୍)**



ବି.ଏସ୍. ଧନୋଆ

୨୦୦୮ ନଭେମ୍ବ ୨୬ରେ ପାକ୍ ଆତଙ୍କବାଦୀ ମୁମ୍ବାଇ ଉପରେ ଆକ୍ରମଣ କରିବା ପରେ ଭାରତୀୟ ବାୟୁସେନା ପକ୍ଷରୁ ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିର ଉପରେ ଆକାଶ ମାର୍ଗରୁ ଆକ୍ରମଣ କରିବା ଲାଗି ଯୋଜନା ହୋଇଥିଲା ବୋଲି ପୂର୍ବତନ ବାୟୁସେନା ମୁଖ୍ୟ ବି.ଏସ୍. ଧନୋଆ ଶନିବାର ପ୍ରକାଶ କରିଛନ୍ତି। ଏଥିଲାଗି ସରକାରଙ୍କଠାରୁ ଅନୁମତି ମିଳି ନ ଥିଲା ବୋଲି ସେ ମତ ରଖିଛନ୍ତି। ଭିଜେଟିଆଇର ବାର୍ଷିକ ଉତ୍ସବରେ ଯୋଗଦେଇ ସେ କହିଛନ୍ତି, ଭାରତ ସହ ପାକିସ୍ତାନ ବଡ଼ ଯୁଦ୍ଧ କରିପାରିବ ନାହିଁ, ସେଥିଲାଗି ଏଭଳି କରୁଛି। ଭାରତୀୟ ବାୟୁସେନା ଯେକୌଣସି ଯୁଦ୍ଧ ଲାଗି ପୂର୍ଣ୍ଣ ପ୍ରସ୍ତୁତ। ବାଲାକୋଟ ଆକ୍ରମଣ ପାକିସ୍ତାନ ଲାଗି ସତର୍କ ଘଣ୍ଟି ସଦୃଶ ଥିଲା। ପାକିସ୍ତାନ ଏହାର ଟେର୍ ପାଇ ନ ଥିଲା। ଦୁଇ ପଡ଼ୋଶୀ ଦେଶ ପରମାଣୁ ଶକ୍ତିସମ୍ପନ୍ନ ହୋଇଥିଲାବେଳେ ସୀମାରେ ସବୁବେଳେ ସତର୍କ ଦୃଷ୍ଟି ରଖାଯିବା ଗୁରୁତ୍ୱପୂର୍ଣ୍ଣ ବୋଲି ଧନୋଆ ପ୍ରକାଶ କରିଛନ୍ତି। ପୂର୍ବାଞ୍ଚଳରେ ଚାଇନାର ଶକ୍ତିବୃଦ୍ଧି ଉପରେ ଭାରତ କଡ଼ା ନଜର ରଖିବାର ଆବଶ୍ୟକତା ରହିଥିବା ଧନୋଆ ପ୍ରକାଶ କରିଛନ୍ତି।

## ବିକ୍ଷୋଭକାରୀଙ୍କୁ 'ପାକିସ୍ତାନ ଯାଅ' କହି ବିବାଦରେ ଏସ୍‌ପି

- ପୋଲିସର ଅଭିଯୋଗ: ଇସ୍‌ଲାମାବାଦ ସପକ୍ଷରେ ସ୍ଲୋଗାନ ଦେଉଥିଲେ ଆନ୍ଦୋଳନକାରୀ
- ଏସ୍‌ପିଙ୍କୁ ଉମା ଭାରତୀଙ୍କ ସମର୍ଥନ

**ମିରଟ,୨୮।୧୨(ପି.ଟି.)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ବିରୋଧ କରି ରାସ୍ତାକୁ ଓହ୍ଲାଇଥିବା ବିକ୍ଷୋଭକାରୀଙ୍କୁ ମିରଟ ଏସ୍‌ପି 'ପାକିସ୍ତାନ ଯାଅ' ବୋଲି କହୁଥିବାର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ଏସ୍‌ପିଙ୍କୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଭାଜପା ଅନୁଷ୍ଠାନଗୁଡ଼ିକରେ ସାମ୍ପ୍ରଦାୟିକତାର ମଞ୍ଜି ବୁଣୁଥିବା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଅଭିଯୋଗ କରିଛନ୍ତି।

ଗତ ୨୦ ତାରିଖରେ ସିଏଏକୁ ବିରୋଧ କରି ମିରଟରେ ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା, ଯେଉଁଥିରେ ୫ ଜଣ ପ୍ରାଣ ହରାଇଥିଲେ। ଏହି ଘଟଣା ପରେ ଲିସାରି ଗେଟ୍ ଥାନା ଅଞ୍ଚଳରେ ଥିବା ଏକ ସଂକୀର୍ଣ୍ଣ ଗଳିରେ ଏସ୍‌ପି ଅଖିଳେଶ ନାରାୟଣ ସିଂ କେତେଜଣ ସ୍ଥାନୀୟ ଲୋକଙ୍କ ସହ ପାଟିତୁଣ୍ଡ କରୁଥିବା ଭିଡିଓରେ ଦେଖାଯାଇଛି। ବିକ୍ଷୋଭକାରୀ ପାକିସ୍ତାନ ଚାଲିଯାଆନ୍ତୁ ବୋଲି ସେ କହିଥିଲେ। ବିକ୍ଷୋଭରେ ସାମିଲ ଥିବା କିଛି ଯୁବକ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଉଥିବାରୁ ସେ ଏପରି କହିଥିଲେ ବୋଲି ସଫେଇ ଦେଇଛନ୍ତି। ସେମାନେ ଯାହା ସପକ୍ଷରେ ସ୍ଲୋଗାନ ଦେଉଛନ୍ତି, ସେଠାରେ ଯାଇ ରହନ୍ତୁ ବୋଲି ପରାମର୍ଶ ଦେଇଥିବା ଏସ୍‌ପି ସ୍ୱୀକାର କରିଛନ୍ତି। ୧.୪୩ ମିନିଟର ଏହି ଭିଡିଓ ବେଶ୍ ପ୍ରସାରିତ ହେବାରେ ଲାଗିଛି।

ଏଭଳି ଭାଷା ପ୍ରୟୋଗ କରିବାକୁ ଭାରତର ସମ୍ବିଧାନ କାହାକୁ ଅନୁମତି ଦେଇନାହିଁ ବୋଲି ପ୍ରିୟଙ୍କା ଟୁଇଟ୍ କରିଛନ୍ତି। ମିରଟ ଜୋନ୍ ଏଡିଜି ପ୍ରଶାନ୍ତ କୁମାର କହିଛନ୍ତି, ଡିସେମ୍ବର ୨୦ ବିକ୍ଷୋଭ ପରେ କେତେଜଣ ଲୋକ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେବା ସହ ପପୁଲାର ଫ୍ରଣ୍ଟ ଅଫ ଇଣ୍ଡିଆ (ପିଏଫ୍‌ଆଇ) ଏବଂ ସୋସିଆଲ ପାର୍ଟି ଅଫ ଇଣ୍ଡିଆ ସମର୍ଥନରେ ଆପତ୍ତିଜନକ ପ୍ରଚାରପତ୍ର ବାଣ୍ଟିଥିଲେ। ପିଏଫ୍‌ଆଇ ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନ ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ସିମି) ଦ୍ୱାରା ପ୍ରଭାବିତ ସଂଗଠନ। ଖବର ପାଇଁ ଏସ୍‌ପି ଓ ଅନ୍ୟ ଜିଲା ପଦାଧିକାରୀ ସେଠାକୁ ଯାଇଥିଲେ। ଯଦି ସେମାନେ ଚାହୁଁଛନ୍ତି ତେବେ ଦେଶ ଛାଡ଼ିପାରିବେ ବୋଲି ସେମାନେ ଲୋକମାନଙ୍କୁ କହିଥିଲେ ବୋଲି କୁମାର କହିଛନ୍ତି। ଉତ୍ତରପ୍ରଦେଶରେ ଶାନ୍ତି ଫେରିବା ପରେ ଏଭଳି ଭିଡିଓ ପ୍ରସାରଣ କରାଯିବା ପଛରେ ଷଡ଼ଯନ୍ତ୍ର ରହିଥିବା ଏଡିଜି ଅଭିଯୋଗ କରିଛନ୍ତି।

ଜଣେ ଏସ୍‌ପିଙ୍କର ଏଭଳି ଅସାମ୍ବିଧାନିକ ମନ୍ତବ୍ୟ ଦେବାର ନ ଥିଲା ବୋଲି ସମାଜବାଦୀ ପାର୍ଟି ବିଧାୟକ ରଫିକ୍ ଅନ୍‌ସାରି ମତ ଦେଇଛନ୍ତି। ଅନ୍ୟ ପକ୍ଷରେ ବରିଷ୍ଠ ଭାଜପା ନେତ୍ରୀ ଉମା ଭାରତୀ ଏସ୍‌ପିଙ୍କ ସମର୍ଥନରେ ଆଗେଇ ଆସିଛନ୍ତି। କଂଗ୍ରେସ ଏହି ପ୍ରସଙ୍ଗକୁ ରାଜନୀତୀକରଣ କରିବାକୁ ଉଦ୍ୟମ କରୁଥିବା ସେ ଅଭିଯୋଗ କରିଛନ୍ତି। ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେବା ସହ ପୋଲିସକୁ ଗାଳିଦେବା ଓ ଟେକାମାଡ଼ କରୁଥିବା ବିକ୍ଷୋଭକାରୀଙ୍କୁ ପାକିସ୍ତାନ ଚାଲିଯାଅ କହିବା ଯଥାର୍ଥ ବୋଲି ଉମା ଭାରତୀ କହିଛନ୍ତି।


**ପୂର୍ବ ତଟ ରେଳପଥ**

**ସିଗ୍‌ନାଲ୍ ଏବଂ ଟେଲିକମ୍ କାର୍ଯ୍ୟ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2019-23 ତା: 23.12.2019

**କାର୍ଯ୍ୟର ନାମ :** ଆମ୍ଭୋଦଲା ଷ୍ଟେସନ ସ୍ଥିତ ମେସର୍ସ ବେଦାନ୍ତ ଲିମିଟେଡ୍‌ର ସାଇଡ଼ିଂ ଲାଇନ୍ ସହିତ ଲାଇନ୍ ସଂ. 04 ସଂଯୋଗ କରି ଏକ କ୍ରସ୍ ଓଭର୍‌ର ସନ୍ନିବେଶନ ଓ ସଣ୍ଟିଂ ନେକ୍ ବ୍ୟବସ୍ଥା ପାଇଁ ସଂକେତ ଓ ଦୂରସଂଚ୍ଚାର ଅଂଶର କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 30,82,471.00, EMD (ଟଙ୍କାରେ): ₹ 61,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : ₹3,540.00

**ଭଡ଼ା ସୂତ୍ରରେ ଗାଡ଼ି**

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2019-24 ତା: 23.12.2019

**କାର୍ଯ୍ୟର ନାମ :** 03 (ତିନି) ବର୍ଷ ସମୟାବଧି ନିମନ୍ତେ ବରିଷ୍ଠ ମଣ୍ଡଳ ସଂକେତ ଦୂରସଂଚ୍ଚାର ଯନ୍ତ୍ରୀ / ସମ୍ବଲପୁରଙ୍କ କାର୍ଯ୍ୟଳୟ ବ୍ୟବହାର ନିମନ୍ତେ ଏକ ସଡ଼କ ଗାଡ଼ି ଠିକା ଭିତ୍ତିରେ ଭଡ଼ା ସୂତ୍ରରେ ନେବା।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 13,61,921.68, EMD (ଟଙ୍କାରେ): ₹ 27,200.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : ₹2,360.00

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 14.01.2020 ରିଖ 1500 ଘଟିକା (ଉଭୟ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଓ ଦୂରସଂଚ୍ଚାର ଯନ୍ତ୍ରୀ), ସମ୍ବଲପୁର

PR-616/K/19-20








# ଇତିହାସରୁ ଶିଖିଲୁ ନାହିଁ



ଆକାର ପଟେଲ

ଭାରତରେ ଆଜିକାର ଦିନଗୁଡ଼ିକ ଆମକୁ ବିଭାଜନ ପର୍ଯ୍ୟନ୍ତ ନେଇଯାଇଥିବା ଦିନଗୁଡ଼ିକ କିପରି ଥିଲା ତାହା ଜଣାଇ ଦେଉଛି। ଲୋକମାନେ ଧର୍ମ ଭିତ୍ତିରେ ସେମାନଙ୍କ ରାଜନୀତି ବାଛିନେବାକୁ ବାଧ୍ୟ ହେଉଛନ୍ତି, କାରଣ ରାଷ୍ଟ୍ର ଏହା ଉପରେ ଜୋର ଦେଉଛି। ଲୋକମାନେ ପିନ୍ଧିଥିବା ପୋଷାକକୁ ଦେଖି ପ୍ରଧାନମନ୍ତ୍ରୀ ପ୍ରତିବାଦକାରୀଙ୍କୁ ଚିହ୍ନଟ କରିପାରୁଛନ୍ତି। ତାଙ୍କ ଦଳ ଦ୍ୱାରା ଗୃହୀତ ଆଇନରେ ଗୋଟିଏ ଧର୍ମକୁ ବାଦ୍ ଦିଆଯାଇଛି ଏବଂ ଦେଶ ସାରା ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଛି, ସେଥିରେ ଗୋଟିଏ ସମ୍ପ୍ରଦାୟ ସାମୂହିକ ଭାବେ ଜେଲରେ ରହିବେ। ଏହା ୧୯୪୭ ଓ ତା'ର ପୂର୍ବ ବର୍ଷ ଭଳି ପରିସ୍ଥିତି ସୃଷ୍ଟି କରିଛି। ଦେଶସାରା ସଡ଼କ ଉପରେ ପ୍ରବଳ ପ୍ରତିବାଦ ଦେଖିବାକୁ ମିଳୁଛି ଏବଂ ସରକାର ପ୍ରତିବାଦକାରୀଙ୍କୁ ଦୋଷ ଦେଉଛନ୍ତି। ଏହା ମଧ୍ୟ ଆମକୁ ସ୍ମରଣ କରାଇଦେଉଛି ଯେ, ଯାହା ଗୋଟିଏ ପକ୍ଷକୁ ଯୁକ୍ତିଯୁକ୍ତ ମନେହୁଏ, ତାହାକୁ ଅନ୍ୟ ପକ୍ଷ ଗ୍ରହଣ କରିପାରନ୍ତି ନାହିଁ। ଶକ୍ତିଶାଳୀ ପକ୍ଷ ଅନ୍ୟର ଦାବି ନ ଶୁଣିପାରେ। ୧୯୪୭ରେ କଂଗ୍ରେସ ଯାହା କରୁଥିଲା, ୨୦୧୯ରେ ଭାଜପା ସେଇଆ କରୁଛି। ଭାରତରେ ଆମେ ଆମ ଉତ୍ତରପିଢ଼ିକୁ କହିଆସୁଛୁ ଯେ ଜଣେ ମନ୍ଦ ପ୍ରକୃତିର ଲୋକ ଦେଶ ବିଭାଜନ ପାଇଁ ଦାୟୀ। ଯଦି ଆପଣ ହିନ୍ଦୁତ୍ୱ ଚିନ୍ତାଧାରାରେ ବିଶ୍ୱାସ କରୁଥିବେ, ତେବେ ଆପଣଙ୍କ ବିଶ୍ୱାସ ଅନୁସାରେ ମୁସଲମାନମାନେ ହେଉଛନ୍ତି ଖରାପ ଏବଂ ସେମାନେ ଭାରତମାତାର ସନ୍ତାନ ନୁହନ୍ତି। ସେହିପରି ପାକିସ୍ତାନରେ ମଧ୍ୟ ହିନ୍ଦୁ-ବିରୋଧୀ ଚିନ୍ତାଧାରା ରହିଛି।

ଦେଶ ବିଭାଜନର ଦୁଇ ଦଶନ୍ଧି ପୂର୍ବରୁ ଜିନ୍ନା କଂଗ୍ରେସ ଦଳ ସହ ଏକ ରାଜିନାମାରେ ପହଞ୍ଚିବାକୁ ଚେଷ୍ଟା କରି ବିଫଳ ହେଲେ। ଜିନ୍ନାଙ୍କର ୧୪ଟି ଦାବି ଥିଲା। ସେଗୁଡ଼ିକ ହେଉଛି: ୧) ଭାରତର ସମ୍ବିଧାନ ହେବ ସଂଘୀୟ ଏବଂ ରାଜ୍ୟଗୁଡ଼ିକୁ କିଛି କ୍ଷମତା ଦିଆଯିବ। ୨) ସବୁ ରାଜ୍ୟକୁ ସମାନ ଭାବରେ ସ୍ୱୟଂଶାସନ କ୍ଷମତା ଦିଆଯିବ। ୩) ସବୁ ରାଜ୍ୟରେ ବିଧାନ ସଭାଗୁଡ଼ିକରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯଥେଷ୍ଟ ପ୍ରତିନିଧିତ୍ୱ ରହିବ କିନ୍ତୁ ସଂଖ୍ୟାଗୁରୁଙ୍କୁ ସଂଖ୍ୟାଲଘୁରେ ପରିଣତ କରାଯିବ ନାହିଁ। ୪) ଲୋକ ସଭାରେ ମୁସଲମାନଙ୍କର ଏକତୃତୀୟାଂଶ ପ୍ରତିନିଧିତ୍ୱ ରହିବ। ୫) ବିଭିନ୍ନ ସମ୍ପ୍ରଦାୟ ପାଇଁ ଅଲଗା ଅଲଗା ନିର୍ବାଚନମଣ୍ଡଳୀ ରହିବ ଏବଂ ସେମାନେ ଚାହିଁଲେ ମିଳିତ ନିର୍ବାଚନମଣ୍ଡଳୀ କରାଯିବ। ୬) ରାଜ୍ୟଗୁଡ଼ିକର କୌଣସି ପ୍ରକାର ବିଭାଜନ ରାଜ୍ୟରେ ଥିବା ମୁସଲମାନଙ୍କ ସଂଖ୍ୟାଗରିଷ୍ଠତାକୁ ପ୍ରଭାବିତ କରିବ ନାହିଁ। ୭) ସବୁ ସମ୍ପ୍ରଦାୟକୁ ଧାର୍ମିକ ବିଶ୍ୱାସ, ପୂଜା, ନୀତିବିଧି ପାଳନ, ପ୍ରଚାର, ସଂଘଗଠନ ଓ ଶିକ୍ଷାର ପୂର୍ଣ୍ଣ ସ୍ୱାଧୀନତା ମିଳିବ। ୮) କୌଣସି ବିଧାନ ସଭାରେ ବା ଲୋକ ସଭାରେ ଏପରି ବିଲ୍ ବା ସଂକଳ୍ପନାମା ଗୃହୀତ ହେବ ନାହିଁ, ଯଦି କୌଣସି ସମ୍ପ୍ରଦାୟର ତିନିଚତୁର୍ଥାଂଶ ସଦସ୍ୟ ତାକୁ ବିରୋଧ କରନ୍ତି। ୯) ସିନ୍ଧୁକୁ ବମ୍ବେ ପ୍ରେସିଡେନ୍ସିରୁ ଅଲଗା କରାଯିବ। ୧୦) ଉତ୍ତରପଶ୍ଚିମ ଫ୍ରଣ୍ଟିୟର ପ୍ରୋଭିନ୍ସ ଓ ବେଲୁଚିସ୍ତାନରେ ଅନ୍ୟ ପ୍ରାନ୍ତ ପରି ସଂସ୍କାର କରାଯିବ। ୧୧) ସମ୍ବିଧାନରେ ଏପରି ବ୍ୟବସ୍ଥା ରହିବ, ଯେଉଁଥିରେ ଦକ୍ଷତାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ମୁସଲମାନଙ୍କୁ ଅନ୍ୟ ଭାରତୀୟଙ୍କ ସହିତ ଦେଶ ତଥା ରାଜ୍ୟଗୁଡ଼ିକର ସବୁ ସେବାରେ ଯଥେଷ୍ଟ ଭାଗ ମିଳିବ। ୧୨) ମୁସଲମାନ ସଂସ୍କୃତିକୁ ଯଥେଷ୍ଟ ସୁରକ୍ଷା ଦେବା ଲାଗି ସମ୍ବିଧାନରେ ପ୍ରାବଧାନ ରହିବ। ମୁସଲମାନଙ୍କ ଶିକ୍ଷା, ଭାଷା, ଧର୍ମ, ବ୍ୟକ୍ତିଗତ ଆଇନ ଏବଂ ମୁସଲମାନ ଦାତବ୍ୟ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଏଥିରେ ସୁରକ୍ଷା ମିଳିବ। ଏସବୁ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରସରକାର ଯଥେଷ୍ଟ ଅନୁଦାନ ଯୋଗାଇଦେବେ। ୧୩) କେନ୍ଦ୍ରୀୟ ବା ପ୍ରାନ୍ତୀୟ କୌଣସି କ୍ୟାବିନେଟ୍ ଏକତୃତୀୟାଂଶ ମୁସଲମାନ ମନ୍ତ୍ରୀଙ୍କ ବ୍ୟତିରେକେ ତିଆରି କରାଯିବ ନାହିଁ। ୧୪) ରାଜ୍ୟଗୁଡ଼ିକର ବିନା ସହମତିରେ ସମ୍ବିଧାନରେ କୌଣସି ପରିବର୍ତ୍ତନ କରାଯିବ ନାହିଁ।

ଯଦି କଂଗ୍ରେସ ଏସବୁ ସର୍ତ୍ତରେ ରାଜି ହୋଇଥାନ୍ତା, ତେବେ ଦେଶ ବିଭାଜନ ହୋଇ ନ ଥାନ୍ତା। ମୋ ମତରେ ଏହି ଦାବିଗୁଡ଼ିକରେ କିଛି ବି ଭୁଲ୍ ନାହିଁ। ଏଥିମଧ୍ୟରୁ କେତେକ ଦାବି ଯଥା ୭ ଓ ୧୨ ଆମ ସମ୍ବିଧାନରେ ସ୍ଥାନିତ ହୋଇଛି। ଅନ୍ୟଗୁଡ଼ିକ ଯଥା ୧, ୨, ୧୦ ଓ ୧୪ ବି ସେଭଳି ବିବାଦୀୟ ନୁହେଁ। ଉକ୍ତ ଦାବିଗୁଡ଼ିକ ଭିତରେ ମୁଖ୍ୟତଃ ମୁସଲମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି। ନେହେରୁ ଓ ଗାନ୍ଧୀଙ୍କ ପରି ନେତାମାନେ ସେତେବେଳେ ହୁଏତ ଭାବିପାରି ନ ଥିଲେ ଯେ ୨୦୧୯ରେ ଶାସକ ଦଳ ୩୦୦ରୁ ଅଧିକ ଆସନ ହାସଲ କରିବ, ଯେଉଁଥିରେ ପ୍ରାୟତଃ ମୁସଲମାନ ନ ଥିବେ। କିନ୍ତୁ ତାହା ହିଁ ହେଲା। ଜିନ୍ନା ବୁଝିଥିଲେ ଯେ ଭାରତୀୟମାନେ ରାଜନୈତିକ ଓ ସାଂସ୍କୃତିକ ଦୃଷ୍ଟିରୁ ସଂଖ୍ୟାଗୁରୁବାଦୀ ଅଟନ୍ତି ଏବଂ ସେ ଭୁଲ୍ ଥିଲେ ବୋଲି କହିହେବ ନାହିଁ। ବର୍ତ୍ତମାନ ଭାରତୀୟମାନେ ପୁଣିଥରେ ସେପରି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି, ଯେଉଁଥିରେ ପ୍ରମୁଖ ରାଜନୈତିକ ଶକ୍ତି ତାଙ୍କର ସଂଖ୍ୟାଗୁରୁବାଦକୁ ନେଇ କାର୍ଯ୍ୟ କରୁଛନ୍ତି ଏବଂ ଅନ୍ୟମାନଙ୍କୁ ଅବହେଳା କରୁଛନ୍ତି। ଏଥିରୁ ଜଣାପଡୁଛି ଯେ, ଆମେ ଇତିହାସରୁ କିଛି ବି ଶିଖିଲୁ ନାହିଁ।

Email: aakar.patel@gmail.com

# ସରକାର କାହା ପାଇଁ



ଡ. ସନ୍ତୋଷ କୁମାର ମହାପାତ୍ର

ନିକଟରେ ଶିଳ୍ପ ସଂଘ ଆସୋଚାମ୍‌ର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପପତିମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଅର୍ଥନୀତିରେ ଉତ୍ଥାନପତନ ରହିଛି, ଉପା ସରକାର ଅମଳରେ ଏପରି ମଧ୍ୟ ଘଟିଛି। ମାନ୍ଦାବସ୍ଥାରୁ ବାହାରିବା ପାଇଁ ଭାରତ ନିକଟରେ କ୍ଷମତା ରହିଛି। ଭାରତ ୫ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚିବ ଏବଂ ଶିଳ୍ପଜଗତ ଦୃଢ଼ ନିବେଶ ନିଷ୍ପତ୍ତି ନେବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଦେଶର ଶିଳ୍ପଜଗତ ସଂଶୟାତ୍ମକ ସ୍ଥିତିରେ ନ ରହି ତାହା ବାହାରକୁ ଆସିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଏହିପରି ଅନେକଥର ଶିଳ୍ପଜଗତକୁ ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଆଶ୍ୱାସନା ଦେବା ସହିତ ସଂଶୟ ଦୂର କରିବାକୁ କହିଛନ୍ତି। ଅନ୍ୟ ମନ୍ତ୍ରୀ ଏପରି କି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ବାରମ୍ବାର ୫ ଟ୍ରିଲିୟନ ଅର୍ଥନୀତି କଥା କହୁଛନ୍ତି। ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଯେ, ୫ ଟ୍ରିଲିୟନ ବା ୧୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ଲାଭ କାହାର ହେବ ଏବଂ ଏହାର ସୁପ୍ରଭାବ ସାଧାରଣ ଜନତାଙ୍କ ଉପରେ କେତେ ପଡ଼ିବ। ପୁନଶ୍ଚ ସରକାର କେବଳ ଶିଳ୍ପଜଗତକୁ କାହିଁକି ବାରମ୍ବାର ଆଶ୍ୱାସନା ଦେଉଛନ୍ତି। କୋଟି କୋଟି ସାଧାରଣ ଜନତା ଯେଉଁ ବିଭିନ୍ନ ପ୍ରକାର କ୍ଷୁଧା, ଦାରିଦ୍ର୍ୟ, ବୈଷମ୍ୟ, ବେକାରି ଆଦି ସମସ୍ୟାରେ ଜର୍ଜରିତ ସେକଥା ଟିକିଏ ବି କହୁନାହାନ୍ତି। ସେମାନଙ୍କ ପ୍ରତି ସରକାରଙ୍କର କ'ଣ ଦାୟବଦ୍ଧତା ନାହିଁ। ପୁନଶ୍ଚ ସରକାର କର୍ପୋରେଟମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କର୍ପୋରେଟ ଟିକସ ହାର ୩୦%ରୁ ୨୧%କୁ ହ୍ରାସ କରିଛନ୍ତି, ଯାହା ବିଶ୍ୱରେ ସର୍ବନିମ୍ନ। ଏଥିପାଇଁ ଦେଶ ୧.୪୫ ଲକ୍ଷ କୋଟି ଟଙ୍କା ରାଜସ୍ୱ ହରାଇବ। କିନ୍ତୁ ସାଧାରଣ ଜନତା ବ୍ୟବହାର କରୁଥିବା ଦ୍ରବ୍ୟ ଉପରୁ ଟିକସ ହ୍ରାସ କରିବାକୁ କୁଣ୍ଠାବୋଧ କରୁଛନ୍ତି। ଆୟକର ହ୍ରାସ କରିବେ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ବାରମ୍ବାର କହୁଛନ୍ତି, କରିନାହାନ୍ତି। ଆଗାମୀ ବଜେଟରେ କରିବେ ବୋଲି କହୁଛନ୍ତି। କର୍ପୋରେଟ୍ ଟିକସ ହ୍ରାସ ପାଇଁ କ'ଣ ସରକାର ବଜେଟ ପର୍ଯ୍ୟନ୍ତ ଅପେକ୍ଷା କରିପାରି ନ ଥାନ୍ତେ! ଗରିବ ସାଧାରଣ ଜନତାଙ୍କ ସ୍ୱର ଚାପିଦେବା ସହଜ, କିନ୍ତୁ ଧନିକ ଶ୍ରେଣୀ ଏବଂ କର୍ପୋରେଟଙ୍କର ନୁହେଁ। ସରକାର ତାଙ୍କୁ ରିହାତି ଦେଇ ଦେଶ ଚଳାଇବାକୁ ଚାହୁଁଛନ୍ତି। କିନ୍ତୁ ଜନସାଧାରଣଙ୍କ କ୍ରୟଶକ୍ତି ବୃଦ୍ଧି ନ ପାଇଲେ କର୍ପୋରେଟ୍ ଟିକସ ଶୂନ କଲେ ମଧ୍ୟ କମ୍ପାନୀମାନେ ନିବେଶ କରିବେ ନାହିଁ। କାରଣ ତାଙ୍କ ଦ୍ରବ୍ୟ କିଣିବା ପାଇଁ କ୍ରେତା ଆବଶ୍ୟକ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାର ସର୍ବଦା ବିଫଳତା ପାଇଁ କଂଗ୍ରେସକୁ ଦାୟୀ କରୁଛନ୍ତି। ନେହେରୁ ଓ ଇନ୍ଦିରା ଗାନ୍ଧୀ ଜୀବିତ ନ ଥିଲେ ମଧ୍ୟ କୁତ୍ସାରଟନା କରାଯାଉଛି। କୌଣସି ବିଫଳତା ପାଇଁ ସରକାର ନିଜକୁ ଦାୟୀ କରୁନାହାନ୍ତି। କିନ୍ତୁ ଯଦି କିଛି ସଫଳତା ମିଳିଲା ତା'ର ଶ୍ରେୟ ନେବାକୁ ପଛାଉନାହାନ୍ତି। ଏପରି କି ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣକୁ ସଫଳତା ଭାବେ ପ୍ରଚାର କରୁଛନ୍ତି। ସରକାରଙ୍କ ସମାଲୋଚନା କରିବାକୁ ଚାପି ଦିଆଯାଉଛି। ଯିଏ କଲା ତାକୁ ଦେଶଦ୍ରୋହୀ ଭାବେ ଚିତ୍ରଣ କରାଯାଉଛି। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଦେଶବାସୀଙ୍କୁ କହିଥିଲେ ଯେ, ଅନ୍ୟମାନଙ୍କୁ ୬୦ ବର୍ଷ ଦେଲେ, ଆମକୁ ୬୦ ମାସ ପାଇଁ ସୁଯୋଗ ଦିଅନ୍ତୁ। କିନ୍ତୁ ୬୭ ମାସ ଅତିକ୍ରାନ୍ତ ହେଲା ପରେ ବି ବିଫଳତା ପାଇଁ ପୂର୍ବ ସରକାରକୁ ଦାୟୀ କରୁଛନ୍ତି। ଏକଥା ସତ୍ୟ ଯେ ଏକ ଦେଶ ବା ସରକାର ଚଳାଇବା ସହଜ ନୁହେଁ। ସବୁ ସମସ୍ୟାର ସମାଧାନ କରିବାର କିଛି ସହଜ ସୂତ୍ର ବା ମାଧ୍ୟମ ନାହିଁ। କିନ୍ତୁ ବିଫଳତାକୁ ସ୍ୱୀକାର କରି ତା'ର ସମାଧାନ ପାଇଁ ଚେଷ୍ଟା କରିବା ଆବଶ୍ୟକ।

ସରକାର ନିଜର ଜନପ୍ରିୟତା ଓ ଭୋଟ ବ୍ୟାଙ୍କ ହରାଇବା ଭୟରେ ଠିକ୍ ତଥ୍ୟ ପ୍ରଦାନ କରୁନାହାନ୍ତି। ଏପରି ତଥ୍ୟ ପ୍ରଦାନ କରୁଥିବା ସଂସ୍ଥାମାନଙ୍କର କାର୍ଯ୍ୟପଦ୍ଧତିରେ ହସ୍ତକ୍ଷେପ କରୁଛନ୍ତି। ବିଭିନ୍ନ ନିୟାମକ ସଂସ୍ଥା, ନ୍ୟାୟ ପ୍ରଦାନ କରୁଥିବା ସଂସ୍ଥା ତଥା ବଡ଼ ବଡ଼ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ନିଜ ଲୋକଙ୍କୁ ରଖୁଛନ୍ତି। ଫଳରେ ସତ୍ୟ ଲୁଚିଯାଉଛି। ସରକାର ୫ ଟ୍ରିଲିୟନ ଡଲାର ଅର୍ଥନୀତି କଥା କହୁଛନ୍ତି। କେବଳ ଭାରତ ନୁହେଁ ପ୍ରାୟ ପ୍ରମୁଖ ଅର୍ଥନୀତିର ଆକାର ବୟସ ବୃଦ୍ଧିପାଇଲା ପରି ବୃଦ୍ଧିପାଉଛି। କିନ୍ତୁ ୨୦୨୪ ବେଳକୁ ଏହା ସେହି ସ୍ତରରେ ପହଞ୍ଚିବ ବୋଲି ଯାହା ସରକାର କହୁଛନ୍ତି ତାହା ଭୁଲ୍। ଏଥିପାଇଁ ୧୨ରୁ ୧୪% ହାରରେ ଅର୍ଥନୀତି ବୃଦ୍ଧିପାଇବା ଆବଶ୍ୟକ। ବର୍ତ୍ତମାନ ସରକାରଙ୍କ ପକ୍ଷେ ପ୍ରାଥମିକ ଦାୟିତ୍ୱ ହେଉଛି ସ୍ୱପ୍ନ ସୃଷ୍ଟି ନୁହେଁ ବରଂ ବାସ୍ତବବାଦୀ ହେବା। ସରକାର ଯେଉଁ ପ୍ରଚାର କରୁଛନ୍ତି ଯେ, ଉପା ସରକାର ଅମଳଠାରୁ ତାଙ୍କ ଶାସନରେ ଆର୍ଥିକ ଅଭିବୃଦ୍ଧି ଅଧିକ ହୋଇଥିଲା ତାହା ଭୁଲ୍। ସରକାରଙ୍କ ତରଫରୁ ଏପରି କି ନିକଟରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର କହିଛନ୍ତି ଯେ, ମୋଦି ସରକାରଙ୍କ ଗତ ୫ ବର୍ଷରେ ମଧ୍ୟ ହାରାହାରି ଆର୍ଥିକ ଅଭିବୃଦ୍ଧି ୭.୫%, ଯାହା ସ୍ୱାଧୀନତା ପରେ ସର୍ବାଧିକ। ସେ ମଧ୍ୟ କହିଛନ୍ତି, ଉପା ସରକାର ଅମଳରେ ଏହା ହାରାହାରି ମାତ୍ର ୬.୭% ଥିଲା। କିନ୍ତୁ ବାସ୍ତବରେ ଉପା-୧ରେ ହାରାହାରି ୮.୧% ଅଭିବୃଦ୍ଧି ହୋଇଥିଲା ବେଳେ ଉପା-୨ରେ ହାରାହାରି ୭.୪୬% ଏବଂ ମୋଟ ଉପରେ ୭.୫% ଥିଲା।

ବର୍ତ୍ତମାନ ଚିନ୍ତାର ବିଷୟ ହେଉଛି ଜିଡିପି କ୍ରମାଗତ ଭାବେ ୬ଟି ତ୍ରୈମାସୀ ଧରି ହ୍ରାସ ପାଇବା ସହିତ ଗତ ୬ ବର୍ଷରେ (୨୬ଟି ତ୍ରୈମାସୀ) ସର୍ବନିମ୍ନ ସ୍ତର ଜୁଲାଇ-ସେପ୍ଟେମ୍ବର ତ୍ରୈମାସୀରେ ୪.୫%କୁ ହ୍ରାସ ପାଇଛି। ଏହି ସମୟରେ ନାମାଙ୍କନ ଅଭିବୃଦ୍ଧି ମଧ୍ୟ ୬.୧%କୁ ହ୍ରାସ ପାଇଛି। ୨୦୧୯-୨୦ରେ ହାରାହାରି ଅଭିବୃଦ୍ଧି ହାର ୪.୬%କୁ ହ୍ରାସ ପାଇବ ବୋଲି ରେଟିଂ ସଂସ୍ଥା ଫିଚ୍ ସୂଚାଇଦେଇଛି। କିନ୍ତୁ ଏହି ନିମ୍ନଗାମୀ ଅଭିବୃଦ୍ଧି ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ବିଶେଷକରି କ୍ରୂର ବିମୁଦ୍ରୀକରଣ, ତରବରିଆ ଜିଏସ୍‌ଟି ତଥା ନବ୍ୟ ଉଦାରୀକରଣ ନୀତି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଅଧିକ ବ୍ୟୟସାପେକ୍ଷ ହୋଇ ଲୋକଙ୍କ ଜୀବନ ଧାରଣର ମାନ ହ୍ରାସ ଯୋଗୁ ହୋଇଛି। ସରକାର କିନ୍ତୁ ଏହା ମାନିବାକୁ ନାରାଜ। ବିଶ୍ୱ ଅର୍ଥନୀତିକୁ ଦାୟୀ କରିଛନ୍ତି। କିନ୍ତୁ ୨୦୦୮-୦୯ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ବେଳେ ବିଶ୍ୱର ମୋଟ ଜିଡିପି ୨ ଟ୍ରିଲିୟନ ଡଲାର ହ୍ରାସ ପାଇଥିଲା ବେଳେ ଭାରତର ଅଭିବୃଦ୍ଧି ୬.୭% ହୋଇଥିଲା। ବାସ୍ତବରେ ଅଭିବୃଦ୍ଧି ହାର ହ୍ରାସ ଚିନ୍ତାଜନକ ନୁହେଁ। କିନ୍ତୁ ଚିନ୍ତାଜନକ ଅନ୍ୟ ସବୁ ସୂଚକାଙ୍କରେ ଅର୍ଥନୀତିର ସ୍ଥିତି ଅତ୍ୟନ୍ତ ବିପର୍ଯ୍ୟସ୍ତ ସ୍ଥିତିରେ ରହିବା। ଏସବୁ କଥା ସରକାର କହୁନାହାନ୍ତି।

ଯଦି ଅର୍ଥନୀତି ସହିତ ସମସ୍ତଙ୍କର ସମ୍ପଦ ୪.୫% ହାରରେ ବୃଦ୍ଧିପାଆନ୍ତା କିଛି ସମସ୍ୟା ଉପୁଜି ନ ଥାନ୍ତା, କିନ୍ତୁ ଯେତିକି ବି ଅଭିବୃଦ୍ଧି ହେଉଛି ତାହାର ସୁଫଳ କିଛି ମୁଷ୍ଟିମେୟ ଶିଳ୍ପପତିଙ୍କ ନିକଟକୁ ଯାଉଛି। ସେମାନଙ୍କ ସମ୍ପଦ ଦ୍ରୁତ ଗତିରେ ବୃଦ୍ଧିପାଉଛି। ମୁଦ୍ରାସ୍ଫୀତି ବୃଦ୍ଧିପାଉଛି। ଉପରୋକ୍ତ ମୂଲ୍ୟସୂଚୀଭିତ୍ତିକ ମୁଦ୍ରାସ୍ଫୀତି ଗତ ଜାନୁୟାରୀରୁ ବୃଦ୍ଧି ପାଉଛି। ଏହା ଅଗଷ୍ଟରେ ୩.୨୦% ଥିଲାବେଳେ ନଭେମ୍ବରରେ ୫.୫୪%ରେ ପହଞ୍ଚିଛି। ଖାଦ୍ୟ ମୁଦ୍ରାସ୍ଫୀତି ଯାହା ଗରିବମାନଙ୍କୁ ପ୍ରଭାବିତ କରିଥାଏ, ତାହା ଅକ୍ଟୋବରରେ ୭.୮% ଥିଲାବେଳେ ନଭେମ୍ବର ୨୦୧୯ରେ ୧୦.୧%ରେ ପହଞ୍ଚିଛି। ଡିସେମ୍ବର ୨୦୧୩ ପରେ ଖାଦ୍ୟମୂଲ୍ୟ ବୃଦ୍ଧି ବର୍ତ୍ତମାନ ସର୍ବାଧିକ। ସେହିପରି ବେକାରି ଦ୍ରୁତଗତିରେ ବୃଦ୍ଧିପାଇଛି। ୨୦୧୭-୧୮ରେ ବେକାରି ହାର ୬.୮%ରେ ପହଞ୍ଚିଛି, ଯାହା ଗତ ୪୫ ବର୍ଷରେ ସର୍ବାଧିକ।

ଉପଭୋକ୍ତା ବ୍ୟୟ ଗତ ୪୦ ବର୍ଷରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏନ୍‌ଏସ୍‌ଏସ୍‌ଓ ତଥ୍ୟ ଅନୁଯାୟୀ ବ୍ୟକ୍ତିଗତ ବ୍ୟୟ ୨୦୧୧-୧୨ରେ ହାରାହାରି ୧୫୦୧ ଟଙ୍କା ଥିଲାବେଳେ ୨୦୧୭-୧୮ରେ ୧୪୪୬ ଟଙ୍କାକୁ ହ୍ରାସ ପାଇଛି। ୨୦୧୯-୨୦ ବର୍ଷର ପ୍ରଥମ ୬ ମାସରେ ୭.୮୯ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ବନ୍ଦ ହୋଇଯାଇଛି। ବ୍ୟାଙ୍କର ଅଚଳ ସମ୍ପତ୍ତି ବୃଦ୍ଧି ପାଇଲା ବେଳେ ବ୍ୟାଙ୍କ ଜାଲିଆତିରେ ହଜାର ହଜାର କୋଟି ଟଙ୍କା ଲୁଟ୍ ହେଉଛି। ସମ୍ବଳ ସଂଗ୍ରହ କରିବାରେ ବିଫଳ ହେବା ଯୋଗୁ ସରକାରଙ୍କ କୋପଦୃଷ୍ଟି ପଡ଼ିଛି ରାଷ୍ଟ୍ରାୟତ୍ତ ଶିଳ୍ପ ଓ ରିଜର୍ଭ ବ୍ୟାଙ୍କର ରିଜର୍ଭ ଉପରେ। ଏଣୁ ସରକାର ନିଜ ବିଫଳତା ସ୍ୱୀକାର କରି ଠିକ୍ ସିଦ୍ଧାନ୍ତ ନିଅନ୍ତୁ। ନାଗରିକତ୍ୱ ସଂଶୋଧନ ଆଇନ ପରି ଅଯଥା କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। କେଉଁ କାର୍ଯ୍ୟ ଆଗ ତାହା ସରକାର ସ୍ଥିର କରିବା ଉଚିତ।

ମୋ-୯୪୩୭୨୦୮୭୬୨

# ଦକ୍ଷ କୂଟନୀତିଜ୍ଞ

ବ୍ୟକ୍ତିତ୍ୱ



ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା

ସବୁ କାର୍ଯ୍ୟରେ ନିଷ୍ଠା ଓ ପ୍ରଚେଷ୍ଟା କାର୍ଯ୍ୟଦକ୍ଷତା ପ୍ରତିପାଦନ କରେ , ଯାହା କରିଛନ୍ତି ବରିଷ୍ଠ କୂଟନୀତିଜ୍ଞ ତଥା ଆମେରିକାରେ ଭାରତର ରାଷ୍ଟ୍ରଦୂତ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା। ତାଙ୍କୁ ଭାରତର ୩୩ତମ ବହିର୍ବ୍ୟାପାର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଆସନ୍ତା ମାସରେ ଏବକାର ବହିର୍ବ୍ୟାପାର ସଚିବ ବିଜୟ କେଶବ ଗୋଖଲେଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଶ୍ରୀଙ୍ଗଲା ଦାୟିତ୍ୱ ଗ୍ରହଣ କରିବେ। ବୈଦେଶିକ ନୀତିରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଆଶା କରାଯାଉଛି।

ଶ୍ରୀଙ୍ଗଲା ୧୯୮୪ରେ ଭାରତୀୟ ବୈଦେଶିକ ସେବା(ଆଇଏଫ୍‌ଏସ୍)ରେ ଯୋଗ ଦେଇଥିଲେ। ତାଙ୍କ କୂଟନୈତିକ କ୍ୟାରିୟର ୩୫ ବର୍ଷ ମଧ୍ୟରେ ଦେଶ ଓ ବିଦେଶରେ ସେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ଦକ୍ଷତାର ସହ ଦାୟିତ୍ୱ ତୁଲାଇଛନ୍ତି। ବାଂଲାଦେଶରେ ଭାରତୀୟ ହାଇ କମିଶନର ଏବଂ ଥାଇଲାଣ୍ଡରେ ଆମ୍ବାସାଡର ଓ ୟୁନେସ୍କୋ(ଫ୍ରାନ୍ସ), ଜାତିସଂଘରେ ଭାରତର ସ୍ଥାୟୀ ମିଶନ ଭାବେ ନ୍ୟୁୟର୍କ, ଭିଏତ୍‌ନାମ,ଇସ୍ରାଏଲ ଏବଂ ଦକ୍ଷିଣ ଆଫ୍ରିକାରେ କାର୍ଯ୍ୟ କରିଛନ୍ତି। ଶ୍ରୀଙ୍ଗଲା ବହିର୍ବ୍ୟାପାର ମନ୍ତ୍ରଣାଳୟରେ ବାଂଲାଦେଶ, ଶ୍ରୀଲଙ୍କା, ମ୍ୟାନମାର ଓ ମାଲଡିଭ୍‌ସ ଲାଗି ଯୁଗ୍ମ ସଚିବ ରହିଥିଲେ। ଏହି ସମୟରେ ଭାରତ-ବାଂଲାଦେଶ ସଂଯୁକ୍ତ ସୀମା କାର୍ଯ୍ୟକାରୀ ଗ୍ରୁପର ସହ ଅଧ୍ୟକ୍ଷ ରହିବା ସହ ଦୁଇଦେଶ ମଧ୍ୟରେ ଲ୍ୟାଣ୍ଡ ବାଉଣ୍ଡାରି ଏଗ୍ରିମେଣ୍ଟକୁ ଚୂଡାନ୍ତ ରୂପ ଦେବା ଥିଲା ତାଙ୍କ ସଫଳତାର ଆଉ ଏକ ସ୍ୱାକ୍ଷର। ଏହି ମନ୍ତ୍ରଣାଳୟରେ ସେ ଜାତିସଂଘର ପଲିଟିକାଲ ଓ ସାର୍କ ଡିଭିଜନର ମୁଖ୍ୟ ଭାବେ ଭାରତର ପକ୍ଷକୁ ମଜଭୂତ କରିପାରିଥିଲେ । ଏସବୁ ପୂର୍ବରୁ ପ୍ରଥମେ ନର୍ଦର୍ନ ଡିଭିଜନର ନିର୍ଦ୍ଦେଶକ ଭାବେ ସେ ନେପାଳ ଏବଂ ଭୁଟାନ ସହିତ କାର୍ଯ୍ୟ କରିବା ସହ ୟୁରୋପ ୱେଷ୍ଟ ଡିଭିଜନର ଉପ ସଚିବ ରହିଥିଲେ।

ଏହାପରେ ରାଷ୍ଟ୍ରଦୂତ କାର୍ଯ୍ୟଭାର ନିଜ ମୁଣ୍ଡକୁ ନେଇଥିଲେ ଶ୍ରୀଙ୍ଗଲା। ଜାନୁୟାରୀ ୨୦୧୪ରେ ପ୍ରଥମେ ଥାଇଲାଣ୍ଡରେ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ପାଇ ଜାନୁୟାରୀ ୨୦୧୬ ଯାଏ କାର୍ଯ୍ୟ କରିଥିଲେ। ଥାଇଲାଣ୍ଡରେ ସବୁଠୁ କମ୍ ବୟସରେ ରାଷ୍ଟ୍ରଦୂତ ହେବାରେ ଗୌରବ ହାସଲ କରିବାରେ ଶ୍ରୀଙ୍ଗଲା ହେଉଛନ୍ତି ପ୍ରଥମ ଭାରତୀୟ। ପରେ ଜାନୁୟାରୀ ୨୦୧୬ରୁ ଜାନୁୟାରୀ ୨୦୧୯ ବାଂଲାଦେଶରେ ଭାରତୀୟ ରାଷ୍ଟ୍ରଦୂତ ରହିଥିବା ସମୟରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଅଭୂତପୂର୍ବ ଅଗ୍ରଗତି ତାଙ୍କ ଦକ୍ଷତାର ସାକ୍ଷୀ। ତାଙ୍କ ପ୍ରଚେଷ୍ଟାରେ ୨୦୧୭ ଏପ୍ରିଲରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଭାରତ ଗସ୍ତରେ ଆସିଥିଲେ ଓ ଏହାକୁ ଦ୍ୱିପାକ୍ଷିକ ସମ୍ପର୍କର ସୁବର୍ଣ୍ଣ ଯୁଗ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିହିତ କରିଥିଲେ। ତାଙ୍କ ଉପରେ ଦେଶ ଆହୁରି ଭରସା କରିଥିଲା ଯେତେବେଳେ ୫୫ ବର୍ଷ ବୟସରେ ସେ ଜାନୁୟାରୀ ୨୦୧୯ରେ ଆମେରିକାରେ ଭାରତର ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ପାଇଥିଲେ। ଆମେରିକାରେ ସର୍ବକନିଷ୍ଠ ରାଷ୍ଟ୍ରଦୂତ ହେବାରେ ବି ସେ ହେଉଛନ୍ତି ପ୍ରଥମ ଭାରତୀୟ। ସେବେଠାରୁ ସେ ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ନେଇପାରିଛନ୍ତି। ପାକିସ୍ତାନର ସୀମାପାର ଆତଙ୍କବାଦ ବିରୋଧରେ ଦୁଇ ଦେଶକୁ ଏକାଠି କରିବାର ଶ୍ରେୟ ମିଳିଛି ଶ୍ରୀଙ୍ଗଲାଙ୍କୁ। ଭିସା ଜାଲିଆତିରେ ଅଭିଯୁକ୍ତ ୧୨୯ ଭାରତୀୟଙ୍କୁ ମୁକ୍ତି କରିବାରେ ତାଙ୍କ ଭୂମିକା ସ୍ୱୀକାର୍ଯ୍ୟ। ହାଭାର୍ଡ କେନେଡି ସ୍କୁଲରେ ଛାତ୍ର ଓ ଶିକ୍ଷକମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ,ଭାରତୀୟ ଅର୍ଥନୀତିର ରଥ ଭାରତକୁ ସୁପରପାୱାର ଆଡକୁ ବାଟ କଢାଇନେବ। ଭାରତ ୨୦୨୫ ସୁଦ୍ଧା ୫ ଟ୍ରିଲିୟନ ଡଲାର ଇକୋନୋମୀରେ ପହଞ୍ଚିବ ବୋଲି ସେ ଆଶାବାଦୀ।

ଆନ୍ତର୍ଜାତିକ ଅର୍ଥନୀତି, ଜଳବାୟୁ ପରିବର୍ତ୍ତନ,ଭାରତ- ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ଓ କୂଟନୀତି ସମ୍ପର୍କିତ ଲେଖା ତାଙ୍କ ଲେଖକୀୟ ପରିଚୟ ପ୍ରଦାନ କରେ। ଖବରକାଗଜ ଓ ବିଭିନ୍ନ ପତ୍ରିକାରେ ପ୍ରକାଶିତ ତାଙ୍କର ପ୍ରତିଟି ଲେଖା ତାଙ୍କ ଉଚ୍ଚ ଭାବନାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। କ୍ୟାରିୟରରେ ଉତ୍କର୍ଷତା ଲାଭ ଓ ଦେଶ ଲାଗି ତାଙ୍କ ନିରନ୍ତର ସେବା ନିମନ୍ତେ ଆଜମେରର ମାୟୋ କଲେଜ ପକ୍ଷରୁ ତା'ର ଏହି ପୂର୍ବତନ ଛାତ୍ରଙ୍କୁ ୨୦୧୭ରେ ଜେଟି ଗିବଶନ ପୁରସ୍କାର ପ୍ରଦାନ କରାଯାଇଛି। ସିକିମର ଆସିଏଫ୍‌ଏଆଇ ୟୁନିଭର୍ସିଟି ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଡିଗ୍ରୀ ମଧ୍ୟ ପ୍ରଦାନ କରିଛି।

ଶ୍ରୀଙ୍ଗଲା ୧ ମଇ ୧୯୬୨ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ। ସ୍ତ୍ରୀ ହେମାଲ ଓ ଗୋଟିଏ ସନ୍ତାନକୁ ନେଇ ତାଙ୍କ ପରିବାର। ରାଜସ୍ଥାନର ଆଜମେରସ୍ଥିତ ମାୟୋ କଲେଜରେ ସ୍କୁଲ ଶିକ୍ଷା ଶେଷ କରିବା ପରେ ସେଣ୍ଟ୍ ଷ୍ଟିଫେନ୍ସ କଲେଜ , ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ(ସମ୍ମାନ) ହାସଲ କରିଛନ୍ତି। ଭାରତୀୟ ବିଦେଶ ସେବାରେ ଯୋଗ ଦେବା ପୂର୍ବରୁ ଶ୍ରୀଙ୍ଗଲା କର୍ପୋରେଟ୍ ସେକ୍ଟର୍‌ରେ କାର୍ଯ୍ୟ କରୁଥିଲେ। ଶ୍ରୀଙ୍ଗଲା ଇଂଲିଶ ଓ ଭାରତୀୟ ଭାଷା ବ୍ୟତୀତ ଫ୍ରେଞ୍ଚ,ଭିଏତ୍‌ନାମିଜ୍, ନେପାଳି ଭାଷାରେ ବି କଥା ହୋଇପାରନ୍ତି। ସେ ବୈଦେଶିକ ନୀତିଠାରୁ ଆରମ୍ଭ କରି ସାଂସ୍କୃତିକ କୂଟନୀତି ଯାଏ ସବୁ କ୍ଷେତ୍ରରେ ବକ୍ତୃତା ପ୍ରଦାନ ଓ ଛାତ୍ର,ଶିକ୍ଷକ, ଉଦ୍ୟୋଗପତି,ସିଇଓ,ବୈଜ୍ଞାନିକ, ରାଜନେତା,ବୁଦ୍ଧିଜୀବୀ ତଥା କୂଟନୀତିଜ୍ଞଙ୍କ ସହ ବୌଦ୍ଧିକ ଆଲୋଚନା କରିବା ତାଙ୍କ ବହୁମୁଖୀ ପ୍ରତିଭାର ଏକ ପରିଚୟ ଦିଏ।

-ଶିବ ପ୍ରସାଦ ପୁହାଣ

## ଏଇ ଭାରତରେ

ଝିଅଙ୍କୁ ବୋଝ ମନେକରି ଗର୍ଭାବସ୍ଥାରୁ ସେମାନଙ୍କୁ ମାରିଦେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ଆମ ଦେଶରେ କମ୍ ନାହିଁ। କିନ୍ତୁ ଗୁଜରାଟର ଜଣେ ଦିବ୍ୟାଙ୍ଗ ଝିଅ ଅଙ୍କିତା ଅଟୋରିକ୍ସା ଚଲାଇ ତାଙ୍କ ପିତାଙ୍କ ଚିକିତ୍ସା କରିବା ନିଶ୍ଚିତଭାବେ ଏମାନଙ୍କ ଲାଗି ଏକ ଶିକ୍ଷା ଓ ଦିବ୍ୟାଙ୍ଗଙ୍କ ପାଇଁ ପ୍ରେରଣାଦାୟକ। ଗୁଜରାଟର ସୁରଟନିବାସୀ ଅଙ୍କିତା ଶାହା ଜନ୍ମରୁ ଦିବ୍ୟାଙ୍ଗ। ତାଙ୍କର ଗୋଟିଏ ଗୋଡ ନାହିଁ। ତଥାପି କ୍ୟାନ୍‌ସରପୀଡିତ ତାଙ୍କ ପିତାଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବା ଲକ୍ଷ୍ୟ ନେଇ ସେ ଦିନରାତି ରିକ୍ସା ଚଲାଉଛନ୍ତି। ଅଙ୍କିତା ଅର୍ଥନୀତିରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ ସେ ଚାକିରି କରିଥିଲେ। ବେତନ କମ୍ ମିଳୁଥିଲା। ଦିବ୍ୟାଙ୍ଗ ହୋଇଥିବାରୁ ଭେଦଭାବର ଶିକାର ବି ହେଉଥିଲେ। ସେହି ଚାକିରିଟି ଚାଲିଗଲା ପରେ ଆଉ ତାଙ୍କୁ ଚାକିରି ମିଳି ନ ଥିଲା। ପରେ ସେ ନିଜେ କିଛି କରିବା ଲାଗି ଚାହିଁ ଏଭଳି ସାହସିକ ନିଷ୍ପତ୍ତି ନେଇ ୬ ମାସ ହେବ ରିକ୍ସା ଚଲାଉଛନ୍ତି। ଦିବ୍ୟାଙ୍ଗ ହେଲେ ମଧ୍ୟ କୌଣସି କ୍ଷେତ୍ରରେ ହାରିଯିବା ଉଚିତ ନୁହେଁ। ଗୋଟିଏ ପାଦ ସାହସର ସହ ଆଗକୁ ବଢାଇଲେ ଆମେ ଦଶପାଦ ଆଗକୁ ଚାଲିଯିବା ଓ ଏବେ ସେ ସବୁ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ପ୍ରସ୍ତୁତ ବୋଲି କୁହନ୍ତି ଅଙ୍କିତା।

## ଚିରନ୍ତନୀ

ପାକଲା ଧାନ ସୁଗନ୍ଧେ ଆଜି
ପୂରିଛି ବ୍ୟୋମ ପୂରିଛି ଧରା
ମୂକ ଧିଆନେ ତବଧ ସବୁ
ଭୁବନ ଆଜି ନିଜ ପାସୋରା।
(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଡିସେମ୍ବର ୧୯୯୪

- ଭାରତର ତୃତୀୟ ସୁପର କମ୍ପ୍ୟୁଟର 'ପରମ-୯୦୦୦'ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ।
- ସରକାରଙ୍କୁ ଇସ୍ତଫା ଦେବା ପାଇଁ ରାଜି କରାଇବାରେ ବିଫଳ ହେବାରୁ ବାଂଲାଦେଶ ପାର୍ଲାମେଣ୍ଟର ସବୁ ବିରୋଧୀ ଦଳ ସଦସ୍ୟଙ୍କ ସମୂହ ଇସ୍ତଫା।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 1 | | 6 | | | | | 2 | | B | | E | D |
| | | A | | E | | 7 | | | | 5 | | | 2 | |
| | C | | | 0 | | | A | | 3 | | | | 7 | 6 |
| 7 | | 6 | | | | | | | | 0 | | B | | 4 |
| | | 9 | | | | | 5 | 6 | 8 | E | | 3 | | |
| 1 | 6 | | | A | | | | | | | | 5 | | |
| | 8 | B | | | 5 | | 3 | | | | 6 | | 0 | |
| | | | B | | | | 8 | | | C | | | | A |
| E | | | 7 | 3 | | | 0 | 2 | | | 4 | | D | |
| 9 | | 2 | C | 4 | | | 1 | 7 | | | A | | | 3 |
| | | | | | | | C | | B | | 5 | | 3 | |
| | 5 | | 0 | | | B | | | | 1 | 3 | 9 | | 8 |
| B | | | | 1 | | 0 | | D | | | | | | |
| | | | | C | | | | | | 7 | | 1 | 4 | |
| | | | 6 | | D | 2 | 9 | | | | | A | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | A | 1 | 7 | 6 | 0 | D | B | C | E | 3 | 5 | 9 | 8 | 4 |
| 7 | C | 3 | A | 9 | B | 2 | E | 4 | 0 | D | 8 | 6 | 5 | 1 |
| 4 | E | 6 | 5 | D | 2 | 0 | 8 | 1 | B | C | 9 | 3 | A | 7 |
| 9 | 5 | 0 | 8 | 1 | C | 7 | 3 | A | 6 | 2 | 4 | D | E | B |
| 8 | B | D | E | 3 | 4 | 6 | 5 | 9 | 1 | A | 7 | 0 | C | 2 |
| 1 | 9 | 2 | 6 | C | 8 | B | 0 | 7 | 5 | 4 | E | A | 3 | D |
| 6 | 4 | B | 3 | 2 | 5 | A | 1 | D | 9 | 0 | C | 8 | 7 | E |
| C | 8 | A | 9 | 4 | D | 5 | 2 | E | 3 | 7 | 1 | B | 6 | 0 |
| 0 | 3 | 5 | B | 7 | E | 4 | 9 | 6 | D | 8 | A | 1 | 2 | C |
| E | D | 7 | 1 | 0 | A | 3 | C | 8 | 2 | B | 6 | 5 | 4 | 9 |
| 3 | 0 | 4 | C | 5 | 1 | 9 | 6 | 2 | 8 | E | B | 7 | D | A |
| A | 6 | C | 0 | E | 9 | 1 | 4 | 3 | 7 | 5 | D | 2 | B | 8 |
| B | 2 | 9 | 4 | A | 7 | 8 | D | 5 | C | 6 | 0 | E | 1 | 3 |
| 5 | 1 | E | D | 8 | 3 | C | 7 | B | A | 9 | 2 | 4 | 0 | 6 |
| D | 7 | 8 | 2 | B | 6 | E | A | 0 | 4 | 1 | 3 | C | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଳୁର ଅହେତୁକ ମୂଲ୍ୟବୃଦ୍ଧି

ମହାଶୟ,

ଆଳୁର କିଲୋ ପିଛା ମୂଲ୍ୟ ୨୫ରୁ ୨୮ ଟଙ୍କାରେ ପହଞ୍ଚିଲାଣି। ପିଆଜ, ଆଳୁ, ଡାଲି ଓ ଖାଇବା ତେଲ ଆଦିର ଅହେତୁକ ମୂଲ୍ୟବୃଦ୍ଧି ହେତୁ ଖାଉଟିଙ୍କ କଷଣ ବଢିଯାଇଛି। ସରକାରଙ୍କ ଆଳୁ ମିଶନରେ ଫେଲ୍ ମାରିଲେ। ଶୀତଳଭଣ୍ଡାର ଅଭାବରୁ ଅମଳର କିଛିଦିନ ପରେ ଆଳୁ ପଚି ଶଡି ନଷ୍ଟ ହେଉଛି। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଶୀତଳଭଣ୍ଡାର ନିର୍ମାଣକୁ ବଳପୂର୍ବକ ବନ୍ଦ କରିଦିଆଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରୀ ଜିଲାରେ ଶୀତଳଭଣ୍ଡାର ଅଭାବ ପାଇଁ ଚାଷୀ ଅଧିକ ଆଳୁ, ପିଆଜ ଚାଷ କରୁନାହିଁ। ରାଜ୍ୟ ସରକାର ପୁରୀ ସମେତ ପ୍ରତି ଜିଲାର ପ୍ରତି ବ୍ଲକ୍‌ରେ ଶୀତଳଭଣ୍ଡାର ନିର୍ମାଣ କରନ୍ତୁ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଦେଶ ପାଇଁ ଦୃଷ୍ଟାନ୍ତ

୨୦୧୨ ମସିହାର ବହୁଚର୍ଚ୍ଚିତ ଦିଲ୍ଲୀ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅନ୍ୟତମ ଦୋଷୀ ପବନ କୁମାର ନାବାଳକ ଦର୍ଶାଇ ଏହାଙ୍କ ଓକିଲ ଏପି ସିଂ ଅପରାଧୀକୁ ଅଦାଲତରେ ହାଜର କରାଇବା ପରିବର୍ତ୍ତେ ପିଲାଳିଆ ଖେଳ ଖେଳି ବାରମ୍ବାର କାଳକ୍ଷେପଣ କୌଶଳ ଆପଣାଇ ନ୍ୟାୟ ପ୍ରକ୍ରିୟାକୁ ବିଳମ୍ବିତ କରୁଥିବାରୁ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଭାରତୀୟ ଅଦାଲତ ପାଇଁ ଏକ ଉତ୍ତମ ଦୃଷ୍ଟାନ୍ତ। ଅନ୍ୟ ଓକିଲଙ୍କୁ ଏହି ଜରିମାନା ଶିକ୍ଷା ପ୍ରଦାନ କରିବ ବୋଲି ଆଶା ଓ ବିଶ୍ୱାସ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ବିଶ୍ୱ ରାଷ୍ଟ୍ରନାୟକଙ୍କ ଆଦର୍ଶ

ଇଥିଓପିଆର ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ ଅଲ୍ଲୀ ଚଳିତ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ପଡୋଶୀ ରାଷ୍ଟ୍ର ଇରିଟ୍ରିୟା ସହିତ ଦୀର୍ଘ ୨୦ ବର୍ଷର ସୀମା ବିବାଦ ଓ ତିକ୍ତ ସମ୍ପର୍କର ସମାଧାନ କରି ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ପତ୍ତିମୂଳକ ପଦକ୍ଷେପ ନେଇଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଛି। ବିଶ୍ୱର ବଡ ବଡ ରାଷ୍ଟ୍ରର ପ୍ରଭାବଶାଳୀ ରାଷ୍ଟ୍ରନାୟକମାନେ ତାଙ୍କୁ ଆଦର୍ଶ ଭାବେ ଗ୍ରହଣ କରିବା ଉଚିତ ନୁହେଁ କି ?

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ। -**ମହର୍ଷି ପରାଶର**



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ଗୁରୁତର

ରେଢ଼ାଖୋଲ,୨୮।୧୨(ଡି.ଏନ.ଏ.)

ରେଢ଼ାଖୋଲ ସହରର ଖନ୍ଦାପୋଲ ଉପରେ ଶନିବାର ସକାଳ ୭ଟା ବେଳେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଶିବଶଙ୍କରପଡାର ବୀରେନ୍ଦ୍ର ବେହେରା (୪୨)। ତାଙ୍କୁ ପ୍ରଥମେ ରେଢ଼ାଖୋଲ ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ବୀରେନ୍ଦ୍ର ସାଇକେଲରେ ଯାଉଥିବା ବେଳେ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ନଂ ଓଡି ୦୪ ୩୪୨୫) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବୀରେନ୍ଦ୍ରଙ୍କ ଗୋଡରେ ଗୁରୁତର ଆଘାତ ଲାଗିଛି। ରେଢ଼ାଖୋଲ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍କୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଥିବା ପୋଲିସ କହିଛି। ଅନ୍ୟପକ୍ଷେ ଚାରମାଳ ଥାନା ଅଧୀନ ୫୫ ନଂ ଜାତୀୟ ରାଜପଥର ରାଣିବେଡା ଛକ ନିକଟରେ ମଧ ଶନିବାର ଅପରାହ୍ନ ୫ଟା ବେଳେ ଏକ ଟ୍ରକ୍ ସହ ଗୋଟିଏ କଣ୍ଟେନରର ମୁହାଁ ମୁହିଁ ଧକ୍କା ହୋଇଛି। ତେବେ ଏଥିରେ ଜଣେ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଚାରମାଳ ପୋଲିସର ସୂଚନା ଅନୁଯାୟୀ ଏମ୍ଏଚ୍-୪୨-୬୩୬୪ ନଂ. ବିଶିଷ୍ଟ କଣ୍ଟେନର ସହ ଏଚ୍ଆର୍-୫୫ଏଇ-୨୫୨୫ ନମ୍ବର ବିଶିଷ୍ଟ ଟ୍ରକ୍ର ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ରାସ୍ତାରୁ ହଟାଇଥିଲା। ଦୁର୍ଘଟଣା ଯୋଗୁ କିଛି ସମୟ ଗାଡି ଚଳାଚଳ ବ୍ୟାହତ ହୋଇଥିଲା।

### କାଇଟ୍ ଫେଷ୍ଟିଭାଲ ପାଇଁ ଅନୁମତି ମିଳିନି

ସମ୍ବଲପୁର, ୨୮।୧୨ (ବ୍ୟୁରୋ)

ସମ୍ବଲପୁର ୟୁଥ୍ ପକ୍ଷରୁ ଦୀର୍ଘ ବର୍ଷ ହେବ ଜାନୁୟାରୀ ୧୫ ତାରିଖ କାଇଟ୍ ଫେଷ୍ଟିଭାଲ ଆୟୋଜିତ ହୋଇ ଆସୁଛି। ଏଥିରେ ସମ୍ବଲପୁର, ବୁର୍ଲା, ହୀରାକୁଦ ସମେତ ବିଭିନ୍ନ ଅଞ୍ଚଳରୁ ଯୁବତୀ, ଯୁବକ, ବାଳିକା, ବାଳକମାନେ ଅଂଶ ଗ୍ରହଣ କରିଥାନ୍ତି। ଏଥିସହ କଳାକାରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରନ୍ତି। କିନ୍ତୁ ପରିତାପର ବିଷୟ ଯେ, ଏଥର ପିଏଚଡି ପଡିଆରେ କାଇଟ ଫେଷ୍ଟିଭାଲ ପାଇଁ ଅନୁମତି ମିଳି ନାହିଁ। ଆୟୋଜକଙ୍କ ପକ୍ଷରୁ ଗତ ୨୫ ଦିନ ହେବ ଏଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରାଯାଇଛି। ହେଲେ ଏ ପର୍ଯ୍ୟନ୍ତ ଅନୁମତି ମିଳିନାହିଁ। ଏ ନେଇ ଆୟୋଜକ ସମ୍ବଲପୁର ୟୁଥ ସଭାପତି ରିକନ ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ, ବର୍ଷକରେ ଥରେ ଯୁବଙ୍କ ଖୁସି ପାଇଁ ଏହି ଉତ୍ସବ ଆୟୋଜନ କରାଯାଉଛି। ଏଥିରେ ଜିଲା ପ୍ରଶାସନ ସହଯୋଗ କଲେ ଯୁବକମାନେ ଉତ୍ସାହିତ ହେବେ।

## ଚାଷୀଙ୍କୁ ମିଳୁନି ଖରିଫ ଧାନ ଶସ୍ୟ ବୀମା

# ୪ରୁ ଆଇନ ଅମାନ୍ୟ, ରାସ୍ତା ଅବରୋଧ

ଜମନକିରା, ୨୮।୧୨ (ଡି.ଏନ୍.ଏ)



ଜମନକିରାସ୍ଥିତ ଆଞ୍ଚଳିକ କୃଷକ ଭବନରେ ଶନିବାର ଚାଷୀମାନେ ପ୍ରସ୍ତୁତି ବୈଠକରେ ବସିଛନ୍ତି ।

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ମିଳିତ ଚାଷୀ ସଂଗଠନ ପକ୍ଷରୁ ଶସ୍ୟବୀମା ରାଶି ପ୍ରଦାନ ଦାବି ନେଇ ଚାଲିଥିବା ଆନ୍ଦୋଳନ ଆଗକୁ ଆହୁରି ତୀବ୍ର ହେବ। ଜମନକିରାସ୍ଥିତ ଆଞ୍ଚଳିକ କୃଷକ ଭବନରେ ଶନିବାର ଏକ ପ୍ରସ୍ତୁତି ବୈଠକରେ ଚାଷୀମାନେ ଏହା ପ୍ରକାଶ କରିଛନ୍ତି। ଜାନୁୟାରୀ ୪ ତାରିଖରେ ୫୩ ନମ୍ବର ରାସ୍ତା ଅବରୋଧ ସହିତ ଅନ୍ୟ ସମସ୍ତ ରାସ୍ତା, ସ୍କୁଲ, କଲେଜ, ବ୍ୟାଙ୍କ, ସରକାରୀ, ବେସରକାରୀ ଅନୁଷ୍ଠାନ ଇତ୍ୟାଦି ବନ୍ଦ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। କୁଚିଣ୍ଡା ଉପଖଣ୍ଡ କୃଷକ ସୁରକ୍ଷା ସଂଗଠନର ଆବାହକ କୁଶଧ୍ୱଜ ଚୌଧରୀଙ୍କ ଆବାହକତ୍ୱରେ ଏହି ପ୍ରସ୍ତୁତି ବସିଥିଲା। ଶ୍ରୀଲକ୍ଷ୍ମୀ କୃଷକ ସୁରକ୍ଷା ସଂଗଠନର ସଭାପତି ନବୀନ କୁମାର ପଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ।

୨୦୧୮-୧୯ରେ ଜମନକିରା ତଥା କୁଚିଣ୍ଡା ଉପଖଣ୍ଡର ଚାଷୀ ମରୁଡ଼ିର ଶିକାର ହୋଇଛନ୍ତି। ସରକାରଙ୍କ ପକ୍ଷରୁ ବୀମାରାଶି ପ୍ରଦାନ କରାଯାଇ ନାହିଁ। ଏ ନେଇ ସରକାର ଓ ପ୍ରଶାସନକୁ ବାରମ୍ବାର ଜଣାଇ ଆସୁଥିବା ସତ୍ତ୍ୱେ ବୀମା ସହାୟତା ପ୍ରଦାନ କରା ଯାଉନାହିଁ। କିଛି ଦିନ ପୂର୍ବରୁ କୁଚିଣ୍ଡା ଉପଖଣ୍ଡର ଚାଷୀ ମିଳିତ ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୩ ଦିନ ଧରି ଧାରଣାରେ ବସିଥିଲେ। ପ୍ରଶାସନ ପ୍ରତିକାର ନ କରିବାରୁ ଅକ୍ଟୋବର ୧୧ ତାରିଖରେ ମହାବନ୍ଦ ଡାକରା ଦିଆଯାଇଥିଲା। ଏଥିସହ ବାମରାରେ ରେଳ ରୋକ ମଧ କରାଯାଇଥିଲା। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪୨ ଦିନ ଧରି ୨୪ ଘଣ୍ଟିଆ ରିଲେ ଅନଶନ କରାଗଲା। ହେଲେ କେନ୍ଦ୍ର, ରାଜ୍ୟ ସରକାର ଓ ବୀମା କମ୍ପାନୀ ଚାଷୀଙ୍କ ଦୁଃଖ ଶୁଣିଲେନି। ବାଧ୍ୟ ହୋଇ ମିଳିତ ଚାଷୀ ସଂଗଠନର ନିଷ୍ପତ୍ତି କ୍ରମେ ଗତ ୧୧ ତାରିଖରୁ ଆଜି ପର୍ଯ୍ୟନ୍ତ ଜମନକିରା ବ୍ଲକ୍ର ୨୧ ଟି ପଞ୍ଚାୟତରେ ତାଲା ପଡିଛି। ଜମନକିରା ବ୍ଲକ୍ର କସଡ଼ା ପଞ୍ଚାୟତର ଚାଷୀଙ୍କୁ କେବଳ ବୀମା ରାଶି ପ୍ରଦାନ କରାଯାଇଛି। ତେବେ କସଡ଼ା ଚାଷୀମାନେ ଅନ୍ୟ ପଞ୍ଚାୟତର ଚାଷୀଙ୍କୁ ସହଯୋଗ କରିବା ପାଇଁ ଗତ ଶୁକ୍ରବାର ୨୭ ତାରିଖରେ ପଞ୍ଚାୟତରେ ତାଲା ପକାଇ ଅନ୍ୟ ପଞ୍ଚାୟତର ଚାଷୀଙ୍କୁ ଏକତାର ବାର୍ତ୍ତା ଦେଇଥିଲେ। କୁଚିଣ୍ଡା କୃଷକ ସୁରକ୍ଷା ସଂଗଠନର ଆବାହକ ଚୌଧୁରୀଙ୍କ ସମେତ ଶ୍ରୀଲକ୍ଷ୍ମୀ କୃଷକ ସୁରକ୍ଷା ସଂଗଠନର ସଭାପତି ପଟେଲ, ନନ୍ଦଲାଲ ସାହୁ, ପ୍ରତାପ ନାୟକ, କିଶୋର ପଟେଲ, ଶରତ ପଟେଲ, ପ୍ରକାଶ ନାଏକ, ଦ୍ୱାରୁଚରଣ ସେଠ, ମନୋଜ ମହାକୁଳ, ସୁରେଶ ପଟେଲ, ଅଶ୍ୱିନୀ ପଟ୍ଟନାୟକ, କ୍ଷମା ମହାକୁଳ, ଜିତେନ୍ଦ୍ର ଶର୍ମା, ବାସୁଦେବ ନାୟକ, ସନ୍ତୋଷ ମହାକୁଳ, ସିଦ୍ଧାର୍ଥ ପଟେଲ, ପଞ୍ଚାନନ ପଧାନ, ରମେଶ ଚନ୍ଦ୍ର ଭୋଇ, ଦ୍ୱାରୁଚରଣ ସେଠ, ବିରେନ୍ଦ୍ର ଚୌଧୁରୀ, ନରୋତ୍ତମ ପଟେଲ, ଶ୍ରୀକାନ୍ତ ପଟେଲ, ହରମୋହନ ପଟେଲ, ଭ୍ରମର ମହାପାତ୍ର, ମିତ୍ରଭାନୁ ପଟେଲ, ଦିଲୀପ କୁମାର ପଟେଲ, ନରେନ୍ଦ୍ର ନାଏକ, ବଳରାମ ମହାକୁଳ, ପୀତାମ୍ବର ବେହେରା, ନରୋତ୍ତମ ଭଇଁସା, ସୁଧାଂଶୁଶେଖର ଚୌଧରୀ, ଚମ୍ପେଶ୍ୱର ପୃଷ୍ଟେଠ, ଭୁବନେଶ୍ୱର ପଟେଲ, ପ୍ରଫୁଲ୍ଲ ପଟେଲ, ଚୂଡ଼ାମଣି ପଟେଲ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଜମନକିରା ବ୍ଲକ୍ର ୯ଟି କୃଷକ ସୁରକ୍ଷା ସଂଗଠନର ଚାଷୀ ପ୍ରତିନିଧି ମଧ ଉପସ୍ଥିତ ଥିଲେ।

## ସଭା ବନ୍ଦ କରିଦେଲେ ଚାଷୀ

ବାମରା, ୨୮।୧୨ (ଡି.ଏନ.ଏ.)

ବାମରା ବ୍ଲକ ଲରିଆପାଲି, ରଙ୍ଗିଆଟିକ୍ରା ଓ ରବଗା ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ ଓ ସର୍ଭେ କରିବା ଉଦ୍ଦେଶ୍ୟରେ ଶନିବାର ସମ୍ବଲପୁରରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ)ର ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚି ହଟହଟା ହୋଇଛି। ଲରିଆପାଲି ପଞ୍ଚାୟତ ରେଙ୍ଗାଲବେଡା ପ୍ରାଥମିକ ସ୍କୁଲରେ ସଭା ଆରମ୍ଭ ହେବା କ୍ଷଣି ଚାଷୀ ସଂଗଠନ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଏଣୁ ଡିଆରଡିଏ ଟିମ୍ ଫେରି ଯିବାକୁ ବାଧ ହୋଇଛନ୍ତି। ସର୍ଭେ ପାଇଁ ଜାତୀୟ ଜୀବିକା ମିଶନର ସଭ୍ୟ ସଚି ଜର୍ଜ, ଏପିଡି ମହେନ୍ଦ୍ର ମହାପାତ୍ର ଓ ମନୋରଞ୍ଜନ ମିଶ୍ର ପହଞ୍ଚିଥିଲେ। ବାମରା ବ୍ଲକ୍ କାର୍ଯ୍ୟାଳୟରୁ ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ମାଝି, ଜେଇ ସଞ୍ଜୟ ହେମ୍ବ୍ରମ, ଜିପିଟିଏ ସୁକାନ୍ତ ଦୀପ, ଇଓ ରଞ୍ଜିତ ପ୍ରଧାନ, ଜିଆରଏସ ଶୀତେଶ ପଟେଲ, ପୂର୍ବ ଜିଆରଏମ ଈଶ୍ୱର ନାଏକ, ସସ୍ମିତା ସାହୁ, ବିଷ୍ଣୁ କିଷାନ, ସୁସ୍ମିତା କଲସେର ପ୍ରମୁଖ ଉପସ୍ଥିତ ଥିଲେ । ଦିନ ପ୍ରାୟ ସାଢ଼େ ୧୨ଟାରେ ସଭା ଆରମ୍ଭ ହେବା ମାତ୍ରେ ଲରିଆପାଲି ପଞ୍ଚାୟତ ଚାଷୀ ସଂଗଠନ ପକ୍ଷରୁ ତରଣୀସେନ ସାହୁ, ବାବୁଲୁ ସାହୁ, ପ୍ରଫୁଲ୍ଲ ନାଏକ, ରାଜେନ୍ଦ୍ର ଗ୍ୱାଲା, ସୁରେନ୍ଦ୍ର ଗୌନ୍ତିଆ, ପୁରୁଷୋତ୍ତମ କାଲୋ, ସୁଦୀପ ପଟେଲ, ମହେନ୍ଦ୍ର ସାହୁ, କେଶବ ଚନ୍ଦ୍ର ନାଏକ ପ୍ରମୁଖ ହଠାତ ପହଞ୍ଚି ପାଟିତୁଣ୍ଡ ଆରମ୍ଭ କରି ସଭା ବନ୍ଦ କରି ଦେଇଥିଲେ। ସେହିଭଳି ରଙ୍ଗିଆଟିକ୍ରା ଓ ରବଗାରେ ହେବାକୁ ଥିବା ସଭା ବାତିଲ ହୋଇଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଫସଲ ବୀମା ଦାବିରେ ଆଇନ ଅମାନ୍ୟ ଆନ୍ଦୋଳନ ଚାଲିଥିବା ଯୋଗୁ ବାମରା ବ୍ଲକର ୧୭ରୁ ୧୬ଟି ପଞ୍ଚାୟତରେ ଚାଷୀମାନେ ତାଲା ପକାଇଛନ୍ତି । ଏଥିପାଇଁ ଉନ୍ନୟନ କାର୍ଯ୍ୟ ସଂପୂର୍ଣ୍ଣ ଠପ୍ ହୋଇଛି।

## ୧୨ ଚାଷୀଙ୍କ ନାଁରେ ମାମଲା

ସମ୍ବଲପୁର, ୨୮।୧୨ (ବ୍ୟୁରୋ)

ସମ୍ବଲପୁର ଜିଲାରେ ଟୋକନ ବ୍ୟବସ୍ଥାକୁ ବିରୋଧ କରି ନଭେମ୍ବର ୨୨ ତାରିଖ ଜିଲା କୃଷକ ସଂଗଠନ ଆହ୍ୱାନ କ୍ରମେ ଅଇଁଠାପାଲି ଥାନା ଆରଏମସି ମାର୍କେଟ ଛକରେ ରାସ୍ତାରୋକୋ କରାଯାଇଥିଲା। ଏହି ଘଟଣାରେ ଅଇଁଠାପାଲି ଥାନା ପୋଲିସ ୧୨ଜଣ ଚାଷୀଙ୍କ ନାମରେ ମାମଲା ରୁଜୁ କରିଛି। ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, କୃଷକ ସଂଗଠନ ଜିଲା ସଭାପତି ମୁରାରୀ ପୁରୋହିତ, ଦେବେନ୍ଦ୍ର ପ୍ରଧାନ, ସରୋଜ ମହାନ୍ତି, ଅଶ୍ୱିନୀ କୁମାର ପୁଷ୍ଟି, ଦାମୋଦର ପ୍ରଧାନ, ଦିଲୀପ ସାହୁ, ସୌମ୍ୟରଞ୍ଜନ ସାହାଣୀ, ଅମୂଲ୍ୟ ସାହୁ, ଅବଧୂତରାମ ପୁରୋହିତ, ଶ୍ରୀମନ୍ତ ସାହୁ, ଜଗନ୍ନାଥ ସାହୁଙ୍କ ନାମରେ ମାମଲା ରୁଜୁ ହୋଇଛି।

# ଏନ୍ଏସ୍ଏସ୍ ଶୀତକାଳୀନ ସ୍ୱତନ୍ତ୍ର ଶିବିର

ସମ୍ବଲପୁର, ୨୮।୧୨ (ବ୍ୟୁରୋ)

ଗୋବିନ୍ଦତୋଲା ନିକଟସ୍ଥ ଆନନ୍ଦ ମାର୍ଗ ଗୁରୁକୁଳ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଏନ୍ଏସ୍ଏସ୍ ବିଭାଗ ପକ୍ଷରୁ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଆରମ୍ଭ ହୋଇଛି । ଏହା ୩୦ ତାରିଖ ଶେଷ ହେବ । ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ. ବିଶ୍ୱମୋହନ ଜେନାଙ୍କ ପରିଚାଳନାରେ ଆଚାର୍ଯ୍ୟ ରୁଦ୍ରଦେବାନନ୍ଦ ଅବଧୂତ ଯୋଗଦେଇ ଯୋଗର ଉପକାର ବିଷୟରେ ବକ୍ତବ୍ୟ ଦେଇଥିଲେ। ସୂର୍ଯ୍ୟ ପାଣିଗ୍ରାହୀ ରକ୍ତ ଓ ଶରୀର ଦାନ ବିଷୟରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ । ଡା. ପ୍ରଭାସ ଦେବତା ଚକ୍ଷୁ, ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ନିରାକରଣ ଉପରେ କହିଥିଲେ। ଆଞ୍ଚଳିକ ଶିଳ୍ପକେନ୍ଦ୍ର ଅଧିକାରୀ ଦୀନବନ୍ଧୁ ପଣ୍ଡା କ୍ଷୁଦ୍ରଶିଳ୍ପ ଓ ନିଯୁକ୍ତି ବିଷୟରେ ଆଲୋଚନା କରିଥିଲେ ।



ଏନ୍ଏସ୍ଏସ୍ ସ୍ୱତନ୍ତ୍ର ଶୀତକାଳୀନ ଶିବିରରେ ମଞ୍ଚାସୀନ ଅତିଥି, ବକ୍ତା ଏବଂ କର୍ମକର୍ତ୍ତା ।

## ଛିଡା ହୋଇଥିବା ବସ୍କୁ ଧକ୍କା ଦେଲା କାର୍

ଲଖନପୁର,୨୮।୧୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ବନହରପାଲି ଥାନା ଅଧୀନ ବନ୍ଧବାହାଲ-ବେଲପାହାଡ ରାସ୍ତାର କିରାରମା ବାଇପାସ୍ ଛକରେ ଦୁର୍ଘଟଣା ଘଟିଛି। ଓଆର୍ ୨୩ଇ ୩୮୮୮ନଂ ବିଶିଷ୍ଟ ଭଗବତୀ ନାମକ ଏକ ଘରେଇ ବସ୍ ରାସ୍ତାରେ ଛିଡାହୋଇ ଯାତ୍ରୀଙ୍କୁ ଓହ୍ଲାଉଥିଲା। ଏହି ସମୟରେ ବିପରିତ ଦିଗରୁ ଆସୁଥିବା ଓଡି୨୩ ଜେ୧୮୦୧ନଂ ବିଶିଷ୍ଟ ଏକ କାର୍ ଭାରସାମ୍ୟ ହରାଇ ବସ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ କାର୍ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଛି। କାର୍ ଚାଳକ ଓ କାର୍ ପଛ ସିଟରେ ବସିଥିବା ଜଣେ ମହିଳା ସାମନ୍ୟ ଆହତ ହୋଇଛନ୍ତି। ଖବରପାଇ ବନ୍ଧବାହାଲ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାର୍କୁ ଜବତ କରିଛି। ଏ ନେଇ ବନହରପାଲି ଥାନାରେ ଏକ ମାମଲା ରୁଜୁ (ନଂ.୧୬୯/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଯାତ୍ରୀବାହୀ ମିନିବସ୍ଟି ଇବ୍ଥର୍ମାଲରୁ ଝାରସୁଗୁଡା ଅଭିମୁଖେ ଯାଉଥିବାବେଳେ କାର୍ଟି ବ୍ରଜରାଜନଗର କୁତାବଗାରୁ ବନ୍ଧବାହାଲ ଅଭିମୁଖେ ଆସୁଥିଲା।

### ଫୁଟବଲ ଟୁର୍ନାମେଣ୍ଟ

## ସମ୍ବଲପୁରକୁ ହରାଇଲା ଝାରସୁଗୁଡ଼ା

ପଡିଆବାହାଲ, ୨୮।୧୨ (ଡି.ଏନ.ଏ.)

ଯୁଯୁମୁରା ବ୍ଲକ୍ ଘିନୁପାଲି ପଞ୍ଚାୟତର ବୁଦେଲଛିଣ୍ଡସ୍ଥିତ ଜୟ ବଜରଙ୍ଗବଳୀ କ୍ଲବ ପକ୍ଷରୁ ଆୟୋଜିତ ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟରେ ସମ୍ବଲପୁର ସେଭେନ ଷ୍ଟାର ଦଳକୁ ୪-୧ରେ ହରାଇ ଝାରସୁଗୁଡା ଶିବଶଙ୍କର କ୍ଲବ ବିଜୟୀ ହୋଇଛି। ଉଦ୍ଯାପନୀ ଉତ୍ସବରେ ବିଜେତା ଉପବିଜେତା ଦଳ ସହ ବେଷ୍ଟ ଫିଲ୍ଡର ରାଜେଶ କିସାନ, ବେଷ୍ଟ ଗୋଲକିପର ସୁଶାନ୍ତ ଔରାମ, ବେଷ୍ଟ ସ୍କୋରର ତୁଲା ପିଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଘେନୁପାଲି ସମିତି ସଭ୍ୟ ରବି ମିର୍ଦ୍ଧା, ନାଏବ ସରପଞ୍ଚ ସୁନନ୍ଦା ପ୍ରଧାନ, ବାହାମ ସରପଞ୍ଚ ମିତ୍ରଭାନୁ ପଧାନ, ପ୍ରମୋଦ ମିର୍ଦ୍ଧା ଓ ଡା. ରାଜାରାମ ଷଡଙ୍ଗୀ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଜୟରାଜ ଧର, ଆନନ୍ଦ ମିର୍ଦ୍ଧା, ରମାକାନ୍ତ ମିର୍ଦ୍ଧା, ରେଫରି କାର୍ଯ୍ୟ ତୁଲାଇ ଥିଲେ। କ୍ଲବ ସଭାପତି ଅଭିଜିତ ମିର୍ଦ୍ଧା ସଭାପତିତ୍ୱ କରିଥିଲେ। ରାଜୁ ମିର୍ଦ୍ଧା, ବାବୁଲୁ ମିର୍ଦ୍ଧା ସଭା ପରିଚାଳନାରେ ସହଯୋଗ କରିଥିଲା ବେଳେ ସମ୍ପାଦକ ଶ୍ରୀକାନ୍ତ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।



ଫୁଟବଲ ଟୁର୍ନାମେଣ୍ଟରେ ଖେଳାଳିମାନେ।

### ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ

## ମିକ୍ସ ଇଲେଭେନ କୋବ୍ରା ଚମ୍ପିୟନ



ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

ରେଢ଼ାଖୋଲ,୨୮।୧୨(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ ବଡମାଳ ଜୟଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ ହୋଇଛି। ଏଥିରେ ମିକ୍ସ ଇଲେଭେନ କୋବ୍ରା ଦଳ ଚାମ୍ପିୟନ ହୋଇଛି। ସମୁଦାୟ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ମିକ୍ସ ଇଲେଭେନ କୋବ୍ରା ଓ ବରଗଡ କଟାପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କଟାପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ବିନିମୟରେ ୧୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ମିକ୍ସ ଇଲେଭେନ କୋବ୍ରା ଦଳ ୭ ଉଇକେଟ ହରାଇ ୧୦୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ରତନ ସେଠୀ ଓ ସୁଜିତ ନନ୍ଦ ଖେଳ ପରିଚାଳନା କରିଥିବା ବେଳେ ଶୁଭମ୍ ସେଠ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସରୋଜ ଧଳ ଓ ସୁଧୀର ହୋତା ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍ଯାପନୀ ସମାରୋହରେ ବଡମାଳ ସରପଞ୍ଚ ଷଡାନନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବଂଶାଜାଲ ସମବାୟ ସମିତିର ସଭାପତି ଲକ୍ଷ୍ମଣ ପ୍ରଧାନ, ଶ୍ରମିକ ନେତା ଅନାଦି ସାହୁ, ୟୁନିୟନ ବ୍ୟାଙ୍କ ମ୍ୟାନେଜର ଚନ୍ଦ୍ରକୁମାର ଭୋଇ, ବରିଷ୍ଠ ନାଗରିକ ବିଦ୍ୟାଧର ଗଡନାୟକ, ଗରଗଡବାହାଳ ସରପଞ୍ଚ ଦୀପ୍ତିବାଳା ଗଡନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୟ ଜଗନ୍ନାଥ କ୍ଲବର ସଭାପତି ଅଶୋକ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଯାପନୀ ସମାରୋହକୁ ନରେନ୍ଦ୍ର ଧଳ ପରିଚାଳନା କରିଥିଲେ। ସଂପାଦକ ଗୁପ୍ତେଶ୍ୱର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା

# ଶେଷ ରଜନୀରେ ୩ ନାଟକ ମଞ୍ଚସ୍ଥ

ସମ୍ବଲପୁର, ୨୮।୧୨ (ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ୨୩ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା- ୨୦୧୯ ଶନିବାର ଶେଷ ରଜନୀରେ ରଘୁପତି ରାଘବରାଜାରାମ, ଭାର, ତାର ଶେଷ ଇଚ୍ଛା ମଞ୍ଚସ୍ଥ ହୋଇଛି । ରବିବାର ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ । ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ପ୍ରଥମ ନାଟକ ସୋହେଲାର ଡ୍ରାମା ଚେତନା କଳାକାରମାନେ ରଘୁପତି ରାଘବରାଜାରାମ ପରିବେଷଣ କରିଥିଲେ । ଅଶୋକ କୁମାର ବହିଦାର ଏହାର ରଚନା କରିଥିବା ବେଳେ ଡା. ତୁଷାରକାନ୍ତ ସାହୁ ନିର୍ଦ୍ଦେଶନା ଦେଇଥିଲେ। ସଂପ୍ରତି ସମାଜରେ ନିଜେ କାମ କରି ନ ପାରି ଅନ୍ୟ ଉପରେ ନିର୍ଭର କରିବା, କିନ୍ତୁ ଭାଷଣ ମାଧମରେ ସେ ବିଷୟରେ ସଚେତନ କରିବା ଏକ ପ୍ରକାର ଫେଶନରେ ପରିଣତ ହୋଇଛି। କିନ୍ତୁ ଗାନ୍ଧିଜୀ କେବେ ମଧ କାହାକୁ ଉପଦେଶ ଦେଉ ନ ଥିଲେ । ସେ ନିଜେ କାମ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥିଲେ। ଏହି କଥାବସ୍ତୁକୁ ନେଇ ନାଟକ ଗତିଶୀଳ ହୋଇଥିଲା । ସେହିପରି ଦ୍ୱିତୀୟ ନାଟକ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଦୀପ ଭୋଲଙ୍କ ରଚିତ ଓ ପ୍ରଦୀପ କୁମାର ପଣ୍ଡାଙ୍କ ନିର୍ଦ୍ଦେଶନାରେ ସମ୍ବଲପୁର ମଞ୍ଚ ନାୟକ କଳାକାରମାନେ ଭାର ନାଟକ ପରିବେଷଣ କରିଥିଲେ । ଗୋଟିଏ ପରିବାରରେ ସ୍ୱାମୀ ସ୍ତ୍ରୀ ହେଉଛନ୍ତି ଭାର ସଦୃଶ। ଭାରର ଗୋଟିଏ ପାର୍ଶ୍ୱ ଟଳମଳ ହେଲେ ଅନ୍ୟ ପାର୍ଶ୍ୱଟି ମଧ ଖାପ୍ ଛଡା ହୋଇଥାଏ । ତେଣୁ ପରିବାରରେ ସ୍ୱାମୀ ସ୍ତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି କଥାବସ୍ତୁକୁ ନେଇ ନାଟକ ଗତିଶୀଳ ହୋଇଥିଲା । ଶେଷ ରଜନୀର ଶେଷ ନାଟକ ଅଦୃଶ୍ୟ ନାଟ୍ୟଶ୍ରମର କଳାକାରମାନେ ତାର ଶେଷ ଇଚ୍ଛା ପରିବେଷଣ କରିଥିଲେ । ଏହାକୁ ଅତିଶ ଶତପଥୀ ରଚନା ସହ ନିର୍ଦ୍ଦେଶନା ଦେଇଥିଲେ । ମଣିଷ ଜୀବନ ଦୁଇ ଦିନିଆ। ସମ୍ପର୍କ ଜୀବନରେ ଭାବ ଓ ରସ ସହ ବୋହିଯାଏ । କିନ୍ତୁ ଛୋଟ କଥାକୁ ନେଇ ମଧୁର ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡିଥାଏ । ତେଣୁ ପ୍ରକୃତ ପକ୍ଷେ ମଣିଷ ନିଜ ହୃଦୟରୁ ଅହଙ୍କାର ଓ ଜିଦ ତ୍ୟାଗ କଲେ ମଧୁର ସମ୍ପର୍କ ପୂର୍ଣ୍ଣମାର ଜହ୍ନ ପରି ହସି ଉଠିଥାଏ ବୋଲି ଏହି ନାଟକକରେ ବାର୍ତ୍ତା ଦିଆଯାଇଥିଲା। ଆୟୋଜକ ଯୁବ ଉଦୟନ ଯୁଗ୍ମ ସମ୍ପାଦକ ଅଭିଷେକ ମିଶ୍ରଙ୍କ ପରିଚାଳନାରେ କଳାକାର, ନିର୍ଦ୍ଦେଶକ ଏବଂ ନାଟ୍ୟକାରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଦୂରଦର୍ଶନ କେନ୍ଦ୍ରର ଅବସରପ୍ରାପ୍ତ ଅଧିକାରୀ ବୈକୁଣ୍ଠ ପାଣିଗ୍ରାହୀ, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ନକୁଳ ବାଦୀ ଏବଂ ଧୀରେନ୍ଦ୍ର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

### ଆଜି ପୁରସ୍କାର ବିତରଣ ଉତ୍ସବ







ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚରେ ରଘୁପତି ରାଘବ ରାଜାରାମ ନାଟକର ଏକ ଦୃଶ୍ୟ (ବାମ) ନାଟକ 'ଭାର'ର ଏକ ଦୃଶ୍ୟ । (ମଝି) ନାଟକ 'ତାର ଶେଷ ଇଚ୍ଛା' ର ଏକ ଦୃଶ୍ୟ ।

# ସ୍ମୃତିରେ ୨୦୧୯



୨୦୧୯ରେ ଆମମାନଙ୍କ ନଜରରେ ଥିଲେ ଏଭଳି କେତେଜଣ ବିଶିଷ୍ଟ ବ୍ୟକ୍ତି, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ ହୋଇ ଓଡ଼ିଶା ମାଟିକୁ ଗର୍ବିତ କରିଥିଲେ। କିନ୍ତୁ କେତେଜଣ ସୁଯୋଗ୍ୟ ସନ୍ତାନଙ୍କୁ ହରାଇ ରାଜ୍ୟବାସୀ ଝରାଇଥିଲେ ଲୁହ। ଏହି ସୁଖଦୁଃଖ ମଧ୍ୟରେ କେତେଜଣ ସେଲିବ୍ରିଟିଙ୍କ ଆଗମନ ଉତ୍ସାହ ଭରିଦେଇଥିଲା।

## ଅତିଥି



ରାମନାଥ କୋବିନ୍ଦ
ଡିସେମ୍ବର ୭

ଏମ୍. ଭେଙ୍କାୟା ନାଇଡୁ
ଅକ୍ଟୋବର ୬

ଡ. କେ. ଶିବନ୍
ସେପ୍ଟେମ୍ବର ୨୧

ଇମ୍ରାନ୍ ହାସ୍ମୀ
ଜାନୁୟାରୀ ୧୦

ତାପ୍ସୀ ପନ୍ନୁ
ଜାନୁୟାରୀ ୧୦

ଗୋବିନ୍ଦା
ଡିସେମ୍ବର ୮

ବବିତା ଫୋଗତ
ଡିସେମ୍ବର ୨୦

ଭେଙ୍କଟେଶ ପ୍ରସାଦ
ଡିସେମ୍ବର ୨୧

ମୋହନ ଭାଗବତ
ଅକ୍ଟୋବର ୧୨

ମିଥୁନ ଚକ୍ରବର୍ତ୍ତୀ
ଏପ୍ରିଲ ୨୫

କମଲ ହାସନ
ନଭେମ୍ବର ୧୮

ୟାମି ଗୌତମ
ଜୁଲାଇ ୭

ବିଦ୍ୟୁତ୍ ଜାମୱାଲ
ସେପ୍ଟେମ୍ବର ୨୧

ଚେତନ ଭଗତ
ଡିସେମ୍ବର ୧୦

ସୁନିଧି ଚୌହାନ
ନଭେମ୍ବର ୨୩

ଜୁହି ଚାୱଲା
ଏପ୍ରିଲ୍ ୨୬

ସୋନୁ ନିଗମ
ଫେବୃୟାରୀ ୧୧

ଅର୍ଜୁନ କାନୁନ୍‌ଗୋ
ନଭେମ୍ବର ୨୩



ନେହା କକ୍କର
ଫେବୃୟାରୀ ୨

ଦଲେର ମେହେନ୍ଦୀ
ନଭେମ୍ବର ୧୬





## 'ଇକୋ ରିଟ୍ରିଟ୍'

ବିଶ୍ୱପ୍ରସିଦ୍ଧ କୋଣାର୍କକୁ ଦିନିକିଆ ପର୍ଯ୍ୟଟନସ୍ଥଳୀରୁ ରହଣି ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ କରାଯାଇଛି 'ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍'। କୋଣାର୍କ-ପୁରୀ ବେଳାଭୂମି ରାସ୍ତାର ସାହୁଖଣତାଠାରେ ଡିସେମ୍ବର ୧୪ରୁ ଆରମ୍ଭ ହୋଇଥିବା ଏହି ୪୯ ଦିନର କାର୍ଯ୍ୟକ୍ରମରେ ପର୍ଯ୍ୟଟକମାନେ ଲକ୍ଜ୍ୟୁରି କଟେଜ୍, ଆଡ୍‌ଭେଞ୍ଚର ସ୍ପୋର୍ଟସ, ୱାଟର୍ ସ୍ପୋର୍ଟସ, ବିଚ୍ ଭଲିବଲ୍, ଥେରାପ୍ୟୁଟିକ୍ ୱାକ, ବିଚ୍ ସ୍ପା, ସେଲିବ୍ରିଟି ଡିଜେ, ଖ୍ୟାତନାମା ବ୍ୟାଣ୍ଡ୍ ଓ ମନପସନ୍ଦର ଖାଦ୍ୟ ପାଇପାରୁଛନ୍ତି।

## ବାଲିନିଜ୍ ନୃତ୍ୟରେ ବାନ୍ଧିହେଲେ ଦର୍ଶକ

ଆଲୋଚ୍ୟ ବର୍ଷରେ ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ ଓ କୋଣାର୍କ ଭଳି ସହରରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେଶବିଦେଶରୁ କଳାକାରମାନେ ଆସି ନୃତ୍ୟ, ସଙ୍ଗୀତ, ନାଟକ ପରିବେଷଣ କରିଥିଲେ। କେତେକ ଆକର୍ଷଣୀୟ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ ଥିଲା ଡିସେମ୍ବର ୩ରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ବାଲିନିଜ୍ ନୃତ୍ୟ। କାହିଁ କେଉଁ କାଳରୁ ରହିଆସିଥିବା ଓଡ଼ିଶା ସହ ଇଣ୍ଡୋନେସିଆର ସମ୍ପର୍କକୁ ତାହା ଦର୍ଶାଇଥିଲା। ଇଣ୍ଡୋନେସିଆ ବାଲିର କଳାକାରମାନେ ସାଂସ୍କୃତିକ ସମ୍ପର୍କର ଭିନ୍ନ ଝଲକ ଆଣିଦେଇଥିଲେ।



## ସମ୍ମାନ



ଶୀତଲ ସାହୁ



ଅମିତା ପଣ୍ଡା

**ଜାନୁୟାରୀ ୯:** ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଉପାସନା ପାତ୍ର ପୁରୀରେ ଆୟୋଜିତ ଗ୍ଲୋରି ଫେଷ୍ଟରେ ପିନ୍ଧିଥିଲେ ଗ୍ଲୋରି କୁଇନ୍ ମୁକୁଟ। ପ୍ରଥମ ରନର୍ସ ଅପ୍ ହୋଇଥିଲେ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଶିବାନୀ ବାଘେଲ୍ ଏବଂ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ ପୁରୀ ସୁରଜମଲ୍ଲ ଶାହା କଲେଜର ଛାତ୍ରୀ ସାଗରିକା ଚାନ୍ଦ।

**ଜାନୁୟାରୀ ୧୬:** ତିତ୍‌ଲି ବାତ୍ୟା ସମ୍ପର୍କିତ ଆଗୁଆ ସୂଚନା ଦେବାରେ ନିଜର ପାରଦର୍ଶିତା ପାଇଁ ଭାରତୀୟ ପାଣିପାଗ ବିଭାଗର କାର୍ଯ୍ୟରତ ବୈଜ୍ଞାନିକ ଉମାଶଙ୍କର ଦାସଙ୍କୁ ସର୍ବକନିଷ୍ଠ ପାଣିପାଗ ବିଜ୍ଞାନୀ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଫେବୃୟାରୀ ୬:** ୨୦୧୭ ବର୍ଷ ପାଇଁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଥିଲେ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର। ଏହାସହ ଛଉନୃତ୍ୟ ପାଇଁ ଓଡ଼ିଶାର ଜନ୍ମେଜୟ ସାଇବାବୁ ଏହି ସମ୍ମାନ ଜନକ ପୁରସ୍କାର ପାଇଥିଲେ।

**ମାର୍ଚ୍ଚ ୧:** ଚଳଚ୍ଚିତ୍ର ସମ୍ପାଦନା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ରବିଶଙ୍କର ପଟ୍ଟନାୟକଙ୍କୁ ଜୟଦେବ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

**ମାର୍ଚ୍ଚ ୧୬:** କୃଷି କ୍ଷେତ୍ରରେ ଅବଦାନ ପାଇଁ କମଳା ପୂଜାରୀ, ସମାଜସେବା ପାଇଁ ଦୈତାରି ନାୟକ ଓ ଡି. ପ୍ରକାଶ ରାଓଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ।

**ଏପ୍ରିଲ ୩:** ମିସେସ୍ ସେଣ୍ଟ୍ରାଲ ଏସିଆ ପାସିଫିକ୍ ୟୁନିଭର୍ସ ୨୦୧୯ ଟାଇଟଲ ବିଜୟୀ ହୋଇଥିଲେ ଓଡ଼ିଶାର ଅମିତା ପଣ୍ଡା।

**ଏପ୍ରିଲ ୪:** ମୁମ୍ବାଇ ମହାନଗର ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେଇ ମିସ୍ ଟ୍ରାଡିଶନାଲ ବିଭାଗରେ ବିଜୟୀ ହୋଇଥିଲେ ଓଡ଼ିଆ ଝିଅ ଶିବାନୀ ମିଶ୍ର।

**ଏପ୍ରିଲ ୨୩:** ୨୦୧୯ ବର୍ଷ ପାଇଁ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା ଟାଇଟଲ ଜିତିଥିଲେ ରାୟଗଡ଼ାର ଶୀତଲ ସାହୁ।

**ଜୁଲାଇ ୧୬:** ଖ୍ୟାତନାମା ସଙ୍ଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କୁ ସିକନ୍ଦର ଆଲାମ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

**ଜୁଲାଇ ୨୮:** ଆମେରିକାର ବୋଷ୍ଟନ ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ ଆର୍ଟ ଚାମ୍ପିୟନଶିପ୍‌ରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ପିପୁଲ୍‌ସ ଚଏସ୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ସୁଦର୍ଶନ ପ୍ଲାଷ୍ଟିକ ପ୍ରଦୂଷଣର କରାଳ ରୂପକୁ ବାଲୁକା କଳାରେ ଦର୍ଶାଇଥିଲେ।

**ଅକ୍ଟୋବର ୧୨:** ଇଣ୍ଡିଆସ୍ ଚାର୍ମିଂ ଫେସ୍ ଓଡ଼ିଶା ୨୦୧୯ ଟାଇଟଲ୍ ଜିତିଥିଲେ କଟକର ନାଗଜା ନିରଞ୍ଜନା।

**ଅକ୍ଟୋବର ୨୬:** ପୁସ୍ତକ 'ଚରୁ ଚିବର ଓ ଚର୍ଯ୍ୟା' ପାଇଁ ବିଶିଷ୍ଟ ଲେଖକ ଡ. ପ୍ରଦୀପ ଦାଶଙ୍କୁ ସମ୍ମାନଜନକ 'ଶାରଳା ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ 'ଇଲା ପଣ୍ଡା ସଙ୍ଗୀତ ସମ୍ମାନ' ଓ ଲଲାଟ ମୋହନ ପଟ୍ଟନାୟକଙ୍କୁ 'ଇଲା ପଣ୍ଡା ଚିତ୍ରକଳା ସମ୍ମାନ' ମିଳିଥିଲା।

**ନଭେମ୍ବର ୨:** ବିଶିଷ୍ଟ କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲିଙ୍କୁ ମରଣୋତ୍ତର ଭାବେ ଭିକାରୀ ବଳ ସମ୍ମାନ ପ୍ରଦାନ କରାଯାଇଥିଲା। ଭଜନ ସମ୍ରାଟଙ୍କ ନବମ ଶ୍ରାଦ୍ଧ ବାର୍ଷିକୀରେ ଏହା ଦିଆଯାଇଥିବାବେଳେ ତାଙ୍କ ସ୍ତ୍ରୀ ସଂଯୁକ୍ତା ମୁଦୁଲି ସମ୍ମାନ ଗ୍ରହଣ କରିଥିଲେ।

**ନଭେମ୍ବର ୧୩:** ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୨୦୧୭ ବର୍ଷ ଲାଗି ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ଡ. ଶ୍ୟାମାମଣି ଦେବୀ ଓ ୨୦୧୮ ନିମନ୍ତେ ଗଞ୍ଜାମର ପ୍ରଖ୍ୟାତ ଦାସକାଠିଆ ଶିଳ୍ପୀ ଉପେନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି ଦୁଇବର୍ଷ ପାଇଁ ବହୁ ବ୍ୟକ୍ତିତ୍ୱଙ୍କୁ 'ଏକାଡେମୀ ସମ୍ମାନ' ପ୍ରଦାନ କରାଯାଇଥିଲା।

## ପରଲୋକ

**ଜାନୁୟାରୀ ୧୬:** ପ୍ରଫେସର ଡ. ମହମ୍ମଦ କମରୁଦ୍ଦିନ ଖାନ୍, ଇଂଲିଶ ଭାଷା ବିଶାରଦ
**ଜାନୁୟାରୀ ୨୬:** ସାମନ୍ତ ନାରାୟଣ ଶ୍ରୀଚନ୍ଦନ ମହାପାତ୍ର, ବାଙ୍କୀ ରାଜା ତଥା ମା' ଚର୍ଚ୍ଚିକାଙ୍କ ଆଦ୍ୟସେବକ
**ଜାନୁୟାରୀ ୨୬:** ଅର୍ଜୁନ ସାମଲ, ଲୋକପ୍ରିୟ ଓଡ଼ିଆ କଣ୍ଠଶିଳ୍ପୀ
**ଜାନୁୟାରୀ ୨୭:** କବି ସୁବୋଧ ନାୟକ, ଆକାଶବାଣୀ ଓ ଦୂରଦର୍ଶନର ବରିଷ୍ଠ ସମାଚାର ଉପସ୍ଥାପକ
**ଜାନୁୟାରୀ ୨୭:** ରାମଚନ୍ଦ୍ର ପ୍ରତିହାରୀ, ବିଶିଷ୍ଟ ମଞ୍ଚ ଅଭିନେତା, ବର୍ଷୀୟାନ ଚଳଚ୍ଚିତ୍ର କଳାକାର
**ଜାନୁୟାରୀ ୨୯:** ବୈଦେହୀ ପଣ୍ଡା, ସର୍ବୋଦୟ ନେତ୍ରୀ
**ଜାନୁୟାରୀ ୨୯:** କୁଞ୍ଜବିହାରୀ ମହାପାତ୍ର, ଓଡ଼ିଶାର ସୁନାମଧନ୍ୟ ସ୍ଥପତି
**ଫେବୃୟାରୀ ୪:** ହରିହର କରଣ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା
**ଫେବୃୟାରୀ ୬:** ଚକ୍ରଧର ସାହୁ, ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ
**ଏପ୍ରିଲ ୧:** କାର୍ତ୍ତିକ ଚନ୍ଦ୍ର ରଥ, ନାଟ୍ୟକାର, ନିର୍ଦ୍ଦେଶକ
**ଏପ୍ରିଲ ୭:** ବାସୁଦେବ ରଥ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ
**ଏପ୍ରିଲ ୯:** ନିମାଇଁ ବାନାର୍ଜୀ, ବିଶିଷ୍ଟ ଜ୍ୟୋତିର୍ବିଦ୍
**ଏପ୍ରିଲ ୧୪:** ରାଖାଲ ଚନ୍ଦ୍ର ମହାନ୍ତି, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ
**ଏପ୍ରିଲ ୨୨:** ରମା କର, ବିଶିଷ୍ଟ ସମାଜସେବୀ, ସୁଲେଖିକା
**ମେ ୭:** ପ୍ରଫେସର ବୈଦ୍ୟନାଥ ମିଶ୍ର, ବିଶିଷ୍ଟ ଅର୍ଥନୀତିଜ୍ଞ
**ମେ ୧୯:** ବାସୁଦେବ ସାହୁ, ବରିଷ୍ଠ ଅର୍ଥନୀତିଜ୍ଞ ତଥା ଲେଖକ
**ମେ ୨୩:** କଳ୍ପନା ଦାଶ, ରାଜ୍ୟର ପ୍ରଥମ ଏଭରେଷ୍ଟ ଆରୋହଣକାରୀ
**ମେ ୨୫:** ରାମହରି ମିଶ୍ର, ବରିଷ୍ଠ ତଥା ଜଣାଶୁଣା ସାମ୍ବାଦିକ
**ମେ ୩୧:** ପ୍ରବୀଣା ମହାନ୍ତି, ବିଶିଷ୍ଟ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ସ୍ତ୍ରୀ
**ଜୁନ୍ ୩:** ସଲିଲ ମିତ୍ର, ଜଣାଶୁଣା ହାସ୍ୟ ଅଭିନେତା
**ଜୁନ୍ ୩୦:** ମଦନ ମୋହନ ମହାନ୍ତି, ବିଶିଷ୍ଟ ଗଣିତ ବିଶାରଦ
**ଜୁନ୍ ୩୦:** କେଶବ ଚନ୍ଦ୍ର ରାଉତ, ଓଡ଼ିଆ ସିନେପ୍ରଯୋଜକ, କଂଗ୍ରେସ ନେତା
**ଅଗଷ୍ଟ ୨୬:** ଲଲାଟ ଇନ୍ଦୁ ପରିଜା, ପୂର୍ବତନ ମୁଖ୍ୟ ଶାସନ ସଚିବ
**ସେପ୍ଟେମ୍ବର ୨୦:** ରତ୍ନ ନରୋତ୍ତମ ମହାପାତ୍ର, ରାଜ୍ୟସ୍ତରୀୟ ପାଲାଗାୟକ
**ସେପ୍ଟେମ୍ବର ୨୨:** ସୁମିତ୍ରା ଚୌଧୁରୀ, ଗାନ୍ଧିବାଦୀ ସର୍ବୋଦୟ ନେତ୍ରୀ
**ନଭେମ୍ବର ୩୦:** ରାଧାକାନ୍ତ ନନ୍ଦ, ପ୍ରଖ୍ୟାତ ତବଲା ବାଦକ ତଥା ସଙ୍ଗୀତ
**ଡିସେମ୍ବର ୧:** ପଦ୍ମନାଭ ବେହେରା, ସ୍ୱାଧୀନତା ସଂଗ୍ରାମୀ
**ଡିସେମ୍ବର ୮:** ଭାଗବତ ମହାନ୍ତି, ପୂର୍ବତନ ମନ୍ତ୍ରୀ



ସୁମିତ୍ରା ଚୌଧୁରୀ | ରାଖାଲ ଚନ୍ଦ୍ର ମହାନ୍ତି | ବାସୁଦେବ ରଥ | ରମା କର | କାର୍ତ୍ତିକ ଚନ୍ଦ୍ର ରଥ | କଳ୍ପନା ଦାଶ | ଅର୍ଜୁନ ସାମଲ

ସଲିଲ ମିତ୍ର | ବୈଦେହୀ ପଣ୍ଡା | ରାଧାକାନ୍ତ ନନ୍ଦ | ନିମାଇଁ ବାନାର୍ଜୀ | ରାମଚନ୍ଦ୍ର ପ୍ରତିହାରୀ | ପ୍ରବୀଣା ମହାନ୍ତି | କୁଞ୍ଜବିହାରୀ ମହାପାତ୍ର

ବୈଦ୍ୟନାଥ ମିଶ୍ର | କେଶବ ଚନ୍ଦ୍ର ରାଉତ | ଚକ୍ରଧର ସାହୁ | ଲଲାଟ ଇନ୍ଦୁ ପରିଜା | ରତ୍ନ ନରୋତ୍ତମ ମହାପାତ୍ର | ଭାଗବତ ମହାନ୍ତି | ହରିହର କରଣ

୨୦୧୯ରେ ଏଭଳି କିଛି ସୁଖବର ଥିଲା, ଯାହା ଜନମାନସରେ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛି।

# ସ୍ମୃତିରେ ୨୦୧୯






## ଦିଲ୍ଲୀ 'ଆଜାଦୀ କେ ଦିୱାନେ' ମ୍ୟୁଜିୟମରେ ବାଜି ରାଉତ, ନନ୍ଦିନୀ ଶତପଥୀ

ଦିଲ୍ଲୀ ଲାଲକିଲ୍ଲାଠାରେ ଗତ ଜାନୁୟାରୀ ୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା 'ଆଜାଦୀ କେ ଦିୱାନେ' ମ୍ୟୁଜିୟମରେ ସ୍ଥାନ ପାଇଥିଲେ ବାଜି ରାଉତ ଓ ଲୌହମାନବୀ ନନ୍ଦିନୀ ଶତପଥୀ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୨ତମ ଜୟନ୍ତୀ ଅବସରରେ ଲୋକାର୍ପିତ ଏହି ନୂତନ ସଂଗ୍ରହାଳୟରେ ଓଡ଼ିଶାର ଦୁଇ ମହାନ୍ ଓଡ଼ିଆଙ୍କ ବିଷୟରେ ଉଲ୍ଲେଖ କରାଯାଇଛି।

## ବିମାନ ଉଡ଼ାଇଲେ ଆଦିବାସୀ ଝିଅ



ମାଲକାନଗିରି ଭଳି ଉପାନ୍ତ ଓ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳର ଆଦିବାସୀ ଝିଅ ଅନୁପ୍ରିୟା ଲାକ୍ରା ପାଲଟିଥିଲେ ଜିଲାର ପ୍ରଥମ ମହିଳା ପାଇଲଟ। ସେ ସେମିଳିଗୁଡାରେ ଯୁକ୍ତ୨ ପର୍ଯ୍ୟନ୍ତ ପଢ଼ିଥିଲେ। ପରେ ଭୁବନେଶ୍ୱରରେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। କିନ୍ତୁ ପାଇଲଟ୍ ହେବା ତାଙ୍କର ପିଲାଦିନରୁ ଇଚ୍ଛା ଥିଲା। ସେଥିପାଇଁ ସେ ଇଞ୍ଜିନିୟରିଂ ପାଠ ଅଧାରୁ ଛାଡ଼ି ଦେଇଥିଲେ। ୨୦୧୨ରୁ ଭୁବନେଶ୍ୱରସ୍ଥିତ ଏକ ପାଇଲଟ୍ ତାଲିମ କେନ୍ଦ୍ରରେ ତାଙ୍କର ସ୍ୱତନ୍ତ୍ର ତାଲିମ ଆରମ୍ଭ ହୋଇଥିଲା। ତାଲିମ ଶେଷ ହେବାପରେ ସେପ୍ଟେମ୍ବରରେ ତାଙ୍କୁ ଏକ ଘରୋଇ କମ୍ପାନୀରେ କୋ-ପାଇଲଟ ଭାବେ ନିଯୁକ୍ତି ମିଳିଥିଲା।

## ନଂ ୧ ଧରିତ୍ରୀ

ରାଜ୍ୟରେ ପ୍ରସାରିତ ଖବରକାଗଜଗୁଡ଼ିକ ମଧ୍ୟରୁ 'ଧରିତ୍ରୀ' ପ୍ରସାରଣ ସର୍ବାଧିକ। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ପଚରା ଯାଇଥିବା ଅଣତାରକା ପ୍ରଶ୍ନ ନଂ. ୯୮ର ଉତ୍ତର ଦେବାକୁ ଯାଇ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଜୁନ୍ ୨୭ରେ ବିଧାନସଭାରେ ଏହି ତଥ୍ୟ ଉପସ୍ଥାପନ କରିଥିଲେ। ପୁନର୍ବାର ନଭେମ୍ବର ୨୧ରେ ମନ୍ତ୍ରୀ ଦାସ ବିଧାନସଭାରେ ଲିଖିତ ଉତ୍ତର ମାଧ୍ୟମରେ ଧରିତ୍ରୀ ରାଜ୍ୟର ସର୍ବାଧିକ ପ୍ରସାରିତ ଖବରକାଗଜ ବୋଲି ଦର୍ଶାଇଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ 'ଧରିତ୍ରୀ'ର ପ୍ରସାରଣ ୪ ଲକ୍ଷ ୭୬ ହଜାର ୫୦୦ ଥିବାବେଳେ ଏହାଠାରୁ ପ୍ରାୟ ୫୦ ହଜାର ପ୍ରସାରଣ କମ୍‌ରେ 'ପ୍ରମେୟ' ଦ୍ୱିତୀୟ ସ୍ଥାନ(୪ ଲକ୍ଷ ୨୨ ହଜାର ୩୬୦)ରେ ରହିଛି।

## 'କସ୍‌ମୋପଲିଟାନ୍' କଭର୍‌ଷ୍ଟୋରିରେ ଦୂତୀ




ଅନ୍ତର୍ଜାତୀୟସ୍ତରରେ ଖ୍ୟାତିଅର୍ଜନ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ଦୂତୀ ଚାନ୍ଦ ବିଶ୍ୱର ସର୍ବାଧିକ ପ୍ରସାରିତ ଫ୍ୟାଶନ ମାଗାଜିନ୍ 'କସ୍‌ମୋପଲିଟାନ୍'ର କଭର୍ ଷ୍ଟୋରିରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଥିଲେ। ଜୁଲାଇ ମାସର ସଂସ୍କରଣରେ ଦୂତୀଙ୍କ ସମ୍ପୂର୍ଣ୍ଣ ଜୀବନ କାହାଣୀ ସ୍ଥାନ ପାଇଥିଲା। ସେହିପରି ଅକ୍ଟୋବରରେ ପ୍ୟୁମାର ବହୁଚର୍ଚ୍ଚିତ ଆଡ୍ କ୍ୟାମ୍ପେନ୍ 'ପ୍ରୋପା ଲେଡି'ରେ ଦୂତୀ ନଜରକୁ ଆସିଥିଲେ।

### ମେଟଲ ମିଟ୍ ଚତୁର୍ଥ ସଂସ୍କରଣ

## ମଦର୍ସ ପବ୍ଲିକ ସ୍କୁଲ, ଆଇଜିଆଇଟି ପ୍ରଥମ

ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଆୟୋଜିତ କୁଇଜ ମହାକୁମ୍ଭ 'ମେଟଲ ମିଟ୍-୨୦୧୯'ର ଗ୍ରାଣ୍ଡ ଫିନାଲେ ଅଗଷ୍ଟ ୪ରେ ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନିୟର ବର୍ଗରେ ଭୁବନେଶ୍ୱରର ମଦର୍ସ ପବ୍ଲିକ ସ୍କୁଲ ଏବଂ ସିନିୟର ବର୍ଗରେ ଢେଙ୍କାନାଳ ସରାଙ୍ଗସ୍ଥିତ ଆଇଜିଆଇଟିର ପ୍ରତିଯୋଗୀମାନେ ପ୍ରଥମସ୍ଥାନ ଅଧିକାର କରିଥିଲେ।




## ଦେଶର ପ୍ରଥମ '୫ ଷ୍ଟାର୍' ଉବର୍ ଡ୍ରାଇଭର **ରାଣୀ କିନ୍ନର**

ମଲ୍ଟିନ୍ୟାଶନାଲ ଟ୍ରାନ୍ସପୋର୍ଟ କମ୍ପାନୀ 'ଉବର୍' ପାଇଁ କ୍ୟାବ୍ ଚଳାଉଥିବା ଓଡ଼ିଶାର ରାଣୀ କିନ୍ନର ସେପ୍ଟେମ୍ବରରେ ଦେଶର ପ୍ରଥମ ଫାଇଭ୍ ଷ୍ଟାର୍ କିନ୍ନର ଉବର୍ ଡ୍ରାଇଭର ହେବାର ଗୌରବ ଅର୍ଜିଥିଲେ। ଅର୍ଥାତ୍ ସର୍ବଶ୍ରେଷ୍ଠ ରେଟିଂ ପାଇଥିବା ଡ୍ରାଇଭର ସହ ଭାରତର ୧ ନମ୍ବର ଉବର୍ ଡ୍ରାଇଭର ପାଲଟିଥିଲେ ରାଣୀ। ମଧ୍ୟରାତି ହେଉ କି ରାଜଧାନୀ ଭୁବନେଶ୍ୱରର ବ୍ୟସ୍ତବହୁଳ ଟ୍ରାଫିକ୍, ଯାତ୍ରୀଙ୍କୁ ଠିକ୍ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇ ସମସ୍ତଙ୍କ ପ୍ରିୟ ପାଲଟିଛନ୍ତି ରାଣୀ। ଏକୁଟିଆ ମହିଳାଙ୍କୁ ସୁରକ୍ଷିତ ଭାବେ ଘରେ ପହଞ୍ଚାଇ ସେ ମହିଳାଙ୍କ ସର୍ବାଧିକ ପ୍ରିୟଭାଜନ ହୋଇଛନ୍ତି। ସେଥିପାଇଁ ତ ସେ ୯୫ ପ୍ରତିଶତ ବୁକିଂ କେବଳ ମହିଳାଙ୍କଠାରୁ ପାଇବା ସହ ପ୍ରତି ବୁକିଂରେ ପାଇଥାନ୍ତି ୫ ଷ୍ଟାର୍।



## ଓଡ଼ିଆ ଆଇଏଏସ୍ ଅଫିସର ପ୍ରମୋଦ ମିଶ୍ରଙ୍କୁ ଜାତିସଂଘ ପୁରସ୍କାର



ଓଡ଼ିଶା ଜନ୍ମିତ ବରିଷ୍ଠ ଆଇଏଏସ୍ ଅଫିସର୍ ତଥା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ ମିଶ୍ରଙ୍କୁ ମେ ମାସରେ ୨୦୧୯ର ବିପର୍ଯ୍ୟୟ ସଙ୍କଟ ହ୍ରାସ ଲାଗି ଜେନିଭାରେ ଜାତିସଂଘର ସମ୍ମାନଜନକ କାକାସାୱା ପୁରସ୍କାର ମିଳିଥିଲା। ପ୍ରବଳ ଝଡ଼ବର୍ଷା ପ୍ରତ୍ୟେକଙ୍କ ଜୀବନ ଓ ଗରିବ କୃଷକଙ୍କ ଜୀବିକା ଉପରେ କି ପ୍ରଭାବ ପକାଇଥାଏ, ସେ ସମ୍ପର୍କରେ ମିଶ୍ର ଅନୁଧ୍ୟାନ କରିଛନ୍ତି। ଏହା ଉପରେ ସେ ଗବେଷଣା କରି ଶସ୍ୟବୀମା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏବେ ଭାରତର ଶସ୍ୟବୀମା ଯୋଜନା ବିଶ୍ୱର ଅନ୍ୟତମ ସର୍ବବୃହତ୍ ବୋଲି କୁହାଯାଉଛି।

## ଇତିହାସ ରଚିଲେ ଓଡ଼ିଆ ଛାତ୍ର ଅଶ୍ୱଥ



ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଚଳିତବର୍ଷ ସର୍ବାଧିକ ପଦକ ଜିତି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା ଭାରତ। ରୁଷିଆର କାଜାନ୍ ସହରରେ ଅଗଷ୍ଟ ମାସରେ ଅନୁଷ୍ଠିତ ୪୫ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାରତ ଗୋଟିଏ ସ୍ୱର୍ଣ୍ଣ ପଦକ ସହ ଗୋଟିଏ ରୌପ୍ୟ ଏବଂ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛି। ସବୁଠାରୁ ବଡ଼କଥା ହେଲା ଏହି ସ୍ୱର୍ଣ୍ଣ ପଦକ ଜିତିଥିଲେ ଓଡ଼ିଆ ଯୁବକ ଏସ୍. ଅଶ୍ୱଥ ନାରାୟଣ। ୨୫ବର୍ଷୀୟ ଅଶ୍ୱଥ ୱାଟର୍ ଟେକ୍ନୋଲୋଜି ବିଭାଗରେ ସାମିଲ ହୋଇଥିଲେ।

## ଭୂମିକା, ଅଂଶିକା ଗୁଡ୍‌ୱିଲ ଆମ୍ବାସାଡର

ୟୁନାଇଟେଡ ନେଶନ୍ସ କନଭେନଶନ ଅନ୍ ଦି ରାଇଟ୍‌ସ ଅଫ ଦି ଚାଇଲ୍ଡ(ୟୁଏନ୍‌ସିଆର୍‌ସି) ଢାଞ୍ଚାରେ ପିପୁଲ୍‌ସ କଲଚରାଲ ସେଣ୍ଟର(ପିକକ୍) ପକ୍ଷରୁ ଓଡ଼ିଶା ତଥା ସମଗ୍ର ଦେଶରେ ଶିଶୁ ଅଧିକାରର ସୁରକ୍ଷା ନିମନ୍ତେ ଦୁଇଜଣ ଲୋକପ୍ରିୟ ଚେହେରାଙ୍କୁ ଗୁଡ଼୍‌ୱିଲ ଆମ୍ବାସାଡର ଭାବେ ଘୋଷଣା କରାଯାଇଥିଲା। ଓଡ଼ିଆ ଅଭିନେତ୍ରୀ ଭୂମିକା ଦାଶ ଓ କ୍ରୀଡ଼ାବିତ୍ ଅଂଶିକା ରାଉତରାୟଙ୍କୁ ୨୦୧୯ରୁ ୨୦୨୧ ମସିହା ପର୍ଯ୍ୟନ୍ତ ଗୁଡୱିଲ ଆମ୍ବାସାଡର ଭାବେ ଚୟନ କରାଯାଇଥିଲା।



## ଓଡ଼ିଆ ଆଇପିଏସ୍ ଅଫିସର ତାମିଲନାଡୁ ଡିଜିପି



ଓଡ଼ିଆ ଆଇପିଏସ୍ ଅଫିସର ଜଳଦ କୁମାର ତ୍ରିପାଠୀ ତାମିଲନାଡୁର ନୂତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ହୋଇଥିଲେ। ପୂର୍ବରୁ ସେ ଚେନ୍ନାଇ କମିଶନର ଭାବେ କାର୍ଯ୍ୟ କରୁଥିଲେ।

## 'ଓଡ଼ିଶା ରସଗୋଲା'କୁ ଜିଆଇ ଟ୍ୟାଗ୍

ଜୁଲାଇ ୨୯ରେ ରାଜ୍ୟବାସୀଙ୍କୁ ମିଳିଥିଲା ଏକ ଭଲ ଖବର। ଦେଢ଼ବର୍ଷର ବିବାଦ ପରେ 'ଓଡ଼ିଶା ରସଗୋଲା'କୁ ନିଜର ସ୍ୱତନ୍ତ୍ର ଭୌଗୋଳିକ ସଙ୍କେତ ବା ଜିଓଗ୍ରାଫିକାଲ୍ ଇଣ୍ଡିକେଶନ(ଜିଆଇ) ଟ୍ୟାଗ୍ ମିଳିଥିଲା। ଏ ସମ୍ପର୍କିତ ପ୍ରମାଣପତ୍ର ଚେନ୍ନାଇସ୍ଥିତ ଜିଆଇ କାର୍ଯ୍ୟାଳୟ ପକ୍ଷରୁ ମିଳିବା ପରେ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଦୀର୍ଘଦିନରୁ ଲାଗି ରହିଥିବା ଶୀତଳ ଯୁଦ୍ଧର ଅନ୍ତ ଘଟିଥିଲା। ଉକ୍ତ ଜିଆଇ ଟ୍ୟାଗ୍‌ର ମାଲିକାନା ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ(ଓଏସ୍‌ଆଇସି) ଅଧୀନରେ ରହିଥିଲାବେଳେ ମାନ୍ୟତାର ବୈଧତା ୧୦ ବର୍ଷ ଯାଏରହିବ। ଜିଆଇ ମାନ୍ୟତା ପରେ ରସଗୋଲାକୁ ବିଦେଶକୁ ରପ୍ତାନି କରିବାର ପଥ ସହଜ ହେବା ସହ ବ୍ୟବସାୟୀଙ୍କ ଆର୍ଥିକ ଅଭିବୃଦ୍ଧି ଆଶା କରାଯାଉଛି।



## ଲିମ୍‌କା ବୁକ୍‌ରେ ସ୍ଥାନ ପାଇଲା ଜଗା-କାଳିଆଙ୍କ ଅସ୍ତ୍ରୋପଚାର

ନଭେମ୍ବର ୧୨ରେ ରାଜ୍ୟବାସୀଙ୍କୁ ମିଳିଥିଲା ଖୁସି ଖବର। କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କଠାରେ ହୋଇଥିବା ଅସ୍ତ୍ରୋପଚାର ଲିମ୍‌କା ବୁକ୍ ଅଫ୍ ରେକର୍ଡସର ୨୦୨୦ ସଂସ୍କରଣରେ ସ୍ଥାନ ପାଇଥିଲା। ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଅଶୋକ କୁମାର ମହାପାତ୍ରଙ୍କ ନେତୃତ୍ୱରେ ୨୦୧୭ ଅଗଷ୍ଟ ୨୮ ଓ ଦ୍ୱିତୀୟ ଅସ୍ତ୍ରୋପଚାର ସେହିବର୍ଷ ଅକ୍ଟୋବରରେ କରାଯାଇଥିଲା। ଦିଲ୍ଲୀ ଏମ୍‌ସରେ ଜଗା-କାଳିଆ ପ୍ରାୟ ୨ ବର୍ଷ ରହିବା ପରେ ଗତ ସେପ୍ଟେମ୍ବର ୭ରେ ଓଡ଼ିଶା ଫେରି ଆସିଥିଲେ। ସେମାନେ ଏବେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି।



## ରୋବୋଟିକ୍ ହାତ ତିଆରି କଲେ ଛାତ୍ର



କଟକ ଜିଲା ଓଲଟପୁରଠାରେ ଥିବା ଏସଭି ନିର୍‌ତାର ଦିବ୍ୟାଙ୍ଗ ଚିକିତ୍ସା ଓ ଗବେଷଣା କେନ୍ଦ୍ର ପ୍ରୋସ୍ଥେଟିକ ଓ ଅର୍ଥୋଟିକ ବିଭାଗର ଛାତ୍ର ଦୀପକ ସାହୁ ତିଆରି କରିଥିଲେ ଦିବ୍ୟାଙ୍ଗଙ୍କ ପାଇଁ ବିଦ୍ୟୁତ୍ ଚାଳିତ କୃତ୍ରିମ ହାତ। ରୋବୋଟିକ୍ ହାତ ବ୍ୟବହାର ଦ୍ୱାରା ଦିବ୍ୟାଙ୍ଗ ବ୍ୟକ୍ତି ଅତି ସହଜରେ ଖାଇବା, ପିଇବା, ଲେଖିବା, ଝାଡୁମାରିବା ଓ ଖବରକାଗଜ ଧରି ପଢ଼ିପାରିବେ।

## ଭୁବନେଶ୍ୱର ଷ୍ଟେଶନରେ ସେଗ୍‌ୱେ ପାଟ୍ରୋଲିଂ

ଓଡ଼ିଶାରେ ପ୍ରଥମ ସେଗ୍‌ୱେ ପାଟ୍ରୋଲିଂ ବ୍ୟବସ୍ଥା ଭୁବନେଶ୍ୱର ରେଳଷ୍ଟେଶନରେ ନଭେମ୍ବର ୧୯ରେ ଆରମ୍ଭ ହୋଇଥିଲା। ଯାତ୍ରୀଙ୍କୁ ସର୍ବାଧିକ ସୁରକ୍ଷା ଯୋଗାଇଦେବାକୁ ପୂର୍ବତଟ ରେଳପଥ ଏହି ନୂଆ ବ୍ୟବସ୍ଥା ଆପଣାଇଛି। ଜରୁରୀ ବା ବିପଦ ସମୟରେ ଯାତ୍ରୀଙ୍କ ନିକଟରେ ପହଞ୍ଚି ସହଯୋଗ କରିବା ଏହାର ଉଦ୍ଦେଶ୍ୟ ରହିଛି।



## ଗଗନୟାନରେ ମହାକାଶ ଯିବେ ବଲାଙ୍ଗୀରର ନିଖିଲ



'ମିଶନ୍ ଗଗନୟାନ' ପାଇଁ ସେପ୍ଟେମ୍ବରରେ ହୋଇଥିବା ମହାକାଶଚାରୀ ଚୟନ ପ୍ରକ୍ରିୟାରେ ବଲାଙ୍ଗୀରର ୱିଙ୍ଗ୍‌ସ କମାଣ୍ଡର ଫାଇଟର ପାଇଲଟ୍ ନିଖିଲ ରଥ ମନୋନୀତ ହୋଇଥିଲେ। ବାୟୁସେନାରେ ୱିଙ୍ଗ୍‌ସ କମାଣ୍ଡର ଭାବେ କାର୍ଯ୍ୟରତ ନିଖିଲ ହେଉଛନ୍ତି ବଲାଙ୍ଗୀର ସହରର ଆଡଭୋକେଟ୍ ଅଶୋକ ରଥ ଏବଂ ମହିଳା କମିଶନ୍ ସଦସ୍ୟା କୁସୁମ ରଥଙ୍କ ସୁପୁତ୍ର। ମିଶନ୍ ଗଗନୟାନ ପାଇଁ ମନୋନୀତ ନିଖିଲ ପ୍ରଥମ ଓଡ଼ିଆ ଭାବେ ଏଭଳି ଗୌରବର ଅଧିକାରୀ ହୋଇଛନ୍ତି।

## ଭୁବନେଶ୍ୱର ବିମାନବନ୍ଦରରେ ଇ-ଭିଜା ସେବା

ଜାନୁୟାରୀ୧୬ରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପରିସରରେ ଆରମ୍ଭ ହୋଇଥିଲା ଇ-ଭିଜା କାଉଣ୍ଟର। ବହୁ ପ୍ରତୀକ୍ଷିତ ଇ-ଭିଜା ସେବା ଆରମ୍ଭ ହେବ ପରେ ରାଜ୍ୟ ପର୍ଯ୍ୟଟନ ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇଛି। ବିନା କୌଣସି ପ୍ରତିବନ୍ଧକରେ ବିଦେଶୀ ପର୍ଯ୍ୟଟକଙ୍କୁ ସିଧାସଳଖ ପ୍ରବେଶ ଅନୁମତି ମିଳିପାରୁଛି।

## ପ୍ରଥମ ଓଡ଼ିଆ ଭାବେ ଆଇଏମ୍‌ଡି ମୁଖ୍ୟ ହେଲେ ମୃତ୍ୟୁଞ୍ଜୟ



ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ନୂତନ ମହାନିର୍ଦ୍ଦେଶକ ଭାବେ ବୈଜ୍ଞାନିକ ମୃତ୍ୟୁଞ୍ଜୟ ମହାପାତ୍ର ଅଗଷ୍ଟ ୧ରେ ଦାୟିତ୍ୱ ନେଇଥିଲେ। ପ୍ରଥମ ଓଡ଼ିଆ ଭାବେ ସେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ ହୋଇଥିଲେ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ। **-ମହର୍ଷି ପରାଶର**

## ସଂକ୍ଷେପରେ

### ଧାଙ୍ଗେର ହତ୍ୟା ମାମଲା: ଧରାପଡ଼ିଲେ ଅଭିଯୁକ୍ତ ସ୍ୱାମୀ

ବରଗଡ଼ ଅଫିସ୍,୨୮।୧୨: ବରଗଡ଼ ସଦର ଥାନା ଅନ୍ତର୍ଗତ ଧାଙ୍ଗେର ସହରାପଡ଼ାରେ ସ୍ତ୍ରୀକୁ ହତ୍ୟା ପରେ ମୃତଦେହକୁ ଏକ ଆବଦ୍ଧ କୋଠରୀରେ ରଖି ଶିଶୁକନ୍ୟାକୁ ଧରି ଫେରାର ଥିବା ଅଭିଯୁକ୍ତ ସ୍ୱାମୀ ପୋଲିସ ହାତରେ ଧରାପଡ଼ିଛନ୍ତି । ଶନିବାର ସ୍ଥାନୀୟ ସଦର ଥାନା ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିବା ଖବର ମିଳିଛି । ଏ ସମ୍ପର୍କରେ ପୋଲିସ ପକ୍ଷରୁ ଅଧିକ କିଛି ସୂଚନା ଦିଆଯାଇ ନାହିଁ । ପ୍ରକାଶଥାଉକି, ମୃତା ମହିଳାଙ୍କ ବାପା ଝିଅ ଓ ନାତୁଣୀଙ୍କୁ ଭେଟିବା ପାଇଁ ଗତ ୧୪ତାରିଖରେ ଧାଙ୍ଗେର ସହରାପଡ଼ା ଆସିଥିବା ବେଳେ ଘରେ ତାଲା ପଡ଼ିଥିଲା। ପୂର୍ବରୁ ତାଙ୍କ ଜ୍ୱାଇଁ ଝିଅକୁ ମାରି ଦେବାକୁ ଧମକ ଦେଇଥିବାରୁ ତାଙ୍କୁ ନେଇ ମୃତା ମହିଳାଙ୍କ ବାପାଙ୍କ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା ଏବଂ କବାଟ ଭାଙ୍ଗିବାରୁ ଘର ମଧ୍ୟରେ ଝିଅର ଗଳିତ ମୃତଦେହ ପଡ଼ିଥିବା ସେ ଦେଖିବାକୁ ପାଇଥିଲେ। ଅନ୍ୟପଟେ ମୃତା ମହିଳାଙ୍କ ସ୍ୱାମୀ ଓ ଶିଶୁକନ୍ୟା ଘରେ ନ ଥିବା ଜଣାପଡ଼ିଥିଲା। ଏ ନେଇ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଧରିବା ପାଇଁ ତନାଘନା ଚଳାଇଥିଲା।

■ବେଆଇନ ପାର୍କିଂ ଫି ଆଦାୟ: ଏସ୍‌ପ୍ଲାନେଡ୍ ମଲ୍‌ର ଗୁଣ୍ଡାରାଜ

# ମହିଳା ଖବରଦାତାଙ୍କୁ ଆକ୍ରମଣ, ଅସଦାଚରଣ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

- ■ ବନ୍ଦ ଘରେ ରଖି ଗୋଇଠା ମାରିଲେ
- ■ ପାର୍କିଂ ଫିକୁ ନେଇ ରିପୋର୍ଟ କଲେ ବଳାତ୍କାର କରିବାକୁ ଧମକ
- ■ କ୍ୟାମେରାମ୍ୟାନଙ୍କୁ ବି ଗୋଡ଼ାଇ ଗୋଡ଼ାଇ ପିଟିଲେ
- ■ ଥାନାରେ ଅଭିଯୋଗ ପରେ ୨ ଗିରଫ






ସୀମା ଟପିଲା ଏସ୍‌ପ୍ଲାନେଡ୍ ମଲ୍ କର୍ତ୍ତୃପକ୍ଷଙ୍କ ଦାଦାଗିରି। ବେଆଇନ ପାର୍କିଂ ଫି ଆଦାୟ ସମ୍ପର୍କିତ ଖବର ସଂଗ୍ରହ ବେଳେ ଜଣେ ମହିଳା ଖବରଦାତା ଓ କ୍ୟାମେରାମ୍ୟାନଙ୍କୁ ମଲ୍ ଭିତରେ ଆକ୍ରମଣ କରାଯିବା ସହ ଏକ ବନ୍ଦ ଘରେ ଅକଥନୀୟ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ମହିଳା ଖବରଦାତାଙ୍କୁ ମଲ୍ କର୍ମଚାରୀ ଅସଦାଚରଣ କରିଥିବାବେଳେ କ୍ୟାମେରାମ୍ୟାନଙ୍କୁ ଗୋଇଠା ଓ ମାଡ଼ ମରାଯାଇଛି। ଏଥିସହ ତାଙ୍କ କ୍ୟାମେରା ଭାଙ୍ଗିବାକୁ ଉଦ୍ୟମ ହୋଇଥିବା ଶହୀଦନଗର ଥାନାରେ ମହିଳା ଖବରଦାତା ଜଣକ ଗୁରୁତର ଅଭିଯୋଗ କରିଛନ୍ତି।

ମଲ୍, ସିନେମା ହଲ୍, କଲ୍ୟାଣମଣ୍ଡପ ଆଦି ବ୍ୟବସାୟିକ ପ୍ରତିଷ୍ଠାନ ଲୋକଙ୍କୁ ମାଗଣା ପାର୍କିଂ ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ରହିଛି। କଟକଣା ସତ୍ତ୍ୱେ ସେଠାରେ ବେଆଇନ ଭାବେ ମନଇଚ୍ଛା ପାର୍କିଂ ଫି ଆଦାୟ କରାଯାଉଥିବା ଅଭିଯୋଗ ହେବା ପରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହା ଉପରେ କଟକଣା ଜାରି କରିଥିଲେ। ହେଲେ କିଛିଦିନ ପର୍ଯ୍ୟନ୍ତ ପାର୍କିଂ ଫି ଆଦାୟ ବନ୍ଦ କରିବା ପରେ ଏବେ ଏସ୍‌ପ୍ଲାନେଡ୍ ମଲ୍ ହାଇକୋର୍ଟଙ୍କ ଅର୍ଡର ଆଳ ଦେଖାଇ ପୁଣି ଫି ଆଦାୟ ଆରମ୍ଭ କରିଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ଖବର ସଂଗ୍ରହ ପାଇଁ ଏକ ୱେବ୍ ଚ୍ୟାନେଲର ମହିଳା ପ୍ରତିନିଧି ତାଙ୍କ କ୍ୟାମେରା ମ୍ୟାନ୍ ପ୍ରମୋଦ ମହାପାତ୍ରଙ୍କ ସହ ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଏସ୍‌ପ୍ଲାନେଡ୍ ମଲ୍‌ରେ ପହଞ୍ଚି ପାର୍କିଂ ଫି ଆଦାୟ ହେଉଥିବା କାଉଣ୍ଟର ନିକଟକୁ ଯାଇଥିଲେ। ସେଠାରେ ସେମାନେ ଲାଇଭ୍ ରିପୋର୍ଟିଂ କରୁଥିବାବେଳେ ମଲ୍‌ର ସିକ୍ୟୁରିଟି ସୁପରଭାଇଜର ଓ ମଲ୍ ମ୍ୟାନେଜର ଶ୍ୟାମା ଝା ପହଞ୍ଚି ପ୍ରଥମେ ମହିଳା ଖବରଦାତାଙ୍କୁ ଧକ୍କା ମାରିଥିଲେ। ସେ ତଳେ ପଡିଯାଇଥିବାବେଳେ ତାଙ୍କୁ କାଉଣ୍ଟର ପଛରେ ଥିବା ଏକ ଘର ଭିତରକୁ ନେଇଯାଇଥିଲେ। ଏହି ସମୟରେ ୩ଜଣ ସିକ୍ୟୁରିଟି ଗାର୍ଡ କ୍ୟାମେରା ମ୍ୟାନ ପ୍ରମୋଦଙ୍କୁ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ। ଉଭୟଙ୍କୁ ଘର ଭିତରେ ପୂରାଇ କବାଟ ବନ୍ଦ କରି ନିର୍ଯାତନା ଦେବା ଆରମ୍ଭ କରିଥିଲେ। ସେମାନେ ମହିଳା ଖବରଦାତାଙ୍କୁ ଘର ଭିତରେ ଗୋଡ଼େଇ ଗୋଡ଼େଇ ଗୋଇଠା, ଲାତ ମାରିଥିଲେ। ଏପରି କି ତାଙ୍କୁ ଅସଦାଚରଣ କରିବା ସହ ଆଉ ଏପରି ଖବର ସଂଗ୍ରହ କଲେ ବଳାତ୍କାର କରିଦେବୁ ବୋଲି ଧମକ ଦେଇଥିଲେ। ଆଉ କେତେଜଣ କ୍ୟାମେରାମ୍ୟାନଙ୍କୁ ନିସ୍ତୁକ ମାଡ଼ ମାରିବା ସହ କ'ଣ ଶୁଟିଂ କରୁଛୁ ଶୀଘ୍ର ଡିଲିଟ୍ କର କହି କ୍ୟାମେରାକୁ ଭାଙ୍ଗି ଦେବାକୁ ଉଦ୍ୟମ କରିଥିଲେ। ୧୫ ମିନିଟ୍ ଧରି ଏପରି ଆକ୍ରମଣ ଚାଲିଥିବାବେଳେ କେତେଜଣ ଖବରଦାତା ଓ ଲୋକ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାକୁ ନେଇ ବିଭିନ୍ନ ସାମ୍ବାଦିକ ସଂଘ ତୀବ୍ର ନିନ୍ଦା କରିବା ସହ ବିରୋଧ କରିଛନ୍ତି। ଖୋଦ୍ ରାଜଧାନୀରେ ଜଣେ କର୍ତ୍ତବ୍ୟରତ ମହିଳା ସାମ୍ବାଦିକଙ୍କୁ ଆକ୍ରମଣ ଓ ନିର୍ଯାତନା ଘଟଣା ସହରର ସୁରକ୍ଷା ବ୍ୟବସ୍ଥା ଏବଂ ଆଇନ୍‌କାନୁନ୍‌କୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର୍ ଧରିଛି।

ଏନେଇ ଶହୀଦନଗର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି, ଅଭିଯୋଗ ଆଧାରରେ ଆଇପିସି ଦଫା ୩୪୧, ୩୨୩, ୩୫୪, ୩୪୨, ୩୪ରେ ମାମଲା (ନଂ-୭୦୦/୧୯) ରୁଜୁ କରାଯାଇ ତଦନ୍ତ ଚାଲିଛି। ସିସିଟିଭି ଓ କ୍ୟାମେରା ଭିଡିଓ ଯାଞ୍ଚ କରାଯିବା ସହ ୨ ସିକ୍ୟୁରିଟି ଗାର୍ଡଙ୍କୁ ଗିରଫ କରାଯାଇଛି।

■ଡ୍ରିମ୍ କପ୍ ଉଦ୍‌ଯାପିତ

# ଟାବଡ଼ା ଦ୍ରୋଣାଚାର୍ଯ୍ୟ କ୍ଲବ ଚାମ୍ପିୟନ

ରିଆମାଳ, ୨୮।୧୨(ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ ଟାବଡ଼ା କଲୋନୀ ପଡ଼ିଆରେ ଗୁରୁ ଦ୍ରୋଣାଚାର୍ଯ୍ୟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟାବଡ଼ା ଡ୍ରିମ୍‌କପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ଟାବଡ଼ା ଗୁରୁ ଦ୍ରୋଣାଚାର୍ଯ୍ୟ କ୍ଲବ ଏବଂ ଗୋଲାବନ୍ଧ ଦଳ ମଧ୍ୟରେ ହୋଇଥିଲା। ଗୋଲାବନ୍ଧ ଦଳ ଟସ୍ ଜିତି ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ଗୁରୁ ଦ୍ରୋଣାଚାର୍ଯ୍ୟ ଦଳ ୧୭ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୬ରନ୍ ସଂଗ୍ରହ କରିଥିଲା। ଜବାବରେ ଗୋଲାବନ୍ଧ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୧୬ରନ୍ କରି ପରାଜିତ ହୋଇଥିଲା। କ୍ଲବ ସଭାପତି କ୍ଷୀରସିନ୍ଧୁ ଭୋଇ, ସମ୍ପାଦକ ଭୋଳେଶ୍ୱର ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାଷ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ରିଆମାଳ ସରପଞ୍ଚ ତରଣୀସେନ୍ ପ୍ରଧାନ, ଟାବଡ଼ା ସରପଞ୍ଚ ପାଞ୍ଜିଆ ଭୋଇ, ସରତ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏପରିକି ଅତିଥିମାନେ ଚାମ୍ପିୟନ୍ ଗୁରୁ ଦ୍ରାଣାଚାର୍ଯ୍ୟ କ୍ଲବ ଓ ରନର୍ସ ଅପ୍ ଗୋଲାବନ୍ଧ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୃଷିକେଶ ଭୋଇ, ମ୍ୟାନ୍ ଅଫ୍ ଦି ସିରିଜ ମିକୁ ବେହେରା, ବେଷ୍ଟବୋଲର ବଟକୃଷ୍ଣ ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ତରଞ୍ଜନ ସାହୁ . ଚନ୍ଦ୍ରଧର ସାହୁ ଖେଳ ପରିଚାଳନା କରିଥିଲା। କ୍ଲବର ଟୁକୁନା ପ୍ରଧାନ, ଆଲୋକ ଭୋଇ, ଅଦିତ ଭୋଇ, ଉଦିତ୍ ପ୍ରଧାନ, ଅଜିତ ଚାନ୍ଦ ଭୋଇ, ସଞ୍ଜୀବ ପ୍ରଧାନ, ପର୍ଶୁରାମ ଭୋଇ, ହୃଷିକେଶ ଭୋଇ, ଦିଲିପ ଭୋଇ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




ଟ୍ରଫି ସହ ଖେଳାଳୀମାନେ।

# ଖାଉଟି ଅଦାଲତରେ ଡାକ ବିଭାଗ ଦଣ୍ଡିତ

ଦେବଗଡ଼,୨୮।୧୨(ଡି.ଏନ.ଏ.)

ସେବା ଯୋଗାଇବାରେ ଅବହେଳା ଯୋଗୁ ଖାଉଟୀ ଅଦାଲତରେ ଡାକ ବିଭାଗ ଦଣ୍ଡିତ ହୋଇଛି । ମାମଲାର ବିବରଣୀ ଅନୁଯାୟୀ, ରିଆମାଳ ଗ୍ରାମର ଅଲେଖ ବିଶ୍ୱାଳ ନାମକ ଜଣେ ଗ୍ରାହକ ୨୦୦୬ ମସିହାରେ ପୋଷ୍ଟାଲ ଲାଇଫ ଇନ୍ସୁରାନ୍ସ ପଲିସି କ୍ରୟ କରିବା ସହ ପ୍ରଥମ ଦଶବର୍ଷ ପର୍ଯ୍ୟନ୍ତ ଏହାର ବାର୍ଷିକ ପ୍ରିମିୟମ ପଇଠ କରିଥିଲେ । ମାତ୍ର ବ୍ୟକ୍ତିଗତ କାରଣ ଯୋଗୁ ଅବଶିଷ୍ଟ ସମୟସୀମା ପାଇଁ ଉଦ୍ଦିଷ୍ଟ ପ୍ରିମିୟମ ଦେଇ ନ ପାରି ସେ ପଲିସିଟିକୁ ସରେଣ୍ଡର କରିବାକୁ ଆବଶ୍ୟକ କାଗଜପତ୍ର ସହ ଡାକ ବିଭାଗ ନିକଟରେ ଆବେଦନ କରିଥିଲେ । ମାତ୍ର ବିଶ୍ୱାଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନ କରି ନ ଥିବା ଦର୍ଶାଇ ଡାକ ବିଭାଗ କର୍ତ୍ତୃପକ୍ଷ ଏହି ଆବେଦନକୁ ଆଗ୍ରାହ୍ୟ କରିବା ସହ ପଲିସିକୁ ପରିବର୍ତ୍ତନ କଲେ କମ ପ୍ରିମିୟମ ଦେବାକୁ ପଡିବ ବୋଲି ପ୍ରସ୍ତାବ ଦେଇଥିଲେ। ମାତ୍ର ଗ୍ରାହକ ବିଶ୍ୱାଳ ଏହି ପ୍ରସ୍ତାବକୁ ଗ୍ରହଣ କରିବାକୁ ରାଜି ହୋଇଥିଲେ ମଧ ପୂର୍ବରୁ ଥିବା ପଲିସିକୁ ସରଣ୍ଡର କରି ଜମାରାଶି ପ୍ରଦାନ କରିବାକୁ ଡାକ ବିଭାଗ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। ମାତ୍ର ସମ୍ବଲପୁରସ୍ଥିତ ଡାକ ବିଭାଗ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିନା ଅନୁମତିରେ ଏହା ହୋଇପାରିବ ନାହିଁ ବୋଲି ଡାକ ବିଭାଗ କର୍ତ୍ତୃପକ୍ଷ ତାଙ୍କୁ ଉତ୍ତର ଦେବା ସହ ଦିନ ଗଡାଇ ଚାଲିଥିଲେ । ତେବେ ଦୀର୍ଘ ୧୪ ମାସ ଗଡିଯାଇଥିଲେ ମଧ ବିଶ୍ୱାଳଙ୍କୁ ତାଙ୍କର ପ୍ରାପ୍ୟ ମିଳି ନ ଥିଲା । ଫଳରେ ବିଶ୍ୱାଳ ଗତ ଅଗଷ୍ଟ ୨୪ତାରିଖ ଦିନ ପୁନର୍ବାର ଡାକ ବିଭାଗ ସହ ସମ୍ପର୍କ ସ୍ଥାପନ କରିବାରୁ ତାଙ୍କର ଆବେଦନ ପତ୍ର ସହ ପାସ୍‌ବୁକ ଓ ଅନ୍ୟାନ୍ୟ କାଗଜପତ୍ର ଡାକ ବିଭାଗର ହସ୍ତଗତ ହୋଇନାହିଁ ବୋଲି ଡାକ ବିଭାଗ କର୍ତ୍ତୃପକ୍ଷ ଦର୍ଶାଇଥିଲେ। ଫଳରେ ନ୍ୟାୟ ନିମନ୍ତେ ବିଶ୍ୱାଳ ଦେବଗଡ ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଦେବଗଡ ଖାଉଟୀ ଅଦାଲତ ଏନେଇ ଏକ ମାମଲା (ନଂ-୪୭/୨୦୧୯) ରୁଜୁକରି ମାମଲାର ଶୁଣାଣି ଆରମ୍ଭ କରିଥିଲେ। ଇତି ମଧ୍ୟରେ ଜିଲା ଖାଉଟି ଅଦାଲତର ସଭାପତି ଦୀପକ କୁମାର ମହାପାତ୍ର ଓ ଅନ୍ୟ ସଦସ୍ୟ ସଦସ୍ୟାମାନେ ଏହି ମାମଲାର ବିଚାର କରି ବିଶ୍ୱାଳଙ୍କ ନାମରେ ପଲିସି ବାବଦ ସମସ୍ତ ଅର୍ଥରାଶି ପ୍ରଦାନ କରିବା ପାଇଁ ଡାକ ବିଭାଗ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାସହ ୧ ମାସ ମଧ୍ୟରେ କ୍ଷତିପୂରଣ ବାବଦକୁ ବିଶ୍ୱାଳଙ୍କୁ ୨ହଜାର ଟଙ୍କା ଓ ମକଦ୍ଦମା ଖର୍ଚ୍ଚ ବାବଦକୁ ୧ ହଜାର ଟଙ୍କା ପ୍ରଦାନ ପାଇଁ ରିଆମାଳ ଡାକ ବିଭାଗ ପୋଷ୍ଟମାଷ୍ଟର, ଦେବଗଡ ଡାକ ବିଭାଗ ପୋଷ୍ଟମାଷ୍ଟର ଓ ସମ୍ବଲପୁରସ୍ଥିତ ଡାକ ବିଭାଗ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୪ ବର୍ଷ ଶିଶୁକନ୍ୟାକୁ ବଳାତ୍କାର ଘଟଣା ୨ ନାବାଳକଙ୍କୁ ପୋଲିସ ଉପସ୍ଥାପନ କଲା

ରିଆମାଳ,୨୮।୧୨(ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳର ଜଣେ ୪ ବର୍ଷ ଶିଶୁକନ୍ୟାଙ୍କୁ ଗତ ୨୪ ତାରିଖ ଦିନ ବଳାତ୍କାର କରାଯାଇଥିଲା। ଏହି ଘଟଣାରେ ପୋଲିସ ଶନିବାର ୨ ନାବାଳକଙ୍କୁ ଦେବଗଡ଼ କିଶୋର ନ୍ୟାୟ ପରିଷଦ(ଜେଜେବି)ରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉପସ୍ଥାପନ କରିଛି । ଏହି ଘଟଣାରେ ପୋଲିସ ସଂପୃକ୍ତ ୨ ନାବାଳକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା ।

# ୩ ଗାଡ଼ି ପୋଡ଼ିଲେ ମାଓବାଦୀ

ଗୁନିଗୁଡ଼ା,୨୮।୧୨(ଡ଼ି.ଏନ.ଏ)

ରାୟଗଡା ଜିଲା ଅମ୍ବାଦୋଳା ଥାନା ଅନ୍ତର୍ଗତ ଥୁଆପାଡ଼ି ଗ୍ରାମ ନିକଟରେ ମାଓବାଦୀମାନେ ଘଟାଇଛନ୍ତି ଲଙ୍କାକାଣ୍ଡ। ଶୁକ୍ରବାର ରାତିରେ ଶରଧାପୁରଠାରୁ ଆମ୍ବିଡ଼ିଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ଚାଲିଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ରାସ୍ତା କାମକୁ ବିରୋଧକରି ମାଓବାଦୀମାନେ ୩ଟି ଗାଡ଼ି ପୋଡ଼ି ଦେଇଛନ୍ତି। ପରେ ଘଟଣାସ୍ଥଳରେ ବାଂଶଧାରା ଘୁମୁସର ନାଗାବଳୀ ଡିଭିଜନାଲ କମିଟି (ସିପିଆଇ ମାଓବାଦୀ) ପକ୍ଷରୁ ୩ଟି ପୋଷ୍ଟର ଛାଡ଼ି ଯାଇଛନ୍ତି। ଏହି ଘଟଣା ପରେ କ୍ୟାମ୍ପରେ ଥିବା କର୍ମଚାରୀ ଓ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି ।

ରାତି ୧୦ଟାରେ ୨ ମହିଳା ମାଓବାଦୀଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ମାଓବାଦୀ ଟିକରପଡ଼ାଠାରେ ଥିବା ଠିକାଦାରଙ୍କ କ୍ୟାମ୍ପରେ ଆସି ପହଞ୍ଚିଥିଲେ। କଟକଡଙ୍ଗରରେ ଥିବା ବକ୍ସାଇଟ ଖଣିକୁ କମ୍ପାନୀକୁ ଟେକିଦେବା ପାଇଁ ୩୦ ଫୁଟ ରାସ୍ତା ନିର୍ମାଣ ହେଉଛି । ଲୋକଙ୍କ ଯିବା ଆସିବା ପାଇଁ ୮ ଫୁଟର ରାସ୍ତା ନିର୍ମାଣ କରିବାକୁ ବାରମ୍ବାର ଜଣାଇଛୁ । ଠିକାଦାର ଶୁଣୁ ନାହାନ୍ତି । ତେଣୁ ଗୋଟିଏ ଜେସିବି , ଗୋଟିଏ ହିଟାଚି ଓ ଗୋଟିଏ ରୋଲରରେ ନିଆଁ ଲଗାଇଛୁ ବୋଲି କହିଥିବା କ୍ୟାମ୍ପରେ ଥିବା ରୋଲର ଡ୍ରାଇଭର ଓ କର୍ମଚାରୀମାନେ ପ୍ରକାଶ କରିଛନ୍ତି ।

# ଉପରାଷ୍ଟ୍ରପତିଙ୍କୁ ପୁସ୍ତକ ଉପହାର ଦେଲେ ପ୍ରଶାନ୍ତ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ଶନିବାର ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁଙ୍କୁ ସ୍ୱରଚିତ ୨ଟି ପୁସ୍ତକ ଉପହାର ଦେଇଛନ୍ତି। ଏହି ପୁସ୍ତକ ୨ଟି ହେଉଛି- ଚଳଚ୍ଚିତ୍ର ପୁରାଣ: ଓଡ଼ିଆ ସିନେମାର ଇତିହାସ ଏବଂ ଖାରବେଳ: ଦି ଗ୍ରେଟ୍ ୱାରିୟର। ଏହି ପୁସ୍ତକଦ୍ୱୟ ଉଭୟ ଓଡ଼ିଆ ଏବଂ ଇଂଲିଶ ଭାଷାରେ ପ୍ରକାଶ କରାଯାଇଛି। ପ୍ରଶାନ୍ତଙ୍କ ରଚିତ ପୁସ୍ତକ ଉପରାଷ୍ଟ୍ରପତି ଗ୍ରହଣ କରି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଚଳଚ୍ଚିତ୍ର ପୁରାଣ ପୁସ୍ତକଟି ଓଡ଼ିଆ ସିନେମାର ଉତ୍ଥାନ ଏବଂ ପତନକୁ ନେଇ ରଚନା କରାଯାଇଛି। ୧୯୩୬ରୁ ୨୦୧୪ ମଧ୍ୟରେ ଓଡ଼ିଆ ସିନେମା ସମ୍ପର୍କିତ ତଥ୍ୟ ଏଥିରେ ଉଲ୍ଲେଖ କରାଯାଇଛି। ସେହିଭଳି ୧୯୫୯ରେ ପ୍ରଶାନ୍ତ ସିନେମା ଜଗତରେ ଶିଶୁ କଳାକାରଭାବେ ପାଦ ଥାପିଥିଲେ। ଅନୁରୂପ ଭାବେ ଦ୍ୱିତୀୟ ପୁସ୍ତକ ଖାରବେଳରେ ବୀର ଖାରବେଳଙ୍କ ସମ୍ପର୍କିତ ବିଭିନ୍ନ ଘଟଣାବଳୀର ଅବତାରଣା କରିଛନ୍ତି। ଉପରାଷ୍ଟ୍ରପତିଙ୍କୁ ପୁସ୍ତକ ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଆଡ୍‌ଭାଇଜରି ବୋର୍ଡର ଆବାହକ ଡକ୍ଟର ବିଜୟାନନ୍ଦ ସିଂ, ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ପ୍ରମୋଦ କର, ପକ୍ଷୀଘର ପ୍ରକାଶକ ବନୋଜ ତ୍ରିପାଠୀ, ଓଡ଼ିଶା ବୁକ୍ ଏମ୍ପୋରିୟମ୍‌ର ପ୍ରକାଶକ ଶିବାଶିଷ କର ଏବଂ ଲିଫି ପବ୍ଲିକେଶନର ପ୍ରକାଶକ ରମେଶ ମିତ୍ତଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ୨ ଭଉଣୀ ପରେ ଆଉଜଣଙ୍କ ମୃତ୍ୟୁ

ଦିଗପହଣ୍ଡି,୨୮।୧୨(ଡି.ଏନ୍.ଏ.)

**କୀଟନାଶକ ଗନ୍ଧର ପ୍ରଭାବ**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ଗ୍ରାମ ତଳସାହିରେ ରହୁଥିବା ମୋହନ ରେଣ୍ଡୀଙ୍କ ୨ ନାତୁଣୀ ଟିକିନା (୬) ଓ ସୋମା(୯)ଙ୍କର ଶୁକ୍ରବାର କୀଟନାଶକ ଗନ୍ଧରେ ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ନାତୁଣୀ ବର୍ଷା (୧୨)ଙ୍କର ଶନିବାର ସକାଳେ ବ୍ରହ୍ମପୁର ବଡ ମେଡିକାଲରେ ମୃତ୍ୟୁ ଘଟିଛି। ବୈଦ୍ୟନାଥପୁର ଥାନା ପୋଲିସ ନଂ.୬୭୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୋହନଙ୍କ ସ୍ତ୍ରୀ କସ୍ତୁରୀ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ଅଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅତିରିକ୍ତ ଏପିଏଚ୍‌ଓ ଡାକ୍ତର ଅବନୀ କୁମାର ପାତ୍ର, ଏପିଡେମିଓଲୋଜିଷ୍ଟ ସାବିତ୍ରୀ ରାଉତ, ଝରି ପଦର ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ନିବେଦିତା ନନ୍ଦ, ସ୍ୱାସ୍ଥ୍ୟ ସୁପରଭାଇଜର ଶିବଶଙ୍କର ପାଢ଼ୀ, ସୁରେନ୍ଦ୍ର ନାଥ ବେହେରା, ଇତିଶ୍ରୀ ସ୍ୱାଇଁ, ସ୍ୱାସ୍ଥ୍ୟକର୍ମୀ



ଫାଇଲ ଫଟୋ – ବର୍ଷା

ପ୍ରମୁଖ ପହଞ୍ଚି ସବିଶେଷ ରିପୋର୍ଟ ସଂଗ୍ରହ କରିବା ସହ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

ପ୍ରକାଶ ଯେ, ଗୁରୁବାର ମୋହନ ଧାନ ମିଲିଂକରି ଚାଉଳ ବସ୍ତା ଘରେ ରଖିଥିଲେ। ପୋକ ନ ଲାଗିବା ପାଇଁ ବସ୍ତା ଉପରେ କୀଟନାଶକ ସିଞ୍ଚନ କରାଯାଇଥିଲା। ୩ ଭଉଣୀ ଟିକିନା, ସୋମା, ବର୍ଷା ଆଈ କସ୍ତୁରୀଙ୍କ ସହ ରାତିରେ ଉକ୍ତ ଘରେ ଶୋଇଥିଲେ। କୀଟନାଶକ ଗନ୍ଧରେ ୩ ଭଉଣୀ ଅଚେତ ହୋଇପଡିଥିଲେ। ସକାଳ ପ୍ରାୟ ୮ ଟାରେ ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ପାଖ କ୍ଲିନିକ୍‌କୁ ନେଇଥିଲେ। ଟିକିନାଙ୍କ ଅବସ୍ଥା ଗୁରୁତର ଥିବାବେଳେ ବ୍ରହ୍ମପୁର ବଡ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ନିଜ ଗାଁ ମାଟିଆ ବୋରେଇରେ ତାଙ୍କ ମୃତଦେହ ସଂସ୍କାର କରି ଅପରାହ୍ନ ପ୍ରାୟ ୪ଟାରେ ପରିବାର ଲୋକେ ଫେରିବାବେଳେ ସେମାଙ୍କର ମଧ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ବର୍ଷାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ।

ଭୁବନେଶ୍ୱରରେ ରହି କାମ କରୁଥିବା ବର୍ଷା ଓ ସୋମାଙ୍କ ମା' ଧରିତ୍ରୀ ଓ ବାପା ଜଗା ଏବଂ ଟିକିନାଙ୍କ ମା' ପୁନି ଓ ବାପା ପବିତ୍ର ଶୁକ୍ରବାର ସନ୍ଧ୍ୟାରେ ମାଟିଆ ବୋରେଇରେ ପହଞ୍ଚିଥିଲେ। ପରେ ସୋମାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ଶୁକ୍ରବାର ସକାଳୁ ବର୍ଷାଙ୍କ ମୃତଦେହ ପହଞ୍ଚିବା ପରେ ଗାଁ ଶ୍ମଶାନରେ ସଂସ୍କାର କରାଯାଇଛି। ୩ ଭଉଣୀଙ୍କ ମୃତ୍ୟୁପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏତେସବୁ ଘଟଣା ପରେ ମଧ ଗାଁରେ ପୋଲିସ ପହଞ୍ଚି ନ ଥିବା କହିଛନ୍ତି ପୂର୍ବତନ ସରପଞ୍ଚ ସଞ୍ଜୀବ କୁମାର ରେଣ୍ଡୀ, ସାମାଜିକ କର୍ମୀ ରାମକୃଷ୍ଣ ଚୌଧୁରୀ ପ୍ରମୁଖ।

## ଫଟୋରେ ଖବର



କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ସମ୍ବଲପୁର ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ନେତୃବୃନ୍ଦ।



ଯୁଯୁମୁରା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଭ୍ରମଣରେ ଯିବା ଅବସରରେ।

■ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ

# ଆଜି ଫାଇନାଲ ମ୍ୟାଚ୍

ଦେବଗଡ଼,୨୮।୧୨(ଡି.ଏନ.ଏ.)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ୩୦ତମ ବାମଣ୍ଡାକପ୍ କ୍ରିକେଟ ଟୁର୍ନାମେଣ୍ଟର ପୁଲ୍ 'ବି' ର ଶନିବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ରାଞ୍ଚି କ୍ରିକେଟ କ୍ଲବକୁ ହରାଇ କଟକ ୟୁନିୟନ କ୍ରିକେଟ କ୍ଲବ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ଶନିବାର ଷଷ୍ଠ ଦିବସରେ ରାଞ୍ଚି ଦଳ ଟସ୍ ଜିଣି ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା । ୟୁନିୟନ କ୍ରିକେଟ କ୍ଲବ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୩୦ ଓଭରରେ ୧୦ ଉଇକେଟ ହରାଇ ୨୨୪ ରନ କରିଥିଲା । ଦଳ ପକ୍ଷରୁ ଭେଙ୍କଟେଶ ଭାଣ୍ଡେ ୫୦ ବଲରେ ୫୮ ରନ, ନୈଉତମ ଭଞ୍ଜ ୫୦ ବଲରେ ୩୩,ବିନାୟକ ସାହୁ ୧୮ ବଲରେ ୩୧ ରନ କରିଥିଲେ। ରାଞ୍ଚି ଦଳର ଆଦିତ୍ୟ ପୁଷ୍କର ୩ ଟି ଉଇକେଟ, ରୋହିତ କୁମାର ୨ ଟି ଉଇକେଟ ନେଇଥିଲେ । ଜବାବରେ ରାଞ୍ଚି ଦଳ ୨୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ୍ କରି ପରାଜୟ ହୋଇଥିଲା । ଫଳରେ ୟୁନିୟନ କ୍ରିକେଟ କ୍ଲବ ଫାଇନାଲକୁ ପ୍ରବେଶ କରିଛି । ଦଳ ପକ୍ଷରୁ ସୌରଭ ସେନ ୨୫ ରନ, ସଚିନ ତିୱାରି ୨୨ ରନ କରିଥିଲେ । ୟୁନିୟନ କ୍ରିକେଟ କ୍ଲବର ଅନୁରାଗ କନଜିୟା ୫ଟି, ନୈଉତମ ଭଞ୍ଜ ୨ଟି ଉଇକେଟ ପାଇଥିଲେ। ଅତିଥି ଭାବେ ଆଇନଜୀବୀ ସଚ୍ଚିକାନ୍ତ ଦାଶ ଯୋଗଦେଇ ଅନୁରାଗ କନଜିୟାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ମ୍ୟାଚ୍‌କୁ ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟର ପରାଶର ବିଶ୍ୱାଳ, ସତ୍ୟ ପ୍ରକାଶ ରଥ ପରିଚାଳନା କରିଥିଲେ । ସ୍କୋରର ଭାବେ ମନୋଜ ସେଠୀ,ଅନିଲ ପଟ୍ଟନାୟକ ଦାୟିତ୍ୱରେ ଥିବାବେଳେ ବେଣୁଧର ଗଡ଼ନାୟକ,ରାମାକାନ୍ତ ପ୍ରଧାନ ଏବଂ ଚେତନ ସିହ୍ନା ଧାରା ବିବରଣୀ ପ୍ରଦାନ କରିଥିଲେ । ରବିବାର ୟୁନିୟନ ସ୍ପୋର୍ଟିଂ କ୍ରିକେଟ କ୍ଲବ ଏବଂ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ଇଂ.ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

**ରାମେଶ୍ୱର ସ୍ପୋର୍ଟିଂ, ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ହେବ ମୁକାବିଲା**



ଅନୁରାଗ କନଜିୟାଙ୍କୁ ଅତିଥିମାନେ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି ।

# ଅଭୁଲା ପିକ୍‌ନିକ୍



**ସରିଆସୁଛି ବର୍ଷା ଆଉ ଚାରିଆଡ଼େ ଜମୁଛି ପିକ୍‌ନିକ୍‌ର ଆସର। ନୂଆନୂଆ ଜାଗା ଦେଖିବା ସାଙ୍ଗଙ୍କୁ ଏକାଠି ଭୋଜି ଖାଇବାର ଆନନ୍ଦ ନେବାରେ ସମସ୍ତେ ବିଭୋର। ତେବେ ପିକ୍‌ନିକ୍‌ର ମଜା ନେବା ଭିତରେ କେବେକେବେ କାହା ସହ ଏମିତି କିଛି ଘଟିଯାଏ, ଯାହାକି ସାରା ଜୀବନ ସ୍ମୃତି ହୋଇ ରହିଯାଏ। ସେମିତି କିଛି ଅଭୁଲା ପିକ୍‌ନିକ୍ ଅନୁଭୂତିକୁ ନେଇ ଆଜିର ଉପସ୍ଥାପନା...**





**ଅନ୍ୟଙ୍କୁ ହଇରାଣ କରିବା ନିଜ ଉପରେ ଭାରି ପଡ଼ିଥିଲା:** ୨୦୧୭ ମସିହା କଥା। ପ୍ରାୟ ୪୦ ଜଣ ସାଙ୍ଗ ଏକାଠି ହୋଇ ଖଣ୍ଡାଧାରରେ ପିକ୍‌ନିକ୍ କରିବାକୁ ବାହାରିଲୁ। ଖୁବ୍ ଜୋର୍ ଶୀତକୁ ଚାରିଆଡ଼େ କୁହୁଡ଼ି। ତେଣୁ ଗାଡ଼ିର ସ୍ପିଡ୍ ଥାଏ କିଲୋମିଟର ପ୍ରତି ମାତ୍ର ୧୦ରୁ ୧୫କିମି। ଗାଡ଼ି ଭିତରେ ଆମେ ଜୋର୍ ନାଚଗୀତର ଆନନ୍ଦ ନେଉଥାଉ। ଆଉ ଯେଉଁମାନେ ଶୋଇଥାଆନ୍ତି, ସେମାନଙ୍କୁ ଉଠାଇବା ଲାଗି ପେପର ଗୁଳାକୁ ରବରରେ ଲଗାଇ ମାରୁଥାଉ। ତଥାପି କେତେଜଣ ଉଠୁ ନ ଥାଆନ୍ତି। ଗାଳି ଖାଇବୁ ଜାଣିଥିଲେ ହେଁ ଶେଷରେ ସେମାନଙ୍କୁ ଉଠାଇବା ଲାଗି ପାଣି ଢାଳି ଦେଲୁ। ଅଣ୍ଡାରେ ସେମାନେ ଉଠିଗଲେ ସତ, ହେଲେ ଶୀତରେ ଓଦା ହୋଇ ବସିବା ସେମାନଙ୍କ ଲାଗି ଯେତିକି କଷ୍ଟ ଥିଲା ଗୋଟିଏ ସିଟ୍‌ରେ ତାଙ୍କ ପାଖରେ ବସିବା ଆମ ପାଇଁ ମଧ୍ୟ ସେତିକି ମୁସ୍କିଲ୍ ହୋଇଗଲା। ଆମକୁ ଦେଖି ବାଧ ହୋଇ ଗାଡ଼ିକୁ ରାସ୍ତା କଡ଼ରେ ଅଟକାଗଲା। ସେଠାରେ ନିଆଁ ଲଗାଇ ସମସ୍ତେ ସେକି ହେଲୁ ଏବଂ ଟିକେ ଆରାମ ଲାଗିବା ପରେ ପୁନର୍ବାର ଯାତ୍ରା ଆରମ୍ଭ କଲୁ। ଏସବୁ ଭିତରେ ଆମର ପିକ୍‌ନିକ୍ ସ୍ପଟ୍‌ରେ ପହଞ୍ଚିବା ବିଳମ୍ବ ହୋଇଗଲା। ଏବେବି ସେକଥା ମନେପଡ଼ିଲେ ହସ ଲାଗେ।

– ଶୁଭ୍ରାଂଶୁ ଶେଖର ସାହୁ,
କର୍ମଜୀବୀ, ଅନୁଗୁଳ

**ବନ୍ଧୁତାର ନିଆରା ଅନୁଭୂତି ସାଉଁଟିଲି:** ଜୀବଜନ୍ତୁଙ୍କ ମଧ୍ୟରେ ଏକ ଛୋଟ ବିଲେଇ ଆସି ପାଦରେ ଘସିହେଲା ଏବଂ ବୋବାଇବାରେ ଲାଗିଲା, ଯେପରି ସେ ମତେ କିଛି କହିବାକୁ ଚାହୁଁଛି। ତା' ପିଠିକୁ ଆଉଁସି ଦେଲି। ଆଉ ଅଳ୍ପ ସମୟ ମଧ୍ୟରେ ତା' ସହିତ ମୋର ଘନିଷ୍ଠତା ବଢ଼ିଥିଲା। ମୁଁ ଫେରିବା ବେଳକୁ ତାକୁ ସାଙ୍ଗରେ ଘରକୁ ନେଇ ଆସିଥିଲି। ସେହି ଦିନଠାରୁ ସେ ମୋ' ସାଥୀ ହୋଇଯାଇଛି। କେବଳ ମନୁଷ୍ୟ ନୁହଁ ଜୀବଜନ୍ତୁଙ୍କୁ ଆଦର କଲେ, ସେ ଆପଣାର ହୋଇଯାଆନ୍ତି। ଏହାକୁ ଅଙ୍ଗେ ନିଭେଇଛି। ସ୍ନେହ ଶ୍ରଦ୍ଧା କିପରି ଜଣକୁ ଆପଣାର କରିଦିଏ, ସେହି ଦିନ ବିଲେଇ ସହିତ ମିଶିବା ପରେ ବନ୍ଧୁତାର ଏକ ନିଆରା ଅନୁଭୂତି ସାଉଁଟିବାର ସୁଯୋଗ ପାଇଛି।

– ରଶ୍ମିତା ପ୍ରିୟଦର୍ଶିନୀ,
ମାର୍କଣ୍ଡେଶ୍ୱର ସାହି, ପୁରୀ

**ଜଙ୍ଗଲ ମଝିରେ ଅଟକି ରହିଲା ଗାଡ଼ି:** ୨୦୧୪ ମସିହା କଥା। ଡିସେମ୍ବର ୨୪ରେ ପରିବାର ସହ କୋରାପୁଟ ପିକ୍‌ନିକ୍ ଯାଇଥିଲି। ଜଙ୍ଗଲ ମଝିରେ ହଠାତ୍ ଆମ ଗାଡ଼ି ଖରାପ ହୋଇଗଲା। ସନ୍ଧ୍ୟାରୁ ଧୀରେ ଧୀରେ ରାତି ହେବାକୁ ବସିଲା, ହେଲେ ଜଙ୍ଗଲରୁ ବାହାରିବା ଲାଗି କୌଣସି ବ୍ୟବସ୍ଥା ହୋଇ ପାରିଲା ନାହିଁ। ଅନ୍ୟପକ୍ଷରେ ସେଠାରେ ମୋବାଇଲ୍ ନେଟ୍‌ୱର୍କ ନ ଥିବାରୁ ଆମେ ଫୋନ୍‌ରେ ମଧ କାହା ସହ ଯୋଗାଯୋଗ କରିପାରୁ ନ ଥିଲୁ। ରାତି ବଢ଼ିବାରୁ ମନରେ ଭୟ ବି ବଢ଼ିଲା। ସମସ୍ତେ ଟର୍ଚ୍ଚ ଲାଇଟ୍‌ରେ ରାସ୍ତାରେ କୌଣସି ସୁବିଧା ପାଇବା ଆଶାରେ ଚାଲିବା ଆରମ୍ଭ କଲୁ। କିଛି ବାଟ ଯିବା ପରେ ଏକ ଆଦିବାସୀ ଗାଁ ପଡ଼ିଲା। ସେଠାରେ ସେମାନଙ୍କ ମୁଖିଆଙ୍କ ସହ ଦେଖା ହୋଇ ସମସ୍ତ ଘଟଣା ଜଣାଇଲୁ। ସେ ଆମକୁ ତାଙ୍କ ଘରେ ରହିବାକୁ କହିଲେ। ଇଲେକ୍ଟ୍ରିସିଟି ବ୍ୟବସ୍ଥା ନ ଥିବାରୁ ଟିକେ ଅସୁବିଧା ହୋଇଥିଲା ସତ, ହେଲେ ସେମାନଙ୍କ ଭଲପାଇବା ଓ ଆତିଥ୍ୟ ଆମର ସବୁ କଷ୍ଟ ଦୂର କରି ଦେଇଥିଲା। ଆମେ ସେଠାରେ ଦୁଇଦିନ ରହିବା ପରେ ଶେଷରେ ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ଆମ ଗାଡ଼ି ଠିକ୍ ହୋଇଗଲା ଏବଂ ଆମେ ଫେରିଲୁ। ସେଦିନ ଆମ ପିକ୍‌ନିକ୍‌ର ମଜା ଯଦିଓ ଖରାପ ହୋଇଗଲା, ହେଲେ ଆଦିବାସୀଙ୍କ ସହ ରହିବା ଓ ସେମାନଙ୍କ ଚାଲିଚଳଣ ଓ ସଂସ୍କୃତି ବିଷୟରେ ଜାଣିବାର ଅନୁଭୂତି ଥିଲା ସ୍ୱତନ୍ତ୍ର।

–ସୁନୀଲ କୁମାର ପ୍ରଧାନ,
ଖାନ୍‌ନଗର, କଟକ

**ପଥରରେ ଗୋଡ଼ ଖସି ଖୁବ୍ ଯନ୍ତ୍ରଣା ହୋଇଥିଲା:** ଥରେ ଆମେ ବାଲେଶ୍ୱର ପଞ୍ଚଲିଙ୍ଗେଶ୍ୱର ପିକ୍‌ନିକ୍ କରିବାକୁ ଯାଇଥିଲୁ। ଖୁବ୍ ସୁନ୍ଦର ଜାଗା। ଥଣ୍ଡାଥଣ୍ଡା ପାଗକୁ ସେଠାକାର ମନୋରମ ପରିବେଶ ଖୁବ୍ ଭଲ ଲାଗୁଥିଲା। ଅନେକ ଦଳ ପିକ୍‌ନିକ୍‌ରେ ଆସିଥିବାରୁ ଭିଡ଼ ବହୁତ ଥିଲା। ତେଣୁ ଲମ୍ବା ଲାଇନ୍ ଲାଗିଥିଲା। ଏପଟେ ପାଣି ଭିତରେ ହାତ ମାରି ଶିବ ଲିଙ୍ଗ ଛୁଇଁବାର ଏକ୍ସାଇଟ୍‌ମେଣ୍ଟ ବଢ଼ିବଢ଼ି ଚାଲିଥିଲା। ଗହଳିରେ ପଥରରେ ଚାଲୁଚାଲୁ ହଠାତ୍ ଗୋଡ଼ ଖସିଗଲା ଏବଂ ଖୁବ୍ ଜୋର ମାଡ଼ ହୋଇଗଲା। ସାଙ୍ଗରେ ଥିବା ଅନ୍ୟମାନେ ମୋତେ ଉଠାଇ ବସାଇଲେ। ଚାଲିବା ଏକ ପ୍ରକାର ଅସମ୍ଭବ ମନେ ହେଉଥିଲା। ତଥାପି ଏତେ ଦୂର ଆସି ଶିବଲିଙ୍ଗ ଦର୍ଶନ ନ କରି ଆଦୌ ଫେରିପାରିବି ନାହିଁ ବୋଲି ନିଜକୁ ମାନସିକ ସ୍ତରରେ ଦୃଢ଼ କରି ଠିଆହେଲି। ଶେଷରେ ଏତେ କଷ୍ଟ ସତ୍ତ୍ୱେ ଲିଙ୍ଗ ଛୁଇଁବାର ଆଶା ପୂର୍ଣ୍ଣ ହେଲା। ଏବେବି ପିକ୍‌ନିକ୍ ନାଁ ଶୁଣିଲେ ସେ ଘଟଣା ମନେ ପଡ଼ିଯାଏ।

– ମମତାମୟୀ ସାହୁ,
ଆନନ୍ଦପୁର, କେନ୍ଦୁଝର

**ଜୀବଜନ୍ତୁ ମଧ ସ୍ନେହର ମୂଲ୍ୟ ବୁଝନ୍ତି:** ଆମ ଘରଠାରୁ ମାତ୍ର କିଛି ଦୂର ପଞ୍ଚୁପାଣ୍ଡବଙ୍କ ମଧ୍ୟରେ ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ହରି ସହଦେବ ମନ୍ଦିର ରହିଛି। ଏହି ପୀଠ ନିକଟରେ ସମୁଦ୍ର ଲାଗିଛି। ସେଠାରେ ସାଙ୍ଗସାଥୀ ମିଶି ପିକ୍‌ନିକ୍ କରିବାକୁ ଯାଇଥିଲୁ। ଖାଇବା ପିଇବା ସାରି ଫେରିବାକୁ ବାହାରିଛୁ, ଆଖିପଡ଼ିଲା ରାସ୍ତା କଡ଼ରେ ଛଟପଟ ହେଉଥିବା କୁକୁରଟିଏ ଉପରେ। ବୋଧହୁଏ କେଉଁ ଗାଡ଼ି ତା'କୁ ମାଡ଼ କରିଦେଇ ଚାଲି ଯାଇଥାଏ। ସେହି ରାସ୍ତା ଦେଇ ଅନେକ ଲୋକ ଯାଉଥିବା ସତ୍ତ୍ୱେ କେହି ବି ଆହା ପଦେ କହୁ ନ ଥିଲେ। ସେଠାରେ ମୁଁ ଅଟକିବା ଦେଖି କୁକୁରଟି ମୋତେ ଦେଖି ଭୋ ଭୋ କରି ଭୁକିଲା, ତା' ଆଖିରୁ ଲୁହ ଝରୁଥିଲା। ନିଜକୁ ସମ୍ଭାଳି ନ ପାରି ସ୍କୁଟିକୁ ସାଇଡ୍ କରି ଓହ୍ଲାଇଲି। କୁକୁରଟି ଭୋକିଲା ମନେହେଲା। ବ୍ୟାଗ୍‌ରେ ଥିବା ମାତ୍ର ଚାରି ପାଞ୍ଚୋଟି ବିସ୍କୁଟ୍‌କୁ ଯେମିତି ତା'କୁ ଦେଇଛି ବିକଳ ହୋଇ ଖାଇଲା। ଆଖପାଖରେ ଥିବା ଅନ୍ୟ ଛୋଟ ଛୋଟ କୁକୁରମାନେ ଚାଲି ଆସି ଭୁକିବା ଆରମ୍ଭ କରିଥିଲେ। କିଛି ଦୂରରେ ଥିବା ଏକ ଦୋକାନରୁ ବିସ୍କୁଟ କିଣି ସେମାନଙ୍କୁ ଖାଇବାକୁ ଦେଇଥିଲି। ଖାଇ ସାରିବା ପରେ ସେ ଆହତ କୁକୁରଟି ମୁହଁରେ ଯେଉଁ ଖୁସି ଅନୁଭବ କରିଥିଲି, ତାହା ଅବର୍ଣ୍ଣନୀୟ। ମୁଁ ସ୍କୁଟି ବାହାର କରି ଯିବା ପର୍ଯ୍ୟନ୍ତ ମୋ' ପଛେପଛେ ସେମାନେ ଦୌଡୁଥିଲେ। ମୁଁ ରହିଗଲେ ସେମାନେ ବି ରହି ଯାଉଥିଲେ। ସେହିଦିନ ଅନୁଭବ କରିଥିଲି ଜୀବଜନ୍ତୁ ମଧ୍ୟ ସ୍ନେହର ମୂଲ୍ୟ ବୁଝନ୍ତି। ଏହି ସ୍ମୃତି ମୋ ପାଇଁ ଚିର ସ୍ମରଣୀୟ।

–ସଂଯୁକ୍ତା ମାଝି, ବ୍ରହ୍ମଗିରି, ପୁରୀ



ରଶ୍ମିତା



ସଞ୍ଜୁକ୍ତା



ସୁନୀଲ



ସୁଭ୍ରାଂଶୁ



ମମତା

## ଟପ୍ ୧୦

### ପୃଥିବୀର ସବୁଠୁ ଦାମୀ ବଟଲ୍ ପାଣି–୨୦୧୯




| | |
|---|---|
| ୧– ଫିଲିକୋ ଜୁଏଲାରି ୱାଟର (ଜାପାନ) | ୬୧୬ ଡଲାର ପ୍ରତି ଲିଟର |
| ୨– ନେଭାସ୍ (ଜର୍ମାନ) | ୧୯୦ ଡଲାର ପ୍ରତି ଲିଟର |
| ୩– ସ୍ୱାଲ୍‌ବାରୋଇ (ସ୍ୱାଲ୍‌ବାର୍ଡ) | ୧୬୬ ଡଲାର ପ୍ରତି ଲିଟର |
| ୪– ବ୍ଲିଙ୍ଗ୍ ଏଚ୍‌ଟୁଓ ( ଆମେରିକା) | ୧୦୪ ଡଲାର ପ୍ରତି ଲିଟର |
| ୫– ୱିସ୍‌କ୍ ସୋର୍ସ (ସ୍କଟ୍‌ଲାଣ୍ଡ) | ୬୦ ଡଲାର ପ୍ରତି ଲିଟର |
| ୬– ଲଫୋଟେନ୍ (ନରୱେ) | ୫୬ ଡଲାର ପ୍ରତି ଲିଟର |
| ୭– ଆର୍‌ଓଆଇ (ସ୍ଲୋଭେନିଆ) | ୪୮ ଡଲାର ପ୍ରତି ଲିଟର |
| ୮– ମାଇନସ୍ ୧୮୧ (ଜର୍ମାନ୍) | ୪୮ ଡଲାର ପ୍ରତି ଲିଟର |
| ୯– ବିଏଲ୍‌ଭିଡ୍ (ତାସ୍‌ମାନିଆ) | ୪୦ ଡଲାର ପ୍ରତି ଲିଟର |
| ୧୦– ବର୍ଗ (କାନାଡା) | ୩୪ ଡଲାର ପ୍ରତି ଲିଟର |

## ୟୁ|ଥ୍|ଆ|ଲ|ର୍ଟ

### ଲାପ୍‌ଟପ୍ ବ୍ୟବହାର କରୁଥିଲେ...

**ବର୍ତ୍ତମାନ ନେବା ଆଣିବା ଏବଂ ରଖିବାକୁ ସୁବିଧା ହେଉଥିବାରୁ ଡେସ୍କଟପ୍ ଅପେକ୍ଷା ଲାପ୍‌ଟପ୍‌ର ବ୍ୟବହାର ବେଶି ହେଉଛି। ବିଶେଷକରି ଯୁବପିଢ଼ିଙ୍କ ଲାଗି ପାଠପଢ଼ା, ଖେଳିବା ଏବଂ ଅନ୍ୟାନ୍ୟ କାର୍ଯ୍ୟ ଲାଗି ଏହା ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଯାଇଛି। ତେବେ ଏହାକୁ ବ୍ୟବହାର କରୁଥିଲେ କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ...**

– ମାର୍କେଟ୍‌ରେ ବିଭିନ୍ନ କମ୍ପାନୀର ଭିନ୍ନଭିନ୍ନ ଫିଚର ଥିବା ଲାପ୍‌ଟପ୍ ମିଳୁଛି। ଏସବୁ ଫିଚରକୁ ଦେଖି ଦାମ୍ ମଧ ତଫାତ୍ ରହୁଛି। ତେଣୁ ଆପଣଙ୍କ ବଜେଟ ଅନୁସାରେ ଆବଶ୍ୟକ ସମସ୍ତ ଫିଚର କେଉଁ ଲାପ୍‌ଟପ୍‌ରେ ରହିଛି ଜାଣିବା ପରେ କିଣନ୍ତୁ।

– ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅପରେଟିଂ ସିଷ୍ଟମ୍। ଲାପ୍‌ଟପ୍‌ରେ ଆସୁଥିବା ମୁଖ୍ୟତଃ ୱିଣ୍ଡୋଜ୍, କ୍ରୋମ୍ ଓଏସ୍, ମ୍ୟାକ୍ ଓଏସ୍‌ଏକ୍ସ ଭଳି ତିନୋଟି ଅପରେଟିଂ ସିଷ୍ଟମ ମଧ୍ୟରୁ ଆପଣ କେଉଁଥିରେ କାମ କରିବେ ସେହି ଅନୁଯାୟୀ ଲାପ୍‌ଟପ୍ ବାଛନ୍ତୁ। ମନେରଖନ୍ତୁ, ସବୁବେଳେ ଲାଟେଷ୍ଟ ଭର୍ସନ୍ ଅପରେଟିଂ ସିଷ୍ଟମ ଥିବା ଲାପ୍‌ଟପ୍ ହିଁ କିଣନ୍ତୁ।

– ଲାପ୍‌ଟପ୍ କିଣିବା ବେଳେ ଏହାର କି–ବୋର୍ଡରେ ଟାଇପ୍ କରିବା ଆପଣଙ୍କୁ ଆରାମଦାୟକ କି ନୁହେଁ ଦେଖିନିଅନ୍ତୁ। ତା' ସହ କି–ବୋର୍ଡ ଠିକ୍ ଭାବେ ଫଙ୍କସନ୍ କରୁଛି ନା ନାହିଁ ଏବଂ ଟଚ୍‌ପ୍ୟାଡ୍‌ର ସେନ୍ସର ଭଲ ଭାବେ କାମ କରୁଛି କି ନାହିଁ ଚେକ୍ କରନ୍ତୁ।



– ବ୍ୟାଟେରି ବ୍ୟାକ୍‌ଅପ୍ କେତେ ଜାଣିବା ପ୍ରତି ମଧ ଧ୍ୟାନ ଦେବାକୁ ଆଦୌ ଭୁଲନ୍ତୁ ନାହିଁ। ଯଦି ଆପଣ ଟଚ୍‌ସ୍କ୍ରିନ୍ କିଣୁଛନ୍ତି, ତେବେ ୨–ଇନ୍–୧ ପରିବର୍ତ୍ତେ ରେଗୁଲାର୍ କ୍ଲାମ୍‌ସେଲ୍ ଲାପ୍‌ଟପ୍‌ରେ ବ୍ୟାଟେରି ଲାଇଫ୍ ୧ ରୁ ୩ ଘଣ୍ଟା କମ୍ ରହିବ।

## ଏ ସପ୍ତାହର ପ୍ରଶ୍ନ

୧– ପୃଥିବୀର ସର୍ବବୃହତ୍ ନଦୀ ଦ୍ୱୀପ........ ?
୨– ରାଜିଆ ସୁଲ୍‌ତାନ............. ଙ୍କ ଝିଅ ଥିଲେ ?
୩– ଅଲ୍ଲୀଗଡ଼......... ନିର୍ମାଣ ପାଇଁ ପ୍ରସିଦ୍ଧ ?
୪– ଇଷ୍ଟ କୋଷ୍ଟ ରେଲ୍‌ୱେର ମୁଖ୍ୟାଳୟ........ ?
୫– ଚଣ୍ଡିଗଡ଼ ରକ୍ ଗାର୍ଡେନ.......... ନିର୍ମାଣ କରାଇଥିଲେ ?

## ଗତ ଥରର ଉତ୍ତର

୧ ହିମାଚଳ ପ୍ରଦେଶ
୨ ନୂଆଦିଲ୍ଲୀ
୩ ପୋଡାଲୀ ଶଙ୍କର ରାଜେଶ୍ୱର
୪ ଅଶ୍ୱିନ ସାଙ୍ଗି
୫ ଡିସେମ୍ବର ୭

## ଉତ୍ତର ଦାତା



ସୁମିତ୍ରା ପାଇକରାୟ,
ଖୋର୍ଦ୍ଧା



ଦୀପାଳି ଦାଶ,
ବାଲେଶ୍ୱର



ବିନୋଦ ବିହାରୀ
ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ୟୁଥ୍ କ୍ଲବ୍

# ସାଜିଛି ସମସ୍ତଙ୍କ ପାଇଁ ଉଦାହରଣ

ଯୁବପିଢ଼ିଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗ୍ରହ ସୃଷ୍ଟି କରିବା ସହିତ ଆର୍ଥିକ ଅନଗ୍ରସର ପରିବାର ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ ପହଞ୍ଚାଇ ଦେବା ଏବଂ ଏକ ସୁସ୍ଥ ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି ଲକ୍ଷ୍ୟ ନେଇ ୨୦୦୬ରେ ଜଟଣୀରେ ଆରମ୍ଭ ହୋଇଥିଲା 'ଆଶ୍ରୟ' ନାମରେ ଏକ ସଂଗଠନ। କେତେଜଣ ଯୁବକଙ୍କୁ ନେଇ ଆରମ୍ଭ ହୋଇଥିବା ଉକ୍ତ ସଂଗଠନର ବର୍ତ୍ତମାନ ଏକଶହରୁ ଊର୍ଦ୍ଧ୍ୱ ସଭ୍ୟାସଭ୍ୟ ରହିଛନ୍ତି। ଏହି ସଂଗଠନ ବିଶେଷକରି ଯୁବପିଢ଼ିଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆକର୍ଷିତ କରିବା ପାଇଁ ପ୍ରତିବର୍ଷ ବ୍ଲକଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟ ଆୟୋଜନ କରିଆସୁଛି। ଓଡ଼ିଶା ଷ୍ଟେଟ୍ ବ୍ୟାଡମିଣ୍ଟନ ଆସୋସିଏଶନ୍‌ର ଏହା ଏକ ସହବନ୍ଧିତ ସଂଗଠନ ହେବାର ମାନ୍ୟତା ପାଇଛି। ଏହାଦ୍ୱାରା ସ୍ଥାନୀୟ ଅଂଚଳର ଅନେକ ଯୁବତୀ ଯୁବକ ଏହି ଖେଳ ପ୍ରତି ଆଗ୍ରହ ପ୍ରକାଶ କରି ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିପାରିଛନ୍ତି। ପ୍ରତିବର୍ଷ ବିଭିନ୍ନ ବସ୍ତି ଅଂଚଳରେ ସଂଗଠନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଉଛି। କେହି ରୋଗୀ ଅର୍ଥାଭାବ ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଲେ ଆଶ୍ରୟ ପକ୍ଷରୁ ଆର୍ଥିକ ସହାୟତା ଦିଆଯାଇ ଚିକିତ୍ସା ସୁବିଧା କରାଯାଉଛି। ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ କରି ୨୦୦ରୁ ଅଧିକ ୟୁନିଟ୍ ରକ୍ତ ରକ୍ତଭଣ୍ଡାରକୁ ଯୋଗାଇ ଦେବା ସହ ଗରିବ ଲୋକଙ୍କୁ ଶୀତଦିନେ କମ୍ବଳ, ବର୍ଷା ଦିନେ ଛତା ବଣ୍ଟନ କରାଯାଉଛି। ଖରାଦିନେ ଟ୍ୟାଙ୍କର ମାଧ୍ୟମରେ ଜଟଣୀର ଜଳକ୍ଲିଷ୍ଟ ଅଂଚଳରେ ପାନୀୟ ଜଳଯୋଗାଣ କରି ସମସ୍ତଙ୍କ ଲାଗି ଉଦାହରଣ ସୃଷ୍ଟି କରିଛି ଏହି ସଂଗଠନ। ପରିବେଶର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନସ୍ଥଳୀ ଖୋର୍ଦ୍ଧାର ବରୁଣେଇ ଓ ଜଟଣୀର ବିଭିନ୍ନ ଅଂଚଳରେ ସଫେଇ କାର୍ଯ୍ୟକ୍ରମ କରିଅଛି। ସେହିପରି ଦୟାର ପ୍ରାଚୀର ନାମରେ ଜଟଣୀରେ ଦୁଇଟି କେନ୍ଦ୍ର ଖୋଲି ଗରିବ ଲୋକଙ୍କୁ ପୋଷାକ ବଂଟନ କରିଆସୁଛି। ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ଓ ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜନ କରି ଜ୍ଞାନ ବୃଦ୍ଧିରେ ସାହାଯ୍ୟ କରୁଛି। ଉକ୍ତ ସଂଗଠନ ସ୍ଥାନୀୟ ଅଂଚଳରେ ପ୍ରମୁଖ ଭୂମିକା ସୃଷ୍ଟି କରିଆସିଛି। ଏପରିକି ଶବଦାହ ପାଇଁ ଗରିବ ପରିବାରଙ୍କୁ ଏହି ସଂଗଠନ ସହାୟତା ପ୍ରଦାନ କରିଆସୁଛି। ସଙ୍ଗଠନର ଚେୟାରମ୍ୟାନ୍ ବେଣୁଧର ଦାସ କହନ୍ତି, ଉପରୋକ୍ତ କାର୍ଯ୍ୟ ସହିତ ନିକଟ ଭବିଷ୍ୟତରେ ଆଉ କେତେକ କାର୍ଯ୍ୟକ୍ରମ କରିବା ଲକ୍ଷ୍ୟ ରହିଛି। ବସ୍ତି ଅଂଚଳରେ ଅଧିକରୁ ଅଧିକ ସୁସ୍ଥ ବାତାବରଣ ସୃଷ୍ଟି କରିବା, ସ୍ୱାସ୍ଥ୍ୟ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ। ଏହାଛଡ଼ା ବିଭିନ୍ନ ଉତ୍ସବ ଓ କାର୍ଯ୍ୟକ୍ରମରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ବଳିଯିବା ପରେ ଏହାକୁ ନଷ୍ଟ ବା ଫୋପାଡ଼ି ଦିଆଯାଉଛି। ଏହାକୁ ସଂଗ୍ରହ କରି ରେଫ୍ରିଜେଟର ମାଧ୍ୟମରେ ସଂରକ୍ଷଣ କରାଯାଇ ଭୋକିଲା ଲୋକଙ୍କୁ ପ୍ରଦାନ ଦିଗରେ କାର୍ଯ୍ୟ କରିବୁ ବୋଲି ସଂପାଦକ ରଂଜନ କୁମାର ସ୍ୱାଇଁ, ପ୍ରଦୀପ ପଟ୍ଟନାୟକ ଓ ଗୋପୀକ୍ରିଷନ୍ ଝୁନ୍‌ଝୁନ୍‌ୱାଲା ପ୍ରକାଶ କରିଛନ୍ତି। ସେହିପରି କାହାର କୌଣସି ସାମଗ୍ରୀ ହଜିଗଲେ ସଂପୃକ୍ତ ବ୍ୟକ୍ତି କିପରି ଏହା ପାଇପାରିବ ସେଥିପାଇଁ ଲଷ୍ଟ ଓ ଫାଉଣ୍ଡ ନାମରେ କେନ୍ଦ୍ର ଖୋଲିବା ସହିତ ଯୁବପିଢ଼ିଙ୍କୁ ମାଗଣା ବ୍ୟାଡମିଣ୍ଟନ କୋଚିଂ କ୍ୟାମ୍ପ ଖୋଲିବା ଲକ୍ଷ୍ୟ ରହିଥିବା ସେମାନେ କହିଛନ୍ତି। ତେବେ ଏହିସବୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କମିଶନରେଟ୍ ପୋଲିସ, ଲଘୁ ଉଦ୍ୟୋଗ ଭାରତୀ, କର୍ମମନ୍ଦିର, ୟୁଥ୍ ଫେଡେରେଶନ୍ ଫେଷ୍ଟିଭାଲ୍–୨୦୧୭, ସୁରକ୍ଷା ମଂଚ, ଜଟଣୀ ଲୟର୍ସ ଆସୋସିଏଶନ୍ ପକ୍ଷରୁ ଆଶ୍ରୟକୁ ପୁରସ୍କୃତ କରାଯାଇଛି।

*– ଶ୍ରୀକାନ୍ତ ପରିଜା, ଜଟଣୀ*



'ଆଶ୍ରୟ' ସଂଗଠନର ସଦସ୍ୟମାନେ।

# SUNDAY classifieds



# MATRIMONIAL

## BRIDE WANTED

Son age 28 B.Tech, M.Tech, IIT Kharagpur working Data Scientist at Bangalore salary 30 lakhs 8144589551. D-15888

Son age 30 B.Tech CET MBA XIMB working with GAIL India at Delhi cast Brahmin 7008986003. D-15889

Eligible Hindu bride required for prospective groom. Caste-no-bar. Mob: 9438649952. D-15965

38 ବର୍ଷୀୟ ପିଲା ପାଇଁ ଚାକିରି କରିଥିବା ବିଧବା ସ୍ତ୍ରୀ, ବିବାହ କରିବା ପାଇଁ ଚାହୁଁଥିଲେ। 7653970770. D-15960

ଜାତି ବଣିଆ +2 ପାତ୍ର ପାଇଁ ପାତ୍ରୀ ଆବଶ୍ୟକ। 6371271462. D-15961

## GROOM WANTED

Beautiful girl 26years/ 5'5", Vaishya Baniya (Goldsmith), M.Tech, pursuing PHD (IIIT Mumbai), 9826365037, 8770438014. D-15921

Girl age 27 B.Tech, M.Tech, NIT Rourkela working in MNC Company at Pune salary 18 lakhs 7008986005. D-15887

45 ବର୍ଷ ଝିଅ Govt. Collegeରେ Laboratory Assistant ଭାବରେ କାର୍ଯ୍ୟରତ। ଇଚ୍ଛୁକ ଥିବା ବରପାତ୍ର ଯୋଗାଯୋଗ: 9078166327. D-68809

ଜାତିବନ୍ଧନ ନାହିଁ। 34,5.4,M.Sc B.Ed, Govt. Teacher ମାସିକ ଆୟ 38,000/- ପାଇଁ ଅବିବାହିତ, ଘରଜ୍ୱାଇଁ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-15958

Chamhara bride Engineer 33+, Lecturer 36, Teacher 40 (caste-no-bar)-7873374269. D-68640

ନୟାଗଡ଼ ବାସିନ୍ଦା ଏକମାତ୍ର ଝିଅ (୨୫ବର୍ଷ) ଓଡ଼ିଆ ଭଣ୍ଡାରି ଜାତି, ମଧ୍ୟବିତ୍ତ ପରିବାର ପାଇଁ ପୁଅ ଖୋଜୁଛୁ। ମୋ: ୮୮୨୦୪୬୫୨୨୫। D-15957

Beautiful brahmin (Divorcee) girl 1992/ 5'4", B.Tech, Bhubaneswar, "VAISNABI" 9238578590. D-68531



## SALE

Sale immediately Royal type Bangalow, Kalpana mainroad (Broker Excuse), 8456888081. D-48721

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68453

Gharabari plots Tankapaniroad Sai Temple east facing plots sqft. 1600/-, Simplex B.J.E.M-(2), 15,80,000/-. 7735738102. D-15881

**Installment available developed gharabari boundary housing plot Ranga Bazar- 650/-, 9348012510.** D-68460

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68913

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ଫ୍ଲାଟ୍ ବିକ୍ରି ହେବ। Possession immediately. 9178660666. D-68943

**New Duplex, 3BHK sale at Gudia Pokhari, Bhubaneswar with all amenities plan approved bank finance available 7077598070.** D-68919

Duplex for sale, 4BHK at Niladribihar gated society, price- 1.6.cr, 9949368924, 9937386792. D-15924

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15713

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15714

**6380sqft. land with one single storied house (2871sqft.) and one 3 storied house (1383sqft. with 461sqft. on each floor) at Giri road, Berhampur is for sale. Contact: 9820700400.** D-68039

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15790

**Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952.** D-68451

Bhubaneswar ଏୟାରପୋର୍ଟରୁ 7k.m ଦୂରରେ 1500ବର୍ଗଫୁଟ ଫ୍ଲାଟ୍ 13,50,000/- କିଣି ଘରକରନ୍ତୁ। 9853150290 D-68529

**ଭୁବନେଶ୍ୱର ପାହାଳ, ନଖରାରେ ଘରକଲା ଭଳି plot 30' ରାସ୍ତାଥାଇ ମିଳୁଅଛି। 8249728525.** D-68458

Furnished 2BHK flats top floor at Patia Bhubaneswar, Contact: 7978751719. D-67522

**ଭୁବନେଶ୍ୱର ତମାଣ୍ଡୋ ବଜାର ପାଖରେ ଘରବାରି, Boundary, Bank, Finance ଥାଇ plot କିଣନ୍ତୁ sqft.- 1800/-, 8480281029.** D-68459

2400sqft. land, Gohira Square, behind Andhra Bank. Odisha Realty, 9937066926. D-68322

**ଭୁବନେଶ୍ୱର କଟଣାଗେଟ୍ଠାରେ sqft.-180/-, ଅରଗୁଲ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 7750909843, 9348817649.** D-68462

Residential plots available at Laxmi Sagar canal road, Contact: 7978751719. D-67523

**ଭୁବନେଶ୍ୱର Sum Hospital, IIIT, NALCO ଗୋଠପାଟଣା ନିକଟସ୍ଥ କାଟେଣୀ Zeeschoolରେ ଘରବାରି, Boundary Patta plot-550/-, 9777553622.** D-68461

21,500sqft. Commercial land with boundary adjacent to NH, just 2.5Km from Phulnakhara towards Adaspur, suitable for godown, warehouse- 8658182243. D-68041

**Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400** D-68463

3BHK Super Luxury 1500sqft. flat with fully interior work third floor at Patrapada, close to Ambar cost 75 lakhs for immediate sale- 9861040268. D-68042

**2800sqft. gharabari plot immediately sale at Bomikhal, Bhubaneswar, only buyer directly contact- Deepak- 9937329999.** D-68043

**Book 2BHK flat at GGP Colony, Rasulgarh. (SBI, RERA approved)- 7978584549.** D-68944

**Develope SC plot NH-5 side Pahala 13,80,000/- and general plot near Hanspal Balianta 10,80,000/- (Loan available)- 8917228717.** D-68639

**ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3K.m well developed demarcated plot sqft. 650/-, 9348063060.** D-68464

**One single boundarywall plot NH-16 Hanspal 30ft. road yellowzone north facing- 9040059669.** D-68641

New Year Offer on purchasing of BDA/ Bank approved remaining few flats in final finishing stage near NH, Patrapada, Bhubaneswar. 9238326233, 9040072544. D-38566

ସ୍ଥାନୀୟ ଖଡିଆଳ ତହସିଲ ଅନ୍ତର୍ଗତ ମୌଜା ଗଡରାମୁଣ୍ଡା, ଖାତା ନଂ.୩୨୮, ପ୍ଲଟ ନଂ. ୧୯, ୨୦, ୨୮, ୨୯, ୩୧, କିସମ ଆଟ, ବେର୍ଣ୍ଣା। ପରିମାଣ ଏ ୧.୯୧କର ଜମିଟି ବିକ୍ରୟ ପାଇଁ ଉଦ୍ଦିଷ୍ଟ। ଏହି ଜମିଟି ସମ୍ପୂର୍ଣ୍ଣ ବିବାଦମୁକ୍ତ ଏବଂ ଶ୍ରୀ ଭଜମନ ତାଣ୍ଡି, ପିତା– ସ୍ୱର୍ଗତ ଜଳଧର ତାଣ୍ଡିଙ୍କ ନାମରେ ରେକର୍ଡଭୁକ୍ତ ଅଛି। ଇଚ୍ଛୁକ ଥିବା ଅନୁସୂଚିତ ଜାତି ବର୍ଗର ଯେକୌଣସି ବ୍ୟକ୍ତି କ୍ରୟ କରିବାକୁ ଚାହୁଁଥିଲେ ନିମ୍ନ ଠିକଣାରେ ତା. ୨୫।୧୨।୨୦୧୯ ଠାରୁ ୧୦।୦୧।୨୦୨୦ ସୁଦ୍ଧା ଯୋଗାଯୋଗ କରିବାକୁ ଅନୁରୋଧ। ଠିକଣା: ଭଜମନ ତାଣ୍ଡି, ପିତା– ସ୍ୱର୍ଗତ ଜଳଧର ତାଣ୍ଡି, ଖଡିଆଳ ୱାର୍ଡ ନଂ–୭, ଥାନା/ତହସିଲ– ଖଡିଆଳ, ଜିଲ୍ଲା– ନୂଆଁପଡା, ଫୋନ ନଂ.: ୮୧୧୪୭୬୭୧୨୫. ଧ–୧୫୯୬୬

## PURCHASE

**Immediate purchase of Duplex building of 2500sqft. for Office & Clinic within Khurda district jurisdiction including rural areas interested owners, contact: 06742436427, 9439976785.** D-67270



Construct your building as per your terms and condition. Contact: 9937064680. D-27284

## GENERAL

## SALE

ଭୁବନେଶ୍ୱରରେ ଭଲ ଚାଲୁଥିବା ଭେରାଇଟି ଷ୍ଟୋର୍ ବିକ୍ରିହେବ ଏବଂ ରହିବାର ସୁବିଧା ଅଛି। 9583578811. D-68530

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452



600sqft. 2nd floor Commercial space available for Office in front of BMC, Goutam Nagar, Bhubaneswar, Contact: 9937203178. D-67521

330sqft. 1st floor for Office/ Shop at Sarala Nagar, near Bhagawan Tower, Cuttackroad, Bhubaneswar- 751006. Contact: 9437385951. D-15880

Single room with attached bath and kitchen suitable for single working girl near DAV, Pokhariput, Bhubaneswar, 9437100491. D-15877

2BHK IBT Marble flats at Mainroad Unit-8 Soubhagya Nagar. 9000001508. D-67738

Triple bedroom cum study room, servant room Vipul Garden, Ghatikia. Rent- 15,000/- 7381299922 D-67740

2BHK Drawing, Dining, Kitchen, 2Toilets, 2Balcony phase-4 Dumduma. 9337627101. D-67739

Well furnished Single room/ One BHK for small Family/ Girl, at District Centre, Chandrasekharpur, near Khadinieketan for rent, 9937409615. D-62310

Office/residence 1st floor 700sqft. Bapuji Nagar. Contact: 9437205577. D-67524

**For Bank/ Office & commercial 2220sqft. 1st floor at Ranihat mainroad Cuttack, Phone: 0671- 2416450, 9439253078.** D-15959

2BHK available near Chilipokhari, Tankapani road, Bhubaneswar, Contact: 9437011164. D-67107



India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784



Rejuvenate and ayurvedic full body massage by smart therapist. 9114402304. D-68904

Take full body therapy. Just call 7852986810. D-68528

Full body herbal massage with refreshment expert therapist. 7381239385, 06742540855. D-68938

Experience full body massage with us (expert). Call: 7377048581, 06742597822. D-68939

Herbal full body massage by smart / expert therapist. Contact: 8338067247. D-68940

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68941

Refresh your mind and soul with best therapy at Orchid Salon/Spa. 9937287222. D-68739

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68742

Ayurvedic full body massage ladies and gents. Contact: 9861064981. D-68743



3000 ଟଙ୍କାରେ ନିଜ LED Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-15939

**Farmhouse available for Private Party, Birthday Party, New Year Party. Contact: 9178367766, 7978456831.** D-68044

## AFFIDAVIT

By virtue of an affidavit sworn in before the Notary, Bhubaneswar, I have changed my surname from Pratima Goi to Pratima Guru. Henceforth I shall be known as Pratima Guru for all purposes. D-27632

### ସପ୍ତମ ଜନ୍ମବାର୍ଷିକୀ ଶୁଭେଚ୍ଛା



(ମାମା)

**ଅଙ୍କିତା ପ୍ରିୟଦର୍ଶିନୀ**

ଆଜି ତୋର ୭ମ ଶୁଭ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥ ଏବଂ ବାଇଁଶିଆରେ ଥିବା ପ୍ରଭୁ କପିଳେଶ୍ୱରଙ୍କ ପାଖରେ ତୋର ସୁଖ, ନିରାମୟ ତଥା ଦୀର୍ଘଜୀବନ ପ୍ରାର୍ଥନା କରୁଅଛୁ।

ଶୁଭେଚ୍ଛା ସହ:

ଅଜା, ଆଈ, ବଡ଼ବାବା, ବଡ଼ମା', ଦାଦା, ଖୁଡ଼ୀ, ମାମୁ, ଜେଜେ, ଜେଜେମା', ସାନ୍ଟୁ, ରାଜା, ବବୁଲୁ।

ଧ–୧୫୯୬୩

### ଜନ୍ମବାର୍ଷିକୀ ଶୁଭେଚ୍ଛା



**ସ୍ୱାଗତିକା ମହାପାତ୍ର (ଗୁଡୁଲି)**

ଟାଙ୍ଗୀବନ୍ତ, ନିୟୁ ଭୁବନେଶ୍ୱର

ଆଜି ତୋର ଦ୍ୱାଦଶ ଜନ୍ମବାର୍ଷିକୀ ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଗ୍ରାମ୍ୟ ଦେବୀ ମା'ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରୁ କି ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ।

ଶୁଭେଚ୍ଛାସହ:

ମମି: ସୌଦାମିନୀ, ବାବା: ସୁବ୍ରତ, ଅଜା, ଆଈ, ଜେଜେ, ଜେଜେମା', ଦାଦା, ଖୁଡ଼ୀ, ମାମୁ, ମାଈ, ଅପା, ପିଇସା, ମୁନା, ମାମାଲୀ, ଲାଡଲୀ, ଶୁଭ, ସୁୟାଂଶୁ।

ଧ–୧୫୯୪୧

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**JOGESWAR DAS**
Rayagada Mob: 06856222611, 9437234611

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଗୋଦାବରୀ ଆଚାର୍ଯ୍ୟ**

ପୂର୍ବତନ ସରପଞ୍ଚ ଗ୍ରା.ପ– ଲିମା, ଉପାଧ୍ୟକ୍ଷ କୁଦ୍ରା ବ୍ଲକ

ଆବିର୍ଭାବ: ୩୦।୧୧।୧୯୪୫
ତିରୋଧାନ: ୦୯।୦୧।୨୦୧୯

ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ୍ଭ ସମସ୍ତଙ୍କ ପାଇଁ ଚିରପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ।

ଧ–୧୫୯୬୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ରତ୍ନାକର ବିଶ୍ୱାଳ**

(UCO ବ୍ୟାଙ୍କ୍ ମ୍ୟାନେଜର୍)
ଭୂତଡ଼ିହି, ଲାଠିପଡ଼ା, ନୟାଗଡ଼

ଆବିର୍ଭାବ: ୧୪।୦୯।୧୯୫୯
ତିରୋଧାନ: ୧୦।୦୧।୨୦୧୯

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଆଶୀର୍ବାଦ ଆମମାନଙ୍କ ଉପରେ ରହିଥାଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ହତଭାଗ୍ୟ ସନ୍ତାନ:
କାହ୍ନୁ, ଲିପି, ହାପି, ଲିଟୁ, ସସ୍ମିତା, ବବୁ ଓ ପରିବାରବର୍ଗ।

ଧ–୧୫୯୬୨

## ସଂକ୍ଷେପରେ

### ୩ ବ୍ୟାଙ୍କକୁ ୮୬୫୫ କୋଟି ଟଙ୍କାର ପୁଞ୍ଜି

**ନୂଆଦିଲ୍ଲୀ,୨୮-୧୨:** ସରକାର ୩ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଲାଗି ୮୬୫୫ କୋଟି ଟଙ୍କାର ପୁଞ୍ଜି ସହାୟତା ଘୋଷଣା କରିଛନ୍ତି। ଏହା ମଧ୍ୟରେ ଆଲ୍ଲାହାବାଦ ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଏବଂ ୟୁକୋ ବ୍ୟାଙ୍କ ରହିଛି। ଅର୍ଥ ମନ୍ତ୍ରଣାଳୟ ଆଲ୍ଲାହାବାଦ ବ୍ୟାଙ୍କକୁ ୨,୧୫୩ କୋଟି, ୟୁକୋ ବ୍ୟାଙ୍କକୁ ୨,୧୪୨ କୋଟି ଏବଂ ଇଣ୍ଡିଆନ ଓଭରସିଜ ବ୍ୟାଙ୍କକୁ ସର୍ବାଧିକ ୪,୩୬୦ କୋଟି ଟଙ୍କା ପ୍ରଦାନ କରିଛି। କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପୁଞ୍ଜି ପ୍ରଦାନ ଯୋଜନାରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି।

### ପେନ୍‌ସନ କମ୍ୟୁଟେଶନ ସୁବିଧା ଲାଗୁ କରିବ ଇପିଏଫ୍‌ଓ

**ନୂଆଦିଲ୍ଲୀ,୨୮-୧୨:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ(ଇପିଏଫ୍‌ଓ) ପକ୍ଷରୁ ଜାନୁୟାରୀ ପହିଲାରୁ କମ୍ୟୁଟେଶନ ସୁବିଧା ଲାଗୁ କରିବ। ଏହା ଦ୍ୱାରା ଅବସରପ୍ରାପ୍ତ କର୍ମଚାରୀମାନେ ଅଗ୍ରୀମ ଆଂଶିକ ଉଠାଣ ସୁବିଧା ପାଇବାକୁ ସକ୍ଷମ ହେବେ ବୋଲି ଇପିଏଫ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି। ୬.୩ ଲକ୍ଷ ପେନ୍‌ସନଭୋଗୀ ଲାଭବାନ ହେବେ ବୋଲି ଜଣେ କର୍ମଚାରୀ ସୂଚନା ଦେଇଛନ୍ତି। ୬.୩ ଲକ୍ଷ ପେନଶନଭୋଗୀ ଏହି ସୁବିଧା ଚୟନ କରିଥିଲେ। ଏହାକୁ କର୍ମଚାରୀ ପେନ୍‌ସନ ଯୋଜନା ଅନ୍ତର୍ଗତ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ରହିଛି।



> ଶୀଘ୍ର ନୂଆ ପାୱାର ଟାରିଫ ପଲିସି ଆସିବ। ଶକ୍ତି କମ୍ପାନୀ ସେମାନଙ୍କ କ୍ଷତି ଲାଗି ଗ୍ରାହକଙ୍କ ଉପରେ ବୋଝ ନ ଲଦିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି।
> – ଆର୍. କେ. ସିହ୍ନା, କେନ୍ଦ୍ର ଶକ୍ତି ମନ୍ତ୍ରୀ



> ମାନ୍ଦାବସ୍ଥା ସତ୍ତ୍ୱେ ଦେଶର ବୀମା କ୍ଷେତ୍ରରେ ଅଭିବୃଦ୍ଧିର ଅନେକ ସୁଯୋଗ ରହିଛି।
> – ଏମ୍. ଆର୍. କୁମାର, ଏଲ୍‌ଆଇସି ଅଧ୍ୟକ୍ଷ

## ବ୍ୟାଙ୍କ ମୁଖ୍ୟଙ୍କୁ ସୀତାରାମନଙ୍କ ପରାମର୍ଶ

# ତଦନ୍ତର ୩ସିକୁ ଡରନାହିଁ

**ନୂଆଦିଲ୍ଲୀ,୨୮-୧୨**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ)ଙ୍କୁ ଭେଟିଛନ୍ତି। ସେ ବ୍ୟାଙ୍କଗୁଡିକର ସ୍ଥିତିକୁ ସମୀକ୍ଷା କରିଥିବା ବେଳେ ତଦନ୍ତର ୩ ସି କୁହାଯାଉଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ), କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି), ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ(ସିଭିସି)ଙ୍କୁ ଡରିବାର କୌଣସି ଆବଶ୍ୟକତା ନାହିଁ ବୋଲି ପରାମର୍ଶ ଦେଇଛନ୍ତି। ଠିକ୍ ନିଷ୍ପତ୍ତି ନେଉଥିବା ବ୍ୟାଙ୍କ ଅଧିକାରୀମାନେ ୩ସି ନେଇ ଭୟଭୀତ ନ ହେବା ଆବଶ୍ୟକ ବୋଲି ସୀତାରାମନ ମତ ରଖିଛନ୍ତି।

ସେ କହିଛନ୍ତି ଯେ, ବ୍ୟାଙ୍କରମାନେ ଦୂରଦର୍ଶୀ ନିଷ୍ପତ୍ତି ନେବା ବେଳେ ବିଫଳତା ଏବଂ ଦୋଷପୂର୍ଣ୍ଣ ବିଫଳତା ମଧ୍ୟରେ ପାର୍ଥକ୍ୟକୁ ବିଚାର କରାଯିବ। ଆୟକର ବିଭାଗ ଭଳି ସିବିଆଇ ମଧ୍ୟ ଏଭଳି ପଦକ୍ଷେପ ନେବ ଯେଭଳି ଅନଧିକୃତ ଯୋଗାଯୋଗ ଏବଂ ମାନସିକ ନିର୍ଯାତନା ଭଳି କୌଣସି ଘଟଣା ସାମ୍ନାକୁ ନ ଆସେ। ସିବିଆଇ ଆଗାମୀ ଦିନରେ ବ୍ୟାଙ୍କ ଅଧିକାରୀଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବା ସହିତ ଅଧିକାରୀଙ୍କ ମନରେ ରହିଥିବା ଆଶଙ୍କାକୁ ଦୂରକରିବା ଦିଗରେ ପ୍ରୟାସ କରିବ। ତଦନ୍ତକାରୀ ଏଜେନ୍ସିଗୁଡିକୁ ନେଇ ବ୍ୟାଙ୍କ ଅଧିକାରୀମାନେ ଭୟଭୀତ ହେଉଥିବା ବିଭିନ୍ନ ଘଟଣା ସାମ୍ନାକୁ ଆସିଥିବା ସୀତାରାମନ କହିଛନ୍ତି। ମନରେ ଭୟ ରହିବା ଯୋଗୁ ବ୍ୟାଙ୍କ ଅଧିକାରୀମାନେ ଠିକ୍ ନିଷ୍ପତ୍ତି ନେବା ମଧ୍ୟ ପ୍ରଭାବିତ ହୋଇଥାଏ। ବ୍ୟାଙ୍କଗୁଡିକରେ ହେଉଥିବା ମାମଲାଗୁଡିକୁ ସିବିଆଇ ନିଜ ଆଡୁ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥାଏ ବରଂ ବ୍ୟାଙ୍କଗୁଡିକ ମାମଲାର ତଦନ୍ତ ଲାଗି ଉଚିତ ନିଷ୍ପତ୍ତି ନେଇଥାନ୍ତି ବୋଲି ସୀତାରାମନ ମତ ଦେଇଛନ୍ତି।

ଶନିବାର ସିବିଆଇ ନିର୍ଦ୍ଦେଶକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିଥିବା ସୀତାରାମନ ସୂଚନା ଦେଇଛନ୍ତି। ବିଭିନ୍ନ ଜଟିଳ ମାମଲା କ୍ଷେତ୍ରରେ ନିଷ୍ପତ୍ତି ନେବା ଲାଗି ବ୍ୟାଙ୍କଗୁଡିକୁ ସହାୟତା କରିବାକୁ ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ, ଆୟକର ବିଭାଗ, ସୀମା ଶୁଳ୍କ ବିଭାଗ ଅଧିକାରୀଙ୍କ ସହ ସେ ଭେଟିବା ନେଇ କହିଛନ୍ତି। ଦେଶରେ ନିବେଶ କରିବା ଲାଗି କର୍ପୋରେଟଗୁଡିକ ଦୃଢ ନିଷ୍ପତ୍ତି ନେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଳ୍ପ ସଂଘ ଆସୋଚାମର ଏକ କାର୍ଯ୍ୟକ୍ରମରେ ଦେଶର ଶିଳ୍ପ ଜଗତକୁ ଆହ୍ୱାନ ଦେଇଥିଲେ। ବାଣିଜ୍ୟ ବିଫଳ ହେଲେ ଶିଳ୍ପପତିଙ୍କୁ ହଇରାଣ ହରକତ ହେବାକୁ ଦିଆଯିବନାହିଁ। ଉଚିତ ନିଷ୍ପତ୍ତି ହୋଇଥିଲେ ଠିକ୍ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମୋଦି କହିଥିଲେ।

### ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ୱାସ୍ଥ୍ୟ ସୁଧୁରୁଛି



ଏଭଳି ସମୟରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁ ବ୍ୟାଙ୍କଗୁଡିକ ଏବେ ଠିକ୍ ସ୍ଥିତିକୁ ଆସିବାରେ ସୁବିଧା ହୋଇଛି ବୋଲି ସୀତାରାମନ ମତ ଦେଇଛନ୍ତି। ସରକାରଙ୍କ ସଂସ୍କାର ପଦକ୍ଷେପ ଯୋଗୁ ବ୍ୟାଙ୍କଗୁଡିକର ଆର୍ଥିକ ସ୍ୱାସ୍ଥ୍ୟରେ ଉନ୍ନତି ହୋଇଛି। ୨୦୧୮ ମାର୍ଚ୍ଚରେ ବ୍ୟାଙ୍କଗୁଡିକର ମୋଟ ଏନ୍‌ପିଏ ୮.୯୬ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ଏହା ୨୦୧୯ ସେପ୍ଟେମ୍ବରରେ ୭.୨୭ ଲକ୍ଷ କୋଟି ଟଙ୍କାକୁ ହ୍ରାସ ଘଟିଛି। ଆର୍ଥିକ ବର୍ଷ ୨୦୧୯-୨୦ର ପ୍ରଥମ ୬ ମାସରେ ୧୩ ବ୍ୟାଙ୍କ ଲାଭଜନକ ସ୍ଥିତିକୁ ଫେରିଥିବା ସେ ସୂଚନା ଦେଇଛନ୍ତି।

## ଅର୍ଥମନ୍ତ୍ରୀଙ୍କ ନୂଆବର୍ଷ ଭେଟି

# ରୁପେ, ୟୁପିଆଇ ପେମେଣ୍ଟରେ ଏମ୍‌ଡିଆର୍ ଦେୟ ଛାଡ଼

**ନୂଆଦିଲ୍ଲୀ,୨୮-୧୨**

- ଜାନୁୟାରୀ ପହିଲାରୁ ଲାଗୁ ହେବ
- ଡିଜିଟାଲ ନେଣଦେଣକୁ ମିଳିବ ପ୍ରୋତ୍ସାହନ

ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ଲାଗି ସରକାର ରୁପେ ଏବଂ ୟୁପିଆଇ ନେଣଦେଣରେ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍(ଏମ୍‌ଡିଆର୍) ଦେୟକୁ ବାଦ ଦେଇଛନ୍ତି। ୨୦୨୦ ଜାନୁୟାରୀ ପହିଲାଠାରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ। କୌଣସି ଗ୍ରାହକ ନେଣଦେଣ ଲାଗି ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ଟର୍ମିନାଲରେ ନିଜର ଡେବିଟ୍ କାର୍ଡ ସ୍ୱାଇପ୍ କରିବା ବେଳେ ସେହି ସମୟରେ ମର୍ଚ୍ଚାଣ୍ଟଙ୍କୁ ନିଜର ସେବା ଯୋଗାଣକାରୀଙ୍କୁ ଏକ ଶୁଳ୍କ ଦେବାକୁ ପଡିଥାଏ, ଯାହାକୁ ଏମ୍‌ଡିଆର୍ କୁହାଯାଏ। ଏହାବାଦ କ୍ୟୁଆର୍ କୋଡ୍ ଆଧାରିତ ନେଣଦେଣ ଉପରେ ଏମଡିଆର୍ ଦେବାକୁ ପଡିଥାଏ। ଏମ୍‌ଡିଆର୍ ଛାଡ ସଂକ୍ରାନ୍ତ ନୂଆ ନିଷ୍ପତ୍ତି ସମ୍ପର୍କରେ ରାଜସ୍ୱ ବିଭାଗ(ଡିଓଆର୍) ଶୀଘ୍ର ଏକ ବିଜ୍ଞପ୍ତି ପ୍ରକାଶ କରିବ ବୋଲି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଇଓଙ୍କ ସହ ବୈଠକ ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ସୂଚନା ଦେଇଛନ୍ତି। ୫୦ କୋଟି କିମ୍ବା ଏହାଠାରୁ ଅଧିକ ମୂଲ୍ୟର କାରବାର କରୁଥିବା କମ୍ପାନୀଗୁଡିକୁ ଡିଜିଟାଲ ନେଣଦେଣ ଧାରା ପ୍ରୋତ୍ସାହିତ କରିବା ଲାଗି ଡିଓଆର୍ ଯୋଜନା ହାତକୁ ନେବ। ଗ୍ରାହକଙ୍କଠାରୁ ରୁପେ ଡେବିଟ କାର୍ଡ ଏବଂ ୟୁପିଆଇ କ୍ୟୁଆର୍ କୋଡ ପେମେଣ୍ଟ ଗ୍ରହଣ କରିବା ଲାଗି ବ୍ୟବସ୍ଥା ଆପଣାଇବାକୁ କମ୍ପାନୀଗୁଡିକୁ ଉତ୍ସାହିତ କରାଯିବ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି।

## ଇଣ୍ଟରନେଟ ବ୍ୟାନ୍

# ଟେଲିକମ୍ କମ୍ପାନୀଙ୍କୁ ଘଣ୍ଟା ପ୍ରତି କ୍ଷତି ୨.୫ କୋଟି

**ନୂଆଦିଲ୍ଲୀ,୨୮-୧୨**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ଏବଂ ଜାତୀୟ ନାଗରିକତା ରେଜିଷ୍ଟର (ଏନ୍‌ଆର୍‌ସି)କୁ ବିରୋଧ କରି ସାରା ଦେଶରେ ହେଉଥିବା ଆନ୍ଦୋଳନ ଯୋଗୁ ସରକାରଙ୍କୁ ବିଭିନ୍ନ ସ୍ଥାନରେ ଇଣ୍ଟରନେଟ ବନ୍ଦ କରିବାକୁ ପଡୁଛି। ଶୁକ୍ରବାର ଉତ୍ତର ପ୍ରଦେଶର ବିଭିନ୍ନ ଜିଲାରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଇଣ୍ଟରନେଟ ବନ୍ଦ ହେବା ଦ୍ୱାରା କେବଳ ସାଧାରଣ ଲୋକ ହଇରାଣ ହେଉଛନ୍ତି ତାହା ନୁହେଁ ବରଂ ଟେଲିକମ କମ୍ପାନୀଗୁଡିକ ମଧ୍ୟ କ୍ଷତି ସହୁଛନ୍ତି। ବନ୍ଦ ଯୋଗୁ ଟେଲିକମ ସେବା ପ୍ରଦାନକାରୀ କମ୍ପାନୀଗୁଡିକ ଘଣ୍ଟାପ୍ରତି ୨.୫ କୋଟି ଟଙ୍କା କ୍ଷତି ସହୁଥିବା ଜଣାପଡ଼ିଛି।

ଏକ ଗଣମାଧ୍ୟମ ରିପୋର୍ଟ ମୁତାବକ ଭାରତୀୟମାନେ ସେମାନଙ୍କ ସ୍ମାର୍ଟଫୋନ ଦ୍ୱାରା ହାରାହାରି ୯.୮% ଗିଗାବାଇଟ ଡାଟା ବ୍ୟବହାର କରୁଛନ୍ତି। ଏହା ବିଶ୍ୱସ୍ତରର ହାରଠାରୁ ଅଧିକ। ଫେସ୍‌ବୁକ ଏବଂ ମେସେଞ୍ଜର ଲାଗି ଭାରତ ସବୁଠାରୁ ବଡ ବଜାର ଭାବେ ଉଭା ହୋଇଛି। ଇଣ୍ଟରନେଟ ଉପରେ ରୋକ ଲଗାଇବା ସରକାରଙ୍କ ପ୍ରଥମ ଉପାୟ ନ ହେବା ଆବଶ୍ୟକ ବୋଲି ଟେଲିକମ ସେବା ଯୋଗାଣକାରୀ ସଂଘ ସିଓଏଆଇ କହିଛି। ଦେଶର ଟେଲିକମ ସେକ୍ଟର ଏବେ ପ୍ରଭାବିତ ସ୍ଥିତିରେ ରହିଛି। ଏହା ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଇଣ୍ଟରନେଟ ବନ୍ଦ ସକାଶେ ହେଉଥିବା କ୍ଷତି ଯୋଗୁ ଟେଲିକମ୍ କମ୍ପାନୀ ଚିନ୍ତାରେ ରହିଥିବା ସିଓଏଆଇ କହିଛି।

# ମ୍ୟାଗ୍ନେଟିକ୍ ଷ୍ଟ୍ରାଇପ ଡେବିଟ କାର୍ଡ ବଦଳାଇବାକୁ ପରାମର୍ଶ

**ନୂଆଦିଲ୍ଲୀ,୨୮-୧୨**

ଡେବିଟ୍ କାର୍ଡଧାରୀ ଯଦି ସେମାନଙ୍କ ପୁରୁଣା ମାଗ୍ନେଟିକ ଷ୍ଟ୍ରାଇପ କାର୍ଡକୁ ଏପର୍ଯ୍ୟନ୍ତ ବଦଳାଇ ନାହାନ୍ତି ତାହାଲେ ତାହାକୁ ତୁରନ୍ତ ବଦଳାଇବା ଉଚିତ୍। ମ୍ୟାଗ୍ନେଟିକ୍ ଷ୍ଟ୍ରାଇପ ପ୍ରଯୁକ୍ତିର ଡେବିଟ୍ କାର୍ଡ ବଦଳରେ ଇଏମ୍‌ଭି (ୟୁରୋପ, ମାଷ୍ଟର କାର୍ଡ ଏବଂ ଭିଜା) କାର୍ଡ ସଂଗ୍ରହ କରିବାକୁ ହେବ। ଏହା ନ ହେଲେ ନୂଆବର୍ଷରୁ ଗ୍ରାହକ ଅସୁବିଧାର ସାମ୍ନା କରିପାରନ୍ତି। ନୂଆ ଟେକ୍ନୋଲୋଜିର ଡେବିଟ୍ କାର୍ଡ ନ ନେଲେ ଏଟିଏମ୍‌ରୁ ଟଙ୍କା ଉଠାଣ ଏବଂ ଅନ୍ୟ କାରବାରରେ ଅସୁବିଧା ସାମ୍ନା କରିବାକୁ ପଡିପାରେ। ରିଜର୍ଭ ବ୍ୟାଙ୍କ ନିୟମ ମୁତାବକ ସମସ୍ତ ବ୍ୟାଙ୍କ ସେମାନଙ୍କ ଗ୍ରାହକଙ୍କୁ ମ୍ୟାଗ୍ନେଟିକ୍ ଷ୍ଟ୍ରାଇପଯୁକ୍ତ କାର୍ଡ ବଦଳରେ ଇଏମ୍‌ଭି କାର୍ଡ ଦେବା ଆବଶ୍ୟକ।

ନେଣଦେଣରେ ନିରାପତ୍ତାକୁ ଧ୍ୟାନରେ ରଖି ଅନ୍ତର୍ଜାତୀୟ ମାନଦଣ୍ଡ ଅନୁସାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏଣୁ ପୁରୁଣା କାର୍ଡ ପରିବର୍ତ୍ତନ କରି ନୂଆ କାର୍ଡ ନେବାକୁ ବ୍ୟାଙ୍କଗୁଡିକ ସେମାନଙ୍କ ଗ୍ରାହକଙ୍କୁ ପରାମର୍ଶ ଦେଉଛନ୍ତି। ଏସ୍‌ବିଆଇ ଏହାର ଡେବିଟ୍ କାର୍ଡଧାରୀଙ୍କୁ ଅଧିକ ନିରାପଦଯୁକ୍ତ ଇଏମ୍‌ଭି ଚିପ୍ ଏବଂ ପିନ୍ ଭିତ୍ତିକ କାର୍ଡ ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ନିଜ ଆକାଉଣ୍ଟ ଥିବା ଶାଖାରୁ ନେବା ପାଇଁ କହିଛି। ସୂଚନା ଯୋଗ୍ୟ, ମ୍ୟାଗ୍ନେଟିକ ଷ୍ଟ୍ରାଇପ୍ ଥିବା କାର୍ଡ ଯାହାର ପଛ ପଟେ ମ୍ୟାଗ୍ନେଟିକ୍ ଷ୍ଟ୍ରାଇପ ରହିଥାଏ। କିନ୍ତୁ ଇଏମ୍‌ଭି କାର୍ଡରେ ଚିପ୍ ରହିଥାଏ। ଫଳରେ ଇଏମ୍‌ଭି କାର୍ଡ ଅଧିକ ନିରାପଦ ବୋଲି ବିଚାର କରାଯାଇଥାଏ।

### ରାତିରେ ଟଙ୍କା ଉଠାଣ ଲାଗି ଓଟିପି ଜରୁରୀ




ଏଟିଏମ୍‌ରୁ ରାତି ୮ରୁ ସକାଳ ୮ ମଧ୍ୟରୁ ୧୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ଉଠାଣ ଉପରେ ଓଟିପି ଭିତ୍ତିକ ସିଷ୍ଟମ ଲାଗୁ କରିବାକୁ ଏସ୍‌ବିଆଇ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହାର ଅର୍ଥ ହେଲା ଯଦି ଆପଣଙ୍କ ପାଖରେ ଖାତା ସହ ଲିଙ୍କ୍ ଥିବା ପଞ୍ଜୀକୃତ ମୋବାଇଲ ନମ୍ବର ନାହିଁ ତେବେ ଏସ୍‌ବିଆଇ ଏଟିଏମ୍ ଯାଇଥିଲେ ମଧ୍ୟ ଟ୍ରାଞ୍ଜାକଶନ କରିବାକୁ ସକ୍ଷମ ହେବେ ନାହିଁ। ଗ୍ରାହକଙ୍କ ନିରାପତ୍ତାକୁ ଧ୍ୟାନରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି।

# ବିଏସ୍‌ଏନ୍‌ଏଲ୍ ପୁନରୁଦ୍ଧାର ପାଇଁ ଜିଓଏମ୍ ଗଠନ

**ନୂଆଦିଲ୍ଲୀ,୨୮-୧୨**

ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍) ଏବଂ ମହାନଗର ଟେଲିଫୋନ୍ ଲିମିଟେଡ(ଏମ୍‌ଟିଏନ୍‌ଏଲ୍) ପାଇଁ ୬୯,୦୦୦ କୋଟି ଟଙ୍କାର ପୁନରୁଦ୍ଧାର ଯୋଜନାକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପ୍ରକ୍ରିୟା ଅନ୍ତର୍ଗତ ୭ ସଦସ୍ୟ ବିଶିଷ୍ଟ ଗ୍ରୁପ ଅଫ୍ ମିନିଷ୍ଟର୍ସ(ଜିଓଏମ୍) ବା ମନ୍ତ୍ରୀଗୋଷ୍ଠୀ ଗଠନ କରାଯାଇଛି। ଏହି ଉଚ୍ଚ ସ୍ତରୀୟ କମିଟି ୪ଜି ସ୍ପେକ୍ଟ୍ରମ ବଣ୍ଟନ, ସମ୍ପତ୍ତି ମନିଟାଇଜେଶନ ଭଳି ବିଭିନ୍ନ ଦିଗକୁ ବିଚାର କରିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି। ଜିଓଏମ୍‌ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଆଇଟି ଏବଂ ଟେଲିକମ୍ ମନ୍ତ୍ରୀ ରବି ଶଙ୍କର ପ୍ରସାଦ, ସୌରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ଥିବା ସୂଚନା ରହିଛି।

ଯୋଜନାର ଧାରାକୁ ତ୍ୱରାନ୍ୱିତ କରିବା ଲାଗି ବାଣିଜ୍ୟ ସମ୍ଭାବନା, ଶ୍ରମ ଶକ୍ତି, ବଣ୍ଡ ଜାରି କରିବା, ମନିଟାଇଜେଶନ ଭଳି ବିଭିନ୍ନ ଦିଗକୁ ମନ୍ତ୍ରୀ ଗୋଷ୍ଠୀ ତଦାରଖ କରିବ। କ୍ଷତିରେ ଚାଲୁଥିବା ଏହି ୨ଟି କମ୍ପାନୀର ମିଶ୍ରଣ ଏବଂ କର୍ମଚାରୀଙ୍କୁ ଭିଆର୍‌ଏସ୍ ପ୍ରଦାନ ନେଇ ସରକାର ଚଳିତ ବର୍ଷ ମଞ୍ଜୁରୀ ପ୍ରଦାନ କରିଥିଲେ। ଆଗାମୀ ୨ ବର୍ଷରେ ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍‌କୁ ଏକ ଲାଭକାରୀ କମ୍ପାନୀ ଭାବେ ରୂପାନ୍ତରିତ କରିବା ଦିଗରେ ଏଭଳି ପଦକ୍ଷେପ ନିଆଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ କେନ୍ଦ୍ର କ୍ୟାବିନେଟ ଉକ୍ତ ଯୋଜନାକୁ ଅନୁମୋଦନ କରିଥିଲା।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡ଼ା 85,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରିମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

SUCCESS
DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday



**Government of Odisha**
**Tourist Office, Puri**
Email:touristofficepuri@gmail.com
Tel. No. 06752-222664

**Short Tender Call Notice**

**No.Acct.TOP.20/19-1454/TO, Puri, Dt.28.12.19**

The Asst. Director, Tourism, Puri invites Short Tender Call Notice for organization of **Chilika Mahotsav' 2020** from 11th to 14th January, 2020. The details of the Short Tender Call Notice No- 1450/TOP dt. 28.12.19 are available at District Website - www.puri. nic.in

Sd./-
Asst, Director, Tourism



**ODISHA STATE BEVERAGES CORPORATION LIMITED**
(A GOVERNMENT OF ODISHA UNDERTAKING)
2nd FLOOR, FORTUNE TOWER, CHANDRASEKHARPUR, BHUBANESWAR-751023 (ODISHA)
CIN: U512280R2000SGC006372
Ref Notice No.2593/OSBC/4381, Date: 27.12.2019

**NOTICE INVITING TENDER FOR HIRING OF GO-DOWN**

No.CAD-748 :- Sealed Tenders in the prescribed format are invited by the Odisha State Beverages Corporation Ltd., Bhubaneswar from intending owners for leasing out their existing go-down / warehouses situated in and around Rourkela (Sundargarh District), Keonjhar and Bhawanipatna (Kalahandi District) for storing of alcoholic Beverages of Odisha State Beverages Corporation Ltd. The last date and time for submission of sealed tender is 21.01.2020 by 3.00 P.M.

The details of the tender may please be seen in the official website of the Corporation i.e. https://osbc.co.in

36003/11/0004/1920 Sd./- General Manager (Admn.)

> ଟ୍ରାଏଲ ବାଉଟ୍ ପରେ ମୁଁ ଏମ୍.ସି. ମେରୀକମଙ୍କୁ କରମର୍ଦ୍ଦନ କରିବାକୁ ଚାହିଁଥିଲି, ମାତ୍ର ସେ ପ୍ରତ୍ୟାଖ୍ୟାନ କରିବାରୁ ମୋତେ ଖୁବ୍ ବାଧିଥିଲା ।
> –ନିଖତ ଜରିନ୍, ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ



> ମୁଁ ଏସି ମିଲାନ୍ ସହ ୬ ମାସିଆ ଚୁକ୍ତି କରିଛି। ସାଥୀ ଖେଳାଳିଙ୍କୁ ନେଇ ଦଳର ପ୍ରଦର୍ଶନରେ ଉନ୍ନତି ଆଣିବା ମୋର ଲକ୍ଷ୍ୟ ହେବ ।
> –ଜ୍ଲାଟାନ ଇବ୍ରାହିମୋଭିଚ୍, ଷ୍ଟାର ଫୁଟ୍‌ବଲ ଖେଳାଳି



## ସଂକ୍ଷେପରେ

### ଆର୍ଚରଙ୍କ ଉପରେ ଲାଗିପାରେ ବ୍ୟାନ୍

**ସେଞ୍ଚୁରିଆନ, ୨୮।୧୨:** ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ଚେତାବନୀ ସତ୍ତ୍ୱେ ବିମର ମାରିବା କାରଣରୁ ଇଂଲଣ୍ଡ ପେସର ଜୋଫ୍ରା ଆର୍ଚର ବାସନ୍ଦ ହୋଇପାରନ୍ତି। ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ଇନିଂସରେ ସେ ଲଗାତର ଦୁଇଟି ବିମର ପକାଇଥିଲେ। ଏହି ଘଟଣା ୧୯ତମ ଓଭରରେ ଘଟିଥିଲା। ଓଭର ୫ମ ବଲରେ ନକଲ ବଲ ପକାଇବା ଉଦ୍ୟମ କରୁଥିବାବେଳେ ହାତରୁ ବଲ ଖସି ଯାଇଥିଲା। ଏହାକୁ ଅମ୍ପାୟର ନୋ ବଲ ଦେଇଥିଲେ। ପରବର୍ତ୍ତୀ ବଲ ମଧ ସେ ବିମର ମାରିଥିଲେ। ଅଳ୍ପକେ ବର୍ତ୍ତିଯାଇଥିଲେ ବ୍ୟାଟ୍ସମ୍ୟାନ ଏନରିଚ ନର୍ଟଜି। ବଲକୁ ନୋ ବଲ ଦେଇ ନ ଥିଲେ ମଧ ଅମ୍ପାୟର ଆର୍ଚରଙ୍କୁ ବଲ ପକାଇବାକୁ ମନା କରିଥିଲେ। ତେବେ ତାଙ୍କ ବାସନ୍ଦାଦେଶ ସମ୍ପର୍କରେ ଆଇସିସି ମ୍ୟାଚ୍ ଶେଷ ହେବା ପରେ ନିଷ୍ପତ୍ତି ନେବ।

### ଜୋକୋଭିଚ୍‌ଙ୍କ ଟ୍ରେନର ସାଜିଲେ ରୋନାଲ୍ଡୋ

**ଲିସ୍‌ବନ, ୨୮।୧୨:** ଟେନିସ କିମ୍ବଦନ୍ତୀ ନୋଭାକ ଜୋକୋଭିଚ୍‌ଙ୍କ ଟ୍ରେନର ସାଜିଛନ୍ତି ଫୁଟବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ। ୧୬ ଗ୍ରାଣ୍ଡସ୍ଲାମ ଜିତି ସାରିଥିବା ଜୋକୋଭିଚ୍‌ଙ୍କୁ ପର୍ତ୍ତୁଗାଲ ଷ୍ଟାର କେଉଁଭଳି ଉପରକୁ ଡେଇଁ ହେଡର ଜରିଆରେ ଗୋଲ କରିବାକୁ ହୁଏ, ତାହାର ଟ୍ରେନିଂ ଦେଉଛନ୍ତି। ଏହାର ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି ଜୁଭେଣ୍ଟସ ଫରୱାର୍ଡ ରୋନାଲ୍ଡୋ। ଏହାର କ୍ୟାପଶନରେ ଲେଖିଛନ୍ତି, ଜୋକୋଭିଚ୍‌ଙ୍କୁ ଡେଇଁବା ଶିଖାଉଛି। ସାଙ୍ଗ ତୁମ ସହ ଟ୍ରେନିଂ କରି ମୁଁ ବହୁତ ଖୁସି। ରୋନାଲ୍ଡୋଙ୍କ ଜୁଭେଣ୍ଟସ ଏବେ ଆଣ୍ଟୋନିଓ କୋଣ୍ଟେଙ୍କ ଇଣ୍ଟର ମିଲନଠାରୁ କେବଳ ଗୋଟିଏ ଗୋଲ ପଛରେ ରହିଛି। ଉଭୟ ଦଳ ସମାନ ପଏଣ୍ଟ ସହ ଟେବୁଲର ପ୍ରଥମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆସନ୍ତା ୬ ତାରିଖରେ ଜୁଭେଣ୍ଟସ ୬ଷ୍ଠ ସ୍ଥାନରେ ଥିବା କାଗଲିଆରିକୁ ଭେଟିବ। ପୂର୍ବତନ ରିୟଲ ମାଡ୍ରିଡ୍ ଓ ମାଞ୍ଚେଷ୍ଟର ୟୁନାଇଟେଡ୍ ଖେଳାଳି ଚଳିତ ସିଜନରେ ୧୪ ମ୍ୟାଚ୍‌ରେ ୧୦ ଗୋଲ ଦେଇଛନ୍ତି। ଅନ୍ୟପକ୍ଷରେ ଜୋକୋଭିଚ୍ ଜାନୁୟାରୀ ୨୦ ତାରିଖରେ ହେବାକୁ ଥିବା ଅଷ୍ଟ୍ରେଲିଆ ଓପନ ପାଇଁ ପ୍ରସ୍ତୁତ ହେଉଛନ୍ତି।

### ମର୍ନିଂ ଷ୍ଟାର, ରାଜାରାଣୀ ଏକାଦଶ ବିଜୟୀ

**ଭୁବନେଶ୍ୱର, ୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ୪ର୍ଥ ଦିନରେ ଶନିବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକର ମର୍ନିଂ ଷ୍ଟାର୍ ଓ ଭୁବନେଶ୍ୱରର ରାଜାରାଣୀ ଏକାଦଶ ବିଜୟୀ ହୋଇଛି। ପ୍ରତିଯୋଗିତାର ୭ମ ମୁକାବିଲାରେ ଆର୍‌ୱାଇସି (ଭୁବନେଶ୍ୱର) ଓ ମର୍ନିଂ ଷ୍ଟାର (କଟକ) ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଆର୍‌ୱାଇସି ରାଜା ଜଗଦେବ (୧୩୨ ରନ, ୪୪ ବଲ)ଙ୍କ ଶତକ ବଳରେ ୧୨ ଓଭରରେ ୩ ଉଇକେଟ୍ ହରାଇ ୧୭୩ ରନ କରିଥିଲା। ଜବାବରେ ମର୍ନିଂ ଷ୍ଟାର୍ ୭ ଉଇକେଟ୍ ହରାଇ ଗୋଟିଏ ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳର ନୂତନ କୁମାର ୫୨ ରନ କରିଥିଲେ। ନୂତନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ। ସେହିଭଳି ୮ମ ଲିଗ୍ ମ୍ୟାଚ୍‌ରେ ରାଜାରାଣୀ ଏକାଦଶ (ଭୁବନେଶ୍ୱର) ୧ ରନରେ ରୋମାଞ୍ଚକ ଭାବେ ବ୍ଲୁ ଷ୍ଟାର୍ (କଟକ)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ରାଜାରାଣୀ ଏକାଦଶ ୧୨ ଓଭରରେ ୭ ଉଇକେଟ୍ ହରାଇ ୧୪୭ ରନ କରିଥିଲା। ଦଳ ପକ୍ଷରୁ ସତ୍ୟ ପ୍ରକାଶ ବେହେରା ୫୪ ରନ କରିଥିଲେ। ଜବାବରେ ରାଜାରାଣୀ ଦଳ ଡି. ଜେନା (୨୯ ବଲ ୬୬ ରନ)ଙ୍କ ଦ୍ରୁତ ଅର୍ଦ୍ଧଶତକ ସତ୍ତ୍ୱେ ୭ ଉଇକେଟ୍ ହରାଇ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ସତ୍ୟ ପ୍ରକାଶ ବୋଲିଂରେ ମଧ ୨ଟି ଉଇକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଜେଡ଼ିର ବରିଷ୍ଠ ନେତା ଅରୂପ ମୋହନ ପଟ୍ଟନାୟକ, ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗ ଦେଇଥିଲେ।

# କଳିଙ୍ଗରେ ଜାତୀୟ ପୁରୁଷ ହକି କ୍ୟାମ୍ପ

**ନୂଆଦିଲ୍ଲୀ,୨୮।୧୨(ପି.ଟି.)**



ବୀରେନ୍ଦ୍ର ଲାକ୍ରା | ଅମିତ ରୋହିଦାସ | ଦୀପ୍‌ସନ ଟିର୍କୀ | ନୀଲମ ସଞ୍ଜୀପ୍ ଖେସ | ଶିଳାନନ୍ଦ ଲାକ୍ରା

## ହକି ପ୍ରୋ ଲିଗ୍
### ଦିଲ୍‌ପ୍ରୀତଙ୍କ ପ୍ରତ୍ୟାବର୍ତ୍ତନ, ଓଡ଼ିଶାରୁ ୫ ସାମିଲ

ଆସନ୍ତା ମାସରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହକି ପ୍ରୋ ଲିଗ୍ ଆୟୋଜନ ହେବାକୁ ଯାଉଥିବା ବେଳେ ହକି ଇଣ୍ଡିଆ ଶନିବାର ଏକ ୩୨ ଜଣିଆ ସମ୍ଭାବ୍ୟ ପୁରୁଷ ଦଳ ଘୋଷଣା କରିଛି। ଦୁଇ ସପ୍ତାହ ଧରି କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବାକୁ ଯାଉଥିବା ଜାତୀୟ କୋଚିଂ କ୍ୟାମ୍ପରେ ଏହି ଖେଳାଳିମାନେ ଯୋଗଦେବା ସହ ହେଡ୍ କୋଚ୍ ଗ୍ରାହମ ରିଡ୍‌ଙ୍କୁ ରିପୋର୍ଟ କରିବେ। ଜାନୁୟାରୀ ୧୮ ଓ ୧୯ ତାରିଖରେ ନେଦରଲାଣ୍ଡ୍ସ ବିପକ୍ଷରେ ଭାରତ ମ୍ୟାଚ୍ ଖେଳିବା ସହ ହକି ପ୍ରୋ ଲିଗ୍‌ରେ ପଦାର୍ପଣ କରିବ।

ଯୁବ ଷ୍ଟ୍ରାଇକର ଦିଲ୍‌ପ୍ରୀତ୍ ସିଂ ପ୍ରତ୍ୟାବର୍ତ୍ତନ କରି ଏହି ସମ୍ଭାବ୍ୟ ଦଳରେ ସ୍ଥାନ ପାଇଛନ୍ତି। ୨୦୧୮ ବିଶ୍ୱକପ୍‌ରେ ସେ ଶେଷଥର ପାଇଁ ଦଳରେ ସ୍ଥାନ ପାଇଥିଲେ। ସୁଲ୍‌ତାନ ଜୋହର କପ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ସେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ସମ୍ଭାବ୍ୟ ଦଳରେ ୫ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା, ଡ୍ରାଗ୍ ଫ୍ଲିକର ଅମିତ ରୋହିଦାସଙ୍କ ସମେତ ଦୀପ୍‌ସନ ଟିର୍କୀ, ନୀଲମ ସଞ୍ଜୀପ୍ ଖେସ ଓ ଶିଳାନନ୍ଦ ଲାକ୍ରାଙ୍କ ଭଳି ଯୁବ ଖେଳାଳି ମଧ ସ୍ଥାନ ପାଇଛନ୍ତି। ଘୋଷିତ ହୋଇଥିବା ଏହି କୋର ଗ୍ରୁପ୍‌ରେ ଉଭୟ ଅଭିଜ୍ଞ ଓ ଯୁବ ଖେଳାଳିମାନେ ସ୍ଥାନ ପାଇଛନ୍ତି। ୧୦ ମାସର ଇଞ୍ଜୁରି ବ୍ରେକ୍ ପରେ ଅଭିଜ୍ଞ ମିଡ୍‌ଫିଲ୍ଡର ଚିଙ୍ଗଲେନସାନା ସିଂ ମଧ ଏହି କୋର ଗ୍ରୁପ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷଥର ପାଇଁ ସେ ୨୦୧୮ ପୁରୁଷ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିଲେ। ସେହିପରି ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସରେ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିବା ଏସ୍‌ଭି ସୁନୀଲଙ୍କ ସମେତ ଆକାଶଦୀପ ସିଂ, ରମନଦୀପ ସିଂ, ସିମରନଜିତ ସିଂ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଗୁରସାହିବଜିତ ସିଂ, ସମ୍‌ଶେର ସିଂ ଓ ଅନ୍ୟମାନେ ମଧ ଏହି ଦଳରେ ସାମିଲ ହୋଇଛନ୍ତି। ଦୀର୍ଘଦିନର ବିଶ୍ରାମ ପରେ ଖେଳାଳିମାନେ ପୁଣି ନୂଆ କ୍ୟାମ୍ପରେ ଯୋଗଦେବେ ଓ ଦଳର ଯୋଜନା ଏବଂ ରଣନୀତି କାର୍ଯ୍ୟକାରୀ କରିବାକୁ ଉଭୟ ମାନସିକ ଓ ଶାରୀରିକ ଫିଟ୍‌ନେସର ପ୍ରମାଣ ଦେବେ ବୋଲି କୋଚ୍ ରିଡ୍ କହିଛନ୍ତି। ଆସନ୍ତା ଦୁଇ ସପ୍ତାହରେ ଆମେ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍ ପାଇଁ ପ୍ରସ୍ତୁତି ଉପରେ ଫୋକସ କରିବୁ ବୋଲି ସେ କହିଛନ୍ତି।

**ଖେଳାଳି ତାଲିକା**

ପି.ଆର. ଶ୍ରୀଜେଶ, କ୍ରିଷନ ବାହାଦୁର ପାଠକ, ହରମନପ୍ରୀତ ସିଂ, ଦିଲ୍‌ପ୍ରୀତ ସିଂ, ସୁରେନ୍ଦ୍ର କୁମାର, ବୀରେନ୍ଦ୍ର ଲାକ୍ରା, ରୁପିନ୍ଦର ପାଲ ସିଂ, ଗୁରିନ୍ଦର ସିଂ, ଅମିତ ରୋହିଦାସ, କୋଥାଜିତ୍ ସିଂ ଖାଡଙ୍ଗବାମ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ନୀଲକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ସିମରନଜିତ୍ ସିଂ, ଆକାଶଦୀପ ସିଂ, ରମନଦୀପ ସିଂ, ଏସ୍‌ଭି ସୁନୀଲ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଗୁରସାହିବଜିତ ସିଂ, ସମ୍‌ଶେର ସିଂ, ସୁରଜ କରକେରା, ଜରମନପ୍ରୀତ ସିଂ, ଦୀପ୍‌ସାନ ଟିର୍କୀ, ନୀଲମ ସଞ୍ଜୀପ୍ ଖେସ, ଜସରକରନ ସିଂ, ରାଜକୁମାର ପାଲ, ଗୁର୍ଜାନ୍ତ ସିଂ, ସୁମିତ, ଶିଳାନନ୍ଦ ଲାକ୍ରା ଓ ଚିଙ୍ଗଲେନସାନା ସିଂ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ
### ୱାଙ୍ଖଡେ, ମୁସ୍‌କାନ ପ୍ରଥମ

**ଭୁବନେଶ୍ୱର, ୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀର ତୃତୀୟ ଦିବସରେ ପୁରୁଷ କମ୍ପାଉଣ୍ଡ, କମ୍ପାଉଣ୍ଡ ମହିଳା ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହାଇଛି। ପୁରୁଷ ୫୦ ମିଟର କମ୍ପାଉଣ୍ଡରେ ସନ୍ତ ଗାଡଗେ ବାବା ଅମରାବତୀ ବିଶ୍ୱବିଦ୍ୟାଳୟର ଶ୍ରୀ ବେଦାନ୍ତ ୱାଙ୍ଖଡେ ୬୯୩ ପଏଣ୍ଟ ସ୍କୋର କରି ପ୍ରଥମ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସିଦ୍ଧାନ୍ତ ଗୁପ୍ତା ୬୮୭ ପଏଣ୍ଟ ସ୍କୋର କରି ଦ୍ୱିତୀୟ ଓ ଲଭଲି ପ୍ରଫେସନାଲ ବିଶ୍ୱ ବିଦ୍ୟାଳୟର ସନ୍ଦୀପ ୬୮୬ ପଏଣ୍ଟ ସ୍କୋର କରି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ୫୦ ମିଟର କମ୍ପାଉଣ୍ଡ ପ୍ରତିଯୋଗିତାରେ ଜବଲପୁରର ରାନୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟର ମୁସ୍‌କାନ କିରାର ୬୮୮ ପଏଣ୍ଟ ସ୍କୋର କରି ପ୍ରଥମ, ରାଞ୍ଚି ବିଶ୍ୱବିଦ୍ୟାଳୟର ବବିତା କୁମାରୀ ୬୮୭ ପଏଣ୍ଟ ସ୍କୋର କରି ଦ୍ୱିତୀୟ ଓ ରାନୀ ଦୁର୍ଗାବତୀର ରାଗିଣୀ ମାର୍କୋ ୬୭୮ ପଏଣ୍ଟ ସ୍କୋର କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ଭାରତ ସିରିଜ ବିଜୟୀ

**ଇଷ୍ଟ ଲଣ୍ଡନ, ୨୮।୧୨ (ପି.ଟି.)**

## ୧୯ ବର୍ଷରୁ କମ୍ କ୍ରିକେଟ

ସ୍ଥାନୀୟ ବଫାଲୋ ପାର୍କଠାରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ଯୁବ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଯଶସ୍ୱୀ ଜୈସ୍ୱାଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଭାରତର ୧୯ ବର୍ଷରୁ କମ୍ କ୍ରିକେଟ ଦଳ ୮ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏଥିସହିତ ଦଳ ସିରିଜ ବିଜୟୀ ହୋଇଛି। ଭାରତର ୧୯ ବର୍ଷରୁ କମ୍ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ଜୈସ୍ୱାଲ ଶନିବାର ୧୮ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଚମତ୍କାର ସ୍ପିନ୍ ବୋଲିଂ ଯୋଗୁ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦକ୍ଷିଣ ଆଫ୍ରିକା ୧୯ ବର୍ଷରୁ କମ୍ ଦଳ ୨୯.୫ ଓଭରରେ ୧୧୯ ରନ କରି ଅଲଆଉଟ ହୋଇଯାଇଥିଲା। ଅନ୍ୟ ବୋଲରଙ୍କ ମଧ୍ୟରେ ଆକାଶ ସିଂ, ଏଭି ଆଙ୍କୋଲେକର ଏବଂ ରବି ବିଶ୍ନୋଇ ପ୍ରତ୍ୟେକେ ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଦକ୍ଷିଣ ଆଫ୍ରିକା ଦଳର ପ୍ରଥମ ଡାଉନ୍ ଖେଳାଳି ଜୋନାଥନ ବାର୍ଡ ସର୍ବାଧିକ ୨୫ରନ କରିଥିଲେ। ଓପନର ଆଣ୍ଡ୍ର୍ୟୁ ଲୋ ୨୪ ରନ କରିଥିଲେ। ଦଳର ୬ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ୧୨୦ ରନର ସହଜସାଧ୍ୟ ବିଜୟ ଲକ୍ଷ୍ୟକୁ ଭାରତ ମାତ୍ର ୧୬.୨ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଜୈସ୍ୱାଲ ୫୬ ବଲ୍‌ର ସାମ୍ନା କରି ୧୪ ଚୌକା ଓ ୩ ଛକା ସହ ସର୍ବାଧିକ ୮୯ରନ କରି ଅପରାଜିତ ରହିଥିଲେ। ଧ୍ରୁବ ଜୁରେଲ ୨୬ରନ କରି ଅପରାଜିତ ରହିଥିଲେ। ଅଧିନାୟକ ପ୍ରିୟମ ଗର୍ଗ ବିନା କୌଣସି ରନରେ ଆଉଟ ହୋଇଥିଲେ। ଭାରତର ୧୯ ବର୍ଷରୁ କମ୍ ଦଳ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୯ଉଇକେଟରେ ପରାସ୍ତ କରିଥିଲା।

# କୁଚ୍‌ବିହାର ଟ୍ରଫି: ସୌରାଷ୍ଟ୍ରଠାରୁ ହାରିଲା ଓଡ଼ିଶା

**ସମ୍ବଲପୁର,୨୮।୧୨(ବ୍ୟୁରୋ)**



ଅତିଥିଙ୍କ ସହ ବିଜୟୀ ସୌରାଷ୍ଟ୍ର ଦଳ ।

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚବିହାର ଟ୍ରଫି କ୍ରିକେଟ ମ୍ୟାଚ ଶେଷ ହୋଇଛି । ଭ୍ରମଣକାରୀ ସୌରାଷ୍ଟ୍ରଠାରୁ ଘରୋଇ ଓଡିଶା ଦଳ ଶୋଚନୀୟ ଭାବେ ପରାଜୟବରଣ କରିଛି । ପ୍ରଥମ ଇନିଂସରେ ଓଡିଶା ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୧୧୨ ରନ୍ ସଂଗ୍ରହ କରିଥିଲା । ଏହାପରେ ସୌରାଷ୍ଟ୍ର ଦଳ ବ୍ୟାଟିଂ କରି ପ୍ରଥମ ଇନିଂସରେ ସମସ୍ତ ଉଇକେଟ ହରାଇ ୧୬୧ ରନ୍ ସଂଗ୍ରହ କରି ଓଡିଶାଠାରୁ ୪୯ ରନ୍‌ରେ ଆଗୁଆ ଥିଲା । ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ଓଡିଶା ଦଳ ୩୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ୍ କରି ସ୍ୱରାଷ୍ଟ୍ର ଆଗରେ ମାତ୍ର ୭୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ରଖିଥିଲା । ଓଡିଶା ବ୍ୟାଟ୍ସମ୍ୟାନ ଆଦିତ୍ୟ ରାଉତ ୨୮ ରନ୍ କରିଥିଲେ । ସେହିପରି ଅନ୍ୟତମ ବ୍ୟାଟ୍ସମ୍ୟାନ ସତ୍ୟକାମ ଭରଦ୍ୱାଜ ୪୫ ବଲ୍‌ରେ ୩୫ ରନ୍ କରିଥିଲେ । ଏଥିସହ ନୀତୀଶ ସିଂ ୧୫ବଲ୍‌ରେ ୧୨, ଅନୀଲ ପରିଡା ୧୫, ସମୀର ସାହୁ ୧୧ ରନ୍‌ର ସହଯୋଗ କରିଥିଲେ । ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ । ବୋଲିଂରେ ସ୍ୱରାଷ୍ଟ୍ର ତରଫରୁ ଦେବ ଦଣ୍ଡ ୧୨ ଓଭରରେ ୨୭ ରନ୍ ଦେଇ ୪ଟି ଓ ପାର୍ଶ୍ୱରାଜ ରାଣା ୭ ଓଭରରେ ୨୨ ରନ୍ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିଲେ । ସେହିପରି ନିଲ ପାଣ୍ଡିଆ ୩.୫ ଓଭରରେ ୧୧ ରନ୍ ଦେଇ ୧, ଯୁବରାଜ ଢ଼ୋଡିଆ ୧୨ ଓଭରରେ ୩୯ ରନ୍ ଦେଇ ଗୋଟିଏ ଉଇକେଟ ନେବାରେ ସକ୍ଷମ ହୋଇଥିଲେ ।

୭୯ ରନ୍ ଟାର୍ଗେଟର ପିଛା କରି ସୌରାଷ୍ଟ୍ର ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା। ଓପନର ଯୋଡି ଧର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂ କରି କୌଣସି ଉଇକେଟ ନ ହରାଇ ୮୩ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲେ । ଅଧିନାୟକ ସିଦ୍ଧାନ୍ତ ରାଣା ୬୨ ବଲ୍‌ରେ ୩୯ ଓ ଜୟ ଗୋହିଲ ୪୩ ବଲ୍‌ରେ ୩୬ ରନ୍ କରି ଅପରାଜିତ ରହି ଦଳକୁ ଜିତାଇଥିଲେ। ଅମ୍ପାୟର କେ ନିଧିନ ଓ ପ୍ରେମ ଭାର୍ଗବ ମ୍ୟାଚ ପରିଚାଳନା କରିଥିଲେ। ରଜତ ଦାଶ ଓ ବିରାଜ ଦାଶ ସ୍କୋରର ଥିଲେ । ଡ. ରୋହିତ ପ୍ରକାଶ ମ୍ୟାଚ ରେଫରି ଥିଲେ। ଆୟୋଜକ ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ବିକାଶ ସମୂହ ସ୍କୁଲ ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ ଏବଂ ଜଗବନ୍ଧୁ ବେହେରା ସମ୍ମାନିତ ଅତିଥି ଏବଂ ଶ୍ୱେତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ସୌରାଷ୍ଟ୍ର ଖେଳାଳି ଦେବ ଦଣ୍ଡଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ମ୍ୟାଚରେ ସେ ୭ଟି ଉଇକେଟ ଅକ୍ତିଆର କରିଥିଲେ । ମନୋରଞ୍ଜନ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲା କ୍ରୀଡା ସଂଘ କାଉନସିଲ ସଂଘ ସୁନୀଲ କୁମାର ସାହୁ, ସୁବୋଧ ସାହୁ, ବିକାଶ ମିଶ୍ର, ଫୁଟବଲ ସମ୍ପାଦକ ଅବଦୁଲ ଗଫାର ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ ।

# ରେକର୍ଡ କଲେ ସମସାଦ, ଅଂଶିକା, ମନୀଷା

**କଟକ ଅଫିସ,୨୮।୧୨**




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ରାଜ୍ୟ ଆଥ୍‌ଲେଟିକ ମିଟ୍

ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଶନିବାରଠାରୁ ଆରମ୍ଭ ହୋଇଛି ୬୭ତମ ରାଜ୍ୟ ଆଥ୍‌ଲେଟିକ ମିଟ୍। ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ୩ଟି ନୂତନ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି। ମହିଳା ୫ହଜାର ମିଟର ଦୌଡ଼ରେ ଖୋର୍ଦ୍ଧାର ସମସାଦ ଆରା ବେଗମ୍ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ସମସାଦ ୧୭ ମିନିଟ୍ ୫୮.୮ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରି ଏହି ରେକର୍ଡ କରିଥିଲେ। ଏହି ଇଭେଣ୍ଟର ପୂର୍ବ ରେକର୍ଡ ରହିଛି ୧୮ମିନିଟ୍ ୧୪.୯ ସେକେଣ୍ଡ। ୨୦ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ କିଟ୍‌ର ମନୀଷା ମେରେଲ ପୂର୍ବ ରେକର୍ଡ ୫.୭୦ମିଟରକୁ ଅତିକ୍ରମ କରି୫.୯୪ମିଟର ଲମ୍ଫ ପ୍ରଦାନ କରି ନୂତନ ରେକର୍ଡର ଭାଗୀଦାରି ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଅନ୍ତର୍ଜାତୀୟ ତାରକା ଅମିୟ ମଲ୍ଲିକ, ଦୂତୀ ଚାନ୍ଦ ମଧ ଭାଗ ନେଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

ପ୍ରତିଯୋଗିତାର ୧୪ବର୍ଷରୁ କମ୍ ବାଳକ ୧୦୦ମିଟର ଦୌଡ଼ରେ ଦୁଲା ମାଧୀ, ଟ୍ରାଇଥ୍ଲନରେ କେଶବ ଗମାଙ୍ଗ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ୧୬ବର୍ଷରୁ କମ୍ ବାଳକ ୧୦୦ମିଟରରେ ଆର୍ଯ୍ୟନ ଏକ୍କା, ୮୦୦ମିଟରରେ ବଳଭଦ୍ର ବାତ୍ରା, ଡିସ୍କସ୍‌ରେ ଆଶିଷ କୁମାର ପାତ୍ର, ୧୮ବର୍ଷରୁ କମ୍ ବାଳକ ୧୦୦ମିଟରରେ ଅଭିଷେକ ଦଳବେହେରା, ୮୦୦ମିଟରରେ ଜଗମୋହନ ପୂର୍ତ୍ତି, ଲଙ୍ଗଜମ୍ପରେ ପ୍ରିୟବ୍ରତ ପଟ୍ଟନାୟକ, ଡିସ୍କସ୍‌ରେ ଜ୍ୟୋତି ପ୍ରକାଶ ନାୟକ, ୨୦ବର୍ଷରୁ କମ୍ ପୁରୁଷ ୧୦୦ମିଟର ଦୌଡ଼ରେ ହେମନ୍ତ ସେଠୀ, ୮୦୦ମିଟରରେ ଦିଲୀପ ନାୟକ, ୫ହଜାର ମିଟରରେ ରଶ୍ମିରଞ୍ଜନ ନାୟକ, ଲଙ୍ଗଜମ୍ପରେ ଯୁଗନ୍ତର ମହାନ୍ତି, ଡିସ୍କସରେ ଲକବୁମାନ ଶର୍ମା, ୧୪ବର୍ଷରୁ କମ୍ ବାଳିକା ୧୦୦ମିଟରରେ ବାସନ୍ତୀ ମାଝୀ, ଶଟ୍‌ପୁଟରେ ପ୍ରାଚୀ ମହାରଣା, ଟ୍ରାଇଥ୍ଲନରେ ବାସନ୍ତୀ ମାଝି, ୧୬ବର୍ଷରୁ କମ୍ ବାଳିକା ୧୦୦ମିଟରରେ ରଞ୍ଜିତା ପିଙ୍ଗୁଆ, ୮୦୦ମିଟର ଦୌଡ଼ରେ ଲକ୍ଷ୍ମୀପ୍ରିୟା କିଶାନ, ଶଟ୍‌ପୁଟରେ ଅଂଶିକା ରାଉତରାୟ, ଜାଭେଲିନରେ ସାମିଆ ମୁର୍ମୁ, ୧୮ବର୍ଷରୁ କମ୍ ବାଳିକା ୧୦୦ମିଟର ଦୌଡ଼ରେ ମେରିମୁକ୍ତା ସୋରେଙ୍ଗ, ୮୦୦ମିଟର ଦୌଡ଼ରେ ସୁସ୍ମିତା ଟିଗା, ହାଇଜମ୍ପରେ ଦୀପା କିଷାନ, ଶଟ୍‌ପୁଟରେ ନେତ୍ରମଣି ସିଂ, ଜାଭେଲିନରେ ଧନମତୀ ଖେସ୍, ୨୦ବର୍ଷରୁ କମ୍ ମହିଳା ୧୦୦ମିଟର ଦୌଡ଼ରେ ମଧୁମିତା ଦେବ, ୮୦୦ମିଟର ଦୌଡ଼ରେ ବବିତା ସାନ୍ତା, ୫ହଜାର ମିଟର ଦୌଡ଼ରେ ଶ୍ୱେତା କୁଜୁର, ଲଙ୍ଗଜମ୍ପରେ ମନୀଷା ମେରେଲ, ହାଇଜମ୍ପରେ ମୋନିକା କୁଜୁର, ଶଟ୍‌ପୁଟରେ ଲିପ୍ତି କାଦ୍ରକା, ଜାଭେଲିନରେ ମୋନିକା କୁଜୁର, ପୁରୁଷ ୧୦୦ମିଟର ଦୌଡ଼ରେ ଅମିୟ ମଲ୍ଲିକ, ୫ହଜାର ମିଟର ଦୌଡ଼ରେ ଅଶୋକ ଦଣ୍ଡସେନା, ଲଙ୍ଗଜମ୍ପରେ ଆଶିଷ କୁମାର ପାତ୍ର, ଡିସ୍କସରେ ରଞ୍ଜନ କୁମାର ସାହୁ, ମହିଳା ୧୦୦ମିଟର ଦୌଡ଼ରେ ଦୂତୀ ଚାନ୍ଦ, ୮୦୦ମିଟର ଦୌଡ଼ରେ ନମିତା ପ୍ରଧାନ, ୫ହଜାର ମିଟର ଦୌଡ଼ରେ ସମସାଦ ଆରା ବେଗମ, ଲଙ୍ଗଜମ୍ପରେ ରୋଜି ମଲ୍ଲିକ, ହାଇଜମ୍ପରେ ରଶ୍ମିତା ବେହେରା, ଶଟ୍‌ପୁଟରେ ଉତ୍କଳିକା ପ୍ରିୟଦର୍ଶିନୀ, ଜାଭେଲିନରେ ପ୍ରିୟଙ୍କା ଟପ୍ପୋ ପ୍ରଥମ ସ୍ଥାନ ହାସଲ କରିବା ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି ।



୧୦୦ ମିଟର ରେସ୍ ଅବସରରେ ଦୂତୀ ଚାନ୍ଦ।

ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟ ସଂଘ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସଂଘର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।



## ନିଜ ରେକର୍ଡ ଭାଙ୍ଗିଲେ ଅଂଶିକା

ରାଜ୍ୟ ଆଥ୍‌ଲେଟିକ ମିଟରେ ନୂତନ ମିଟ୍ ରେକର୍ଡ ପ୍ରତିଷ୍ଠା କରି ସମସ୍ତଙ୍କୁ ଚକିତ କରି ଦେଇଥିବା ଯୁବ ତାରକା ଜଣଙ୍କ ହେଲେ ଅଂଶିକା ରାଉତରାୟ । କଟକ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଅଂଶିକା ହେଉଛନ୍ତି ଅଲିମ୍ପିଆନ ଅନୁରାଧା ବିଶ୍ୱାଲଙ୍କ ଝିଅ । ଅଂଶିକା ୧୬ବର୍ଷରୁ କମ୍ ବାଳିକା ସଟ୍‌ପୁଟରେ ୧୧.୯୭ମିଟର ଫିଙ୍ଗି ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ଏହି ଇଭେଣ୍ଟର ପୂର୍ବ ରେକର୍ଡ ହେଉଛି ୧୧.୮୨ ମିଟର, ଯାହା ଗତବର୍ଷ ଅଂଶିକା ହିଁ ସୃଷ୍ଟି କରିଥିଲେ । ଗୋଟିଏ ବର୍ଷର ବ୍ୟବଧାନରେ ନିଜ ରେକର୍ଡକୁ ଭାଙ୍ଗି ପୁଣି ନୂତନ ରେକର୍ଡ ରଚିଥିବା ଅଂଶିକା ଇତି ମଧ୍ୟରେ ରାଜ୍ୟ ଆଥଲେଟ୍‌କି ଜଗତରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି ।

ଧରିତ୍ରୀ
DHARITRI
ରବିବାର, ୨୯ ଡିସେମ୍ବର, ୨୦୧୯





ମହେନ୍ଦ୍ର ସିଂ ଧୋନୀ ତାଙ୍କ କ୍ରିକେଟ ଭବିଷ୍ୟତ ନେଇ ଅଧିନାୟକ ଏବଂ ଚୟନକର୍ତ୍ତାମାନଙ୍କ ସହିତ ଆଲୋଚନା କରିଥିବେ ବୋଲି ମୁଁ ଦୃଢ଼ନିଶ୍ଚିତ ।
–ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି




ପ୍ରତ୍ୟେକେ ମୋ ସମସ୍ୟା ଉପରେ କହିଥାନ୍ତି, କିନ୍ତୁ ଜାସନ ଗିଲେସ୍ପି ମୋତେ ସାମାଧାନର ପନ୍ଥା ବତାଇଥାନ୍ତି ।
–ଈଶାନ୍ତ ଶର୍ମା, ଭାରତୀୟ ବୋଲର

## ସଂକ୍ଷେପରେ

### ପୂର୍ବତନ ସିଏସ୍‌କେ ଖେଳାଳିଙ୍କ ଅବସର



**ଚେନ୍ନାଇ, ୨୮।୧୨:** ପୂର୍ବତନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ସ୍ପିନର ଶଦାବ ଜାକାତି କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଏ ନେଇ ଟୁଇଟର ଜରିଆରେ ସେ ଘୋଷଣା କରିଛନ୍ତି। ମୂଳତଃ ଗୋଆ ଖେଳାଳି ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଗୁଜରାଟ ଲାୟନ୍ସ (ଅଚଳ) ପାଇଁ ଖେଳିଥିଲେ। 'ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରୁଛି। ଗତ ଏକବର୍ଷ ହେଲା ଅଧିକ କ୍ରିକେଟ ଖେଳି ନାହିଁ ହେଲେ ଏହା ମୋ ଜୀବନର ସବୁଠୁ କଷ୍ଟକର ନିଷ୍ପତ୍ତି। ୨୩ ବର୍ଷ ଧରି ଖେଳିବାକୁ ସୁଯୋଗ ଦେବା ପାଇଁ ବିସିସିଆଇ ଓ ଗୋଆ କ୍ରିକେଟକୁ ଧନ୍ୟବାଦ' ବୋଲି ଜାକାତି ଟୁଇଟ୍ କରିଛନ୍ତି। ୧୯୯୮-୯୯ରେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିବା ଜାକାତି ୨୦୧୭ ଅକ୍ଟୋବରରେ ପଞ୍ଜାବ ବିପକ୍ଷରେ ଅନ୍ତିମ ମ୍ୟାଚ୍ ଖେଳିଥିଲେ। ସେ କଦାପି ଭାରତୀୟ ଦଳ ପାଇଁ ଖେଳିବାକୁ ସୁଯୋଗ ପାଇ ନ ଥିଲେ।

### ବିବାଦୀୟ ନୋ ବଲ୍ ପାଇଁ ସାଣ୍ଟୋକିଙ୍କୁ ପଚରାଉଚରା

**ଢାକା, ୨୮।୧୨:** ବିପିଏଲ ଦଳ ସିଲହଟ ଥଣ୍ଡର୍ସ ପେସର କ୍ରିଶମାର ସାଣ୍ଟୋକିଙ୍କୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ର ଦୁର୍ନୀତି ନିରୋଧି ବିଭାଗ (ଏସିୟୁ) ବିବାଦୀୟ ୱାଇଡ୍ ଓ ନୋ ବଲ ସମ୍ପର୍କରେ ପଚରାଉଚରା କରିଛି। ଏ ନେଇ ବିସିବିର ମିଡିଆ କମିଟି ସଭାପତି ଜଲଜ ୟୁନୁସ ଶନିବାର ସୂଚନା ଦେଇଛନ୍ତି। ତାଙ୍କୁ ଲମ୍ବା ସମୟ ଧରି ଏସିୟୁ ସଦସ୍ୟ ପଚରାଉଚରା କରିଥିଲେ। ଏଥିସହିତ ତାଙ୍କ ଟ୍ରାକ ରେକର୍ଡ ମଧ ଚେକ କରାଯାଇଛି। ଏହାର ରିପୋର୍ଟ ବୋର୍ଡକୁ ଦିଆଯାଇଛି। ଶେର-ଇ-ବାଂଲା ଷ୍ଟାଡିୟମରେ ଚାଟଗ୍ରାମ ଚ୍ୟାଲେଞ୍ଜର୍ସ ଓ ସିଲହଟ ଥଣ୍ଡର୍ସ ମଧ୍ୟରେ ଚଳିତ ବିପିଏଲର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ନିଜ ପ୍ରଥମ ଓଭରରେ ୱେଷ୍ଟଇଣ୍ଡିଜ ବୋଲର ଏକ ଲମ୍ବା ୱାଇଡ୍ ବଲ ପକାଇଥିଲେ। ତା'ର ଦୁଇଟି ବଲ ପରେ ସେ ଏକ ବଡ଼ ନୋ ବଲ ପକାଇଥିଲେ, ଯାହାକି ଧାର୍ଯ୍ୟ ସୀମାଠାରୁ ଏକ ମିଟର ଦୂର ଥିଲା। ଏ ସମ୍ପର୍କରେ ତଦନ୍ତ ନେଇ ଥଣ୍ଡର୍ସ ଦଳ ନିର୍ଦ୍ଦେଶକ ତାନଜିଲ ଚୌଧାରୀ ବୋର୍ଡକୁ ଅନୁରୋଧ କରିଥିଲେ।

### ସ୍ୱଦେଶ ଫେରିବେ ବୋଲ୍ଟ

**ମେଲବୋର୍ନ, ୨୮।୧୨:** ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପେସର ଟ୍ରେଣ୍ଟ ବୋଲ୍ଟଙ୍କ ଡାହାଣ ହାତ ଫ୍ରାକଚର ହୋଇଛି। ମ୍ୟାଚ୍‌ର ତୃତୀୟ ଦିନ ବ୍ୟାଟିଂ କଲାବେଳେ ଏକ ବାଉନ୍ସର ତାଙ୍କ ହାତରେ ବାଜିଥିଲା। ଆହତ ସମସ୍ୟା ଯୋଗୁ ସେ ଚଳିତ ଟେଷ୍ଟ ସହ ସିଡ୍‌ନୀ ଟେଷ୍ଟରୁ ମଧ ବାଦ୍ ପଡ଼ିଛନ୍ତି। ସେ ଏବେ ସ୍ୱଦେଶ ଫେରିଯିବେ। ତାଙ୍କୁ ଫିଟ୍ ହେବା ପାଇଁ ଅତିକମ୍‌ରେ ୪ ସପ୍ତାହ ଲାଗିବ। ତାଙ୍କ ବଦଳ ଖେଳାଳି ଶୀଘ୍ର ଘୋଷଣା କରାଯିବ।

# ଓଡ଼ିଶାର ହ୍ୟାଟ୍ରିକ୍ ବିଜୟ

କଟକ ଅଫିସ,୨୮।୧୨




ବିଜୟ ହାସଲ ପରେ ଉଲ୍ଲସିତ ଓଡ଼ିଶା ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ଦଳର ବିଜୟ ଧାରା ଅବ୍ୟାହତ ରହିଛି। ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା–ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ୍‌କୁ ଶନିବାର ୧୦ ଉଇକେଟରେ ଜିତିଛି ଓଡ଼ିଶା। ଏଥିସହିତ ଚଳିତ ଟୁର୍ନାମେଣ୍ଟରେ ଲଗାତର ୩ୟ ବିଜୟ ହାସଲ କରିଛି। ପେସ୍ ବୋଲିଂକୁ ସୁହାଉଥିବା ଡ୍ରିମ୍ସର ଏହି ପିଚ୍‌ରେ ଶତକୀୟ ଇନିଂସ ଖେଳିଥିବା ଓଡ଼ିଶା ଓପନର ଶାନ୍ତନୁ ମିଶ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି। ଅନ୍ୟପକ୍ଷରେ ୩ଟି ମ୍ୟାଚ୍‌ରୁ ୨୧ ପଏଣ୍ଟ ହାସଲ କରି ଓଡ଼ିଶା ଏଲିଟ୍ ଗ୍ରୁପ–ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି।

ଉତ୍ତରାଖଣ୍ଡର ପ୍ରଥମ ଇନିଂସ ୧୧୭ ରନ ଜବାବରେ ଓଡ଼ିଶା ସମସ୍ତ ଉଇକେଟ ହରାଇ ୨୫୩ରନ କରିଥିଲା। ପ୍ରଥମ ଇନିଂସରେ ୧୩୬ରନ ଅଗ୍ରଣୀ ନେଇଥିଲା ଓଡ଼ିଶା। ଶୁକ୍ରବାର ତଥା ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଉତ୍ତରାଖଣ୍ଡ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ୪ ଉଇକେଟ ବିନିମୟରେ ୫୪ରନ କରିଥିଲା। ଦୀକ୍ଷାଂଶୁ ନେଗି ୨୩ ରନରେ ଓ କର୍ନ କୌଶଲ ୦ରେ ଅପରାଜିତ ଥିଲେ। ଶନିବାର ଅନ୍ତିମ ଦିବସରେ କର୍ନ ୧୨ରନ କରି ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ତାଙ୍କୁ ବସନ୍ତ ମହାନ୍ତି ବୋଲ୍ଡ କରି ଓଡ଼ିଶା ନିମନ୍ତେ ୫ମ ସଫଳତା ଦେବା ସହ ବିଜୟ ଆଶାକୁ ମଜବୁତ କରିଥିଲେ। ପରେ ନେଗି ୪୦ରନରେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଶିକାର ହୋଇଥିଲେ। ୯୪ ରନରେ ଉତ୍ତରାଖଣ୍ଡ ୬ଟି ଉଇକେଟ ହରାଇଥିଲା। ବ୍ୟାଟିଂ କ୍ରମ ୮ନଂରେ କ୍ରିଜକୁ ଆସିଥିବା ଧନରାଜ ଶର୍ମା ଧୂଆଁଧାର ବ୍ୟାଟିଂ କରୁଥିବା ଦେଖିବାକୁ ମିଳିଥିଲା। ଧନରାଜ ୩୩ଟି ବଲରୁ ୪ଟି ଲେଖାଏ ଚୌକା ଓ ଛକା ବଳରେ ୫୦ରନ ପୂରଣ କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶା ବୋଲରମାନେ ଅପର ପାର୍ଶ୍ୱରୁ ଉଇକେଟ ଦଖଲ ଜାରି ରଖିଥିଲେ। ରାହିଲ ଶାହା ୧୧ରନରେ ଓ ସନ୍ନି ରାଣା ଖାତା ଖୋଲିବା ପୂର୍ବରୁ ସୂର୍ଯ୍ୟକାନ୍ତଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅର୍ଦ୍ଧଶତକ ହାସଲ କରିବାର ପରବର୍ତ୍ତୀ ବଲରେ ସୂର୍ଯ୍ୟକାନ୍ତଙ୍କ ୫ମ ଶିକାର ହୋଇଥିଲେ ଧନରାଜ। ଗୋଟିଏ ମ୍ୟାଚ୍‌ରେ ୫ଟି ଉଇକେଟ ଦଖଲ କରିବା କ୍ଷେତ୍ରରେ ସୂର୍ଯ୍ୟକାନ୍ତଙ୍କ ଏହା ୫ମ ସଫଳତା। ଅନ୍ତିମ ଉଇକେଟ ଭାଗୀଦାରିରେ ଉତ୍ତରାଖଣ୍ଡ ୩୯ରନ ସଂଗ୍ରହ କରିଥିଲା। ପ୍ରଦୀପ ଚାମୋଲି ଓ ଆକାଶ ମାଣ୍ଡୱାଲ ଏହି ଭାଗୀଦାରି ସୃଷ୍ଟି କରିଥିଲେ। ମାଣ୍ଡୱାଲଙ୍କୁ ୨୦ରନରେ ବୋଲ୍ଡ କରି ଦେବବ୍ରତ ଓଡ଼ିଶା ପାଇଁ ବିଜୟ ଆଶା ନିକଟତର କରିଦେଇଥିଲେ। ପ୍ରଦୀପ ୨୫ରନରେ ଅପରାଜିତ ଥିଲେ। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ସର୍ବାଧିକ ୫ଟି, ବସନ୍ତ ମହାନ୍ତି ୩ଟି, ରାଜେଶ ମହାନ୍ତି ଓ ଦେବବ୍ରତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଦ୍ୱିତୀୟ ଇନିଂସରେ ଉତ୍ତରାଖଣ୍ଡ ୧୯୫ରନ ସଂଗ୍ରହ କରିବା ଯୋଗୁ ଓଡ଼ିଶା ସମ୍ମୁଖରେ ୬୦ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦେବାଶିଷ ସାମନ୍ତରାୟ ଓ ଶାନ୍ତନୁ ଓପନିଂ କରିବାକୁ ଆସିଥିଲେ। ମୁଣ୍ଡରେ ବଲ ବାଜିବା ଯୋଗୁ ଦେବାଶିଷ ୭ରନରେ ରିଟାୟର୍ଡ ହର୍ଟ୍ ହୋଇଥିଲେ। ଦେବାଶିଷଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ଫିଜିଓ ଶୁଭକାନ୍ତ ସାହୁ ସୂଚନା ଦେଇଛନ୍ତି। ଶାନ୍ତନୁ ଅପରାଜିତ ୨୯ରନ ଓ ଗୋବିନ୍ଦ ପୋଦ୍ଦାର ଅପରାଜିତ ୨୬ ରନ କରି ଓଡ଼ିଶାକୁ ବିଜୟୀ କରାଇଥିଲେ।

**ରଣଜୀ ଟ୍ରଫି**
- ଶାନ୍ତନୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍
- ସୂର୍ଯ୍ୟକାନ୍ତଙ୍କୁ ୫ ଉଇକେଟ
- ପଏଣ୍ଟ ଟେବୁଲ ଶୀର୍ଷରେ ଓଡ଼ିଶା

### ପଏଣ୍ଟ ଟେବୁଲ (ଏଲିଟ୍ ଗ୍ରୁପ୍–ସି)

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ଡ୍ର | ଟାଇ | ପଏଣ୍ଟ | ନେଟ୍ ରନରେଟ୍ |
|---|---|---|---|---|---|---|---|
| ଓଡ଼ିଶା | ୩ | ୩ | ୦ | ୦ | ୦ | ୨୧ | +୨.୦୩୦ |
| ଝାଡ଼ଖଣ୍ଡ | ୩ | ୨ | ୦ | ୧ | ୦ | ୧୬ | +୧.୭୭୦ |
| ହରିୟାଣା | ୩ | ୨ | ୦ | ୧ | ୦ | ୧୫ | +୧.୭୭୦ |
| ଜମ୍ମୁ କଶ୍ମୀର | ୩ | ୨ | ୦ | ୧ | ୦ | ୧୩ | +୨.୦୯୦ |
| ଛତିଶଗଡ଼ | ୩ | ୧ | ୧ | ୧ | ୦ | ୮ | +୧.୦୪୦ |
| ସର୍ଭିସେସ | ୩ | ୧ | ୧ | ୧ | ୦ | ୭ | +୧.୨୮୦ |
| ଆସାମ | ୩ | ୦ | ୧ | ୨ | ୦ | ୪ | +୦.୭୮୦ |
| ମହାରାଷ୍ଟ୍ର | ୩ | ୦ | ୨ | ୧ | ୦ | ୩ | +୦.୭୭୦ |
| ତ୍ରିପୁରା | ୩ | ୦ | ୩ | ୦ | ୦ | ୦ | +୦.୮୧୦ |
| ଉତ୍ତରାଖଣ୍ଡ | ୩ | ୦ | ୩ | ୦ | ୦ | ୦ | +୦.୪୮୦ |

### ମିଜୋରାମ ବିପକ୍ଷରେ ଓଡ଼ିଶାର ଇନିଂସ ବିଜୟ



ପ୍ରୀତ କନୱର ସିଂ ଚୌହ୍ୱାନ

କଟକ ଅଫିସ, ୨୮।୧୨

ଭାଇଜାଗ୍‌ରେ ଚାଲିଥିବା ୨୩ବର୍ଷରୁ କମ୍ ପୁରୁଷ ସି.କେ. ନାଇଡୁ ଟ୍ରଫିରେ ଓଡ଼ିଶା ଇନିଂସ ଓ ୧୦୫ ରନରେ ମିଜୋରାମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ମିଜୋରାମ ମାତ୍ର ୫୭ ରନରେ ଅଲ୍‌ଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ତାରିଣୀ ସ ୮ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସୋମେନ ଚାନ୍ଦ (୮୦ ରନ), ଶୁଭମ ଶତ୍ରୁଜିତ (୭୨), ବିନିତ ମହାନ୍ତି (୬୨) ଓ କାର୍ତ୍ତିକ ବିଶ୍ୱାଳଙ୍କ (୫୦) ଅର୍ଦ୍ଧଶତକ ବଳରେ ଓଡ଼ିଶା ୮ ଉଇକେଟ ହରାଇ ୩୩୧ ରନ କରି ଇନିଂସ ଘୋଷଣା କରିଥିଲା। ୨୭୪ ରନ ପଛରେ ଥାଇ ମିଜୋରାମ ଶନିବାର ଦ୍ୱିତୀୟ ଇନିଂସରେ ୧୬୯ ରନରେ ଅଲଆଉଟ ହୋଇଛି। ଓଡ଼ିଶା ପକ୍ଷରୁ ପ୍ରୀତ କନୱର ସିଂ ଚୌହ୍ୱାନ ସର୍ବାଧିକ ୫ଟି ଉଇକେଟ ଦଖଲ କରିଛନ୍ତି।



ଜାତୀୟ ସିନିୟର ଭଲିବଲ୍‌ରେ ଶନିବାର ଅନୁଷ୍ଠିତ ପୁରୁଷ ବର୍ଗର ଏକ ମ୍ୟାଚ୍।

## ଓଡ଼ିଶାର ବିଜୟଧାରା ରୋକିଲା ଛତିଶଗଡ଼

ଭୁବନେଶ୍ୱର, ୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

**ଜାତୀୟ ସିନିୟର ଭଲିବଲ**

ଓଡ଼ିଶା ଭଲିବଲ୍ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ସିନିୟର ଭଲିବଲ୍ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍‌ର ଶନିବାର ଥିଲା ୪ର୍ଥ ଦିବସ। ହ୍ୟାଟ୍ରିକ ବିଜୟ ହାସଲ କରି ଦମ୍‌ଦାର ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପୁରୁଷ ଦଳର ବିଜୟରେ ରୋକ୍ ଲାଗିଛି। ଚତୁର୍ଥ ଦିବସର ଏକ ମ୍ୟାଚ୍‌ରେ ଛତିଶଗଡ଼ ୩–୦ ସେଟ୍‌ରେ ଓଡ଼ିଶାକୁ ପରାସ୍ତ କରିଛି। ପୂର୍ବରୁ ତ୍ରିପୁରା, ପଣ୍ଡିଚେରୀ ଓ ଚଣ୍ଡିଗଡ଼କୁ ପରାସ୍ତ କରି ଓଡ଼ିଶା ହ୍ୟାଟ୍ରିକ ବିଜୟ ଲାଭ କରିଥିଲା। ପୁରୁଷ ବିଭାଗରେ ଖେଳାଯାଇଥିବା ଅନ୍ୟ ମୁକାବିଲା ଗୁଡ଼ିକରେ ମହାରାଷ୍ଟ୍ର ୩–୦ରେ ତେଲେଙ୍ଗାନାକୁ, ଗୁଜରାଟ ୩–୦ରେ ଉତ୍ତରାଞ୍ଚଳକୁ, ଦିଲ୍ଲୀ ୩–୦ରେ ବିହାରକୁ, ରାଜସ୍ଥାନ ୩–୧ରେ ମଧ୍ୟପ୍ରଦେଶକୁ, ପଶ୍ଚିମବଙ୍ଗ ୩–୧ରେ ଉତ୍ତର ପ୍ରଦେଶକୁ, ହିମାଚଳ ପ୍ରଦେଶ ୩–୦ରେ ମିଜୋରାମକୁ, ଆସାମ ୩–୦ରେ ମଣିପୁର, ଚଣ୍ଡିଗଡ଼ ୩–୧ରେ ପଣ୍ଡିଚେରୀକୁ ଓ ଜମ୍ମୁ ଓ କଶ୍ମୀର ୩–୦ ସେଟ୍‌ରେ ତ୍ରିପୁରାକୁ ପରାସ୍ତ କରିଛି।

ଅପରପକ୍ଷରେ ମହିଳା ବର୍ଗରେ ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ଉତ୍ତର ପ୍ରଦେଶ ୩–୨ରେ ଚଣ୍ଡିଗଡ଼କୁ, ରାଜସ୍ଥାନ ୩–୧ରେ ତେଲେଙ୍ଗାନାକୁ, ଆନ୍ଧ୍ର ପ୍ରଦେଶ ୩–୦ରେ ତ୍ରିପୁରାକୁ, ଗୁଜରାଟ ୩–୦ରେ ପଞ୍ଜାବକୁ ଏବଂ ଦିଲ୍ଲୀ ୩–୧ ସେଟ୍‌ରେ କର୍ନାଟକକୁ ହରାଇଛି।

### ଭାରୋତ୍ତୋଳିକା ସୀମା ବାସନ୍ଦ

**ନୂଆଦିଲ୍ଲୀ, ୨୮।୧୨:** ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ ରୌପ୍ୟ ପଦକଧାରୀ ଭାରତୀୟ ଭାରୋତ୍ତୋଳିକା ସୀମାଙ୍କୁ ୪ ବର୍ଷ ଲାଗି ବାସନ୍ଦ କରାଯାଇଛି। ଡୋପ ନିୟମ ଭଙ୍ଗ କରିଥିବା ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା) ପକ୍ଷରୁ ଏକ ବିବୃତି ଦ୍ୱାରା ଏହା କୁହାଯାଇଛି। ତାଙ୍କ ନମୁନା ବିଶାଖାପାଟଣାଠାରେ ଚଳିତବର୍ଷ ଅନୁଷ୍ଠିତ ୩୪ତମ ଜାତୀୟ ମହିଳା ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସଂଗ୍ରହ କରାଯାଇଥିଲା। ପ୍ରଦର୍ଶନ ବର୍ଦ୍ଧକ ନିଷିଦ୍ଧ ଦ୍ରବ୍ୟ ତାଙ୍କ ନମୁନାରେ ମିଳିଛି। ଏହାଦ୍ୱାରା ସେ ସିଧାସଳଖ ନାଡା ନିୟମ ଉଲ୍ଲଂଘନ କରିଛନ୍ତି। ତାଙ୍କ ନମୁନାରେ ଥିବା ହାଇଡ୍ରୋକ୍ସ ୪ ମେଥକ୍ସ ଟେମୋକ୍ସିଫେନ (ମେଟାବୋଲାଇଟ ଅଫ୍ ଟାମୋକ୍ସଫେନ), ସିଲିକ୍ଟିଭ ଇଷ୍ଟ୍ରୋଜେନ ରିସେପ୍ଟର ମଡ୍ୟୁଲାର (ଏସ୍‌ଇଆରଏମ୍) ମେଟେନୋଲୋନ, ଆନାବୋଲିକ ଷ୍ଟେରଏଡ ଓକ୍ସାରିନ ଆଦି ୱାଡାର ଚଳିତ ବର୍ଷର ନିଷିଦ୍ଧ ଔଷଧ ତାଲିକାରେ ରହିଛି। ସୀମା ୨୦୧୭ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପରେ ରୌପ୍ୟ ପଦକ ଜିତିଥିଲେ। ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ୬ଷ୍ଠ ସ୍ଥାନରେ ରହିଥିଲେ।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସକୁ ମୋନାଲିସାଙ୍କ ପ୍ରଶଂସା




ମୋନାଲିସା ବରୁଆ ମେହେଟା।

**ନୂଆଦିଲ୍ଲୀ, ୨୮।୧୨:** କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା 'ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ'କୁ ଜାତୀୟ ଟେବୁଲ ଟେନିସ ଚାମ୍ପିୟନ ତଥା ଅର୍ଜୁନ ପୁରସ୍କାର ବିଜୟିନୀ ମୋନାଲିସା ବରୁଆ ମେହେଟା ପ୍ରଶଂସା କରିଛନ୍ତି। ଏହା ଭାରତର କ୍ରୀଡ଼ା ସଂସ୍କୃତିକୁ ପୁନର୍ଜୀବିତ କରିବା ସହ ସମୃଦ୍ଧ କରିଛି ବୋଲି ଆସାମର ଏହି ପୂର୍ବତନ ମହିଳା ଟିଟି ଖେଳାଳି କହିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ଖେଳାଳିମାନେ ସ୍କଲାରଶିପ୍ ପାଉଛନ୍ତି। ଏଥିରେ ଅଂଶଗ୍ରହଣ କରି ଖେଳାଳିମାନେ ବହୁତ ଲାଭବାନ ହୋଇପାରୁଛନ୍ତି। ଭାରତରେ ଏବେ ଖେଳାଳିଙ୍କ ପାଇଁ ସବୁ ସୁବିଧା ସୁଯୋଗ ରହିଛି। ତେଣୁ ଆଥଲେଟମାନେ ଖେଳ ଉପରେ ମନୋନିବେଶ ସହ କଠିନ ପରିଶ୍ରମ କରିବା ଉଚିତ ବୋଲି ସେ କହିଛନ୍ତି। କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ। କଠିନ ପରିଶ୍ରମ ହେଉଛି ସଫଳତାର ମୂଳମନ୍ତ୍ର। ରାତାରାତି କେହି ଜଣେ ସଫଳତା ହାସଲ କରି ବଡ଼ ଆଥଲେଟ ହୋଇନାହାନ୍ତି। ସଫଳତା ପାଇଲେ ମଧ ଏହାକୁ ବଜାୟ ରଖିବା ଓ ଆଗକୁ ଆହୁରି ସଫଳତା ହାସଲ କରିବା ଉପରେ ଖେଳାଳିମାନେ ମନୋନିବେଶ କରିବା ଉଚିତ। ନିଜ ପ୍ରତିଭାର ପ୍ରମାଣ ଦେବା ପାଇଁ ଖେଲୋ ଇଣ୍ଡିଆ ଯୁବ ଆଥଲେଟମାନଙ୍କୁ ସୁଯୋଗ ଦେଇଛି। ତେଣୁ ଏହାର ଫାଇଦା ନେବା ପାଇଁ ଖେଳାଳିମାନେ ପ୍ରୟାସ କରିବା ଆବଶ୍ୟକ ବୋଲି ମୋନାଲିସା କହିଛନ୍ତି।

## ଫୁଲବାଣୀ–ନୟାଗଡ଼ ଫାଇନାଲ ଆଜି

ଭୁବନେଶ୍ୱର, ୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)






ଦୁଇ ଦଳର ଶ୍ରେଷ୍ଠ ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ବିଜୁ ପଟ୍ଟନାୟକ ଗୋଲ୍ଡ କପ୍**

ସ୍ଥାନୀୟ ୟୁନିଟ୍–୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ବିଜୁ ପଟ୍ଟନାୟକ ଗୋଲ୍ଡ କପ୍ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍ ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ଓ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଖେଳାଯିବ। ଶନିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଫୁଲବାଣୀ ୧–୦ ଗୋଲରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ତଥା ୫୩ତମ ମିନିଟ୍‌ରେ ଧନେଶ୍ୱର ବେସରା ଏକମାତ୍ର ଗୋଲସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ବିଜୟୀ ଦଳର ଚନ୍ଦ୍ରମୋହନ ମାଝି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ୨–୦ ଗୋଲରେ ବାଲେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଥିଲା। ନୟାଗଡ଼ ପକ୍ଷରୁ ଦୀନବନ୍ଧୁ ନାୟକ ୪୪ତମ ଓ ୬୦ତମ ମିନିଟ୍‌ରେ ୨ଟି ଯାକ ଗୋଲସ୍କୋର କରି ବିଜୟରେ ନାୟକ ସାଜିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ପୁରାତନ ସଭ୍ୟ ନରେନ୍ଦ୍ର ସେଠୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ତପନ ମହାନ୍ତି, ପ୍ରିୟନାଥ ମିଶ୍ର, ଗିରିଜା ଶଙ୍କର ଦାସ, ଦିଲୀପ ଦାସ, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଶ୍ରୀକାନ୍ତ ବହିଦାର, ରାଜେନ୍ଦ୍ର ବାରିକ, ଅମିତ୍ ନାୟକ, କୀର୍ତ୍ତିରଞ୍ଜନ ସ୍ୱାଇଁ, ସୌକତ ଅଲୀ ଖାଁ, ଦେବଜ୍ୟୋତି ସିଂ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ୍ ପୂର୍ବରୁ ଉର୍ମିଳା ଫୁଟ୍‌ବଲ ଏକାଡେମୀ ଓ ଘାଟିକିଆ ଦଳ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ୍ ଖେଳାଯିବ।

**ବକ୍ସିଂ ଡେ ଟେଷ୍ଟ**

## ଅଷ୍ଟ୍ରେଲିଆ ବୃହତ୍ ଅଗ୍ରଣୀ

ମେଲବୋର୍ନ,୨୮।୧୨(ଏଏଫ୍‌ପି)




ଉଇକେଟ୍ ହାସଲ ପରେ ଖୁସି ମନାଉଛନ୍ତି ପ୍ୟାଟ୍ କୁମିନ୍ସ।

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ବୃହତ୍ ଅଗ୍ରଣୀ ହାସଲ କରିବା ସହ ସ୍ଥିତି ଆହୁରି ମଜଭୁତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ୧୫୫.୧ ଓଭରରେ ୪୬୭ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ୍ ଆରମ୍ଭ କରି ୫୪.୫ ଓଭରରେ ୧୪୮ ରନ୍ କରି ଅଲ୍‌ଆଉଟ ହୋଇଛି। ଏଥିଯୋଗୁ ଅଷ୍ଟ୍ରେଲିଆ ୩୧୯ ରନ୍‌ର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ୍ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୫ ଓଭରରେ ୪ ଉଇକେଟ ହରାଇ ୧୩୭ ରନ୍ ସଂଗ୍ରହ କରିଛି। ଏବେ ଅଷ୍ଟ୍ରେଲିଆ ୬ ଉଇକେଟ ହାତରେ ରଖି ମୋଟ୍ ଉପରେ ୪୫୬ ରନ୍‌ର ବୃହତ୍ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମାଥ୍ୟୁ ୱାଡେ ୧୫ ଓ ପ୍ରଥମ ଇନିଂସ୍‌ରେ ଶତକ ହାସଲ କରିଥିବା ଟ୍ରାଭିସ ହେଡ୍ ୧୨ ରନ୍ କରି ଅପରାଜିତ ରହିଛନ୍ତି। ଦଳ ତରଫରୁ ଅଭିଜ୍ଞ ଓପ୍‌ନର ଡେଭିଡ ୱାର୍ନର ୩୮, ଜୋ ବର୍ନ୍ସ ୩୫, ମାର୍ନସ ଲାବୁସେନ ୧୯ ଓ ଷ୍ଟିଭ୍ ସ୍ମିଥ୍ ୭ ରନ୍ କରି ଆଉଟ ହୋଇଛନ୍ତି। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ନିଲ ୱାଗ୍‌ନର ୨ ଓ ମିଚେଲ ସାଣ୍ଟନର ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋର ୪୪/୨ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଶନିବାର ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଟମ୍ ଲଥାମ ୯ରୁ ଖେଳ ଆରମ୍ଭ କରି ୫୦ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ୨ରୁ ଖେଳ ଆରମ୍ଭ କରି ଅଭିଜ୍ଞ ରସ୍ ଟେଲର ମାତ୍ର ୪ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଲଥାମଙ୍କୁ ବାଦ୍ ଦେଲେ ବାକି ସବୁ ବ୍ୟାଟ୍ସମ୍ୟାନ ବିଫଳ ହୋଇଥିଲେ। ଏହି କ୍ରମରେ ଟମ୍ ବ୍ଲଣ୍ଡେଲ ୧୫, ଅଧିନାୟକ କେନ ୱିଲିୟମସନ ୯, ହେନେରୀ ନିକୋଲ୍ସ ବିନା ସ୍କୋର, ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂ ୭, କଲିନ ଡି ଗ୍ରାଣ୍ଡହୋମ ୧୧, ମିଚେଲ ସାଣ୍ଟନର ୩, ଟିମ୍ ସୌଦି ୧୦, ଟ୍ରେଣ୍ଟ ବୋଲ୍ଟ ୮ରନ୍ କରି ଆଉଟ ହୋଇଥିବା ବେଳେ ୱାଗ୍‌ନର ୧୮ ରନ୍ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ତରଫରୁ ପ୍ୟାଟ୍ କୁମିନ୍ସ ସର୍ବାଧିକ ୫, ଜେମ୍ସ ପାଟିନସନ ୩, ମିଚେଲ ଷ୍ଟାର୍କ ୨ଟି ଉଇକେଟ ନେଇଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ୧–୦ରେ ଅଗ୍ରଣୀ ହାସଲ କରିଛି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଡିସେମ୍ବର ୨୯/୨୦୧୯ Sambalpur, Sunday, December 29 / 2019





ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ରାଜେନ୍ଦ୍ର



ରମା



ସୁମନ୍ତ



ବିବେକାନନ୍ଦ



ଉତ୍କଳ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ସୁନ୍ଦରଗଡ଼ରେ ତୁଷାରପାତ



କରମଡିହିରେ ଧାନଖଳାର ପାଳଗଦା ଉପରେ ତୁଷାର ପଡିଛି।

**ସୁନ୍ଦରଗଡ଼,୨୮।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ରାତିରେ ପାରଦ ଖସୁଥିବା ଯୋଗୁ ଶୀତ ବଢୁଛି। ଶୁକ୍ରବାର ରାତିରେ ଜିଲାର କୋଇଡା, ଟେନସା ଓ ସୁନ୍ଦରଗଡଠାରୁ ୫କି.ମି ଦୂର ସବ୍‌ଡେଗା ବ୍ଲକର କରମଡିହିଠାରେ ତୁଷାରପାତ ହୋଇଥିବାର ଦେଖିବାକୁ ମିଳିଛି। କରମଡିହିର ସୁମନ୍ତ ପଟେଲଙ୍କ ଧାନଖଳାର ପାଳଗଦା ଉପରେ ଶନିବାର ସକାଳେ ତୁଷାର ପଡିଥିବା ଲୋକେ ଦେଖିଥିଲେ। ଏଥିସହ ଏକ ପାଣିଥିବା କଂସା ପାତ୍ରରେ ଓ ବାଇକ୍ ସିଟ ଉପରେ ତୁଷାର ପଡିଥିଲା। ଶୁକ୍ରବାର ସୁନ୍ଦରଗଡରେ ସର୍ବନିମ୍ନ ତାପମାତ୍ରା ୧୦.୫ଡିଗ୍ରୀ ସେଲସିୟସ ଓ ସର୍ବାଧିକ ୨୫ଡିଗ୍ରୀ ସେଲସିୟସ ଥିବା ବେଳେ ଶନିବାର ସର୍ବନିମ୍ନ ୧୦ଡିଗ୍ରୀ ଓ ସର୍ବାଧିକ ୨୨ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ଜିଲା ପାଣିପାଗ ବିଭାଗ ସୂତ୍ରରୁ ଜଣାଯାଇଛି। ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳ ତଥା ନଦୀ ଓ ଜଙ୍ଗଲ ତଟବର୍ତ୍ତୀ ଗ୍ରାମଗୁଡିକରେ ସର୍ବନିମ୍ନ ତାପମାତ୍ରା ଆହୁରି କମ୍ ରହୁଛି। ଫଳରେ ଅଧିକ ଥଣ୍ଡା ଅନୁଭୂତ ହେଉଛି। ଶୀତରୁ ରକ୍ଷା ପାଇବା ପାଇଁ ଗ୍ରାମାଞ୍ଚଳରେ ଲୋକେ ନିଆଁ ଜାଳି ପୋଇଁ ହେଉଥିବା ଦେଖିବାକୁ ମିଳିଛି। ବଜାରରେ ଶୀତ ପୋଷାକର ଚାହିଦା ମଧ୍ୟ ବୃଦ୍ଧି ପାଇଛି। ଅପରପକ୍ଷେ ଅସହାୟ, ଗରିବ, ବୃଦ୍ଧାବୃଦ୍ଧ ହାଡଭଙ୍ଗା ଶୀତ ଯୋଗୁ ଅକଥନୀୟ କଷ୍ଟ ଭୋଗୁଛନ୍ତି।

# ଶୀତରେ ଥରୁଛି ନୂଆପଡା, ପାରଦ ଖସୁଛି

**ନୂଆପଡା ଅଫିସ,୨୮।୧୨**

ଦୁଇ ଦିନର କୋହଲା ପାଗ ପରେ ହଠାତ ଶୀତ ବଢିଛି । ପାରଦ ପାରା ତଳକୁ ଖସୁଥିବା ଦେଖାଯାଉଛି। ଶୀତରୁ ତ୍ରାହି ପାଇଁ ସନ୍ଧ୍ୟା ହେଲେ ଲୋକେ ନିଆଁ ଜାଳି ପୋଉଁଛନ୍ତି । ଗତ ବୁଧବାର ଏବଂ ଗୁରୁବାର ଦୁଇ ଦିନ ଧରି ମେଘୁଆ ପାଗ ଯୋଗୁ ଶୀତ କମିଯାଇଥିଲା। ହେଲେ ଶୁକ୍ରବାର ସନ୍ଧ୍ୟାରୁ ଶୀତ ବଢିଛି। ତାପମାତ୍ରା ୬ରୁ ୯ ଡିଗ୍ରୀ ରହିଥିବା ଦେଖାଯାଉଛି। ବିଶେଷ କରି ନୂଆପଡା ତଥା ଆଖପାଖ ଅଞ୍ଚଳରେ ମାତ୍ରାଧିକ ଶୀତ ଅନୁଭୂତ ହେଉଛି । ସନ୍ଧ୍ୟା ହେଲେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ସ୍ଥାନେ ସ୍ଥାନେ କାଠ, ବାଉଁଶ, ପାଳରେ ନିଆଁ ଜାଳି ପିଲାଠୁ ବୁଢା ବସି ରହୁଛନ୍ତି । ଏପରିକି ରାତି ୮ଟାବେଳେ ସମସ୍ତ ଦୋକାନ ବଜାର ବନ୍ଦ ହୋଇପଡୁଛି । ନୂଆପଡା ସହର, ଲଖନା, ସାହିପଲା, କୁରୁମପୁରୀ ଅଞ୍ଚଳରେ ପ୍ରବଳ ଶୀତ ହେଉଥିବା ଖବର ମିଳିଛି। ଏହା ବିଶେଷ କରି ଗରିବ, ଖଟିଖିଆଙ୍କ ପାଇଁ ଅସହ୍ୟ ହେଉଥିବା କୁହାଯାଉଛି।



ଲଖନା ବସ୍ତିରେ ଲୋକେ ନିଆଁ ପୋଉଁଛନ୍ତି ।

# ଦେଶକୁ ଜାତିଗତ ଭିତ୍ତିରେ ବିଭାଜନ କରାଯାଉଛି: କଂଗ୍ରେସ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ଭାରତର ସମସ୍ତ ନାଗରିକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ସୁଖଦ ଦିନ ଆସିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୫ବର୍ଷ ୭ମାସ ପରେ ସାରା ଦେଶର ପ୍ରତ୍ୟେକ ବର୍ଗ ଲୋକ ସୁଖଦ ଦିନକୁ ଚାହିଁଚାହିଁ ଥକିଗଲେଣି। ପ୍ରଥମ ପାଳିରେ ପ୍ରଧାନମନ୍ତ୍ରୀ ବିଦେଶରୁ କଳାଧନ ଫେରାଇ ଆଣିବା ପାଇଁ ବିମୁଦ୍ରୀକରଣ କଲେ। ମାତ୍ର ଆଜି ପର୍ଯ୍ୟନ୍ତ ତାହାର କୌଣସି ତଥ୍ୟ ଦେଶବାସୀଙ୍କ ସାମ୍ନାରେ ରଖିଲେନାହିଁ। ଦେଶର ଜିଡିପି ୪.୫ରୁ ମଧ କମ୍ ଅଛି। ଦେଶର ସମସ୍ତ ଶିଳ୍ପ ବର୍ତ୍ତମାନ ତଳକୁ ତଳକୁ ଯିବାରେ ଲାଗିଛି। ଅତ୍ୟାବଶ୍ୟକ ସାମଗ୍ରୀର ଦର କଥା ନ କହିବା ଭଲ। ୨୦୧୪ରେ ଗ୍ୟାସ ଦର ୪୧୬ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ୭୪୦ ଟଙ୍କାରେ ପହଞ୍ଚିଲାଣି। ବେକାରି ସମସ୍ୟା ୪୫ବର୍ଷର ରେକର୍ଡ ଭାଙ୍ଗିଛି। ହେଲେ ଦେଶକୁ ବର୍ତ୍ତମାନ ଜାତିଗତ ଭିତ୍ତିରେ ବିଭାଜନ କରିବାକୁ ଏ ସରକାର ଚେଷ୍ଟା କରୁଛି ବୋଲି ବରିଷ୍ଠ କଂଗ୍ରେସ ନେତା ଅଖିଳେଶ ପ୍ରତାପ ସିଂ କହିଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଅଖିଳେଶ କହିଛନ୍ତି ଯେ, ଆସାମରେ ପ୍ରଥମେ ଏନ୍‌ଆର୍‌ସି ଲାଗୁ କରାଗଲା। କିନ୍ତୁ ଏହାର ଫଳାଫଳ କେନ୍ଦ୍ର ସରକାରଙ୍କୁ ନ ସୁହାଇବାରୁ ସିଏଏ ଅଣାଗଲା। ଏହାଦ୍ୱାରା ଦେଶକୁ ଏକ ଧର୍ମଭିତ୍ତିକ ରାଷ୍ଟ୍ରରେ ପରିଣତ କରିବାରେ ଲାଗିପଡ଼ିଛନ୍ତି। ବିଶ୍ୱ ଦରବାରରେ ଭାରତ ବର୍ଷର ଗରିମା ବର୍ତ୍ତମାନ ଭୂଲୁଣ୍ଠିତ ହେବାକୁ ଯାଉଛି। ଦେଶର ଏକତା, ସଂହତି, ଭ୍ରାତୃତ୍ୱଭାବ ବର୍ତ୍ତମାନ କେଉଁଠି ନା କେଉଁଠି ନଷ୍ଟ ହୋଇଯିବାକୁ ବସିଲାଣି। କେନ୍ଦ୍ର ସରକାରସମ୍ବିଧାନ ମୂଳମନ୍ତ୍ରକୁ ଧ୍ୱଂସ କରିବାରେ ଲାଗିପଡ଼ିଛନ୍ତି। ନାରୀମାନଙ୍କୁ ସୁରକ୍ଷା ଦେବାରେ ବିଫଳ। ବେଟି ପଢ଼ାଓ ବେଟି ବଚାଓ ନାରା ଦେଇଥିବା ସରକାରର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏବଂ ଭାଜପା ବିଧାୟକ ନାରୀମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି। ଉଜ୍ଜ୍ୱଳା ଯୋଜନାର ଅଧିକାଂଶ ଗୃହିଣୀ ଦ୍ୱିତୀୟଥର ପାଇଁ ଗ୍ୟାସ ଭରିପାରୁ ନାହାନ୍ତି। ଏ ସରକାର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରୁଛି ବୋଲି ସେ କହିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ବହୁରୂପୀ ନେତା। ରାଜ୍ୟରେ ତାଙ୍କ ଚରିତ୍ର ଗୋଟେ ପ୍ରକାର ହୋଇଥିବାବେଳେ ଦିଲ୍ଲୀଗଲେ ଆଉ ଏକ ପ୍ରକାର ହୋଇଯାଏ। ଧର୍ମ ନିରପେକ୍ଷତାର ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ଜଣେ ସାମ୍ପ୍ରଦାୟିକବାଦୀ। ମୋଦି ସରକାର ଇଷ୍ଟଇଣ୍ଡିଆ କମ୍ପାନୀ ସହ ସମାନ ବୋଲି ନିରଞ୍ଜନ ସମାଲୋଚନା କରିଛନ୍ତି।

# ସୋସିଆଲ ଇନୋଭେଶନ ପ୍ରୋଜେକ୍ଟ ଆରମ୍ଭ କରିବ ଆଇଆଇଏମ୍ ସମ୍ବଲପୁର

**ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)**

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ସମ୍ବଲପୁର ଆସନ୍ତା ଶିକ୍ଷାବର୍ଷରୁ ବିଭିନ୍ନ ପ୍ରୋଜେକ୍ଟ ଆରମ୍ଭ କରିବାକୁ ଯୋଜନା ରଖିଛି। ଏଥିମଧ୍ୟରେ ରହିଛି ୯ ମାସିଆ ସୋସିଆଲ ଇନୋଭେଶନ ପ୍ରୋଜେକ୍ଟ। ଏମ୍‌ବିଏ ଛାତ୍ରୀଛାତ୍ରୀଛାତ୍ରଙ୍କ ପାଇଁ ଏହା ବାଧ୍ୟତାମୂଳକ କରାଯାଇଛି। ଏହି ଶିକ୍ଷା ପ୍ରୋଜେକ୍ଟରେ ଛାତ୍ରୀଛାତ୍ରମାନେ ସପ୍ତାହରରେ ଗୋଟିଏ ଦିନ ବିଭିନ୍ନ ବସ୍ତି, ଆଦିବାସୀ ଅଞ୍ଚଳ, ସରକାରୀ ସ୍କୁଲକୁ ଯିବେ। ସେଠାରେ ପ୍ରଥମ ୩ମାସ ସମସ୍ୟା ଅନୁଧ୍ୟାନ କରିବେ, ପରବର୍ତ୍ତୀ ୩ମାସ ସମସ୍ୟାର ସମାଧାନ ନେଇ ପ୍ରୋଜେକ୍ଟ ତିଆରି କରିବେ ଓ ଶେଷ ୩ମାସ ସେହି ପ୍ରୋଜେକ୍ଟକୁ ସେଠାରେ କାର୍ଯ୍ୟକାରୀ କରିବା ସହ ଫଳାଫଳ ସଂକ୍ରାନ୍ତ ରିପୋର୍ଟ ପ୍ରସ୍ତୁତ କରିବେ। ଏହାପରେ ସେମାନଙ୍କୁ ଏକ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଏହା ଛାତ୍ରୀଛାତ୍ରଙ୍କ ପାଇଁ ବାଧ୍ୟତାମୂଳକ ରହିବ। ଏହି ପ୍ରୋଜେକ୍ଟ ଆସନ୍ତା ଜାନୁୟାରୀରୁ ଆରମ୍ଭ ହେବ ବୋଲି ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସୱାଲ କହିଛନ୍ତି।

- ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ପାଇଁ ବାଧ୍ୟତାମୂଳକ
- ଭୁବନେଶ୍ୱରରେ ହେବ ଇନ୍‌କ୍ୟୁବେସନ ସେଣ୍ଟର
- ସମ୍ବଲପୁରରେ ହସ୍ତଶିଳ୍ପୀଙ୍କୁ ଦିଆଯିବ ମାର୍କେଟିଂ ପ୍ରଶିକ୍ଷଣ

ଶନିବାର ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବାବେଳେ ଏ ସମ୍ପର୍କରେ ସୂଚନା ଦେଇ ଜୈସୱାଲ କହିଛନ୍ତି, ବର୍ତ୍ତମାନ ଏମ୍‌ବିଏରେ ୧୨୦ ସିଟ୍ ରହିଥିବାବେଳେ ଆସନ୍ତା ଶିକ୍ଷାବର୍ଷରୁ ଏହାକୁ ୧୮୦କୁ ବୃଦ୍ଧି କରାଯିବ। ସେହିଭଳି ପିଏଚ୍‌ଡି ପାଇଁ ୫ ସିଟ୍ ଥିବାବେଳେ ଆସନ୍ତା ବର୍ଷରୁ ଏକ୍‌ଜିକ୍ୟୁଟିଭ୍ ପିଏଚ୍‌ଡି ପାଇଁ ୫ସିଟ୍ କରାଯିବ। ସେହିପରି ଭୁବନେଶ୍ୱରରେ ଏକ ଇନ୍‌କ୍ୟୁବେସନ ସେଣ୍ଟର ହେବ। ଯୁବ ଡାକ୍ତର, ଇଞ୍ଜିନିୟର, ଚାଟାର୍ଡ ଆକାଉଣ୍ଟାଣ୍ଟସ ତଥା ଯେଉଁମାନେ ଚାକିରୀ ଖୋଜୁଛନ୍ତି ସେମାନଙ୍କ ପାଇଁ ଏହି ସେଣ୍ଟରରେ ନୂତନ ଷ୍ଟାର୍ଟଅପ୍ ପାଇଁ ସହାୟତା ମିଳିବ। ଏଥିପାଇଁ ଏମ୍‌ଏସ୍‌ଏମ୍‌ଇ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁସାରେ ଓଡ଼ିଶାର ହସ୍ତକଳାର ମଧ ପ୍ରଚାର ପ୍ରସାର ପାଇଁ ଆଇଆଇଏମ୍ ଯୋଜନା କରିଛି। ହସ୍ତଶିଳ୍ପୀମାନେ ବଜାର ସହିତ ସିଧାସଳଖ ଜଡ଼ିତ ହୋଇପାରୁ ନ ଥିବାରୁ ଉଚିତ ମୂଲ୍ୟ ପାଇପାରୁ ନାହାନ୍ତି। ତେଣୁ ଆଇଆଇଏମ୍ ସମ୍ବଲପୁର ଏକ ଡିଜିଟାଲ ବିଜିନେସ୍ ମଡେଲ କରିବାକୁ ଯାଉଛି। ଏଥିପାଇଁ ଆଇଆଇଏମ୍ ସମ୍ବଲପୁରରେ ଏକ ସେଣ୍ଟର କରାଯିବ। ହସ୍ତଶିଳ୍ପ କାରିଗରୀଙ୍କୁ କୌଣସି ପାଠପଢ଼ା ଯିବ ନାହିଁ। ସେଣ୍ଟରରେ ସେମାନଙ୍କୁ ମାର୍କେଟିଂ କିପରି କରାଯାଏ ତାହା ଉପରେ ପ୍ରଶିକ୍ଷଣ ଦିଆଯିବ। ଏହାକୁ ଆଇଆଇଏମ୍ ସମ୍ବଲପୁରର ଫାକଲ୍‌ଟି ଓ ଛାତ୍ରୀଛାତ୍ରମାନେ ପରିଚାଳିତ କରିବେ ବୋଲି ପ୍ରଫେସର ଜୈସୱାଲ ସୂଚନା ଦେଇଛନ୍ତି।

# ଫଟୋଚିତ୍ର ପ୍ରଦର୍ଶନୀରେ ପ୍ରଦର୍ଶିତ ହେଲା ପୁରୁଣା କ୍ୟାମେରା





ଶନିବାର ସମ୍ବଲପୁର ସିଟି ସେଣ୍ଟରଠାରେ ଆନ୍ତର୍ଜାତିକ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି (ବାମ)। ପୁରୁଣା କ୍ୟାମେରାକୁ ଫଟୋଗ୍ରାଫରମାନେ ଦେଖୁଛନ୍ତି ।

**ସମ୍ବଲପୁର, ୨୮।୧୨ (ବ୍ୟୁରୋ)**

ଫଟୋଫିଲିକ୍ସ ଆନ୍ତର୍ଜାତିକ ଫଟୋଚିତ୍ର ପ୍ରଦର୍ଶନୀ ଶନିବାର ସିଟି ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଯାଇଛି। ଫଟୋଫିଲିକ୍ସ ସଭାପତି ଅରବିନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ୫ଟି ବିଭାଗରେ ଫଟୋ ପ୍ରଦର୍ଶିତ ହୋଇଛି। ଏହି ଅବସରରେ ପୁରୁଣା କ୍ୟାମେରାଗୁଡିକ ମଧ ପ୍ରଦର୍ଶିତ କରାଯାଇଥିଲା। ସେହିପରି ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ମଧ ପ୍ରଦର୍ଶନୀ ପରିସରରେ ହୋଇଥିଲା । ଏଥିରେ ୫୦ଜଣ ଛାତ୍ରୀଛାତ୍ର ଭାଗ ନେଇ ଚିତ୍ର ଆଙ୍କିଥିଲେ । ଫଟୋଫିଲିକ୍ସ ସମ୍ପାଦକ ବିକାଶ ପଲସାନିଆ, ଆଶିଷ ପ୍ରଧାନ, ଶିଶିର ପାଣିଗ୍ରାହୀ, ରଞ୍ଜିତ ସାହୁ, ମୁକେଶ ପାଣିଗ୍ରାହୀ, ସତ୍ୟଜିତ ପଣ୍ଡା, ପ୍ରତ୍ୟୁଷ ପଣ୍ଡା, ନରେଶ ସିଂ, ଭୈରବ ବିରାଜ ହୋତା, ଅଶୋକ ପଟେଲ, ସୁବାସ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୋକାନଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ରୂପ୍‌ସା, ୨୮।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଛାନୁଆ ଗାଁ ଛକରେ ଥିବା ପଞ୍ଚାନନ ଭୂୟାଁଙ୍କ ଦୋକାନ ଘରେ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ବସ୍ତା ଥାନା ସବ୍‌ଇନ୍ସପେକ୍ଟର ପି.କେ. ପାଣି ଶନିବାର ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଅଭିଯୋଗ ମୁତାବକ ରାତି ୩ଟାବେଳେ ଦୁର୍ବୃତ୍ତମାନେ ପଞ୍ଚାନନଙ୍କ ପାନ, ବିସ୍କୁଟ, ଡିଜେଲ, ପେଟ୍ରୋଲ ଦୋକାନରେ ନିଆଁ ଲଗାଇ ଚମ୍ପଟ ମାରିଥିଲେ। ରାତିରେ ଯାତ୍ରା ଦେଖି ଫେରୁଥିବା ଗାଁ ଲୋକେ ଦୋକାନ ଘର ଜଳୁଥିବା ଦେଖି ନିଆଁ ଲିଭାଇଥିଲେ। ଖବରପାଇ ଦୋକାନୀ ଜଣକ ପହଞ୍ଚି ଦୋକାନର କବାଟ ଓ ସୋ'କେଶ୍ ପୋଡ଼ିଯାଇଥିବା ଦେଖିଥିଲେ। ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ। -**ମହର୍ଷି ପରାଶର**

**ସଂକ୍ଷେପରେ**

## ଧାଙ୍ଗେର ହତ୍ୟା ମାମଲା: ଧରାପଡ଼ିଲେ ଅଭିଯୁକ୍ତ ସ୍ୱାମୀ

ବରଗଡ଼ ଅଫିସ୍,୨୮।୧୨: ବରଗଡ଼ ସଦର ଥାନା ଅନ୍ତର୍ଗତ ଧାଙ୍ଗେର ସହରାପଡ଼ାରେ ସ୍ତ୍ରୀକୁ ହତ୍ୟା ପରେ ମୃତଦେହକୁ ଏକ ଆବଦ୍ଧ କୋଠରୀରେ ରଖି ଶିଶୁକନ୍ୟାକୁ ଧରି ଫେରାର ଥିବା ଅଭିଯୁକ୍ତ ସ୍ୱାମୀ ପୋଲିସ ହାତରେ ଧରାପଡ଼ିଛନ୍ତି । ଶନିବାର ସ୍ଥାନୀୟ ସଦର ଥାନା ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିବା ଖବର ମିଳିଛି । ଏ ସମ୍ପର୍କରେ ପୋଲିସ ପକ୍ଷରୁ ଅଧିକ କିଛି ସୂଚନା ଦିଆଯାଇ ନାହିଁ । ପ୍ରକାଶଥାଉକି, ମୃତା ମହିଳାଙ୍କ ବାପା ଝିଅ ଓ ନାତୁଣୀଙ୍କୁ ଭେଟିବା ପାଇଁ ଗତ ୧୪ତାରିଖରେ ଧାଙ୍ଗେର ସହରାପଡ଼ା ଆସିଥିବା ବେଳେ ଘରେ ତାଲା ପଡ଼ିଥିଲା। ପୂର୍ବରୁ ତାଙ୍କ ଜ୍ୱାଇଁ ଝିଅକୁ ମାରି ଦେବାକୁ ଧମକ ଦେଇଥିବାରୁ ତାକୁ ନେଇ ମୃତା ମହିଳାଙ୍କ ବାପାଙ୍କ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା ଏବଂ କବାଟ ଭାଙ୍ଗିବାରୁ ଘର ମଧ୍ୟରେ ଝିଅର ଗଳିତ ମୃତଦେହ ପଡ଼ିଥିବା ସେ ଦେଖିବାକୁ ପାଇଥିଲେ। ଅନ୍ୟପଟେ ମୃତା ମହିଳାଙ୍କ ସ୍ୱାମୀ ଓ ଶିଶୁକନ୍ୟା ଘରେ ନ ଥିବା ଜଣାପଡ଼ିଥିଲା। ଏ ନେଇ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଧରିବା ପାଇଁ ତନାଘନା ଚଳାଇଥିଲା।




ବରଗଡ଼ରେ ଶନିବାର ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି ।

# ହସ୍ତତନ୍ତ ମେଳା ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୨୮।୧୨**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ବୟନିକା ପକ୍ଷରୁ ପ୍ରାୟୋଜିତ ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ ହୋଇଛି । ରାଜ୍ୟ ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବୟନିକା ସଭାପତି ଶେଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ଏବଂ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ହସ୍ତତନ୍ତ ଓ ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ଅତିଥି ଭାବେ ମଞ୍ଚାସୀନ ଥିଲେ ।

ବରଗଡ଼ ଧନୁଯାତ୍ରା ଅବସରରେ ଏଥର ଏଠାରେ ଚତୁର୍ଥଥର ପାଇଁ ହେଉଥିବା ଏହି ଜାତୀୟସ୍ତରୀୟ ହସ୍ତତନ୍ତ ମେଳାରେ ରାଜ୍ୟର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ରାଜ୍ୟ ତଥା ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ଯୋଗଦାନ କରି ସେମାନଙ୍କ ହସ୍ତତନ୍ତ ବସ୍ତ୍ର ଓ ପରିଧାନକୁ ପ୍ରଦର୍ଶିତ କରି ବିକ୍ରି କରିବେ। ଆସନ୍ତା ଜାନୁୟାରୀ ୧୯ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବାର କାର୍ଯ୍ୟକ୍ରମ ରହିଛି । ପ୍ରତ୍ୟହ ଦିନ ସାଢ଼େ ୧୧ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ମେଳା ଚାଲିବ। ଏହି ମେଳାରେ ଓଡ଼ିଶାର ପ୍ରତ୍ୟେକ ଷ୍ଟଲରେ ପ୍ରତ୍ୟେକ ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତି ଦେବାର ବ୍ୟବସ୍ଥା ରହିଛି । ମେଳାରେ ମୋଟ୍ ୫୦ଟି ଷ୍ଟଲ ଥିବାବେଳେ ସେଥିରୁ ୨୦ଟି ଷ୍ଟଲ ଓଡ଼ିଶାର ବିଭିନ୍ନ ପ୍ରମୁଖ ସଂସ୍ଥା ତଥା ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ସେରିଫେଡ୍ ଓ ଅନ୍ୟାନ୍ୟ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିମାନଙ୍କ ପାଇଁ ସଂରକ୍ଷିତ ରହିଥିବା ସୂଚନା ଦିଆଯାଇଛି।

ମେଳାରେ ଚଳିତବର୍ଷ କଲିକତାର ଦକ୍ଷିଣ କାଳୀ ମନ୍ଦିରର ପ୍ରତିକୃତି ପ୍ରମୁଖ ଆକର୍ଷଣ ହୋଇଛି । ମେଳାରେ ଓଡ଼ିଶା ହସ୍ତତନ୍ତର ଉତ୍କୃଷ୍ଟମାନର ଶାଢ଼ୀ ତଥା ତନ୍ତ ବୁଣା ପ୍ରଦର୍ଶିତ ହେବ । ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ତଥା ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ।

ସେହିପରି କାରିଗର ଓ ଗ୍ରାହକଙ୍କ ପ୍ରତ୍ୟକ୍ଷ ଭାବ ବିନିମୟ, ପରସ୍ପର ଜ୍ଞାନ କୌଶଳ, ବୟନ ଶୈଳୀ, ଡିଜାଇନ ଆଦି ଉପରେ ଆଲୋଚନାଚକ୍ର ରହିଛି । ମେଳାଟି ବୟନଶିଳ୍ପ ନିର୍ଦ୍ଦେଶାଳୟ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିବା ବେଳେ ଉଦଘାଟନୀ ସମାରୋହରେ ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ବୟନିକା ଏବଂ ସମ୍ବଲପୁରୀ ବସ୍ତ୍ରାଳୟର ପଦାଧିକାରୀ ଉପସ୍ଥିତ ଥିଲେ ।

## ଯୁବତୀ, ଯୁବକଙ୍କ ମୃତଦେହ ଚିହ୍ନଟ

**ବରଗଡ଼ ଅଫିସ୍,୨୮।୧୨**

ବରଗଡ଼ ସହର ଉପକଣ୍ଠ ପଥର୍ଲା-ବଗେଇବିରା ନିକଟ କଜିଲିବିଜିଲି ପାହାଡ଼ରୁ ଶୁକ୍ରବାର ମିଳିଥିବା ଯୁବତୀ ଯୁବକଙ୍କ ମୃତଦେହ ଚିହ୍ନଟ ହୋଇଛି । ଯୁବତୀ ଜଣକ ଡୁମେରପାଲି ଗ୍ରାମର ରୀତା ସେଠ ଏବଂ ଯୁବକ ଜଣକ କର୍ଲାଜୁରୀ ଗ୍ରାମର ପରମେଶ୍ୱର ସାହୁ ବୋଲି ଜଣାପଡ଼ିଛି । ମୃତ ପରମେଶ୍ୱରଙ୍କ ବାପା ଏବଂ ମୃତା ରୀତାଙ୍କ ସ୍ୱାମୀଙ୍କ ଏତଲା ଅନୁଯାୟୀ ବରଗଡ଼ ସଦର ଥାନାରେ ଯଥାକ୍ରମେ ୨ଟି ଅପମୃତ୍ୟୁ ମାମଲା (ନଂ.୨୩/୧୯ ଓ ନଂ.୨୪/୧୯) ରୁଜୁ ହୋଇଛି ବୋଲି ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା କହିଛନ୍ତି । ତେବେ ସେମାନଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପ୍ରାଥମିକ ତଦନ୍ତ ତଥା ପାରିପାର୍ଶ୍ୱିକ ସ୍ଥିତିରୁ ସେମାନେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି ବୋଲି ଥାନା ଅଧିକାରୀ ବେହେରା କହିଛନ୍ତି। ବରଗଡ଼ ଏସପି ପଦ୍ମିନୀ ସାହୁ ଶନିବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ସେହିପରି ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ଼ ମଧ୍ୟ ସେଠାକୁ ଯାଇଥିଲେ। ଘଟଣାସ୍ଥଳରେ ପଲିଥିନରେ ରହିଥିବା ଏକ ଫ୍ରୁଟି ଡବା ମିଳିଥିଲା ଏବଂ ସେଥିରେ କିଛି କୀଟନାଶକ ରହିଥିବା ସାଇଣ୍ଟିଫିକ୍ ଟିମ୍ ଦେଖିବାକୁ ପାଇଥିଲେ। ଫଳରେ କୀଟନାଶକ ମିଶ୍ରିତ ଫ୍ରୁଟି ପିଇ ଉଭୟେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି । ପ୍ରକାଶଥାଉକି, କଜିଲିବିଜିଲି ପାହାଡ଼କୁ ପିକ୍‌ନିକ୍‌ରେ ଆସିଥିବାବେଳେ ଶୁକ୍ରବାର କିଛି ଲୋକ ସେଠାରେ ଉକ୍ତ ଯୁବତୀ, ଯୁବକଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସୂଚନା ପାଇ ସେଠାକୁ ପୋଲିସ ପହଞ୍ଚିଥିଲା ।

## ଝାରବନ୍ଧରେ ତୁଷାରପାତ

**ଝାରବନ୍ଧ, ୨୮।୧୨ (ଡି.ଏନ.ଏ)**

ବରଗଡ଼ ଜିଲା ଝାରବନ୍ଧ ଅଞ୍ଚଳରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଏ ଅଞ୍ଚଳରେ ସରକାରୀ ଭାବେ ଶୀତ ମାପ ସୁବିଧା ନ ଥିଲେ ମଧ୍ୟ ୪ ରୁ ୫ ଡିଗ୍ରୀ ସେଲସିୟସ ପାରଦ ଖସିଥିବା ଅନୁମାନ କରାଯାଉଛି । ଶନିବାର ସକାଳେ ଅଞ୍ଚଳରେ ତୁଷାରପାତ ହୋଇଛି । ଝାରବନ୍ଧ ଅଞ୍ଚଳର ଡଭା, ଭଣ୍ଡାରପୁରୀ, ଜଗଦଲପୁର, ବିଳାସପୁର ଗାଁ ମାନଙ୍କରେ ଏପରି ଦେଖାଯାଇଛି । ଦୁଇ ଦିନ ତଳେ ସାମାନ୍ୟ ବର୍ଷା ପାଗ ଥିବା ବେଳେ ହଠାତ ତୁଷାରପାତ ହୋଇଛି । ଆଜି ଦିନ ସାରା ସୁଲୁସୁଲିଆ ପବନ ଲାଗି ରହିଥିଲା। ଝାରବନ୍ଧ ଅଞ୍ଚଳରେ ଖରା ଓ ବର୍ଷା ବିଗତ ଦିନମାନଙ୍କରେ ବେଶୀ ହୋଇଛି । ହେଲେ ଶୀତ ଏପରି ହୋଇ ନ ଥିବା ଚର୍ଚ୍ଚା ହେଉଛି ।

**ବରଗଡ଼ ଜିଲାର ବିଭିନ୍ନ ବ୍ଲକରେ କ୍ରୀଡା ପ୍ରତିଯୋଗିତା**

## କ୍ରିକେଟ: ବ୍ଲୁ ଡାଇମଣ୍ଡ ବରଗଡ଼ ବିଜୟୀ

**ଭେଡ଼େନ, ୨୮।୧୨(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ରେମଣ୍ଡାରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତାର ଶନିବାର ମ୍ୟାଚରେ ସୋହେଲା ଏକାଦଶ ଜେସିସିସି ସମ୍ବଲପୁର ଦଳକୁ ୪ ଉଇକେଟରେ ହରାଇ ବିଜୟୀ ହୋଇଛି। ଟସ ହାରି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ଦଳ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ କରିଥିଲା। ଜବାବରେ ସୋହେଲା ଏକାଦଶ ୧୮.୨ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ରାଜୁ ମିଶ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଖେଳାଳି ସଂଗ୍ରାମ ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଅମ୍ପାୟାର ଏକାଦଶିଆ ହଟେଇ ଓ ସୁକୁମାର ଶତପଥି ପରିଚାଳନା କରିଥିବା ବେଳେ ବିନାୟକ ମେହେର ଓ ଛାୟାକାନ୍ତ ମେହେର ସ୍କୋରର, ଦୁଷ୍ମନ୍ତ ଶତପଥି, ପ୍ରଭଞ୍ଜନ ଶତପଥି ଧାରା ବିବରଣୀ ପ୍ରଦାନ କରିଥିଲେ । ରବିବାର ଏଏଫସିସି ବଲାଙ୍ଗୀର ଓ କେସିଏ କୁମ୍ଭାରୀ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ଫୁଟବଲ: ଜଟଣୀ, ଝାଡଖଣ୍ଡ, ବରପାଲି, କୁଚିଣ୍ଡା ବିଜୟୀ

**ଗାଇସିଲେଟ, ୨୮।୧୨ (ଡି.ଏନ.ଏ)**

ଗାଇସିଲେଟ ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମରେ ସ୍ୱର୍ଗତ ଗୌନ୍ତିଆ ତଥା ଭୂତପୂର୍ବ ବିଧାୟକ ବୀରେନ୍ଦ୍ର କୁମାର ସାହୁଙ୍କ ସ୍ମୃତିରେ ୧୪ତମ ଦ୍ୱି ଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ପୂର୍ବତନ ଏମ୍‌ପି ଡ. ପ୍ରଭାସ କୁମାର ସିଂ ଖେଳ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସରପଞ୍ଚ ସରୋଜ ଭୂଷଣ ସାହୁ, ଚାଷୀ ନେତା କିଶୋର ଦେବତା, ସମିତି ସଭ୍ୟ ପୂର୍ଣ୍ଣାନନ୍ଦ ବାରିକ, ପୂର୍ବତନ ସରପଞ୍ଚ ସଞ୍ଜୀବ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଦିବସରେ ଖୋର୍ଦ୍ଧା ଜିଲା ଜଟଣୀ ସହିତ ବୁରୋମୁଣ୍ଡା ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ପରେ ଝାଡଖଣ୍ଡ ବାଇପାସ ସହିତ ବଲାଙ୍ଗୀର ଜଗନ୍ନାଥ କ୍ଲବ, ଫୁଲବାଣୀ ସହିତ ବରପାଲି କଦଳୀପାଲି ଏବଂ କୁଚିଣ୍ଡା ମହାବୀର କ୍ଲବ ସହିତ ସୋନପୁର ବିଏସ୍‌ଏଫ ମ୍ୟାଚ୍ ହୋଇଥିଲା। ଏହି ସବୁ ମ୍ୟାଚ୍‌ରେ ଜଟଣୀ, ଝାଡଖଣ୍ଡ ବାଇପାସ, ବରପାଲି କଦଳୀପାଲି ଏବଂ କୁଚିଣ୍ଡା ମହାବୀର କ୍ଲବ ବିଜୟୀ ହୋଇଥିଲେ ।



ଅତିଥିମାନେ ଖେଳର ଶୁଭାରମ୍ଭ କରୁଛନ୍ତି ।

## ମୁର୍ହାପାଲି ଫୁଟବଲ: ତେତେଲଖୁଟି ବିଜୟୀ

**ପଦ୍ମପୁର, ୨୮।୧୨ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ପୁରେନା ଗ୍ରାମପଞ୍ଚାୟତ ମୁର୍ହାପାଲିରେ ୫ମ ଶ୍ରୀ ଶ୍ରୀ ବୁଢ଼ାଦେଓ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ତେତେଲଖୁଟି ଓ କୋକନରା ମଧ୍ୟରେ ହୋଇ ୧-୦ ଗୋଲରେ ତେତେଲଖୁଟି ଦଳ ବିଜୟୀ ହୋଇଥିଲା । ରୀନୁ ଭୋଇ ଶ୍ରେଷ୍ଠ ଖେଳାଳି ମନୋନିତ ହୋଇଥିଲେ। ସୁଜିତ ରାଜହଂସ, ଦୀପକ ରାଜହଂସ, ଭବାନୀ ମାଝୀ, ନାଗ ଦାନୀ ଖେଳ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ସରପଞ୍ଚ ଡିଲେଶ ସିଦାର ସଭାପତିତ୍ୱ କରିଥିବା ବେଳେ ଭୋଜରାଜ ସିଂ ବରିହା ମୁଖ୍ୟଅତିଥି, ଅମରେଶ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ମୁଖ୍ୟଅତିଥି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ । ସ୍ଥାନୀୟ ବୀର ବଜରଙ୍ଗ ବଳୀ ସ୍ପୋର୍ଟିଂ ଅନୁଷ୍ଠାନ ସଦସ୍ୟମାନେ ସହଯୋଗ କରିଥିଲେ ।

## ନକଲି ଇସିରେ ଜମି କାରବାର, ୪ ଅଟକ

**ଭଟଲି, ୨୮।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ତହସିଲ ଅଞ୍ଚଳରେ ନକଲି ଇସି ଓ ପଟ୍ଟାରେ ଜମି କାରବାର ଚାଲିଥିବା ଅଭିଯୋଗ ହୋଇଛି । ଶନିବାର ଘଟଣାର ପର୍ଦ୍ଦାଫାଶ କରିଛନ୍ତି ଖୋଦ ଭଟଲି ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ରାମକୃଷ୍ଣ ମିଶ୍ର। ଶୁକ୍ରବାର ଅଫିସରେ ଜମି ରେଜେଷ୍ଟ୍ରି ଚାଲିଥିବା ବେଳେ ଦସ୍ତଖତରେ ଟାମ୍ପରିଂ ହୋଇଥିବା ମାଜିଷ୍ଟ୍ରେଟଙ୍କ ନଜରକୁ ଆସିଥିଲା । ସେହି କାଗଜାତ ଗୁଡ଼ିକ ପରେ ପୂର୍ବ ଜମିଜମା କାଗଜ ସହ ନ ମିଶିବାରୁ ତହସିଲଦାର ଏ ନେଇ କ୍ରେତା ଓ ବିକ୍ରେତାଙ୍କୁ ଡାକି ପଚାରାଉଚୁରା କରିବା ସହିତ ଭଟଲି ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାରେ ସମ୍ପୃକ୍ତି ସନ୍ଦେହରେ ୪ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି । ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୨୧୯/୧୯) ରୁଜୁ ହୋଇଛି ।

ସୂଚନା ଅନୁସାରେ, ଭଟଲି ତହସିଲ ଅନ୍ତର୍ଗତ ସୁକୁଡ଼ା ରାଜସ୍ୱ ଗ୍ରାମର ସୁକୁଡ଼ା ଗ୍ରାମର ଅଭ୍ୟାଗତ ଉନସନାଙ୍କ ଚାଷ ଜମି ଶୁକ୍ରବାର ଭଟଲି ତହସିଲରେ ବିକ୍ରି ପାଇଁ ରେଜିଷ୍ଟ୍ରି ହେଉଥିଲା। ଏହି ସମୟରେ ଇସିରେ ଦସ୍ତଖତ ଜାଲିଆତି ହୋଇଥିବା ତହସିଲଦାର ସନ୍ଦେହ କରିଥିଲେ । ପରେ ସେ ରେଜିଷ୍ଟ୍ରିକୁ ସ୍ଥଗିତ ରଖିବା ସହିତ ପୂର୍ବ ରେକର୍ଡ଼ ଗୁଡ଼ିକୁ ଖୋଳତାଡ଼ କରିଥିଲେ। ଏହାପରେ କ୍ରେତା ଓ ବିକ୍ରେତାଙ୍କୁ ଡାକି ପଚରାଉଚୁରା କରି ଘଟଣାର ସତ୍ୟତା ଜାଣିପାରି ଭଟଲି ତହସିଲଦାର ଥାନାରେ ଲିଖିତ ଏତଲା ଦେଇଥିଲେ । ଏହି ଘଟାରେ ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ରଞ୍ଜିତ ନାୟକ ପ୍ରକାଶ କରିଛନ୍ତି ।

## ସିଏନଆଇ ଚର୍ଚ୍ଚରେ ନୃତ୍ୟ ପ୍ରତିଯୋଗିତା

**ବରଗଡ଼ ଅଫିସ୍,୨୮।୧୨**

ବରଗଡ଼ ଗାନ୍ଧୀନଗରସ୍ଥିତ ସିଏନଆଇ ଚର୍ଚ୍ଚରେ ବଡ଼ଦିନ ପାଳନ ଅବସରରେ ଶୁକ୍ରବାର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଧାର୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଝିଅପୁଅ ଅଂଶଗ୍ରହଣ କରିଥିଲେ । ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ମୁଖ୍ୟଅତିଥି ଏବଂ ହାସ୍ୟକବି ଦେବେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଭୁଙ୍କ ଶାନ୍ତି, ପ୍ରେମର ବାର୍ତ୍ତା ଶୁଣାଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଗୀତା ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୁମୁଦିନୀ ବାଗ ବାକ୍ୟ ପରିବେଷଣ କରିଥିଲେ। ସିଏନଆଇ ଚର୍ଚ୍ଚର ସମ୍ପାଦକ ଚନ୍ଦ୍ରଶେଖର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ରେଭେରେନ ଏସ. ଗ୍ରାଭିଏଲ (ଆମେରିକା)ଙ୍କ ଆଶିଷ ପ୍ରାର୍ଥନା ପରେ ପ୍ରାର୍ଥନା ସଭା ଉଦ୍‌ଯାପିତ ହୋଇଥିଲା ।



କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଅତିଥିବୃନ୍ଦ ।

## ସାଇକେଲ ରାଲିରେ ଶିକ୍ଷା ସଚେତନତା ବାର୍ତ୍ତା

**ବରପାଲି, ୨୮।୧୨ (ଡି.ଏନ.ଏ)**

ଶିକ୍ଷାର ପ୍ରସାର ଓ ପରିବେଶ ସ୍ୱଚ୍ଛତା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଶୁକ୍ରବାର ସମ୍ବଲପୁରରୁ ଶତାଧିକ ଉତ୍ସାହୀ ଯୁବକ ସାଇକେଲ ଯୋଗେ ବଲାଙ୍ଗୀର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ବାଟରେ ବରପାଲି ତହସିଲ ଛକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବିଧାୟିକା ରୀତା ସାହୁ, ଓକିଲ ସଂଘ ସଭାପତି ତାରାପଦ ତ୍ରିପାଠୀ, ବଣିକ ସଂଘ ସଭାପତି ନନ୍ଦଲାଲ ସାହୁଙ୍କ ସମେତ ବହୁ ଓକିଲ, ଖବରଦାତା ଓ ସ୍ଥାନୀୟ ଯୁବ ଗୋଷ୍ଠୀଙ୍କ ଉପସ୍ଥିତିରେ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।




ଯୁବକମାନେ ସାଇକେଲ ଶୋଭାଯାତ୍ରାରେ ଯାଉଛନ୍ତି ।

## ସେମିରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ

**ପାଇକମାଳ, ୨୮।୧୨ (ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ କ୍ରିକେଟ ସିଲଭର ଜୁବୁଲି ଗ୍ରୁପ-ବି ପର୍ଯ୍ୟାୟରେ ଡିଏସଏ କ୍ରିକେଟ ଆସୋସିଏଶନ କାକିନାଡା ଓ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଅତିଥି ଭାବେ ସୌଦାଗର ସାହୁ ଯୋଗଦେଇ ଉଦଘାଟନ କରିଥିଲେ। ଟି-୨୦ରେ ଇଷ୍ଟକୋଷ୍ଟ ରେଲୱେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୨୫୦ ରନ ସଂଗ୍ରହ କରିଥିଲା। ଜବାବରେ କାକିନାଡା ଦଳ ସମସ୍ତ ଉଇକେଟ ହରାଇ ୧୦୨ ରନ କରି ପରାଜିତ ହୋଇଥିଲା।

ସେହିପରି ଟି-୧୦ରେ କାକିନାଡା ଦଳ ପ୍ରଥମ ବ୍ୟାଟିଂ କରି ୮ ଉଇକେଟ ହରାଇ ୪୦ ରନ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା ଦଳ ୧୦ ଉଇକେଟରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଅମ୍ପାୟାର ସଚ୍ଚିଦାନନ୍ଦ ପଣ୍ଡା ଓ ସଞ୍ଜୟ ନାୟକ ଖେଳ ପରିଚାଳନା କରିଥିଲେ । ଆକାଶ ସାହୁ ଓ ଶ୍ରୀତମ ପୃଷ୍ଟି ସ୍କୋରର ଥିବା ବେଳେ ପ୍ରହ୍ଲାଦ ଭୋଇ ଓ ରମେଶ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଶିକ୍ଷକ କୁଳେଶ୍ୱର ସାହୁ ଓ ଆୟୋଜକ କମିଟି ସଭାପତି ପ୍ରଶାନ୍ତ ସାହୁ ଯୋଗଦେଇ ଖୋର୍ଦ୍ଧାର ପ୍ରଶାନ୍ତ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଦେଇ ପୁରସ୍କୃତ କରିଥିଲେ। ରବିବାର ଜାମସେଦପୁର ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହେବ ବୋଲି କମିଟି ଉପଦେଷ୍ଟା ପତିତପାବନ ସାହୁ ସୂଚନା ଦେଇଛନ୍ତି ।




କୃତୀ ଦଳକୁ ପୁରସ୍କୃତ କରାଯାଉଛି ।

■ ଅନ୍ତରାଡି ସ୍କୁଲର ହୀରକ ଜୟନ୍ତୀ ସମାରୋହ

## ଶିକ୍ଷା ହିଁ ବିକାଶର ମୂଳଦୁଆ: ଶ୍ରମମନ୍ତ୍ରୀ

**ଅମ୍ବାଭୋନା, ୨୮।୧୨ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କପାଶିରା ଗ୍ରାମପଞ୍ଚାୟତ ଅନ୍ତରାଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଶନିବାର ହୀରକ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଉଦଘାଟନୀ ସମାରୋହରେ କପାଶିରା ସରପଞ୍ଚ ବିଷ୍ଣୁ ପଧାନ ଅଧ୍ୟକ୍ଷତା କରିଥିବା ବେଳେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ବିକାଶର ମୂଳଦୁଆ ବୋଲି ମତ ରଖିଥିଲେ। ଅମ୍ବାଭୋନା ତହସିଲଦାର ସଦାକର କୁମାର ଅପରାହ୍ନରେ ଆୟୋଜିତ ଉଦଯାପନୀ ସମାରୋହରେ ଲରମ୍ବା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ନେପାଳ ପଧାନ, ବ୍ଲକ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଫକୀର ପଧାନ, ଭୁକ୍ତା ସିଏଚସି ଡାକ୍ତର ହିତାକାଂକ୍ଷୀ ପଧାନ, ପ୍ରାଣୀଧନ ନିରୀକ୍ଷକ ନରେନ୍ଦ୍ର ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଫକୀର ମୋହନ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଧାନ, ସରପଞ୍ଚ ବିଷ୍ଣୁ ପଧାନ, ସ୍କୁଲ ଅଧ୍ୟକ୍ଷ ସଦାନନ୍ଦ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଏକ ବ୍ୟଙ୍ଗ ସମ୍ମିଳନୀ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



ହୀରକ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ।

ଏହି ସଭାରେ ମୁଖ୍ୟବକ୍ତା, ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପଧାନ, ବ୍ଲକ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅଧ୍ୟକ୍ଷା ନୀଳକୁମାରୀ ନାୟକ, ଉପାଧ୍ୟକ୍ଷ ଠାକୁରରାମ ପଟେଲ, ବ୍ୟଙ୍ଗକବି ନୀତିଶ ଆଚାର୍ଯ୍ୟ, ଗୌନ୍ତିଆ ପ୍ରଦୀପ ସିଂଦେଓ, ପ୍ରଧାନଶିକ୍ଷକ ଭାବଗ୍ରାହୀ ମାଳି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



# ପ୍ରସୂତିଙ୍କଠାରୁ ଲାଞ୍ଚ ନେଉଛନ୍ତି ନର୍ସ

- ଅଭିଯୋଗ ଆଣିଲେ ପରିବାରବର୍ଗ
- ସିଡିଏମ୍‌ପିଏଚ୍‌ଓଙ୍କ ନେତୃତ୍ୱରେ ତଦନ୍ତ କରୁଛନ୍ତି ୩ ଜଣିଆ ଟିମ୍
- ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ

**ସୋନପୁର,୨୮।୧୨(ନି.ପ୍ର.)**

ଦୁର୍ନୀତି ରୋକିବା ପାଇଁ ରାଜ୍ୟ ସରକାର ୫-ଟି, ମୋ ସରକାର ଭଳି ଯୋଜନା କରୁଛନ୍ତି। ସ୍ୱାସ୍ଥ୍ୟବିଭାଗକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି। ଏହି ସବୁ ପରେ ବି ଦୁର୍ନୀତି ବୃଦ୍ଧି ପାଉଛି। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ବିଭାଗରେ ଖୁଲମ୍‌ଖୋଲା ଦୁର୍ନୀତି ଚାଲିଥିବା ଅଭିଯୋଗ ହୋଇଛି। ବିଭାଗର ଦୁଇ ଜଣ ନର୍ସ ଲାଞ୍ଚ ମାଗୁଛନ୍ତି। ଲାଞ୍ଚ ନ ଦେଲେ ସେମାନଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯିବ ବୋଲି ଚେତାବନୀ ଦିଆଯାଉଥିବା ପ୍ରସୂତିଙ୍କ ପରିବାରବର୍ଗ ଶନିବାର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ପିଏଚ୍‌ଓ) ଡାକ୍ତର ଦିଲୀପ କୁମାର ପଣ୍ଡାଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ସିଡିଏମ୍‌ପିଏଚ୍‌ଓ ଡାକ୍ତର ପଣ୍ଡା, ଏଡିଏମ୍‌ଓ ପରିବାର କଲ୍ୟାଣ ଡାକ୍ତର ଦୈତ୍ୟନାରାୟଣ ପାଢୀ ଓ ଏଡିଏମ୍‌ଓ ମେଡିକାଲ ଡାକ୍ତର ପ୍ରମୋଦ ବିଶ୍ୱାଳ ପ୍ରସୂତି ବିଭାଗକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ଲାଞ୍ଚ କିଏ ନେଇଛି ସେ ସମ୍ପର୍କରେ ପ୍ରସୂତିଙ୍କ ପରିବାରବର୍ଗଙ୍କ ସହିତ ଆଲୋଚନା କରିଛନ୍ତି। ନର୍ସ କିମ୍ବା ସଫେଇ କର୍ମଚାରୀ(ସୁଇପର) ଲାଞ୍ଚ ନେଇଛନ୍ତି ତାହା ରବିବାର ସ୍ପଷ୍ଟ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ରାତିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ପ୍ରସୂତିଙ୍କର ପ୍ରସବ ହୋଇଥିଲା। ବୌଦ୍ଧ ଜିଲା ପଲସାଗୋରା ନିକଟସ୍ଥ ସୁଲିଆ ଗାଁର ସୁନିତା ବାଘଙ୍କର ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ସୁନିତାଙ୍କୁ ଶନିବାର ସକାଳେ ସ୍ୱାସ୍ଥ୍ୟକନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ପ୍ରସୂତି ବିଭାଗରେ ଧଳା ଶାଢୀ ପରିଧାନ କରିଥିବା ଜଣେ ମହିଳା ୧ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତାଙ୍କୁ ୫୦୦ ଟଙ୍କା ଲାଞ୍ଚ ଦେଇଥିବା ପ୍ରସୂତିଙ୍କ ସ୍ୱାମୀ ରମେଶ ବାଘ ଅଭିଯୋଗ କରିଛନ୍ତି। ସେହିପରି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗୁରୁପଙ୍ଗା ଗ୍ରାମର ଧରଣୀ ଡାଙ୍ଗଙ୍କର ଘରେ ପିଲା ଜନ୍ମ ହୋଇଥିଲା। ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାମୀ ଗୋପାଳଙ୍କ ଠାରୁ ପ୍ରସୂତି ବିଭାଗର ଜନୈକ ମହିଳା ୫୦୦ଟଙ୍କା ଲାଞ୍ଚ ମାଗିଥିଲେ। ସେ ଗରିବ ଲୋକ ହୋଇ ଥିବାରୁ ୩୦୦ଟଙ୍କା ଦେବାକୁ ସକ୍ଷମ ହୋଇଥିଲେ। ବୀରମହାରାଜପୁର ବ୍ଲକ କୁମରସିଂହାର ବାବି କୁଅଁରଙ୍କର ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କନ୍ୟାସନ୍ତାନ ଜନ୍ମ ହୋଇଥିଲା। ପ୍ରସୂତିଙ୍କ ସ୍ୱାମୀ ପ୍ରମୋଦଙ୍କୁ ସମ୍ପୃକ୍ତ ନର୍ସ କୁଆଡେ ୧୦୦୦ଟଙ୍କା ଲାଞ୍ଚ ମାଗିଥିଲେ। ସେ ୫୦୦ଟଙ୍କା ଦେଇଥିଲେ। ଛେଳି ବିକ୍ରି କଲେ ବାକି ୫୦୦ଟଙ୍କା ଦେବେ ବୋଲି ନେହୁରା ହୋଇଥିଲେ। ଏ ସମ୍ପର୍କରେ ସୂଚନା ପାଇ ଭଜପା ନେତା ଇଂ.ରଘୁନାଥ ଜଗଦଲା, ରାମଶଙ୍କର ଭୋଇ, ଜ୍ୟୋତି ତ୍ରିପାଠୀ, ସୁରୁବାବୁ ସାହୁ, ଗିରିଗୋବର୍ଦ୍ଧନ ଥନାପତି ଓ ସୁକାନ୍ତ ସାହୁ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ହୋହଲ୍ଲା କରିଥିଲେ। ପ୍ରସୂତିଙ୍କ ଆତ୍ମୀୟସ୍ୱଜନଙ୍କ ସହିତ ସିଡିଏମ୍‌ପିଏଚ୍‌ଓଙ୍କ ନିକଟକୁ ଯାଇ ଆଲୋଚନା କରି ଲିଖିତ ଦାବି ଜଣାଇଥିଲେ। ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ।



ପ୍ରସୂତିଙ୍କ ଆତ୍ମୀୟ ଓ ଭାଜପା ନେତା ସିଡିଏମ୍‌ପିଏଚଓଙ୍କ ସହିତ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### କ୍ରିକେଟ: ପଦ୍ମନପୁର ବିଜୟୀ

**ଜହ୍ନାପଙ୍କ, ୨୮।୧୨ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଜହ୍ନାପଙ୍କ ମେଡିକାଲ ପଡିଆରେ ଚାଲିଥିବା ଜହ୍ନାପଙ୍କ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅଷ୍ଟମ ଦିବସରେ ବ୍ରାହ୍ମଣୀପାଲି ଓ ପଦ୍ମନପୁର ମଧରେ ମ୍ୟାଚ୍ ହୋଇଥିଲା। ବ୍ରାହ୍ମଣୀପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୨.୧ ଓଭରରେ ସମସ୍ତ ଉଇକେଟ ହରାଇ ୮୭ ରନ କରିଥିଲା। ଜବାବରେ ପଦ୍ମନପୁର ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୮୮ ରନ କରି ବିଜୟୀ ହୋଇଥିଲା। ଆଜିର ମ୍ୟାଚକୁ ବିପିନ ରଣା ଓ ଅମିତ ପ୍ରଧାନ ପରିଚାଳନା କରିଥିବା ବେଳେ ପିଣ୍ଟୁ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଶାନ୍ତନୁ ଜେନା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

### କ୍ରିକେଟ: ଫାଇନାଲରେ କନ୍ଧମାଳ, ଭୁରାଡ଼

**ମନମୁଣ୍ଡା, ୨୮।୧୨ (ଡି.ଏନ.ଏ)** କନ୍ଧମାଳ ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତର ଅଇଁଲାଚୁଆଁ ଭଗବତୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ କନ୍ଧମାଳ ୩ ଉଇକେଟ ବିନିମୟରେ ୧୩୯ ରନ କରିଥିଲା ବେଳେ ପ୍ରତିପକ୍ଷ ତିଲେଇମାଳ ଦଳ ୭୫ ରନ କରି ଅଲଆଉଟ ହୋଇଥିଲା। ଫଳରେ କନ୍ଧମାଳ ୬୪ ରନରେ ବିଜୟ ଲାଭ କରିଥିଲା । ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଭୁରାଡ ୧୧ ରନରେ ଗବଯୋର ଦଳକୁ ପରାସ୍ତ କରିଥିଲା। ଭୁରାଡ ୯ ଉଇକେଟରେ ୭୩ ରନ କରିଥିଲା ବେଳେ ଗବଯୋର ୬୨ ରନରେ ସମସ୍ତ ଉଇକେଟ ହରାଇଥିଲା। ଦୁଷ୍ମନ୍ତ ନାଏକ ଓ ତିମାଲୋଚନ ଭୋଇ ଖେଳ ପରିଚାଳନା କରିଥିଲେ । ମ୍ୟାଚରେ କନ୍ଧମାଳ ଆଦିବାସୀ ସଂଘ ସଭାପତି ଡମ୍ବରୁଧର କହଁର ମୁଖ୍ୟଅତିଥି ଓ ସମାଜସେବୀ ରାଜୀବ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରବିବାର କନ୍ଧମାଳ ଓ ଭୁରାଡ ମଧରେ ଫାଇନାଲ ମ୍ୟାଚ୍ ହେବ ।

### ଫୁଟବଲ: ଘଣ୍ଟାପଡ଼ା ସେମିରେ

**ଘଣ୍ଟାପଡା, ୨୮।୧୨ (ଡି.ଏନ.ଏ)** କନ୍ଧମାଳ ହାଇସ୍କୁଲ ଖେଳ ପଡିଆରେ ମାଁ ପାଟଖଣ୍ଡା କ୍ଲବ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି । ଉଦଘାଟନୀ ମ୍ୟାଚରେ ଏସଏସ ସ୍ପୋର୍ଟିଂ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚରେ ବରଗଡ ଭେଡନ ଓ ପୁରୁଣାକଟକ ମଧରେ ଖେଳ ହୋଇଥିଲା । ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ଜରିଆରେ ଭେଡେନ ୭-୬ ଗୋଲରେ ବିଜୟୀ ହୋଇ ଏସଏସ ସ୍ପୋର୍ଟିଂ ସହିତ ସେମିଫାଇନାଲ ଖେଳିଥିଲା । ଏହି ମ୍ୟାଚ ମଧ ସଂଘର୍ଷ ପୂର୍ଣ୍ଣ ହୋଇ ନିର୍ଦ୍ଧାରିତ ସମୟ ମଧରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରରେ ଭେଡେନ ୧-୨ରେ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା । ଏସଏସ ସ୍ପୋର୍ଟିଂ ପ୍ରଥମ ଦଳ ଭାବେ ଫାଇନାଲରେ ପହଞ୍ଚିଛି । ରବିବାର ଫାଇନାଲ ମ୍ୟାଚ୍ ହେବ । ଟୁର୍ନାମେଣ୍ଟରେ ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି, ଶିକ୍ଷାବିତ୍ ନୀଳାଞ୍ଚଳ ଭୋଇ, ସୁଶାନ୍ତ ମାଝୀ, ଦିବାକର ମିଶ୍ର, ସମାଜସେବୀ ଶରତ ରଣା, ଏଲି କଅଁର, ଅଶୋକ ସାହୁ, ପଣ୍ଡିତ ଚନ୍ଦ୍ରେଶ୍ୱର ପାଣିଗ୍ରାହୀ, ଅଗସ୍ତି ମଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

### ବକୁଳ ଅମାବାସ୍ୟା ଯାତ୍ରା ପାଳିତ

**ବୌଦ୍ଧ,୨୮।୧୨(ସ୍ୱ.ପ୍ର):** ହରଭଙ୍ଗା ବ୍ଲକ ତିଲେଶ୍ୱର ଗ୍ରାମପଞ୍ଚାୟତର ମାଣିକପୁର ଗ୍ରାମରେ ବକୁଳ ଅମାବାସ୍ୟା ଯାତ୍ରା ପାଳିତ ହୋଇଛି । ଯାତ୍ରା ଦିନ ଗ୍ରାମବାସୀ ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ବସାଇ ଗାଁ ପରିକ୍ରମା କରିଥିଲେ । ଏହି ଅବସରରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି, ପ୍ରଶାନ୍ତ ଭୋକ୍ତା, ଶଙ୍କର ଝାଙ୍କର, ଲୋକନାଥ ବାରିକ, ପ୍ରଫୁଲ୍ଲ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପରେ ସାମାଜିକ ନାଟକ ପରିବେଷିତ ହୋଇଥିଲା। ଯାତ୍ରା ପରିଚାଳନା କମିଟି ସଭାପତି ନାରାୟଣ ଦାସ, ସମ୍ପାଦକ କମ୍ପୁଚରଣ ନାଏକ, ଅରୁଣ ନାଏକ, ମାନସ ଅମାତ, ଉଦୟ ଭୋକ୍ତା, ଗଣେଶ ପ୍ରଧାନ ସହଯୋଗ କରିଥିଲେ ।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବାଉଁଶୁଣୀ, ୨୮।୧୨ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଜୟ ବଜରଙ୍ଗବଳୀ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ବହିରା ହାଇସ୍କୁଲର ବରିଷ୍ଠ ଶିକ୍ଷକ ଦେଶବନ୍ଧୁ ମହାକୁଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉଦଯାପନୀ ଉତ୍ସବରେ ସରପଞ୍ଚ ପୁଷ୍ପାଞ୍ଜଳି ମେହେର ମୁଖ୍ୟଅତିଥି, ଇଂ. ରାକେଶ ତ୍ରିପାଠୀ, ଜିଲା ଯୁବ ମୋର୍ଚ୍ଚା ସଭାପତି ସୁଶାନ୍ତ ବାଘ, ସମିତି ସଭ୍ୟା ପ୍ରତିନିଧି ସଞ୍ଜୀବ ମେହେର, ବିଶ୍ୱମୋହନ ନାୟକ, ବରିଷ୍ଠ କ୍ରୀଡାବିତ ଜୟନ୍ତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏଥିରେ ବହିରା ଦଳକୁ ପଞ୍ଚରା ଦଳ ୨-୦ ଗୋଲରେ ପରାଜିତ କରି ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା। ତାପସ ଭୁକ୍ତା, ପ୍ରହଲ୍ଲାଦ ଭୁକ୍ତା ଓ ପ୍ରଭାସ ଚନ୍ଦ୍ର ରଥ ଖେଳ ପରିଚାଳନା କରିଥିଲେ। ଯଜାତି କେଶରୀ ମହାଲିକ, ନବକିଶୋର ଡାଙ୍ଗ, ସୁଶାନ୍ତ ଗାଇଗୌରିଆ, ସ୍ୱାଧୀନ ବାଘ, ନରେଶ ସାହୁ, କୈଳାଶ ନାଏକ, କୁଲୁ ଡାଙ୍ଗ ସହଯୋଗ କରିଥିଲେ। ବିଜୟୀ ଦଳକୁ ତିନି ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ଦୁଇ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ବିଶ୍ୱମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ସୁରକ୍ଷା, ନିର୍ମାଣ ଶ୍ରମିକ ହିତାଧିକାରୀ ଚିହ୍ନଟ ପାଇଁ ପ୍ରସ୍ତୁତି

**ସୋନପୁର,୨୮।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ପ୍ରତି ପଞ୍ଚାୟତରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀ ଓ ନିର୍ମାଣ ଶ୍ରମିକ ଯୋଜନାର ହିତାଧିକାରୀଙ୍କୁ ଚିହ୍ନଟ ନିମନ୍ତେ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଆସନ୍ତା ଜାନୁୟାରୀ ୭ ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଜିଲାର ୬ଟି ବ୍ଲକର ସମସ୍ତ ପଞ୍ଚାୟତରେ ଏହି ସମସ୍ତ ଯୋଜନାର ହିତାଧିକାରୀ ମାନଙ୍କୁ ଚିହ୍ନଟ କରାଯିବ। ସମ୍ପୃକ୍ତ ବ୍ଲକର ବିଡିଓଙ୍କ ଦ୍ୱାରା ଏହି ଚିହ୍ନଟ କାର୍ଯ୍ୟକ୍ରମ ଆୟୋଜିତ ହେବ। ମଧୁବାବୁ ପେନସନ ଯୋଜନା, ଜାତୀୟ ସାମାଜିକ ସହାୟତା ଯୋଜନା, ବାଣିଶ୍ରୀ ଛାତ୍ର ବୃତ୍ତି ଯୋଜନା ତଥା ଭିକ୍ଷୁକ, ତୃତୀୟ ଲିଙ୍ଗ, ଭିନ୍ନକ୍ଷମଙ୍କ ପାଇଁ ବିବାହ ପ୍ରୋତ୍ସାହନ ଆଦି ଯୋଜନାର ସୁବିଧା ପାଇଁ ଲୋକେ ଏହି ଶିବିରରେ ନିଜ ନାମ ଅନ୍‌ଲାଇନରେ ଆବେଦନ କରିପାରିବେ। ଆବଶ୍ୟକୀୟ କାଗଜପତ୍ର ମଧ୍ୟ ଅପଲୋଡ କରିପାରିବେ। ଭିନ୍ନକ୍ଷମଙ୍କ ପାଇଁ ସହାୟକ ଉପକରଣ ତଥା କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରତିରୋପଣ ପାଇଁ ମଧ ହିତାଧିକାରୀ ଚିହ୍ନଟ କରାଯିବ। ଭିକ୍ଷୁକ ଓ ତୃତୀୟ ଲିଙ୍ଗ ବ୍ୟକ୍ତିଙ୍କ ସନ୍ତାନମାନଙ୍କ ନିମନ୍ତେ ଶିକ୍ଷା ବୃତ୍ତି ପାଇଁ ହିତାଧିକାରୀ ଚିହ୍ନଟ କରାଯିବ। ଶିବିରରେ ସମ୍ପୃକ୍ତ ପଞ୍ଚାୟତରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକମାନଙ୍କୁ ଉପସ୍ଥିତ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍‌ଲାଇନ ଆବେଦନ ସହିତ ଭତ୍ତା ପାଉଥିବା ହିତାଧିକାରୀଙ୍କ ଆଧାର କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ସଂଗ୍ରହ କରାଯିବ। ପଞ୍ଚାୟତ ସ୍ତରରେ ଥିବା ସମସ୍ତ ବର୍ଗର ଶ୍ରମିକ ଯଥା ନିର୍ମାଣ ଶ୍ରମିକ, ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନେ କିପରି ଭାବେ ପଞ୍ଜୀକୃତ ହୋଇପାରିବେ ଏବଂ ପଞ୍ଜୀକୃତ ହୋଇଥିବା ହିତାଧିକାରୀ ସହାୟତା ପାଇବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। ପଞ୍ଚାୟତସ୍ତରରେ ଆୟୋଜିତ ହେବାକୁ ଥିବା ଶିବିରରେ ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ନୃତ୍ୟ କଳାପରିଷଦର ନୂତନ କମିଟି ଗଠିତ

**ବିନିକା,୨୮।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସହର ଅନ୍ତର୍ଗତ ପାପକ୍ଷୟରେ ବିନିକା ସହରର ପୂର୍ଣ୍ଣମାସୀ ଯୁବକ ସଂଘ ଓ ବ୍ରଜବିହାରୀ ନୃତ୍ୟ କଳାପରିଷଦର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶେଷ ହୋଇଥିବା ଗୋକୁଳାଷ୍ଟମୀ ଯାତ୍ରା ମହୋତ୍ସବ ଏବଂ ଅଞ୍ଚଳର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କଳାପରିଷଦର ନୂତନ କମିଟି ଗଠନ ହୋଇଥିଲା। କମିଟିର ସଭାପତି ଭାବେ ପ୍ରଶନ୍ନ କୁମାର ଦାସ, ଉପସଭାପତି ରାମଚନ୍ଦ୍ର ଦାସ, ସମ୍ପାଦକ ସଞ୍ଜୟ କୁମାର ଦାସ, ସହସମ୍ପାଦକ ପଦ୍ମଲୋଚନ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। କଳାପରିଷଦ କାର୍ଯ୍ୟକାରୀ କମିଟିରେ କୃଷ୍ଣଚନ୍ଦ୍ର ଦାସ, ସୂର୍ଯ୍ୟନାରାୟଣ ଦାସ, ଦେବେନ୍ଦ୍ର କୁମାର ଦାସ , ଅନ୍ତରାମ ଦାସ, ମନୋଜ ଦାସ, ରଞ୍ଜନ ଦାସ, ମାଧବ ଦାସ, ଆଦିତ୍ୟ ଦାସ, ଈଶ୍ୱର ମାହାଣା, ବିଶ୍ୱନାଥ ମାହାଣା, ବିଶ୍ୱବିଜୟ ମାହାଣା ପ୍ରମୁଖ ଉପଦେଷ୍ଟା ଭାବେ ରହିଛନ୍ତି ।



ଅତିଥି ଓ ରେଫେରିଙ୍କ ଗହଣରେ ଉଭୟ ଦଳର ଖେଳାଳି।

- ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

# ବଲାଙ୍ଗୀର, ଝାରସୁଗୁଡ଼ା ମଧରେ ଫାଇନାଲ

**ସୋନପୁର,୨୮।୧୨(ନି.ପ୍ର.)**

ଅଷ୍ଟମ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ବଲାଙ୍ଗୀର ୟୁଥ୍ କ୍ଲବ ଓ ଝାରସୁଗୁଡା ୟୁବି କ୍ଲବ ମଧରେ ରବିବାର ଅନୁଷ୍ଠିତ ହେବ। ରୟାଲ ପଡ଼ିଆରେ ଚାଲିଥିବା ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଝାରସୁଗଡ଼ା ୟୁବି କ୍ଲବ ବିଜୟୀ ହୋଇଛି। ଶନିବାର ଫୁଲବାଣୀ ଏକାଦଶ ଓ ଝାରସୁଗଡ଼ା ମଧରେ ମ୍ୟାଚ ହୋଇଥିଲା। ଝାରସୁଗୁଡା ୧-୦ ଗୋଲରେ ବିଜୟୀ ହୋଇଥିଲା। ଜିଲା ଶ୍ରମ ଅଧିକାରୀ ତିଲେଶ୍ୱର ଖାଖା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ପିୟୁଷ ପଣ୍ଡା, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଦିଲୀପ ପୂଜାହାରୀ, ପିସିସି ସମ୍ପାଦକ ସରୋଜ ପ୍ରଧାନ ଓ ସାମାଜିକକର୍ମୀ ଶ୍ରୀରାମ ସୁନା ଯୋଗଦାନ କରିଥିଲେ। ସୁଦାମ ଜଗଦଲା, ସିଦ୍ଧାର୍ଥ ପାତ୍ର, ରାଜେଶ ଥନାପତି, ସବ୍ୟସାଚୀ ମିଶ୍ର ଓ ପ୍ରଶାନ୍ତ ସେଠୀ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ରାକେଶ ନାଗ ସଭାରେ ଅଧକ୍ଷତା କରିଥିଲେ। ବେଷ୍ଟ ଡିଫେନ୍ସ ଭାବେ ଅଙ୍କୁଶ ପଧାନ, ବେଷ୍ଟ ଗୋଲକିପର ବିଜୟ ସେଠୀ, ବେଷ୍ଟ ମିଡ ଫିଲଡର ଝାରସୁଗୁଡ଼ାର ସରୋଜ ଓରାମ, ବେଷ୍ଟ ଫରୱାର୍ଡ ରାଜେଶ ଓରାମ ଓ ହିରୋ ଅଫ ଦି ମ୍ୟାଚ୍ ଭାବେ ଝାରସୁଗୁଡାର ସୁମିତ ମୁଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିମାନେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଷଣ୍ଢାରେ ବାର୍ଷିକ ଜୟଜଗନ୍ନାଥ ରଙ୍ଗାରଙ୍ଗ ମହୋତ୍ସବ

**ଅମରପାଲି,୨୮।୧୨(ଡି.ଏନ.ଏ.):**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ପଞ୍ଚାୟତର ଷଣ୍ଢା ଗ୍ରାମରେ ୧୦ମ ବାର୍ଷିକ ଜୟଜଗନ୍ନାଥ ରଙ୍ଗାରଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ବାଳିକା ଓ ବାଳକମାନଙ୍କୁ ନେଇ ଜୁନିୟର ଓ ସିନିୟର ବିଭାଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରାୟ ୧୦୩ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରି ନିଜ ପାରଦର୍ଶିତା ଦେଖାଇଥିଲେ। ଅନୁଷ୍ଠାନର ସଭାପତି ଅକ୍ଷୟ ରାଏଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଦୀପ ମେହେର ମୁଖ୍ୟଅତିଥି, ଶିକ୍ଷାବିତ ପଦ୍ମନାଭ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପହାର ଦେଇ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଭକ୍ତରାମ କ୍ଷେତୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଦୀପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ବିଜୟ ପଧାନ, ବିକ୍ରମ ସାହୁ, ସଂକୀର୍ତ୍ତନ୍ୟ ରଣା, ପଞ୍ଚାନନ ସାହୁ, ଅନ୍ତରାମ ଖେତୀ ପ୍ରମୁଖ ଯୋଗଦେଇ ମୂଲ୍ୟାୟନ କରିଥିଲେ। ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପିଙ୍କୁ, ହାକିମ, ଯୋଗେଶ୍ୱର, ରିଙ୍କୁ ଓ ସୁଶାନ୍ତ ସହଯୋଗ କରିଥିଲେ।

# ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ, ଶୋକସଭା

**ଅମରପାଲି,୨୮।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଇନ୍ଦ୍ରବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ଜେନେରାଲ ମ୍ୟାନେଜର ନାରାୟଣ ମେହେରଙ୍କ ମୃତଦେହ ଡିସେମ୍ବର ୨୨ ତାରିଖରେ ମୁଖିଗୁଡା ଟେଲିକମ୍ ଟାୱାର ତଳୁ ଉଦ୍ଧାର ହୋଇଥିଲା। ହେଲେ ପରିବାର ଲୋକେ ତାଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ହତ୍ୟାକାରୀଙ୍କୁ ଗିରଫ ପ୍ରତିବାଦରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମେହେରଙ୍କ ବିୟୋଗରେ ଶନିବାର ସୁବଳୟାରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯାଇଥିଲା। ଏପରି କି ଅପରାହ୍ନରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସେବା ସମବାୟ ସମିତି ସଭାପତି ଲଳିତ ମୋହନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗଙ୍ଗାଧର ମିଶ୍ର, କୃଷ୍ଣ ଚନ୍ଦ୍ର ମେହେର, ହରପ୍ରସାଦ ସାହୁ, ପ୍ରହଲ୍ଲାଦ ଅଗ୍ରୱାଲ, ହୃଷୀକେଶ ମେହେର, ଶେଷଦେବ ବାରିକ ପ୍ରମୁଖ ଉପସ୍ଥିତ ରହି ଶୋକବ୍ୟକ୍ତ କରିଥିଲେ।

# ମା’ ମାଉଲି କ୍ରିକେଟ ଟୁର୍ନାମେଣ୍ଟ: ମୁର୍ଷୁଣ୍ଢୀ ଚାମ୍ପିୟନ

**ଅମରପାଲି, ୨୮।୧୨ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତ ସାହାଜଲଥା ଗ୍ରାମରେ ଚାଲିଥିବା ୧୪ତମ ମା’ ମାଉଲି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କମିରାକୁ ହରାଇ ମୁର୍ଷୁଣ୍ଢୀ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ୩ଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ୧୦ ଓଭରରେ ମୁର୍ଷୁଣ୍ଢୀ ପ୍ରଥମେ ବ୍ୟାଟିଂ କରି ୮୭ ରନ୍ କରିଥିବା ବେଳେ କମିରା ଦଳ ୮.୪ ଓଭରରେ ୮୮ ରନ୍ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ଫର୍ମାଟଟି ୩-୩ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ମୁର୍ଷୁଣ୍ଢୀ ବ୍ୟାଟିଂ କରି ୩୬ ରନ କରିଥିବା ବେଳେ କମିରା ୨୩ ରନ୍ କରି ପରାସ୍ତ ହୋଇଥିଲା। ତୃତୀୟ ଫର୍ମାଟ ସୁପର- ୨ ବିଶିଷ୍ଟ ହୋଇଥିଲା। ଏଥିରେ କମିରା ପ୍ରଥମେ ବ୍ୟାଟିଂ କରି ୨ ଓଭରରେ ୨୨ ରନ୍ କରିଥିବା ବେଳେ ମୁର୍ଷୁଣ୍ଢୀ ୨ ଓଭରରେ ୨୩ ରନ୍ କରି ବିଜୟୀ ହୋଇଥିଲା। ଫଳରେ ମୁର୍ଷୁଣ୍ଢୀ ୨-୧ରେ ବିଜୟୀ ହୋଇ ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଭରତାପୁର ସରପଞ୍ଚ ଦୁଃଖବନ୍ଧୁ ପଧାନ ମୁଖ୍ୟଅତିଥି, କ୍ରୀଡ଼ାବିତ ସୁଦାମ ପଧାନ, ଗଣେଷ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହରିଙ୍କୁ ମ୍ୟାନ ଅଫ୍ ମ୍ୟାଚ ଓ ଗୁରୁଙ୍କୁ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରିବା ସହିତ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ଗଣେଷ ଘିବିଲା, ଆନନ୍ଦ ପଧାନ ପରିଚାଳନା କରିଥିବା ବେଳେ ପ୍ରତାପ ପଧାନ ସ୍କୋରର ଏବଂ ରାକେଶ ପଧାନ ଓ ଜୟାନନ୍ଦ ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟାନ ମୁର୍ଷୁଣ୍ଢୀ ଦଳର ଖେଳାଳିମାନେ।

- ତିଲେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ

# ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା କ୍ଲବ ବିଜୟୀ

**ପୁରୁଣାକଟକ,୨୮।୧୨(ଡି.ଏନ.ଏ)**

ହରଭଙ୍ଗା ବ୍ଲକ ତିଲେଶ୍ୱରରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଗ୍ରୁପ ବି ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା କ୍ଲବ ନୂଆପଡା ସହିତ ଷ୍ଟିଲ ପ୍ଲାଣ୍ଟ ରାଉରକେଲା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚରେ ମହିନ୍ଦ୍ରା ଦଳ ୨-୦ ଗୋଲରେ ରାଉରକେଲାକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ ମୁଖ୍ୟଅତିଥି, ସରପଞ୍ଚ ସୁମନ୍ ଜି ଲାଲ, ବାମଣ୍ଡା ସେବା ସମବାୟ ସମିତି ସମ୍ପାଦକ ମହେଶ କ୍ଷେତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ରେଫରି ଭାବେ ସୁନୀଲ କୁମାର ବେହେରା ଖେଳ ପରିଚାଳନା କରିଥିଲେ। ଶ୍ୟାମସୁନ୍ଦର ଶାହା, ସରୋଜ କୁମାର ମୁନି, ସତ୍ୟନାରାୟଣ ମୁଖି, ରଞ୍ଜନ ଯୋଶୀ ଲାଇନ୍ସ ମ୍ୟାନ ଦାୟିତ୍ୱ ତୁଲାଇଥିଲେ। ରବିବାର ୨ୟ ସେମିଫାଇନାଲ ମ୍ୟାଚ ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା କ୍ଲବ ନୂଆପଡା ସହିତ ଫୁଟବଲ ଆସୋସିଏଶନ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଉତ୍କଳ ବଣିକ ସଂଘ ଗଠନ ପ୍ରସ୍ତୁତି

**ଟିଟିଲାଗଡ଼,୨୮।୧୨(ଡି.ଏନ୍.ଏ.):** ଟିଟିଲାଗଡ଼ ଅଞ୍ଚଳର ବ୍ୟବସାୟୀଙ୍କ ସମସ୍ୟାର ସମାଧାନ ଦିଗରେ ନୂତନ ପ୍ରୟାସ ଆରମ୍ଭ ହୋଇଛି। ଏନେଇ ଶନିବାର ସ୍ଥାନୀୟ କୁମୁଡ଼ା ଶୈବପୀଠ ପରିସରରେ ଅଞ୍ଚଳର କ୍ଷୁଦ୍ର, ମଧ୍ୟମ ତଥା ବୃହତ ବ୍ୟବସାୟୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉତ୍କଳ ବଣିକ ସଂଘ ଗଠନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବ୍ୟବସାୟୀ ତ୍ରିନାଥ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଶତାଧିକ ବ୍ୟବସାୟୀ ଉପସ୍ଥିତ ଥିଲେ। ସହରର ଚା ଦୋକାନଙ୍କଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଷ୍ଠାନରେ କାର୍ଯ୍ୟରତ ବ୍ୟବସାୟୀ ଭାଇଙ୍କୁ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇବା ସଂଘ ଗଠନର ମୁଖ୍ୟ ଲକ୍ଷ୍ୟ ହେବ ବୋଲି ସଭାରେ ଆଲୋଚନା ହୋଇଥିଲା। ବୈଠକରେ ଦୀପକ ସମ୍ପାଦାର, ରାଜେଶ ପ୍ରଧାନ, କୃଷ୍ଣ ସରାଫ, ସୁଧୀର ଘଡେଇ, ଜଗନ୍ନାଥ ସାହୁ, ସନ୍ତୋଷ ପନୁଆ ପ୍ରମୁଖଙ୍କ ସହ ଶତାଧିକ ବ୍ୟବସାୟୀ ସାମିଲ ହୋଇଥିଲେ।

### ବକୁଳ ଅମାବାସ୍ୟା ଯାତ୍ରା ପାଳିତ

**ବୌଦ୍ଧ,୨୮।୧୨(ସ୍ୱ.ପ୍ର):** ହରଭଙ୍ଗା ବ୍ଲକ ତିଲେଶ୍ୱର ଗ୍ରାମପଞ୍ଚାୟତର ମାଣିକପୁର ଗ୍ରାମରେ ବକୁଳ ଅମାବାସ୍ୟା ଯାତ୍ରା ପାଳିତ ହୋଇଛି । ଯାତ୍ରା ଦିନ ଗ୍ରାମବାସୀ ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ବସାଇ ଗାଁ ପରିକ୍ରମା କରିଥିଲେ। ଏହି ଅବସରରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି, ପ୍ରଶାନ୍ତ ଭୋକ୍ତା, ଶଙ୍କର ଝାଙ୍କର, ଲୋକନାଥ ବାରିକ, ପ୍ରଫୁଲ୍ଲ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।



ଭିସୁଟ୍ ଛାତ୍ରୀଛାତ୍ରଙ୍କ ସାଟେଲାଇଟ୍ ଲଞ୍ଚ ପ୍ରକଳ୍ପ ପ୍ରଦର୍ଶିତ କରାଯାଉଛି।



ଟେକ୍‌ଫେଷ୍ଟ ବୁଲି ଦେଖୁଛନ୍ତି ଅତିଥି।

■ ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲିର ଦ୍ୱିତୀୟ ଦିନ

# ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ, ୬୫ ପ୍ରକଳ୍ପ ପ୍ରଦର୍ଶିତ

**ବଲାଙ୍ଗୀର ଅଫିସ,୨୮।୧୨**

■ ପ୍ରେରଣା ଯୋଗାଇଲା ଭିସୁଟ୍‌ର ସାଟେଲାଇଟ୍ ପ୍ରକଳ୍ପ

■ ବିଜ୍ଞାନ ସେମିନାର ଆୟୋଜିତ

ବଲାଙ୍ଗୀର ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବିଲି ସମାରୋହର ଦ୍ୱିତୀୟ ଦିନ ଶନିବାର ପୂର୍ବାହ୍ନ ୧୦ଟାରୁ କଲେଜର ବିଜ୍ଞାନ ବିଭାଗରେ ବିଜ୍ଞାନ ପ୍ରଦର୍ଶନୀ ଆରମ୍ଭ ହୋଇଥିଲା। ପ୍ରଦର୍ଶନୀକୁ ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) କୁଳପତି ପ୍ରଫେସର ଡ. ଅଟଳ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ୭୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ରାଜେନ୍ଦ୍ର ସ୍ୱୟଂଶାସିତ କଲେଜ ଛାତ୍ରୀଛାତ୍ରଙ୍କ ୫୦ ପ୍ରକଳ୍ପ, ଅନ୍ୟ କଲେଜର ୧୨ ପ୍ରକଳ୍ପ, ସ୍କୁଲର ୧୦ ପ୍ରକଳ୍ପ ଓ ବୁର୍ଲା ଭିସୁଟ୍, ଭିମ୍‌ସାରର ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଭିସୁଟ୍ ଛାତ୍ରୀଛାତ୍ରଙ୍କ ଇସ୍ରୋ ଅନୁମୋଦିତ ଭିଏସ୍‌ଏଲ୍‌ଭି ସାଟେଲାଇଟ୍ ଲଞ୍ଚ ପ୍ରକଳ୍ପ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଭିସୁଟ୍ ଛାତ୍ରୀଛାତ୍ରଙ୍କ ସାଟେଲାଇଟ୍ ପ୍ରକଳ୍ପକୁ ଭାରତର ମହାକାଶ ଗବେଷଣା କେନ୍ଦ୍ର ଇସ୍ରୋ ଅନୁମୋଦନ ଦେଇ ଏହା ଉପରେ ଅଧିକ ଗବେଷଣା ପାଇଁ ସ୍ୱୀକୃତି ପ୍ରଦାନ କରିଛି। ଏହି ପ୍ରକଳ୍ପ ଲିମ୍‌କା ବୁକ୍ ଅଫ୍ ରେକର୍ଡ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ଏହି ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଲଞ୍ଚପ୍ୟାଡରୁ ମହାକାଶକୁ ୪ କି.ମି ପର୍ଯ୍ୟନ୍ତ ରକେଟ୍ ଯାଇପାରୁଛି। ଏହାକୁ ୪୦ କି.ମି. ପର୍ଯ୍ୟନ୍ତ ନିଆଯିବ। ଏହି ପ୍ରକଳ୍ପ ଦ୍ୱାରା ବିଶେଷକରି ହୀରାକୁଦ୍ ଜଳଭଣ୍ଡାରରେ ଜମୁଥିବା ପଟୁମାଟିର ଗବେଷଣା ସହଜ ହେବ ବୋଲି ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନୀରେ ସୂଚନା ଦେଇଛନ୍ତି। ସେହିପରି ଭିସୁଟ୍‌ର ଅନ୍ୟ ପ୍ରକଳ୍ପ ହେକ୍ସାକେପ୍ଟର ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲା। ଏହି ପ୍ରକଳ୍ପ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୀଡିତ ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା ସହ ଅଞ୍ଚଳକୁ ଔଷଧ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାରେ କିଭଳି ହେକ୍ସାକେପ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ କହିଥିଲେ। ଉଭୟ ପ୍ରକଳ୍ପକୁ ଭିସୁଟ୍ ଛାତ୍ରୀଛାତ୍ରମାନେ ନିଜସ୍ୱ ଉଦ୍ୟମରେ ବିକଶିତ କରିଛନ୍ତି। ଭିମ୍‌ସାର ଛାତ୍ରୀଛାତ୍ରଙ୍କ ପୁରୁଷ ଓ ମହିଳା ବନ୍ଧ୍ୟା ନିରାକରଣ ପ୍ରକଳ୍ପ ବେଶ୍ ଆକର୍ଷଣୀୟ ହୋଇଛି। ଏହାବ୍ୟତୀତ ବହୁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କଲେଜର ପ୍ଲାଟିନମ୍ ଜୁବିଲି ବିଜ୍ଞାନ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଅଧ୍ୟାପକ ପ୍ରଭାସ ପାଣିଗ୍ରାହୀ ଓ ପୂର୍ବତନ ଅଧ୍ୟକ୍ଷ ଡ. ଅଭିମନ୍ୟୁ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଟେକ୍ ଫେଷ୍ଟକୁ ଅତିଥିମାନେ ବୁଲି ଦେଖିଥିଲେ। ଅପରାହ୍ନରେ ଡିଜିଟାଲ ମ୍ୟାଜିକ ଉପରେ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଜେନ୍ଦ୍ର କଲେଜ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଭିସୁଟ୍ କୁଳପତି ପ୍ରଫେସର ଚୌଧୁରୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ମାଧବ ଚନ୍ଦ୍ର ଦାଶ, କଲେଜର ବିଜ୍ଞାନ ବିଭାଗ ମୁଖ୍ୟ ଡ. ଅକ୍ଷୟ ମିଶ୍ର, ପାଟଣାଗଡ଼ ଜବାହରଲାଲ କଲେଜ ଅଧ୍ୟକ୍ଷ ଡ.ଦେବରାଜ ମିଶ୍ର ଯୋଗ ଦେଇଥିଲେ। ପୂର୍ବାହ୍ନରେ ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ପ୍ଲାଟିନମ୍ ଜୁବିଲି ଦ୍ୱିତୀୟ ସଭାରେ ପ୍ଲାଟିନମ୍ ଜୁବିଲି ଉପସଭାପତି ଡ. ଅଭିମନ୍ୟୁ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ, ଅତିଥି ଭାବେ ଭିସୁଟ୍ କୁଳପତି ପ୍ରଫେସର ଚୌଧୁରୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଡ. ଦାଶ, ରାଜେନ୍ଦ୍ର କଲେଜ ପୂର୍ବତନ ଅଧ୍ୟକ୍ଷ ମହମ୍ମଦ ଫକ୍ରୁଦ୍ଦିନ୍ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ଫକ୍ରୁଦ୍ଦିନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମିନାର କମିଟି ଅଧ୍ୟକ୍ଷ ଡ.ଦେବେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ସାମାଜିକ ସୁରକ୍ଷା, ନିର୍ମାଣ ଶ୍ରମିକ ହିତାଧିକାରୀ ଚିହ୍ନଟ ପାଇଁ ପ୍ରସ୍ତୁତି

**ସୋନପୁର,୨୮।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ପ୍ରତି ପଞ୍ଚାୟତରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀ ଓ ନିର୍ମାଣ ଶ୍ରମିକ ଯୋଜନାର ହିତାଧିକାରୀଙ୍କୁ ଚିହ୍ନଟ ନିମନ୍ତେ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଆସନ୍ତା ଜାନୁୟାରୀ ୭ ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଜିଲାର ୬ଟି ବ୍ଲକର ସମସ୍ତ ପଞ୍ଚାୟତରେ ଏହି ସମସ୍ତ ଯୋଜନାର ହିତାଧିକାରୀ ମାନଙ୍କୁ ଚିହ୍ନଟ କରାଯିବ। ସମ୍ପୃକ୍ତ ବ୍ଲକର ବିଡିଓଙ୍କ ଦ୍ୱାରା ଏହି ଚିହ୍ନଟ କାର୍ଯ୍ୟକ୍ରମ ଆୟୋଜତି ହେବ । ମଧୁବାବୁ ପେନସନ ଯୋଜନା, ଜାତୀୟ ସାମାଜିକ ସହାୟତା ଯୋଜନା, ବାଣିଶ୍ରୀ ଛାତ୍ର ବୃତ୍ତି ଯୋଜନା ତଥା ଭିକ୍ଷୁକ, ତୃତୀୟ ଲିଙ୍ଗ, ଭିନ୍ନକ୍ଷମଙ୍କ ପାଇଁ ବିବାହ ପ୍ରୋତ୍ସାହନ ଆଦି ଯୋଜନାର ସୁବିଧା ପାଇଁ ଲୋକେ ଏହି ଶିବିରରେ ନିଜ ନାମ ଅନ୍‌ଲାଇନରେ ଆବେଦନ କରିପାରିବେ। ଆବଶ୍ୟକୀୟ କାଗଜପତ୍ର ମଧ୍ୟ ଅପଲୋଡ କରିପାରିବେ। ଭିନ୍ନକ୍ଷମଙ୍କ ପାଇଁ ସହାୟକ ଉପକରଣ ତଥା କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରତିରୋପଣ ପାଇଁ ମଧ୍ୟ ହିତାଧିକାରୀ ଚିହ୍ନଟ କରାଯିବ। ଭିକ୍ଷୁକ ଓ ତୃତୀୟ ଲିଙ୍ଗ ବ୍ୟକ୍ତିଙ୍କ ସନ୍ତାନମାନଙ୍କ ନିମନ୍ତେ ଶିକ୍ଷା ବୃତ୍ତି ପାଇଁ ହିତାଧିକାରୀ ଚିହ୍ନଟ କରାଯିବ। ଶିବିରରେ ସମ୍ପୃକ୍ତ ପଞ୍ଚାୟତରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକମାନଙ୍କୁ ଉପସ୍ଥିତ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍‌ଲାଇନ ଆବେଦନ ସହିତ ଭତ୍ତା ପାଉଥିବା ହିତାଧିକାରୀଙ୍କ ଆଧାର କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ସଂଗ୍ରହ କରାଯିବ। ପଞ୍ଚାୟତ ସ୍ତରରେ ଥିବା ସମସ୍ତ ବର୍ଗର ଶ୍ରମିକ ଯଥା ନିର୍ମାଣ ଶ୍ରମିକ, ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନେ କିପରି ଭାବେ ପଞ୍ଜୀକୃତ ହୋଇପାରିବେ ଏବଂ ପଞ୍ଜୀକୃତ ହୋଇଥିବା ହିତାଧିକାରୀ ସହାୟତା ପାଇବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ।

# ଧଣ୍ଡାମୁଣ୍ଡା ମଣ୍ଡିରେ ଧାନକିଣା ଟାର୍ଗେଟ ବୃଦ୍ଧି ଦାବି

**ଖପ୍ରାଖୋଲ,୨୮।୧୨(ଡି.ଏନ୍.ଏ.)**



ଧଣ୍ଡାମୁଣ୍ଡା ମଣ୍ଡିରେ ପଡି ରହିଥିବା ଧାନ।

■ ଖୋଲା ଆକାଶ ତଳେ ପଡ଼ିଛି ଶତାଧିକ ଧାନ ବସ୍ତା

■ ଶୀତ କାକରରେ ଜଗି ରହୁଛନ୍ତି ଚାଷୀ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଧାନମଣ୍ଡିରେ ଧାନ କିଣା ହୋଇ ନ ପାରି ବର୍ତ୍ତମାନ ଖୋଲା ଆକାଶ ତଳେ ହଜାର ହଜାର କୁଇଣ୍ଟାଲ ଧାନ ପଡିରହିଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଭଲ ବର୍ଷା ଯୋଗୁ ଅଞ୍ଚଳରେ ଧାନ ଉତ୍ପାଦନ ଭଲ ହୋଇଥିବା ବେଳେ ଚାଷୀ ଉତ୍ପାଦିତ ଧାନ ମଣ୍ଡିରେ ବିକି ଦୁଇ ପଇସା ପାଇବା ନେଇ ଆଶା କରିଛନ୍ତି। ଏଭଳିସ୍ଥିତିରେ ମିଲର୍ସମାନେ ଧାନ ନେଉ ନ ଥିବା ବେଳେ ଟୋକନ ମିଳିଥିଲେ ବି ଟାର୍ଗେଟ ନ ଥିବାରୁ ଧାନ ମଣ୍ଡିରେ ପଡିରହିଛି। ଫଳରେ ଚାଷୀ ବହୁ କଷ୍ଟରେ ଶୀତ କାକରରେ ଧାନକୁ ଜଗି ରହିଛନ୍ତି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଦୁଇଦିନ ହେଲା ଅଞ୍ଚଳରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଚାଷୀଙ୍କ ନିଦ ହଜାଇ ଦେଇଛି। ଏନେଇ ଚାଷୀ ଧାନ ବିକ୍ରି ନେଇ ଚିନ୍ତାରେ ପଡିଛନ୍ତି। ସୂଚନାଯୋଗ୍ୟ, ଧଣ୍ଡାମୁଣ୍ଡା ଧାନ ମଣ୍ଡିରେ ୪୮୦ଜଣ ଚାଷୀ ଧାନ ବିକ୍ରି ନେଇ ପଞ୍ଜୀକରଣ କରିଥିବା ବେଳେ ୫୦ ହଜାର କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ ହେବା ଆଶା ରଖାଯାଇଛି। ହେଲେ ଯୋଗାଣ ବିଭାଗ ପକ୍ଷରୁ ୧୭ ହଜାର ୩ ଶହ କୁଇଣ୍ଟାଲ ଧାନ କିଣିବା ନେଇ ପ୍ରଥମ ଟାର୍ଗେଟ ଦେଇଥିବାବେଳେ ଶନିବାର ସୁଦ୍ଧା ୧୬ ହଜାର ୧୪୦ କୁଇଣ୍ଟାଲ ଧାନ ୧୬୫ ଜଣ ଚାଷୀଙ୍କ ଠାରୁ କିଣାଯାଇଥିବା ଜଣାପଡିଛି। ବାକି ୧ ହଜାର କୁଇଣ୍ଟାଲ ଧାନ ଟାର୍ଗେଟରେ ଥିବାବେଳେ ବର୍ତ୍ତମାନ ମଣ୍ଡିରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ରହିଛି। ମଣ୍ଡିର ଧାନ କିଣିବାକୁ ୫ଟି ମିଲରକୁ ଦିଆଯାଇଥିବା ବେଳେ ଶ୍ୟାମଜୀ ମିଲ୍‌ର ଧାନ କିଣିବା ନେଇ ଟାର୍ଗେଟ ଥିବା ଜଣାପଡିଛି। ଅନ୍ୟପକ୍ଷେ ମିଲରମାନେ ଠିକ୍ ସମୟରେ ଗାଡି ପଠାଉ ନ ଥିବା ଯୋଗୁ ଚାଷୀଙ୍କୁ ଧାନ ମଣ୍ଡିରେ ଦୀର୍ଘ ଦିନ ଧରି ପଡିରହୁଥିବା ଅଭିଯୋଗ ହୋଇଛି। ଏ ନେଇ ସମବାୟ ସମିତି ସଭାପତି ଦେବକାନ୍ତ ପାଣିଗ୍ରାହୀଙ୍କୁ ପଚାରିବାରୁ ଧାନ ସଂଗ୍ରହ ଟାର୍ଗେଟ ବଢାଇବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଥିବା କହିଛନ୍ତି। ଏ ନେଇ ଖପ୍ରାଖୋଲ ବ୍ଲକ ଯୋଗାଣ ନିରୀକ୍ଷକ ରାଜରାମ ହୋତାଙ୍କୁ ପଚାରିବାରୁ ମିଲ୍‌ର୍ସମାନଙ୍କୁ ଅନ୍ୟ ମଣ୍ଡିରୁ ମଧ୍ୟ ଧାନ ଉଠାଇବାକୁ ପଡୁଥିବାରୁ କେତେବେଳେ ଗାଡି ସମସ୍ୟା ହୋଇଥାଇପାରେ କିନ୍ତୁ ଟାର୍ଗେଟ ଦିଆଯାଇଥିବା ଧାନ ସମ୍ପୃକ୍ତ ମିଲର ନେବେ। ମଣ୍ଡିର ଧାନ ସଂଗ୍ରହ ଟାର୍ଗେଟ ବଢିବ ବୋଲି କହିଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

■ ବାପାଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ: ରାସ୍ତାରୋକୋ

**ଲୋଇସିଂହା,୨୮।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଆଗଲପୁର ବ୍ଲକ ତେଲେନପାଲି ଗ୍ରାମର ମହିଳା ସୀମା ପଧାନଙ୍କ ୨୬ ତାରିଖ ରାତିରେ ମୃତ୍ୟୁ ଘଟିଥିଲା। ହେଲେ ସୀମାଙ୍କ ମୃତ୍ୟୁକୁ ବାପ ଘର ଲୋକେ ଗ୍ରହଣ କରି ନ ଥିଲେ। ସୀମାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ତଦନ୍ତ ଦାବିରେ ନଅଗାଁ(କ)- ଗାଇସେଲେଟ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଲୋଇସିଂହା, ଆଗଲପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ହଟିଥିଲେ। ପୋଲିସ ସୂଚନା ମୁତାବକ, ଆଗଲପୁର ବ୍ଲକ ତେଲେନପାଲି ଗ୍ରାମର ସୀମା ପଧାନ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ତଲିଉଡାର ଗାଁର ଦୁର୍ବାଦଳ ପଧାନକୁ ବିବାହ କରିଥିଲେ। ସେମାନଙ୍କ ୪ ବର୍ଷର ଗୋଟିଏ ସନ୍ତାନ ଅଛି। ଦୁର୍ବାଦଳ ସ୍ତ୍ରୀ ସୀମାଙ୍କୁ ଧରି ଗତ ୨୬ତାରିଖରେ ଆଗଲପୁର ବ୍ଲକ ନଅଗାଁ(କ)ରେ ଚାଲିଥିବା ଧନୁଯାତ୍ରା ଦେଖିବା ପାଇଁ ଶଶୁର ଘରକୁ ଆସିଥିଲେ। ସେହିଦିନ ସନ୍ଧ୍ୟାରେ ସେମାନେ ନଅଗାଁ(କ) ଧନୁଯାତ୍ରା ଦେଖିବା ପାଇଁ ବାଇକ୍‌ରେ ଯାଇଥିଲେ। ହେଲେ ବାଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସୀମା ଗୁରୁତର ହୋଇପଡିଥିଲେ। ସୀମାକୁ ଉଦ୍ଧାର କରି ବରଗଡ଼ ଜିଲା ପଦ୍ମପୁର ଡାକ୍ତରଖାନାକୁ ନିଆଯାଇଥିଲା। ଖବର ପାଇ ସୀମାଙ୍କ ବାପ ଘର ଲୋକ ପଦ୍ମପୁର ଡାକ୍ତରଖାନା ପହଞ୍ଚିଲା ବେଳକୁ ସୀମାଙ୍କ ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ପଦ୍ମପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପଦ୍ମପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୪/୧୯) ରୁଜୁ କରିଛି। ଶୁକ୍ରବାର ସନ୍ଧ୍ୟାରେ ବ୍ୟବଚ୍ଛେଦ ପରେ ସୀମାଙ୍କ ମୃତଦେହ ବାପ ଘର ତେଲେନପାଲି ପହଞ୍ଚିଥିଲା। ବାପ ଘର ଲୋକେ ସୀମାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ରାସ୍ତାରେ ମୃତଦେହ ଆନ୍ଦୋଳନ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲା। ପରେ ଶଶୁର ଘର ଲୋକେ ସୀମାଙ୍କ ମୃତଦେହ ଆଣି ତଲିଉଡାରରେ ସତ୍କାର କରିଥିଲେ। ଏନେଇ ଲୋଇସିଂହା ଥାନା ଆଇଆଇସି ଲଳିତା ଲାକ୍ରାଙ୍କୁ ପଚାରିବାରୁ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ଦୁର୍ଘଟଣାରେ ସୀମା ଗୁରୁତର ହୋଇପଡିଥିଲେ। ପଦ୍ମପୁର ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି।

# ତ୍ରିନାଥ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ

**ଦେଓଗାଁ,୨୮।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ରାଏପାଲି ଗ୍ରାମରେ ତ୍ରିନାଥ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଯାଇଛି। ପ୍ରଥମ ଦିବସରେ ରାଏପାଲି ଓ ଧଣ୍ଡାମାଳ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା । ଏଥିରେ ରାଏପାଲି ଦଳ ୨-୦ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତିୟ ମ୍ୟାଚ ଚାଣ୍ଡିମୁଣ୍ଡା ଓ ହାତୀସରା ମଧ୍ୟରେ ହୋଇଥିଲା। ଏଥିରେ ଟାଇବ୍ରେକର ଜରିଆରେ ୩-୨ଗୋଲରେ ହାତୀସରା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ମାକରଚୁଆଁ ଓ କରେଲଧୂଆ ମଧ୍ୟରେ ହୋଇଥିଲା। ଏଥିରେ ୨-୧ଗୋଲରେ ମାକରଚୁଆଁ ଦଳ ବିଜୟୀ ହୋଇଥିଲା । ସେହିପରି ସନରାଇଜ ବଲାଙ୍ଗୀର ଓ ମହୀପୁର ମଧ୍ୟରେ ଚତୁର୍ଥ ମ୍ୟାଚ ହୋଇଥିଲା। ଏଥିରେ ମହୀପୁର ଦଳ ୧-୦ଗୋଲରେ ବିଜୟୀ ହୋଇଥିଲା। ପ୍ରକାଶ ଭୋଇ, ବିଶ୍ୱନାଥ ପଧାନ, ସାନୁଜ କରନ ଓ ଭୁବନେଶ୍ୱର ମାଝି ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବନରକ୍ଷୀ ଚିନ୍ମୟ ପଧାନ, ସମ୍ମାନନୀୟ ଅତିଥି ଭାବେ ବିପିନ ଭୋଇ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ହାତୀସରା ଓ ରାଏପାଲି ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ ମାକରଚୁଆଁ ଓ ମହୀପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବା ସହ ଫାଇନାଲ ଖେଳ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ। ଟୁର୍ନାମେଣ୍ଟ ପରିଚାଳନାରେ ରାମଚନ୍ଦ୍ର କରନ, ପ୍ରଦୀପ କରନ, ମନୋଜ କରନ, ପ୍ରମୋଦ ଘିଭେଲା, ଧ୍ରୁବା ମଟାରି, ସଞ୍ଜୟ ମିଶ୍ର, ବିବେକ କରନ, ଆନନ୍ଦ ମଟାରୀ ପ୍ରମୁଖ ସହଯୋଗ କରୁଛନ୍ତି।



ତ୍ରିନାଥ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ସରକାରୀ ସହାୟତା ଅପେକ୍ଷାରେ ଲଛମନ

**ଲାଠୋର,୨୮।୧୨(ଡି.ଏନ.ଏ.)**



ଭଙ୍ଗା କୁଡିଆ ଘରେ ପକ୍ଷାଘାତ ରୋଗୀ ଲଛମନ।

**ଅର୍ଥ ସାଜିଛି ବାଧକ**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅଧୀନ ମହୁଲପାଟି ପଞ୍ଚାୟତ ଅନ୍ତର୍ଗତ ଗଇନ୍ଦିମାଲ ଗ୍ରାମର ପକ୍ଷାଘାତ ରୋଗୀ ଲଛମନ କୁମ୍ଭାର(୫୭)। ବର୍ତ୍ତମାନ ଅର୍ଥାଭାବ ଯୋଗୁ ସେ ଚିକିତ୍ସା ହୋଇ ନ ପାରି ଘରେ ପଡିରହି ମୃତ୍ୟୁ ସହ ସଂଗ୍ରାମ କରୁଥିବା ନେଇ ତାଙ୍କ ଝିଅ ତୁଳସୀ କୁମ୍ଭାର ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ତୁରେକେଲା ବ୍ଲକ ଅଧୀନ ସେମଲା ଗ୍ରାମରୁ ଲଛମନ ଚାଲି ଆସି ବିଭିନ୍ନ ସ୍ଥାନରେ ରହି କାମଧନ୍ଦା କରି ପେଟ ପୋଷୁଥିଲେ। ହେଲେ ସେ ବିବାହ ପରେ ଗଇନ୍ଦିମାଲ ଗ୍ରାମରେ ବସବାସ କରିଥିଲେ। ପରିବାର କହିଲେ ସ୍ତ୍ରୀ ସରୋଜିନୀ ଏବଂ ଏକମାତ୍ର ଝିଅ ତୁଳସୀଙ୍କୁ ନେଇ ତାଙ୍କ ପରିବାର। ଘରଡିହ, ସମ୍ପତ୍ତି ତାଙ୍କର କିଛି ନାହିଁ। ପର ଘରେ ମୂଲ ଲାଗି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ଚଳିବା ସହ ଝିଅର ପାଠ ପଢ଼ା ହେଉଥିଲା। ହେଲେ ଭାଗ୍ୟର ବିଡମ୍ବନା ପ୍ରାୟ ୫ ବର୍ଷ ତଳେ ସ୍ତ୍ରୀ ସରୋଜିନି ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କ ମୃତ୍ୟୁରେ ଲଛମନ ଭାଙ୍ଗି ନ ପଡି ଝିଅକୁ ପାଠ ପଢ଼ାଇ ମଣିଷ କରିବେ ବୋଲି ସ୍ୱପ୍ନ ଦେଖିଥିଲେ। ବହୁ କଷ୍ଟରେ ସେ ମଜୁରୀ କାମ କରି ଝିଅକୁ ମାଟ୍ରିକ ପାସ୍ କରାଇଥିଲେ। ଚଳିତ ବର୍ଷ ଝିଅ ତୁଳସି ମାଟ୍ରିକ ପାସ ପରେ ନୂଆପଡ଼ା ଜିଲା ବୁଦ୍ଧିକୋମନା କଲେଜରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳାରେ ନାମ ଲେଖାଇ ଥିଲେ। ସେପ୍ଟେମ୍ବର ୨୦୧୯ରେ ଲଛମନ ନିଜ ସମ୍ପର୍କୀୟଙ୍କ ଘରକୁ କୌଣସି କାମରେ ଯାଇଥିଲେ। ହେଲେ ସେ ହଠାତ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଥିଲେ। ପରେ ସମ୍ପର୍କୀୟ ଲୋକ ତାଙ୍କୁ ଗଇନ୍ଦିମାଲ ଗାଁରେ ଆଣି ଛାଡି ଯାଇଥିଲେ। ବର୍ତ୍ତମାନ ତାଙ୍କ ବାମ ଗୋଡ ଏବଂ ବାମ ହାତ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ଏକ ସରକାରୀ ଜାଗାରେ କୁଡିଆ ଘରେ ପ୍ରଚଣ୍ଡ ଶୀତ କାକରରେ ପଡି ରହିଛନ୍ତି। ନିଜ ବୋଲି କେହି ନ ଥିବାରୁ ଝିଅ ତୁଳସୀ ବାଧ୍ୟ ହୋଇ ପାଠ ପଢ଼ା ଛାଡି ବାପାଙ୍କୁ ସେବା କରୁଛନ୍ତି। ସରକାରୀ ସାହାଯ୍ୟ କହିଲେ ମାସକୁ ୭ଶହ ଟଙ୍କା ଭତ୍ତା ଏବଂ ୩୫ କେଜି ଚାଉଳ ପାଉଛନ୍ତି। ଏଥିରେ ଦୁଇ ଜଣ ଚଳିବା ମୁସକିଲ ହୋଇପଡୁଛି। ବର୍ତ୍ତମାନ ଲଛମନଙ୍କ ଅବସ୍ଥା ଦିନକୁ ଦିନ ସଙ୍ଗୀନ ହେବାରେ ଲାଗିଛି। ଏଭଳିସ୍ଥିତିରେ ଝିଅ ତୁଳସୀ ମଜୁରି କରି ପେଟ ପୋଷୁଛନ୍ତି। ବର୍ତ୍ତମାନର ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ହେଲେ କୌଣସି ପ୍ରକାର ଶୀତ ବସ୍ତ୍ର କିମ୍ବା ଘୋଡେଇ ହେବା ପାଇଁ ଚଦର ନ ଥିବାରୁ ବାପା ଝିଅ ଶୀତରେ ରାତି ସାରା ଉଜାଗର ରହୁଛନ୍ତି। ଏଥି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ବାପ ଝିଅଙ୍କୁ ଶୀତ ବସ୍ତ୍ରର ବ୍ୟବସ୍ଥା କରିବା ସହ ଚିକିତ୍ସା ସେବା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ତରବୋଡ଼ ମଣ୍ଡିରେ କପା କିଣା ଆରମ୍ଭ

କୋମନା,୨୮।୧୨(ଡି.ଏନ.ଏ.): ନୂଆପଡା ଜିଲା କୋମନାସ୍ଥିତ ତରବୋଡ ବଜାର ପ୍ରାଙ୍ଗଣରେ କପା ମଣ୍ଡିରୁ ଶନିବାରଠାରୁ କପା କିଣା ଶୁଭାରମ୍ଭ ହୋଇଛି। ଏଥିରେ କୋମନା ବ୍ଲକ କପାଚାଷୀମାନେ କପା ଆଣି ବିକ୍ରି କରିଛନ୍ତି । କୋମନା କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଉପସ୍ଥିତିରେ ପ୍ରଥମ ଦିନରେ କପାର ମାନ ପରୀକ୍ଷା କରି ଚାଷୀମାନଙ୍କୁ କପା ବିକ୍ରୟ କରିବା ପାଇଁ ଟୋକନ ପ୍ରଦାନ କରାଯାଇଛି । ଅଞ୍ଚଳର ୩୪ଜଣ ଚାଷୀ କପା ଆଣି ବିକ୍ରି କରିଥିବା ଜଣାପଡିଛି ।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଭବାନୀପାଟଣା,୨୮।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ଗ୍ରାମରେ ଶୁକ୍ରବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଯେ, ବଡକୁଟରୁର ଚୂଡ଼ାମଣି ସୁନାନୀ ତାଙ୍କ ଗ୍ରାମରୁ ଭାଲୁବୁଟୁରା ଗ୍ରାମକୁ ଯାଉଥିଲେ। ସେହି ସମୟରେ ବିପରିତ ଦିଗରୁ ମଣ୍ଡଳ ଗ୍ରାମ କଲୋନୀ ପଡାର ଚୂଡ଼ାମଣି ବନ୍ଦିଛୋଡ ପଲସର ବାଇକ୍ ଯୋଗେ ଦ୍ରୁତ ଗତିରେ ଆସି ମଣ୍ଡଳ ବସ୍ତିର ସ୍କୁଲ ଛକ ନିକଟରେ ଭାରସାମ୍ୟ ହରାଇ ଚୂଡ଼ାମଣିଙ୍କ ଗାଡିକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ।

# ୮ ପରିବାରକୁ ୨୪ ଲକ୍ଷ ଟଙ୍କା ସହାୟତା

ନୂଆପଡ଼ା ଅଫିସ,୨୮।୧୨

ନୂଆପଡା ଏକ ମାଓବାଦୀ ପ୍ରବଣ ଜିଲା। ଏଠାରେ ଆଜକୁ ୧୦ ବର୍ଷ ହେବ ମାଓବାଦୀମାନେ ଭିନ୍ନ ଭିନ୍ନ ସ୍ଥାନରେ ଲଙ୍କାକାଣ୍ଡ ଭିଆଇ ମୁଣ୍ଡ ନେଉଛନ୍ତି । ସେଥିରେ ବହୁ ନିରୀହ ପରିବାର ବଳି ପଡୁଥିବାବେଳେ ସେମାନଙ୍କ ଥଇଥାନ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ଶୁକ୍ରବାର ଜିଲା ପ୍ରଶାସନ ତରଫରୁ ୮ ମୃତକଙ୍କ ପରିବାର ଲୋକଙ୍କୁ ୩ ଲକ୍ଷ ଟଙ୍କା କରି ମୋଟ ୨୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଶୋକ ସନ୍ତପ୍ତ ପରିବାର ଲୋକ ଥଇଥାନ ପ୍ରତି ଅବହେଳା କରାଯାଉ ନେଇ ଅଭିଯୋଗ କରିଛନ୍ତି । ପୂର୍ବାହ୍ନରେ ସ୍ଥାନୀୟ ଜିଲାପାଳଙ୍କ ସଦଭାବନା ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମୃତକଙ୍କ ପରିବାର ଲୋକଙ୍କୁ ସହାୟତା ପ୍ରଦାନ କରିଥିଲେ। ଏଥିରେ ଜିଲା ପୋଲିସ ପକ୍ଷରୁ ଏସପି ବିନୀତ କୁମାର ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଏହି ପରିବାରଗୁଡିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା ଲେଖାଏଁ ଦିଆଯାଇଥିବା ବେଳେ ବର୍ତ୍ତମାନ ଏହା କେନ୍ଦ୍ର ସରକାରଙ୍କ ପାଣ୍ଠିରୁ ପ୍ରଦାନ କରାଯାଇଛି । ଏହି ପରିବାର ଲୋକ ବର୍ତ୍ତମାନ ପର୍ଯ୍ୟନ୍ତ ସୁରକ୍ଷିତ ନାହାନ୍ତି।



ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯିବା ଅବସରରେ ଜିଲାପାଳଙ୍କ ସହ ଅଧିକାରୀମାନେ।

- ମାଓବାଦୀ ହତ୍ୟାକାଣ୍ଡରେ ପ୍ରଭାବିତ ପରିବାର
- ଥଇଥାନ ପ୍ରତି ଅବହେଳା ଅଭିଯୋଗ

ସବୁ ପରିବାର ଲୋକ ଗାଁ ଘର ଛାଡି ଛିନ୍ନଛତ୍ର ହୋଇ ଘୁରି ବୁଲୁଛନ୍ତି । ଏମାନଙ୍କ ସୁରକ୍ଷା ଏବଂ ଥଇଥାନ କଥା ଚିନ୍ତା କରିବା ଅପେକ୍ଷା ସରକାର କେବଳ ଟଙ୍କା ଦେଇ ନିଜର ଦାୟୀତ୍ୱ ସାରି ଦେଉଥିବା ନେଇ ପରିବାର ଲୋକ ଗଣମାଧ୍ୟମ ଆଗରେ କ୍ଷୋଭ ପ୍ରକାଶ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହି ପରିବାରଗୁଡିକ ମଧ୍ୟରୁ ୨୦୦୯ ନଭେମ୍ବର ୧୮ରେ ସୁନାବେଡା ଅଭୟାରଣ୍ୟର ଚନ୍ଦ୍ର ସିଂ ବର୍ଗେଙ୍କୁ ମାଓବାଦୀମାନେ ହତ୍ୟା କରି ତାଙ୍କର ଚାଷ ଜମିରେ ଫିଙ୍ଗି ଦେଇଥିଲେ। ୨୦୧୧ ମେ ମାସ ୨୭ରେ ନୂଆପଡା ବ୍ଲକ ଡାଲିପଖନା ଗାଁର ନାଗବରୁ ମାଝି, କଲମି ଦାଦର ଗାଁର ପରଶରାମ ମାଝି, ସେହି ବର୍ଷ ନଭେମ୍ବର ୧୯ରେ ନୂଆପଡା ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ଦେୱାଙ୍ଗନଙ୍କୁ ମାଓବାଦୀମାନେ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିଲେ । ସେହି ଦିନଠାରୁ ତାଙ୍କର ପରିବାରର ୨୦ଜଣ ସଦସ୍ୟ ଗାଁ ଏବଂ ଘର ଛାଡି ଛତିଶଗଡ ଚାଲିଗଲେ। ଏବେ ପର୍ଯ୍ୟନ୍ତ ତାଙ୍କର ଥଇଥାନ ହୋଇପାରିନାହିଁ। ସେହିଭଳି ୨୦୧୨ ସେପ୍ଟେମ୍ବର ୧୯ରେ ସିନାପାଲି ଥାନା ନଙ୍ଗଲବୋଡ ଗାଁର ଅବଦୁଲ ସତ୍ତାର ନାମକ ଜଣେ ଦୋକାନୀଙ୍କୁ ହତ୍ୟା କରିବା ପରେ ତାଙ୍କର ପରିବାର ଲୋକ ଗାଁ ଏବଂ ଦୋକାନ ଛାଡି ଚାଲିଗଲେ । ୨୦୧୩ ଫେବୃୟାରୀ ୮ରେ କୋମନା ଥାନା ପାଟପାଣି ଗାଁର ଚୈତନ୍ୟ ମାଝି ନାମକ ଜଣେ ଶିକ୍ଷା ସହାୟକଙ୍କୁ ହତ୍ୟା କରିବା ପରେ ସମ୍ପୃକ୍ତ ପରିବାର ସମେତ ୨୫ ପରିବାର ଗାଁ ଛାଡି ଚାଲିଯାଇଛନ୍ତି । ଅଦ୍ୟାବଧି ସେମାନେ ଗାଁକୁ ଫେରିନାହାନ୍ତି। ସେହିବର୍ଷ ଅକ୍ଟୋବର ୨୮ ତାରିଖରେ ସୁନାବେଡା ଅଭୟାରଣ୍ୟରେ ଖୁଆ ବ୍ୟବସାୟୀ ବିଷ୍ଣୁ ମେହେରଙ୍କୁ ହତ୍ୟା କରିଥିଲେ ମାଓବାଦୀ। ତାଙ୍କ ପରିବାର ମଧ୍ୟ ଗାଁ ଛାଡି ଅନ୍ୟତ୍ର ଚାଲିଗଲେ। ୨୦୧୯ ଏପ୍ରିଲ ୧୮ରେ ବୋଡେନ ଥାନା ପାଟଦର୍ହା ଗାଁରେ ଗଜପତି ମାଝି ନାମକ ଜଣେ ଶିକ୍ଷିତ ଯୁବକଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ। ଥଇଥାନ ପ୍ରତି ଧ୍ୟାନ ଦେବାକୁ ଦାବି କରିଛନ୍ତି ।

## କିଶୋର ସାହୁ ହତ୍ୟା ଘଟଣା

# ନ୍ୟାୟ ପାଇଁ ମା'ବାପା ଏସ୍‌ପିଙ୍କୁ ଭେଟିଲେ

### ୮ ମାସ ପରେ ବି ପୋଲିସ ହାତ ଖାଲି

ନୂଆପଡା ଅଫିସ,୨୮।୧୨

ନୂଆପଡ଼ା ଜିଲା ବହୁଚର୍ଚ୍ଚିତ ଧରମବନ୍ଧାର କିଶୋର ସାହୁ ନାମକ ଜନୈକ ଯୁବକଙ୍କୁ କେହି ଗଳାକାଟି ମର୍ମନ୍ତୁଦ ଭାବେ ହତ୍ୟା କରିବା ଘଟଣାରେ ଆଜି ଯାଏଁ ପରିବାରକୁ ନ୍ୟାୟ ମିଳିପାରିନାହିଁ । ପୋଲିସ ବାରମ୍ବାର ଛାନଭିନ କରିଥିଲେ ମଧ୍ୟ ଟେର ପାଇପାରିନାହିଁ । ପୋଲିସ ହାତ ଖାଲି କରି ବସି ରହିଛି । ଶେଷରେ ମୃତକଙ୍କ ମା' ବାପା ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ଭେଟି ଗୁହାରୀ କରିଛନ୍ତି। ଶନିବାର ଏସପି ଧରମବନ୍ଧା ଗସ୍ତ କରିଥିବା ସମୟରେ ଭେଟି ନ୍ୟାୟ ପାଇଁ ନିବେଦନ କରିଥିଲେ।

ସୂଚନାଯୋଗ୍ୟ ଯେ, ୮ ମାସ ତଳେ ଗତ ଏପ୍ରିଲ ୧୭ ତାରିଖ ରାତିରେ କିଶୋର ଘରୁ ବାହାରିଥିଲେ। ଗୋଟିଏପଟେ ଗାଁରେ ବିବାହ ଭୋଜି ଚାଲିଥିବାବେଳେ କିଶୋର କୌଣସି ଏକ ନମ୍ବରରେ କଥା ହୋଇ ଘରୁ ବାହାରି ଆଉ ଘରକୁ ଫେରି ନ ଥିଲେ। ସକାଳେ ଖୋଜାଖୋଜି କରିବା ପରେ ସ୍କୁଲ ପଛପଟେ ମୃତଦେହ ପଡିରହିଥିଲା। ତାଙ୍କୁ ସଂଘବଦ୍ଧ ଭାବେ ଗଳାକାଟି ହତ୍ୟା କରିଥିବା ସ୍ପଷ୍ଟ ଜଣାପଡିଥିଲା। ପୋଲିସ ସନ୍ଧାନୀ କୁକୁର ଆଣି ତନାଘନା ଚଳାଇଥିଲେ ମଧ୍ୟ କୌଣସି ସୁରାକ ପାଇ ନ ଥିଲା । ସେହି ଦିନଠାରୁ ପୋଲିସ ଭିନ୍ନ ଭିନ୍ନ ଦୃଷ୍ଟିକୋଣକୁ ଯାଇ ତଦନ୍ତ ଚଳାଇଛି। ହେଲେ ଶେଷ ନିଷ୍କର୍ଷକୁ ଯାଇପାରୁନାହିଁ। ଧୀରେ ଧୀରେ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ସାଧାରଣରେ ନାନା ଆଲୋଚନା ହେଉଛି। ଶନିବାର ଏସ୍‌ପି ଅଗ୍ରୱାଲ ଥାନା ପରିସରକୁ ଆସିଥିବା ଖବର ପାଇ ମୃତକଙ୍କ ପରିବାର ଲୋକ ଆସି ଭେଟିଥିଲେ। ତାଙ୍କ ମା' କାନ୍ଦି କାନ୍ଦି କୋହଭରା କଣ୍ଠରେ ନିବେଦନ କରିଥିଲେ। ପୁଅଙ୍କ ମୃତ୍ୟୁ ପରେ ଦିନରାତି ଦୁଃଖରେ ଭାଙ୍ଗି ପଡିଥିବାବେଳେ ନ୍ୟାୟ ଟିକକ ପାଇଁ ବାଟ ଦେଖୁଛନ୍ତି। ଏସପି ଏହା ଉପରେ ସେ ସ୍ୱତନ୍ତ୍ର ଦୃଷ୍ଟି ଦେବେ। ଖୁବ ଶୀଘ୍ର ଦୋଷୀଙ୍କୁ ଧରାଯିବ। ପୋଲିସ ଉପରେ ଭରସା ରଖନ୍ତୁ ବୋଲି କହିଥିଲେ। ଏହି ସମୟରେ ଧରମବନ୍ଧା ସରପଞ୍ଚ ଓମପ୍ରକାଶ କଲାର, ଦାୟିତ୍ୱରେ ଥିବା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

## ୧୮ତମ ଆନ୍ତଃରାଜ୍ୟ କ୍ରିକେଟ ଉଦ୍‌ଯାପିତ

# ବିଲାସପୁର ରେଲୱେ ଚାମ୍ପିୟନ

ଖଡିଆଳ,୨୮।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ରାଜା ଏଟି ହାଇସ୍କୁଲ ପଡିଆରେ ଖଡିଆଳ କ୍ରିକେଟ ସ୍ପୋର୍ଟ୍ସ ଆସେସିଏଶନ୍ ପକ୍ଷରୁ ଚାଲିଥିବା ୧୮ତମ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ବିଲାସପୁର ରେଲୱେ ଓ ବରଗଡ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲେ। ଜବାବରେ ବିଲାସପୁର ଦଳ ୧୪ ଓଭରର ୩ ବଲରେ କୌଣସି ଉଇକେଟ ନ ହରାଇ ୧୧୨ ରନ ଲକ୍ଷ୍ୟ ପୂରଣ କରି ବିଜୟୀ ହୋଇ ଚାମ୍ପିୟନ ହୋଇଛି । ଫାଇନାଲ ଖେଳରେ ବିଲାସପୁର ଦଳର ରୋହିତ ମ୍ୟାନ ଅଫ୍ ଦି ମ୍ୟାଚ, ମ୍ୟାନ ଅଫ୍ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସ ମ୍ୟାନରେ ସମ୍ମାନିତ ହୋଇଥିଲେ ।

ରୋହିତ ୩ ମ୍ୟାଚରେ ସର୍ବାଧିକ ୧୩୨ ରନ କରିଥିବା ବେଳେ ବେଷ୍ଟ ଉଇକେଟ କିପର ଭାବେ ମହମ୍ମଦ ଇରଫାନ ସମ୍ମାନିତ ହୋଇଥିଲେ। ଉଦଯାପିତ ମ୍ୟାଚରେ ମୁଖ୍ୟଅତିଥି ନୂଆପଡା ଏସପି ବିନିତ ଅଗ୍ରୱାଲ ଯୋଗଦେଇଥିବା ବେଳେ କେସିଏସଏ ସଭାପତି ତଥା ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ କଲେଜ ଅଧକ୍ଷ ପଣିନ୍ଦମ ସିଂଦେଓ ବିଶିଷ୍ଟ ଅତିଥି ଭାବେ ମଞ୍ଚାସୀନ ଥିଲେ । ସମ୍ପାଦକ ସନ୍ତୋଷ ପଟ୍ଟନାୟକ, କୋଷାଧକ୍ଷ ଜିତେନ୍ଦ୍ର ନାୟକ, ବିଶ୍ୱଜିତ ପାଢ଼ୀ, ଅଶ୍ୱିନୀ ପାଢ଼ୀ, ଓ ସରୋଜ ପଣ୍ଡା, ଆଦିତ୍ୟ ମୋହନ ମହାପାତ୍ର, ବୀରେନ୍ଦ୍ର ଶବର, ମନୋଜ ଦୀପ, ନୟନ ବିଭାର, ଫିରୋଜ ଖାନ, ସତପାଳ ସିଂ ଛାବଡା, ବିନୋଦ ଦୁରିଆ ଏବଂ କେସି ଏସଏର ସଦସ୍ୟମାନେ ସହଯୋଗ କରିଥିବା ବେଳେ ମହେଶ ମୁନସୀ ଓ ପ୍ରତାପ ପାତ୍ର ଖେଳ ପରିଚାଳନା କରିଥିଲେ ।




ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଖେଳାଳି ଏବଂ ଅତିଥି ।

### କଳାହାଣ୍ଡିର ଯୁବସାହିତ୍ୟିକ ଡିଲେଶ୍ୱର ପାଇବେ 'ତପସ୍ୟା ସମ୍ଭାବନା ପୁରସ୍କାର'

ଭବାନୀପାଟଣା,୨୮।୧୨(ଡି.ଏନ.ଏ.)

୨୦୧୯ ବର୍ଷ ପାଇଁ ସମ୍ମାନଜନକ 'ତପସ୍ୟା ସମ୍ଭାବନା ପୁରସ୍କାର' ପାଇବେ କଳାହଣ୍ଡିର ଯୁବ ଗାଳ୍ପିକ ଡିଲେଶ୍ୱର ରଣା। ତପସ୍ୟା ଫାଉଣ୍ଡେସନ ଭୁବନେଶ୍ୱର ଦ୍ୱାରା ଦିଆଯାଉଥିବା ଏହି ପୁରସ୍କାର ଭାବେ ସେ ୨୦ ହଜାର ଅର୍ଥରାଶୀ ପାଇବେ। ଆସନ୍ତା ୧୨ ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ। ଓଡିଆ ସାହିତ୍ୟ ପ୍ରତି ଅବଦାନ ଥିବା ୩ ପିଢିର ସାହିତ୍ୟକଙ୍କୁ ଉତ୍ସାହିତ କରିବା ପାଇଁ ଗତବର୍ଷଠାରୁ ତପସ୍ୟା ଫାଉଣ୍ଡେଶନ୍ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଉଛି। କଳାହାଣ୍ଡି ଜିଲା ନର୍ଲା ବ୍ଲକ ଧଅଁରାମାଲ ଗ୍ରାମର ବ୍ରଜରଣା ଓ ବିଦୁସିତା ରଣାଙ୍କ ପୁତ୍ର ଡିଲେଶ୍ୱର ରଣା ଓଡିଶା ସାହିତ୍ୟରେ ଜଣେ ଉଦ୍ୟମାନ ଲେଖକ। ନିଜର ସ୍ୱତନ୍ତ୍ର ଶୈଳିର ଗଳ୍ପ ପାଇଁ ଚର୍ଚ୍ଚିତ ଡିଲେଶ୍ୱର କବିତାରେ ଯେତିକି ସୁକ୍ଷ୍ମ ଗପରେ ସେତିକି ସକ୍ଷମ ସମ୍ପ୍ରତି ସେ ଭବାନୀପାଟଣା ବ୍ଲକରେ ସରକାରୀ ଶିକ୍ଷକ ଭାବେ ଅବସ୍ଥାପିତ। ସେ ଅଧାବଧି ନବପ୍ରତିଭା ପୁରସ୍କାର, କାଦମ୍ବିନି ଗଳ୍ପ ଉନ୍ମେଷ ପୁରସ୍କାର, ନବୀନତା ଶବ୍ଦ ସମ୍ମାନ, କବିତାରା, ୟୁଥ୍ ଉତ୍କଳ ସମ୍ମାନ, ଉଦେୟ ରାଗ ଯୁବ ପୁରସ୍କାର ଆଦି ପାଇ ସାରିଛନ୍ତି।



ଫିଡରକୁ ଲୋକାର୍ପଣ କରୁଛନ୍ତି ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ।

# ଖଡ଼ିଆଳରେ ଏଣିକି ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା

- ୪ ଫିଡର ଉଦ୍‌ଘାଟନ କଲେ ସ୍ଥାନୀୟ ବିଧାୟକ

ଖଡିଆଳ,୨୮।୧୨ (ଡି.ଏନ.ଏ.)

ନୂଆପଡା ଜିଲାର ଏକ ପ୍ରମୁଖ ଜନବହୁଳ ସହର ଖଡିଆଳ। ଏଠାରେ ଦିନକୁ ଦିନ ସହରର ଆୟତନ ସାଙ୍ଗକୁ ଜନସଂଖ୍ୟା ବଢୁଥିବାବେଳେ ବିଜୁଳି ଭଳି ମୌଳିକ ସୁବିଧା ବ୍ୟାହତ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ନିଜ ପାଣ୍ଠିରୁ ସହରକୁ ୪ଟି ଫିଡର ବ୍ୟବସ୍ଥା କରିଥିବାବେଳେ ଏହାକୁ ଶନିବାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଜନସଭାକୁ ଉଦ୍‌ବୋଧନ ଦେଇ ଏଣିକି ଏଠାରେ ଆଉ ବିଜୁଳି ସମସ୍ୟା ଦେଖାଦେବ ନାହିଁ। ସହରବାସୀ ନିରବଚ୍ଛିନ୍ନ ଭାବେ ସେବା ପାଇବେ ବୋଲି କହିଛନ୍ତି । ପୂର୍ବାହ୍ନରେ ସ୍ଥାନୀୟ ଷ୍ଟ୍ରକ୍ଟର ପରିସରରେ ଏସଡିଓ ଗଗନ ବିହାରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପାଣିଗ୍ରାହୀ ମୁଖ୍ୟଅତିଥି, ବିଭାଗୀୟ ଯନ୍ତ୍ରୀ ନନ୍ଦ କୁମାର ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫିଡରଗୁଡିକ ମଧ୍ୟରେ ମିଶନ ଫିଡର, ଥାନା ଛକ, ପୁଟୁପଡା ଏବଂ ଛେଲିଆ ପଡା ଫିଡରକୁ ଲୋକାର୍ପିତ କରିଥିଲେ। ସୂଚନାଯୋଗ୍ୟ ଯେ, ଆଗରୁ ସହରର ଯେକୌଣସି ଜାଗାରେ ବିଜୁଳି ସମସ୍ୟା ଦେଖାଦେଲେ ସାରା ସହରବାସୀଙ୍କୁ ହଇରାଣ ହେବାକୁ ପଡୁଥିଲା। ଏଣିକି ଏହି ସମସ୍ୟା ହେବନାହିଁ ବୋଲି ବିଭାଗରୁ ପ୍ରକାଶ। ଆଗକୁ ନିଜ ପାଣ୍ଠିରୁ ୫ ଶହ କେଭିର ୫ଟି ଟ୍ରାନ୍ସଫର୍ମର ଅତିଶୀଘ୍ର ଯୋଗାଇ ଦିଆଯିବ। ଏହିଭଳି ସମସ୍ତ ଟ୍ରାନ୍ସଫର୍ମରରେ ଏବି ସ୍ୱିଚ ମଧ୍ୟ ସଂଲଗ୍ନ କରାଯିବ। ବାଦିସ୍ଥିତ ସବଷ୍ଟେଶନରୁ ଖଡିଆଳ ମୁଖ୍ୟ ହସ୍ପିଟାଲକୁ ବିଦ୍ୟୁତ ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯାଉଥିବା ବିଧାୟକ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟୁତ୍ ବିଭାଗ କର୍ମଚାରୀ, ଦଳୀୟ କର୍ମକର୍ତ୍ତା ଏବଂ ସହରବାସୀ ଯୋଗଦେଇଥିଲେ। ବହୁ ଦିନର ପ୍ରତୀକ୍ଷାର ଅନ୍ତ ଘଟିଥିବାରୁ ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି ।

# ଏଣିକି ଆଦିବାସୀ ଶିଶୁ ଖେଳିବେ ସ୍କେଟିଂ

ନୂଆପଡା ଅଫିସ,୨୮।୧୨

ନୂଆପଡାର ୫ଟି ବ୍ଲକ ଅଞ୍ଚଳ ମାଓବାଦୀ ଉପଦୃତ ହୋଇ ରହିଛି। ଏଠିକାର ଶିଶୁ ଏବଂ ଯୁବପିଢୀଙ୍କୁ ମୁଖ୍ୟ ସ୍ରୋତରେ ରଖିବାକୁ ଜିଲା ପୋଲିସ ବିଭିନ୍ନ ସଂସ୍କାର ଧର୍ମୀ କାର୍ଯ୍ୟରେ ସାମିଲ କରୁଛନ୍ତି । ଏହି ଜିଲା ମାଓବାଦୀ ଉପଦୃତ ଧରମବନ୍ଧା ଥାନା ଅଞ୍ଚଳର ଶିଶୁମାନଙ୍କୁ ସ୍କେଟିଂ ଭଳି ଦୁର୍ଲଭ ଖେଳରେ ବାନ୍ଧି ରଖିବାର ପ୍ରୟାସ କରାଯାଇଛି । ସରକାରଙ୍କ ସମନ୍ୱିତ କାର୍ଯ୍ୟାନ୍ୱୟନ ଯୋଜନାରୁ ନିର୍ମିତ ସ୍କେଟିଂ ଗ୍ରାଉଣ୍ଡକୁ ଶନିବାର ଉଦ୍‌ଘାଟନ କରାଯାଇଥିବାବେଳେ ଏଥିରେ ପ୍ରଥମ କରି ଜର୍ମାନୀ ଏବଂ ଫ୍ରାନ୍ସରୁ ଆସିଥିବା ୩ଜଣ ଖେଳାଳି ଖେଳ ପ୍ରଦର୍ଶନ କରି ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଦାୟିତ୍ୱରେ ଥିବା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ ସଭାପତିତ୍ୱ କରିଥିବାବେଳେ ଏସ୍‌ପି ବିନୀତ କୁମାର ଅଗ୍ରୱାଲ ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ଓମପ୍ରକାଶ କଲାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜର୍ମାନୀରୁ ଆସିଥିବା ଟିମୋ





ସ୍କେଟିଂ ପାଇଁ ଆସିଥିବା ବିଦେଶୀ, ଜନୱାର ଏବଂ ଧରମବନ୍ଧାର ଶିଶୁମାନଙ୍କ ଗହଣରେ ଏସ୍‌ପି ଏବଂ ଅତିଥିବୃନ୍ଦ (ବାମ)। ଶିଶୁମାନେ ସ୍କେଟିଂ ପ୍ରଦର୍ଶନ କରୁଛନ୍ତି ।

- ବିଦେଶୀ ଖେଳାଳି ଆସି ଦେଖାଇଲେ ନମୁନା
- ମାଓବାଦୀ ଉପଦୃତ ଥାନାରେ ଶିଶୁ ସଂସ୍କାର

ହେନବେଲ, ବେନଜାମିନ ଟୁଟି, ଫ୍ରାନ୍ସରୁ ଲେକୋଟେ ମାଇକେଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଧରମବନ୍ଧା ସହ ଆଖପାଖ ଅଞ୍ଚଳରୁ ବହୁ ଶିଶୁ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ, ମଧ୍ୟପ୍ରଦେଶର ପନ୍ନା ଜିଲା ଜନୱାର ଗାଁରେ ଜର୍ମାନୀରୁ ଏକ ସଂସ୍ଥା ଆସି ସ୍ୱତନ୍ତ୍ର ଭାବେ ସ୍କେଟିଂ ଗ୍ରାଉଣ୍ଡ ତିଆରି କରି ୩ ବର୍ଷ ଧରି ଶିକ୍ଷା ଦେଇଆସୁଥିଲେ । ଗାଁରେ ଅଦ୍ୟାବଧୀ ଶତାଧିକ ଶିଶୁ ଖେଳର ମଜା ନେଉଥିବାବେଳେ ବିଦେଶକୁ ମଧ୍ୟ ଯାଇ ବହୁ ଖ୍ୟାତି ଅର୍ଜନ କରୁଛନ୍ତି । ଏହାକୁ ନେଇ ସଂପୃକ୍ତ ସଂସ୍ଥା ଏଠାକୁ ଆସି ରାଜ୍ୟ ସରକାରଙ୍କ ଗୃହ ବିଭାଗ ମଞ୍ଜୁରୀକ୍ରମେ ଶିକ୍ଷା ଦେବାର ଯୋଜନା ରଖିଥିଲେ । ତତକାଳୀନ ଜିଲାପାଳ ଡା.ପୋମା ଟୁଡୁ ଏବଂ ଏସପି ସ୍ମିତ ପରମାରଙ୍କ ଉଦ୍ୟମକ୍ରମେ ମୋଟ ୨୩ ଲକ୍ଷ ୪୦ ହଜାର ୯୯୮ ଟଙ୍କାରେ ଏହି ଗ୍ରାଉଣ୍ଡ ନିର୍ମାଣ ହୋଇଥିଲା। ଉଦ୍‌ଘାଟନୀ ଦିବସରେ ୩ ଜଣ ବିଦେଶୀ ଜନୱାରର ୩୧ଜଣ ଶିଶୁଙ୍କୁ ଆଣି ଏଠାକୁ ଆସିଥିଲେ। ଏମାନେ ଦୀର୍ଘ ଦୁଇ ଘଣ୍ଟା ଧରି ରୋମାଞ୍ଚକର ଖେଳ ପ୍ରଦର୍ଶନ କରିଥିଲେ । ଆଗକୁ ଏଠିକାର ପିଲାଙ୍କୁ ତାଲିମ ଦିଆଯିବ। ଏଭଳି ଖେଳକୁ ଅଞ୍ଚଳବାସୀ ମନଭରି ଉପଭୋଗ କରିବେ। ଆହୁରି ଆଗକୁ ଯିବାକୁ ପ୍ରୋତ୍ସାହିତ କରାଯିବ ବୋଲି ଏସପି ଅଗ୍ରୱାଲ କହିଛନ୍ତି। ଏହା ଜିଲା ପାଇଁ ପ୍ରଥମ ହୋଇଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## କୋଶଳି ଧନୁଯାତ୍ରାର ୭ମ ସନ୍ଧ୍ୟା

# କାଳୀୟଦଳନ ମନମୋହିଲା

ଖଡିଆଳ,୨୮।୧୨ (ଡି.ଏନ.ଏ.)

ସ୍ଥାନୀୟ ନାକାପଡାସ୍ଥିତ ମଥୁରାପୁର କଂସ ଦରବାରରେ ଆୟୋଜିତ କୋଶଳି ଧନୁଯାତ୍ରାର ୭ମ ସନ୍ଧ୍ୟାରେ କାଳୀୟ ଦଳନ ମନମୋହିଲା। ଏହିକ୍ରମରେ ନାକାପଡା ମଥୁରା ନଗରୀ ହୋଇଥିବାବେଳେ ଧୋବାପଡାକୁ ଗୋପପୁର ଭାବେ ଅଭିହିତ କରାଯାଇଛି। ଶୁକ୍ରବାର ରାତିରେ ଶ୍ରୀକୃଷ୍ଣ ବଳରାମଙ୍କ ହାତରେ କାଳୀୟ ଦଳନ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା । ଏଥିରେ ସ୍ଥାନୀୟ ତୀରବନ୍ଧ କାଳିନ୍ଦି ହ୍ରଦ ସାଜିଥିଲା। ଏହି କାର୍ଯ୍ୟକ୍ରମକୁ ସହରର ସହସ୍ରାଧିକ ଲୋକ ଉପଭୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଦୀପ ସିଂ ବାବୁ ସଭାପତିତ୍ୱ କରିଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦକ ବଳମତ ସେଠୀ, ନବୀନ ପ୍ରଧାନୀ, ବରିଷ୍ଠ ସଦସ୍ୟ ଡୋଳାମଣୀ ସିଂ ବାବୁ, ଜଗବନ୍ଧୁ ବାରିକ, ଡା. କୁବେରକାନ୍ତ ପଣ୍ଡା, ଶ୍ରୀବତ୍ସ ବାରିକ, ଦୟା ଥପା, ମମତା ମଞ୍ଜରୀ ଥପା, ବିଜୟ ବାରିକ ପ୍ରମୁଖ ସହଯୋଗ କରିଥିଲେ।



କାଳୀୟ ଦଳନ କାର୍ଯ୍ୟକ୍ରମରେ କଳାକାରମାନେ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

## ସଂକ୍ଷେପରେ

### କ୍ରିକେଟ: ପଦ୍ମନପୁର ବିଜୟୀ

**ଜହ୍ନାପଙ୍କ, ୨୮।୧୨ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଜହ୍ନାପଙ୍କ ମେଡିକାଲ ପଡିଆରେ ଚାଲିଥିବା ଜହ୍ନାପଙ୍କ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅଷ୍ଟମ ଦିବସରେ ବ୍ରାହ୍ମଣୀପାଲି ଓ ପଦ୍ମନପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ବ୍ରାହ୍ମଣୀପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୨.୧ ଓଭରରେ ସମସ୍ତ ଉଇକେଟ ହରାଇ ୮୭ ରନ କରିଥିଲା। ଜବାବରେ ପଦ୍ମନପୁର ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୮୮ ରନ କରି ବିଜୟୀ ହୋଇଥିଲା। ଆଜିର ମ୍ୟାଚକୁ ବିପିନ ରଣା ଓ ଅମିତ ପ୍ରଧାନ ପରିଚାଳନା କରିଥିବା ବେଳେ ପିଣ୍ଟୁ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଶାନ୍ତନୁ ଜେନା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

### କ୍ରିକେଟ: ଫାଇନାଲରେ କନ୍ଧମାଳ, ଭୁରାଡ଼

**ମନମୁଣ୍ଡା, ୨୮।୧୨ (ଡି.ଏନ.ଏ)** କନ୍ଧମାଳ ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତର ଅଇଁଲାଚୁଆଁ ଭଗବତୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ କନ୍ଧମାଳ ୩ ଉଇକେଟ ବିନିମୟରେ ୧୩୯ ରନ କରିଥିଲା ବେଳେ ପ୍ରତିପକ୍ଷ ତିଲେଇମାଲ ଦଳ ୭୫ ରନ କରି ଅଲଆଉଟ ହୋଇଥିଲା। ଫଳରେ କନ୍ଧମାଳ ୬୪ ରନରେ ବିଜୟ ଲାଭ କରିଥିଲା । ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଭୁରାଡ ୧୧ ରନରେ ଗବଯୋର ଦଳକୁ ପରାସ୍ତ କରିଥିଲା। ଭୁରାଡ ୯ ଉଇକେଟରେ ୭୩ ରନ କରିଥିଲା ବେଳେ ଗବଯୋର ୬୨ ରନରେ ସମସ୍ତ ଉଇକେଟ ହରାଇଥିଲା। ଦୁଷ୍ମନ୍ତ ନାଏକ ଓ ଟିମାଲୋଚନ ଭୋଇ ଖେଳ ପରିଚାଳନା କରିଥିଲେ । ମ୍ୟାଚରେ କନ୍ଧମାଳ ଆଦିବାସୀ ସଂଘ ସଭାପତି ଉମ୍ବରୁଧର କହଁର ମୁଖ୍ୟଅତିଥି ଓ ସମାଜସେବୀ ରାଜୀବ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରବିବାର କନ୍ଧମାଳ ଓ ଭୁରାଡ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ ।

### ଫୁଟବଲ: ଘଣ୍ଟାପଡ଼ା ସେମିରେ

**ଘଣ୍ଟାପଡା, ୨୮।୧୨ (ଡି.ଏନ.ଏ)** କନ୍ଧମାଳ ହାଇସ୍କୁଲ ଖେଳ ପଡିଆରେ ମାଁ ପାଟଖଣ୍ଡା କ୍ଲବ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି । ଉଦଘାଟନୀ ମ୍ୟାଚରେ ଏସଏସ ସ୍ପୋର୍ଟିଂ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚରେ ବରଗଡ ଭେଡନ ଓ ପୁରୁଣାକଟକ ମଧ୍ୟରେ ଖେଳ ହୋଇଥିଲା । ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ଜରିଆରେ ଭେଡେନ ୭-୬ ଗୋଲରେ ବିଜୟୀ ହୋଇ ଏସଏସ ସ୍ପୋର୍ଟିଂ ସହିତ ସେମିଫାଇନାଲ ଖେଳିଥିଲା । ଏହି ମ୍ୟାଚ ମଧ ସଂଘର୍ଷ ପୂର୍ଣ୍ଣ ହୋଇ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରରେ ଭେଡେନ ୧-୨ରେ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା । ଏସଏସ ସ୍ପୋର୍ଟିଂ ପ୍ରଥମ ଦଳ ଭାବେ ଫାଇନାଲରେ ପହଞ୍ଚିଛି । ରବିବାର ଫାଇନାଲ ମ୍ୟାଚ୍ ହେବ।



ପ୍ଲାଟିନମ୍ ଜୁବିଲିର ଦ୍ୱିତୀୟ ଦିନ ସଭାରେ ମଞ୍ଚାସୀନ ଅତିଥି।



ସନ୍ଧ୍ୟାରେ ଅନୁଷ୍ଠିତ ସାଲ୍‌ସା ଗ୍ରୁପ୍ ଡ୍ୟାନ୍ସ।

■ ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲିର ଦ୍ୱିତୀୟ ଦିବସ

# ପରିବେଶ ସୁରକ୍ଷା ନ ହେଲେ ଜୀବଜଗତ ତିଷ୍ଠିବ ନାହିଁ

**ବଲାଙ୍ଗୀର ଅଫିସ,୨୮।୧୨**

ମଣିଷ ଯେଭଳି ଭାବେ ପରିବେଶ ସହ ଖେଳ ଖେଳୁଛି ତାହା ଦିନକୁ ଦିନ ଅଧିକ ମାରାତ୍ମକ ହେବାକୁ ବସିଲାଣି । ପରିବେଶ ସୁରକ୍ଷା ପ୍ରତି ମଣିଷ ଅଧିକ ଯତ୍ନବାନ ନ ହେଲେ ଜୀବଜଗତ ତିଷ୍ଠିବା କଷ୍ଟକର ହୋଇପଡିବ ବୋଲି ମୁଖ୍ୟବକ୍ତା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.ମାଧବଚନ୍ଦ୍ର ଦାଶ ବଲାଙ୍ଗୀର ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବିଲି ସମାରୋହର ଦ୍ୱିତୀୟ ଦିବସ ସଭାରେ କହିଛନ୍ତି। ଶନିବାର ପୂର୍ବାହ୍ନରେ ଗାନ୍ଧୀ ଷ୍ଟାଡିୟମଠାରେ ପ୍ଲାଟିନମ୍ ଜୁବିଲି କମିଟି ଉପସଭାପତି ତଥା କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଅଭିମନ୍ୟୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଭିସୁଟ୍ କୁଳପତି ପ୍ରଫେସର ଚୌଧୁରୀ, ରାଜେନ୍ଦ୍ର କଲେଜ ପୂର୍ବତନ ଅଧ୍ୟକ୍ଷ ମହମ୍ମଦ ଫକିରୁଦ୍ଦିନ୍ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଡାକୁଆ ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ଆୟୋଜନକୁ ପ୍ରଶଂସା କରି ଶିକ୍ଷା ସଚେତନତା ହିଁ ମଣିଷକୁ ମଣିଷ ଭାବେ ବଞ୍ଚିବାର ରାହା ଦେଖାଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ବିଧାୟକ ସନ୍ତୋଷ ସିଂ ସାଲୁଜା ଶିକ୍ଷାର ବିକାଶ ଦିଗରେ ମିଳିତ ଭାବେ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭିସୁଟ୍ କୁଳପତି ଡ. ଦାଶ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ଭୂମିକା ଉପରେ କହିଥିଲେ। ରାଜେନ୍ଦ୍ର କଲେଜର ପୂର୍ବତନ ଅଧ୍ୟକ୍ଷ ମହମ୍ମଦ ଫକିରୁଦ୍ଦିନ୍ ତାଙ୍କ ବକ୍ତବ୍ୟରେ ପୁରୁଣା ଦିନର ସ୍ମୃତିକୁ ମନେ ପକାଇ ଭାବୁକ୍ ହୋଇଉଠିଥିଲେ। ୮୦ ଦଶକର ରାଜେନ୍ଦ୍ର କଲେଜର ଶିକ୍ଷା ପରିବେଶ ଓ ଅନୁଶାସନକୁ ମନେ ପକାଇଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ଫକିରୁଦ୍ଦିନ୍‌ଙ୍କୁ ପ୍ଲାଟିନମ୍ ଜୁବିଲି କମିଟି ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରେ ସେମିନାର କମିଟି ଅଧ୍ୟକ୍ଷ ଡ ଦେବେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ପୂର୍ବତନ ଅଧ୍ୟକ୍ଷ ଫକିରୁଦ୍ଦିନଙ୍କ ସହ ପୁରାତନ ଓ ଏବର ଛାତ୍ରୀଛାତ୍ରମାନେ ସେଲଫି ନେବା ଦୃଶ୍ୟ ପରିବେଶକୁ ଭାବମୟ କରିଦେଇଥିଲା। ସନ୍ଧ୍ୟାରେ ମଞ୍ଚରେ ମୁମ୍ବାଇରୁ ଆସିଥିବା ସାଲ୍‌ସା ଗ୍ରୁପ୍ ରଙ୍ଗାରଙ୍ଗ ଆଧୁନିକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏପରି କି ଜୟପ୍ରକାଶ ପୂଜାରୀ ଗ୍ରୁପ ସଙ୍ଗୀତ ପରିବେଷଣ କରିଥିଲେ । ଏଥିରେ ପଥରଚେପା ଭିନ୍ନକ୍ଷମ ସେବା କେନ୍ଦ୍ରର ଏମ୍ ରେଣୁ ଓ କବିତା ଦାଶ, ରାଜେନ୍ଦ୍ର କଲେଜ ଛାତ୍ର ବଳରାମ ଦାଶ, ଆକାଶ ବିଶ୍ୱାଳ, ଆଫତାବ୍, ଗୋପେଶ ବାଗ ଓ ଶ୍ୱେତପଦ୍ମା ସାହୁ, ଆକାଶ ବିଶ୍ୱାଳ ଓ ଜ୍ୟୋତିକା ମିଶ୍ର ଏବଂ ଜୟପ୍ରକାଶ ପୂଜାରୀ ମନଛୁଆଁ ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କମିଟି ଅଧ୍ୟକ୍ଷ ଅଜୟ ଦାସ, ଆବାହକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସଂଯୋଜକ ସୁବଳ ମହାକୁର, ସରୋଜ ମହାରଣା, ହିମାଂଶୁ ଖମାରୀ, ରାଜେଶ ବାରିକ, କପିଳେଶ୍ୱର ଖମାରୀ, ଅଶୋକ ମିଶ୍ର, ସଂଯୋଜିକା ଜାଗୃତି ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଭାବୁକ୍ ହେଲେ ଫକିରୁଦ୍ଦିନ୍, ସେଲ୍‌ଫି ନେଲେ ପୁରାତନ ଛାତ୍ର**

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବାଉଁଶୁଣୀ, ୨୮।୧୨ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଜୟ ବଜରଙ୍ଗବଳୀ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ବହିରା ହାଇସ୍କୁଲର ବରିଷ୍ଠ ଶିକ୍ଷକ ଦେଶବନ୍ଧୁ ମହାକୁଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉଦଯାପନୀ ଉତ୍ସବରେ ସରପଞ୍ଚ ପୁଷ୍ପାଞ୍ଜଳି ମେହେର ମୁଖ୍ୟଅତିଥି, ଇଂ. ରାକେଶ ତ୍ରିପାଠୀ, ଜିଲା ଯୁବ ମୋର୍ଚ୍ଚା ସଭାପତି ସୁଶାନ୍ତ ବାଘ, ସମିତି ସଭ୍ୟା ପ୍ରତିନିଧି ସଞ୍ଜୀବ ମେହେର, ବିଶ୍ୱମୋହନ ନାୟକ, ବରିଷ୍ଠ କ୍ରୀଡାବିତ ଜୟନ୍ତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏଥିରେ ବହିରା ଦଳକୁ ପଞ୍ଚରା ଦଳ ୨-୦ ଗୋଲରେ ପରାଜିତ କରି ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା। ତାପସ ଭୁକ୍ତା, ପ୍ରହଲ୍ଲାଦ ଭୁକ୍ତା ଓ ପ୍ରଭାସ ଚନ୍ଦ୍ର ରଥ ଖେଳ ପରିଚାଳନା କରିଥିଲେ। ଯଜାତି କେଶରୀ ମହାଲିକ, ନବକିଶୋର ଡାଙ୍ଗ, ସୁଶାନ୍ତ ଗାଇଗୌରିଆ, ସ୍ୱାଧୀନ ବାଘ, ନରେଶ ସାହୁ, କୈଳାଶ ନାଏକ, କୁଲୁ ଡାଙ୍ଗ ସହଯୋଗ କରିଥିଲେ। ବିଜୟୀ ଦଳକୁ ତିନି ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ଦୁଇ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ବିଶ୍ୱମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଲେପାଲିରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଦେଓଗାଁ,୨୮।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ସାଲେପାଲିରେ ଶନିବାର ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଆୟୋଜନରେ ଅନୁଷ୍ଠିତ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ଧବଳେଶ୍ୱର ନାୟକ ଓ ପ୍ରମୋଦିନୀ ନାୟକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂଜକ ଭାବେ ଭଗବାନ ଶତପଥି, ସୁଧାଂଶୁ ଶେଖର ଥନାପତି ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ଗାୟୀକା ବନ୍ଦିତା ନାୟକ ଓ ସାଥିଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ପାଠ ହୋଇଥିଲା। ଦୁଃଶାସନ ଦୋରା, କବି ଦୋରା, ଜୟ ନାୟକ, ପ୍ରେମାନନ୍ଦ ବାରିକଙ୍କ ସହ ଗ୍ରାମବାସୀ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ସହଯୋଗ କରିଥିଲେ।



ସାଲେପାଲିରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

## ୧ ହଜାର କି.ଗ୍ରା. ମହୁଲ ପୋଚ ନଷ୍ଟ କଲା ଅବକାରୀ ବିଭାଗ

**ଜୁନାଗଡ,୨୮।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଓ ଜିଲା ଅବକାରୀ ଅଧୀକ୍ଷକ ଉମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜୁନାଗଡ ଥାନା ଅନ୍ତର୍ଗତ ରଣପୁର ନିକଟସ୍ଥ ଆମଝରୀ ପାହାଡରେ ଚୋରା ଦେଶୀ ହାତ ରନ୍ଧା ମଦ ପ୍ରସ୍ତୁତ ହେଉଥିବା ଖବର ପାଇଁ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢାଉ କରାଯାଇଥିଲା। ଏହି ସମୟରେ ୧ହଜାର କିଗ୍ରା ମହୁଲ ପୋଚ, ୧୫୦ ଲିଟର ଚୋରା ହାତ ତିଆରି ରନ୍ଧା ମଦ ଓ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ପୂର୍ବରୁ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଜୁନାଗଡ ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ନେତୃତ୍ୱରେ ଚଢାଉରେ ଏଏସ୍‌ଆଇ ବସନ୍ତ ବିଶି, କନଷ୍ଟେବଳ ବାଲେଶ୍ୱର ଧଙ୍ଗଡାମାଝି, ମହାଦେବ ମାଝି, ଈଶ୍ୱର ଚନ୍ଦ୍ର ଭୋଇ ଓ ପ୍ରତିମା ଗହୀର ପ୍ରମୁଖ ସାମିଲ ହୋଇଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

■ କେନ୍ଦୁଉଡାର ଫୁଟବଲ ଟୁର୍ନାମେଣ୍ଟ

## ଫାଇନାଲରେ ମୁରିବାହାଲ

**ଟିକ୍ରାପଡ଼ା,୨୮।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧୀନ କେନ୍ଦୁଉଡାରରେ ଲାଙ୍କେଶ୍ୱର ସ୍ପୋର୍ଟ୍ସ ଆଣ୍ଡ କଲଚରାଲ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଥିଲା ପଞ୍ଚମ ଦିବସ । ଅନୁଷ୍ଠିତ ମ୍ୟାଚରେ ଚଲକି ଦଳକୁ ୧-୦ ଗୋଲରେ ହରାଇ ମୁରିବାହାଲ ଦଳ ଫାଇନାଲକୁ ଉନ୍ନିତ ହୋଇଛି। ଦେବରାଜ ନାହାକଙ୍କ ଖେଳ ପରିଚାଳନା କରିଥିବା ବେଳେ ତାଙ୍କୁ ପୁରୁଷୋତ୍ତମ ବୁଡେକ, ଜଳନ୍ଧର ସାହୁ ସହାୟତା କରିଥିଲେ। ଚୁଡାମଣି ବଗର୍ତ୍ତୀ, ଜ୍ଞାନେଶ୍ୱର ପ୍ରଧାନୀ ଧାରାବିବରଣୀ ପ୍ରଦାନ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ ରଣା, ଯୋଗାଣ ସହାୟକ ରଶ୍ମିରଞ୍ଜନ କଇଁଶା ଅତିଥି ଭାବେ ଯୋଗ ଦେଇଥିଲେ। ରବିବାର ଟିକ୍ରାପଡ଼ା ଏବଂ ଚୂଡାପାଲି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

## ଆସନ୍ତା ୧୧ରେ ନବୋଦୟ ପରୀକ୍ଷା

**ଭବାନୀପାଟଣା,୨୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ନବୋଦୟ ବିଦ୍ୟାଳୟର ଶ୍ରେଣୀ ଚୟନ ପରୀକ୍ଷା ଆସନ୍ତା ୧୧ ତାରିଖ (ଶନିବାର) ଅନୁଷ୍ଠିତ ହେବ। ଏ ନେଇ ବିଦ୍ୟାଳୟ ଅଧ୍ୟକ୍ଷା ଏଲ୍ ମୀନା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। କଳାହାଣ୍ଡି ଜିଲାର ସମସ୍ତ ପରୀକ୍ଷାର୍ଥୀ ତଥା ଅଭିଭାବକମାନଙ୍କୁ ଅଧ୍ୟକ୍ଷା ଜଣାଇଛନ୍ତି ଯେ, ସେମାନେ ନିଜ ନିଜ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପରୀକ୍ଷାର୍ଥୀଙ୍କ ପ୍ରବେଶ ପତ୍ର ସଂଗ୍ରହ କରିବେ।

## ପ୍ରସୂତି ମହିଳାଙ୍କଠାରୁ ଲାଞ୍ଚ ନେଉଛନ୍ତି ନର୍ସ

**ସୋନପୁର,୨୮।୧୨(ନି.ପ୍ର.)**

ଦୁର୍ନୀତି ରୋକିବା ପାଇଁ ରାଜ୍ୟ ସରକାର ୫-ଟି, ମୋ ସରକାର ଭଳି ଯୋଜନା କରୁଛନ୍ତି। ସ୍ୱାସ୍ଥ୍ୟବିଭାଗକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି। ଏହି ସବୁ ପରେ ବି ଦୁର୍ନୀତି ବୃଦ୍ଧି ପାଉଛି। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ବିଭାଗରେ ଖୁଲମ୍‌ଖୋଲା ଦୁର୍ନୀତି ଚାଲିଥିବା ଅଭିଯୋଗ ହୋଇଛି । ବିଭାଗର ଦୁଇ ଜଣ ନର୍ସ ଲାଞ୍ଚ ମାଗୁଛନ୍ତି । ଲାଞ୍ଚ ନ ଦେଲେ ସେମାନଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯିବ ବୋଲି ଚେତାବନୀ ଦିଆଯାଉଥିବା ପ୍ରସୂତିଙ୍କ ପରିବାରବର୍ଗ ଶନିବାର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ପିଏଚ୍‌ଓ) ଡାକ୍ତର ଦିଲୀପ କୁମାର ପଣ୍ଡାଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ସିଡିଏମ୍‌ପିଏଚ୍‌ଓ ଡାକ୍ତର ପଣ୍ଡା, ଏଡିଏମ୍‌ଓ ପରିବାର କଲ୍ୟାଣ ଡାକ୍ତର ଦୈତ୍ୟନାରାୟଣ ପାଢୀ ଓ ଏଡିଏମ୍‌ଓ ମେଡିକାଲ ଡାକ୍ତର ପ୍ରମୋଦ ବିଶ୍ୱାଳ ପ୍ରସୂତି ବିଭାଗକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ଲାଞ୍ଚ କିଏ ନେଇଛି ସେ ସମ୍ପର୍କରେ ପ୍ରସୂତିଙ୍କ ପରିବାରବର୍ଗଙ୍କ ସହିତ ଆଲୋଚନା କରିଛନ୍ତି। ନର୍ସ କିମ୍ବା ସଫେଇ କର୍ମଚାରୀ(ସୁଇପର) ଲାଞ୍ଚ ନେଇଛନ୍ତି ତାହା ରବିବାର ସ୍ପଷ୍ଟ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ରାତିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ପ୍ରସୂତିଙ୍କର ପ୍ରସବ ହୋଇଥିଲା। ବୌଦ୍ଧ ଜିଲା ପଲସାଗୋରା ନିକଟସ୍ଥ ସୁଲିଆ ଗାଁର ସୁନିତା ବାଘଙ୍କର ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ସୁନିତାଙ୍କୁ ଶନିବାର ସକାଳେ ସ୍ୱାସ୍ଥ୍ୟକନ୍ଦ୍ରକୁ ଅଣାଯାଇଥିଲା । କିନ୍ତୁ ପ୍ରସୂତି ବିଭାଗରେ ଧଳା ଶାଢୀ ପରିଧାନ କରିଥିବା ଜଣେ ମହିଳା ୧ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତାଙ୍କୁ ୫୦୦ ଟଙ୍କା ଲାଞ୍ଚ ଦେଇଥିବା ପ୍ରସୂତିଙ୍କ ସ୍ୱାମୀ ରମେଶ ବାଘ ଅଭିଯୋଗ କରିଛନ୍ତି। ସେହିପରି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗୁରୁପଙ୍ଗା ଗ୍ରାମର ଧରଣୀ ଡାଙ୍ଗଙ୍କର ଘରେ ପିଲା ଜନ୍ମ ହୋଇଥିଲା। ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାମୀ ଗୋପାଳଙ୍କ ଠାରୁ ପ୍ରସୂତି ବିଭାଗର ଜନୈକ ମହିଳା ୫୦୦ଟଙ୍କା ଲାଞ୍ଚ ମାଗିଥିଲେ। ସେ ଗରିବ ଲୋକ ହୋଇ ଥିବାରୁ ୩୦୦ଟଙ୍କା ଦେବାକୁ ସକ୍ଷମ ହୋଇଥିଲେ। ବୀରମହାରାଜପୁର ବ୍ଲକ କୁମରସିଂହାର ବାବି କୁଅଁରଙ୍କର ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କନ୍ୟାସନ୍ତାନ ଜନ୍ମ ହୋଇଥିଲା । ପ୍ରସୂତିଙ୍କ ସ୍ୱାମୀ ପ୍ରମୋଦଙ୍କୁ ସମ୍ପୃକ୍ତ ନର୍ସ କୁଆଡେ ୧୦୦୦ଟଙ୍କା ଲାଞ୍ଚ ମାଗିଥିଲେ। ସେ ୫୦୦ଟଙ୍କା ଦେଇଥିଲେ। ଛେଳି ବିକ୍ରି କଲେ ବାକି ୫୦୦ଟଙ୍କା ଦେବେ ବୋଲି ନେହୁରା ହୋଇଥିଲେ। ଏ ସମ୍ପର୍କରେ ସୂଚନା ପାଇ ଭଜପା ନେତା ଇଂ.ରଘୁନାଥ ଜଗଦଲା, ରାମଶଙ୍କର ଭୋଇ, ଜ୍ୟୋତି ତ୍ରିପାଠୀ, ସୁରୁବାବୁ ସାହୁ, ଗିରିଗୋବର୍ଦ୍ଧନ ଥନାପତି ଓ ସୁକାନ୍ତ ସାହୁ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ହୋହଲ୍ଲା କରିଥିଲେ। ପ୍ରସୂତିଙ୍କ ଆତ୍ମୀୟସ୍ୱଜନଙ୍କ ସହିତ ସିଡିଏମ୍‌ପିଏଚ୍‌ଓଙ୍କ ନିକଟକୁ ଯାଇ ଆଲୋଚନା କରି ଲିଖିତ ଦାବି ଜଣାଇଥିଲେ। ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତଶ୍ରୁତି ଦେଇଥିଲେ।



ପ୍ରସୂତିଙ୍କ ଆତ୍ମୀୟ ଓ ଭାଜପା ନେତା ସିଡିଏମ୍‌ପିଏଚଓଙ୍କ ସହିତ ଆଲୋଚନା କରୁଛନ୍ତି।

■ ଅଭିଯୋଗ ଆଣିଲେ ପରିବାରବର୍ଗ

■ ସିଡିଏମ୍‌ପିଏଚ୍‌ଓଙ୍କ ନେତୃତ୍ୱରେ ତଦନ୍ତ କରୁଛନ୍ତି ୩ ଜଣିଆ ଟିମ୍

■ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ

## ସିଏଏ, ଏନ୍‌ଆର୍‌ସିକୁ ବିରୋଧକରି ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୨୮।୧୨**

ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ ସଂଶୋଧନ ଆଇନ୍(ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି)କୁ ବିରୋଧ କରି ସମ୍ବିଧାନ୍ ସଚେତନତା ଅଭିଯାନ୍(ଏସ୍‌ଏସ୍‌ଏ) ପକ୍ଷରୁ ଶନିବାର ସକାଳେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଆଇନ୍ ସମ୍ବିଧାନ ବିରୋଧୀ ଓ ଗଣତନ୍ତ୍ର ବିରୋଧୀ ବୋଲି ବକ୍ତାମାନେ କହିଥିଲେ। ଏଥିରେ ଏସ୍‌ଏସ୍‌ଏର ରାଜ୍ୟ ସଂଯୋଜକ ହିମାଂଶୁ ବିଭାର, ପୂର୍ଣ୍ଣଚନ୍ଦ୍ର ପାଇକ୍, ଲକ୍ଷ୍ମୀଚରଣ ପାଲ, ସୁରେନ୍ଦ୍ର ନନ୍ଦ, ଜ୍ୟୋର୍ତିମୟ ନାଗ, ବଳଦେବ କୁମ୍ଭାର, ନଳିନୀ ଦୀପ, ଜନ୍ମେଜୟ ବାରିକ, ଗୋବିନ୍ଦ ବିଭାର, ମଙ୍ଗଳ ସୁନା ଓ ଅନ୍ୟମାନେ ସାମିଲ ହୋଇ ଧାରଣାରେ ବସିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅଫିସ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।




ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ଏସ୍‌ଏ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ



### ୧ ହଜାର କି.ଗ୍ରା. ମହୁଲ ପୋଚ ନଷ୍ଟ କଲା ଅବକାରୀ ବିଭାଗ

**ଜୁନାଗଡ,୨୮।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଓ ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜୁନାଗଡ ଥାନା ଅନ୍ତର୍ଗତ ରଣପୁର ନିକଟସ୍ଥ ଆମଝରୀ ପାହାଡରେ ଚୋରା ଦେଶୀ ହାତ ରନ୍ଧା ମଦ ପ୍ରସ୍ତୁତ ହେଉଥିବା ଖବର ପାଇଁ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢାଉ କରାଯାଇଥିଲା। ଏହି ସମୟରେ ୧ହଜାର କିଗ୍ରା ମହୁଲ ପୋଚ, ୧୫୦ ଲିଟର ଚୋରା ହାତ ତିଆରି ରନ୍ଧା ମଦ ଓ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ପୂର୍ବରୁ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଜୁନାଗଡ ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ନେତୃତ୍ୱରେ ଚଢାଉରେ ଏଏସ୍ଆଇ ବସନ୍ତ ବିଶି, କନଷ୍ଟେବଲ ବାଲେଶ୍ୱର ଧଙ୍ଗଡାମାଝି, ମହାଦେବ ମାଝି, ଈଶ୍ୱର ଚନ୍ଦ୍ର ଭୋଇ ଓ ପ୍ରତିମା ଗହୀର ପ୍ରମୁଖ ସାମିଲ ହୋଇଥିଲେ।

### କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

**ଭବାନୀପାଟଣା,୨୮।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କଂଗ୍ରେସ କର୍ଯ୍ୟାଳୟଠାରେ କଂଗ୍ରେସର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଜିଲା ସଭାପତି ଭାରତ ଭୂଷଣ ବେମାଲ ଅଧକ୍ଷତା କରି କଂଗ୍ରେସ ପତାକା ଉତ୍ତୋଳନ କରିଥିଲେ। ସଭାରେ ବକ୍ତାମାନେ ପ୍ରତିଷ୍ଠା ଦିବସ କେବେ ଓ କାହିଁକି ଗଠନ କରାଯାଇଥିଲା ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଆଜିର ଦିବସରେ କଂଗ୍ରେସର ଆଦର୍ଶ ଓ ନୀତିରେ ଅନୁପ୍ରାଣିତ ହୋଇ ସଦର ବ୍ଲକ ଅନ୍ତର୍ଗତ କାମଥନା ପଞ୍ଚାୟତର ପରେଶ୍ୱର ସାହୁ, ସୁରେନ୍ଦ୍ର ସାହୁ, ମଧୁ ମଙ୍ଗରାଜ ଓ କ୍ଷମା କର ମାଝି କଂଗ୍ରେସରେ ଯୋଗଦେଇଥିଲେ। ଜିଲା ସଭାପତି ବେମାଲ ସେମାନଙ୍କୁ କଂଗ୍ରେସ ପତାକା ଓ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ସଭାରେ ଉପସଭାପତି ଉଛବ ସାହୁ, ବ୍ରହ ମୋହନ ସାହୁହ, ସୁନିଲ ନାଏକ, ପରମେ ମାଝି, ମହମ୍ମଦ ସାହେବ, ତ୍ରିଲୋଚନ ପାଣିଗ୍ରାହୀ, ସନ୍ତୋଷ ପ୍ରଧାନ, କେଦାର ନାଥ ସେଠୀ, କୁମୁଦ ପଟ୍ଟନାୟକ, ଧନୁ ଗହିର, ଶରତ ନାୟକ, ଭାଗବତ ଯାଦବ, ସୁକାନ୍ତି ସରାଫ, ପ୍ରମିଳା ଭାତ୍ରା, ଦୁଃଖିଶ୍ୟାମ ପ୍ରଧାନ, ନିମାଞ୍ଚଳ ନାୟକ ଓ ମାଣିକ୍ୟ ସୁନା ପ୍ରମୁଖ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ବ୍ରଜ ମୋହନ ସାହୁ ଧନ୍ୟବାଦ ଦେଇଥିଲେ।

---

୩୨୩୦୯ ଚାଷୀଙ୍କଠାରୁ ୨୨୧୧୦୫୭ କୁଇଣ୍ଟାଲ ଧାନ ସଂଗ୍ରହ

# ବିଭିନ୍ନ ମଣ୍ଡିରେ ପଡ଼ିଛି ୧୨୭୩୫.୬୫ କୁଇଣ୍ଟାଲ ଧାନ

**ଭବାନୀପାଟଣା,୨୮।୧୨ (ଡି.ଏନ.ଏ.)**

ବିଭିନ୍ନ କାରଣ ଯୋଗୁ କଳାହାଣ୍ଡି ଜିଲାରେ ଧାନ ସଂଗ୍ରହ କମିଟି ବୈଠକରେ ଧାର୍ଯ୍ୟ ତାରିଖର ୨୦ ଦିନ ବିଳମ୍ବରେ ନଭେମ୍ବର ୨୦ରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଗତ ୨୫ ତାରିଖଠାରୁ କୋହଲା ପାଗ ସାଙ୍ଗକୁ ଜିଲାର ବିଭିନ୍ନ ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଥିବା ବେଳେ ଏବେ ଖୋଲା ଆକାଶ ତଳେ ମଣ୍ଡିରେ ପଡିରହିଛି ହଜାର ହଜାର କୁଇଣ୍ଟାଲ ଧାନବସ୍ତା। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଜିଲାରେ ୭୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି, ୨୩ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ୧୮୯ଟି ମିନି ଧାନକ୍ରୟ କେନ୍ଦ୍ର ଜରିଆରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ଚଳିତ ଖରିଫ ଋତୁରେ



**କଳାହାଣ୍ଡି ଜିଲା**

୭୧ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେଇଛନ୍ତି। ୨୭ ତାରିଖ ସୁଦ୍ଧା ଜିଲାରେ ୩୨୩୦୯ଜଣ ଚାଷୀଙ୍କଠାରୁ ୨୨୧୧୦୫୭ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଯାହାର ମୂଲ୍ୟ ୪୦୧୩୦.୬୮ ଲକ୍ଷ ଟଙ୍କା ହେବ ବୋଲି ଜିଲା ଯୋଗାଣ ଅଧିକାରୀ ଶିବ ପ୍ରସାଦ ଦୋରା ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୬୩୦୪୧ଜଣ ଚାଷୀଙ୍କୁ ୪୭୯୪୫୫୪.୯୭ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟୋକନ ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨୧୯୮୩୨୧.୩୫ କୁଇଣ୍ଟାଲ ଧାନ ମିର୍ଲସମାନେ ଉଠାଇଥିବା ବେଳେ ବିଭିନ୍ନ ମଣ୍ଡିରେ ୧୨୭୩୫.୬୫ କୁଇଣ୍ଟାଲ ଧାନ ପଡିରହିଛି। ଗତବର୍ଷ ପରି ଚଳିତ ବର୍ଷ ମଧ ବିଭିନ୍ନ ମଣ୍ଡିରେ ଦଲାଲ ରାଜ୍ ଚାଲିଛି । ପ୍ରଶାସନର ବାରମ୍ବାର ଦାଗିଦ ସତ୍ତ୍ୱେ ଏବଂ ସ୍କାଡ ଦ୍ୱାରା ଚଢ଼ଉ ଜାରି ରହିଥିଲେ ହେଁ ମଣ୍ଡିଗୁଡିକରେ ଦଲାଲଙ୍କ ରାଜୁତି ଚାଲିଛି। ଅପରପକ୍ଷେ ଧାନର ଏଫଏକ୍ୟୁ ମାନକୁ ନେଇ ମିଲର୍ସମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ କୁଇଣ୍ଟାଲ ପିଛା ୫ ରୁ ୮ କେଜି କଟନି ହେଉଥିବା ଅଭିଯୋଗ ହେଉଛି। ଯଦିଓ ଚଳିତବର୍ଷ ପ୍ରତ୍ୟେକ ମଣ୍ଡିରେ ଏନାଲାଇଜର ମେଶନ ରଖାଯାଇଛି ଏବଂ ଚାଷୀଙ୍କ ଧାନ ମାନ ପରୀକ୍ଷା କରାଯାଉଛି। ତାହା ସତ୍ତ୍ୱେ ମିଲରମାନେ ନିଜ ମନ ମୁତାବକ କୁଇଣ୍ଟାଲ ପିଛା ୫ ରୁ ୮ କେଜି ଧାନ କଟନି କରୁଥିବା ଦେଖିବାକୁ ମିଳୁଛି। ଏପରିକି ଏନାଲାଜିର ମେଶିନରେ ଧାନର ମାନ ଠିକ୍ ଥିବା ଜଣାପଡିବା ସତ୍ତ୍ୱେ ଧାନ କଟନି ଚାଲିଛି।

ଏ ନେଇ ଜିଲା ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ଦୋରାଙ୍କୁ ପଚାରିବାରୁ ଚଳିତବର୍ଷ ଜିଲାରେ ଉତ୍ପାଦନ ତୁଳନାରେ ଅମଳ ଅଧିକ ହେଇଛି । କିନ୍ତୁ ଉତ୍ପାଦନ ତୁଳନାରେ ଟାର୍ଗେଟ କମିଯାଇଛି। ତେଣୁ ସମସ୍ୟା ସୃଷ୍ଟି ହେଇଛି ଓ ଚାଷୀ ଟିକେଏ ହଇରାଣ ହୋଇଛନ୍ତି। ମଣ୍ଡିରେ ମଧ ଆବଶକ ଭିତ୍ତିଭୂମିର ଅଭାବ ସାଙ୍ଗକୁ ବର୍ତ୍ତମାନ କୋହଳା ପାଗ କେତେକ ସ୍ଥାନରେ ଝିପି ଝିପି ବର୍ଷା ଚାଷୀଙ୍କ ମୁଣ୍ଡ ବ୍ୟାଥାର କାରଣ ସାଜିଛି। ତେବେ ପ୍ରଶାସନ ପକ୍ଷରୁ କିଭଳି ଧାନ ଶୀଘ୍ର ଉଠିବ ସେଥିପାଇଁ ଉଦ୍ୟମ ଜାରି ରହିଛି। ଯେଉଁମାନେ ଧାନ ଉଠାଇବାରେ ଟାଳଟୁଳ ନୀତି ଦେଖାଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦୋରା କହିଛନ୍ତି।

---

ରାସ୍ତା ତଳକୁ ଓଲଟିଲା ଅଟୋ

### ଅଟୋ ଚାଳକଙ୍କ ସହ ଅନ୍ୟ ଜଣେ ଗୁରୁତର

**ଭବାନୀପାଟଣା,୨୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଓ ମେଲକୁନ୍ଦେଲ ରାସ୍ତାରେ ଗୁରୁବାର ରାତିରେ ଏକ ଅଟୋ (ଓଡି୧୮ଡି-୮୧୬୨) ରାସ୍ତାର ୨୫ ଫୁଟ ତଳ ଓଲଟି ପଡିବାରୁ ୨ ଜଣ ଆହତ ହୋଇଥିବା ଜଣାପଡିଛି। ସୂଚନା ପାଇ ଥୁଆମୂଳ ରାମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଟୋ ଚାଳକ ସମେତଙ୍କ ଆଉ ଜଣଙ୍କୁ ଉଦ୍ଧାର କରି ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଥିରେ ମେଲକୁନ୍ଦଲ ଗ୍ରାମର ମୁଣ୍ଡରା ମାଝିଙ୍କ ପୁଅ ଘାସିରାମ ମାଝି (୨୪) ଓ ଅଟୋଚାଳକ ବିରୋନ ମାଝି (୨୫) ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ଘାସିରାମଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

---

## ୨ ଶିକ୍ଷକଙ୍କୁ ୪ ମାସ ମଧ୍ୟରେ ପେନ୍ସନ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଭବାନୀପାଟଣା,୨୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ବ୍ଲକଗ୍ରାଣ୍ଟ ହାଇସ୍କୁଲର ଅବସରପ୍ରାପ୍ତ ଦୁଇ ବିଜ୍ଞାନ ଶିକ୍ଷକଙ୍କୁ ପେନସନ୍ ଓ ଅବସରକାଳୀନ ଦେୟ ୪ ମାସ ଭିତରେ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶରତ ଚନ୍ଦ୍ର ପରିଡା ବନାମ ରାଜ୍ୟ ସରକାର ମାମଲାରେ ୨୦୧୫ରେ ପ୍ରଦାନ କରାଯାଇଥିବା ରାୟ ଆଧାରରେ ଆବେଦନକାରୀଙ୍କ ପ୍ରସଙ୍ଗରେ ପଦକ୍ଷେପ ଗ୍ରହଣ କରିବାକୁ ଗଣଶିକ୍ଷା ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡକ୍ଟର ଜଷ୍ଟିସ ବି.ଆର. ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ କଳାହାଣ୍ଡି ଶ୍ରୀପୁର ଉଚ୍ଚ ବିଦ୍ୟାପୀଠର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଗଙ୍ଗାଧର ବରଡ ଓ ରେଙ୍ଗସାପାଲ୍ଲୀ ହାତୀରାମ ଉଚ୍ଚ ବିଦ୍ୟାପୀଠର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ପକ୍ଷରୁ ଦାୟର ପୃଥକ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ବରଡ ଦୀର୍ଘ ବର୍ଷ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରି ୨୦୧୭ ଏପ୍ରିଲରେ ଅବସର ଗ୍ରହଣ କରିଥିଲେ। ସେହିଭଳି ଭାବେ ସାହୁ ୨୦୧୯ରେ ଅବସର ଗ୍ରହଣ କରିଥିଲେ। ଉଭୟଙ୍କ ଚାକରି ଅନୁମୋଦନ ନେଇ କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ୨୦୦୫ରେ ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ୨୦୦୪ରୁ ସେମାନଙ୍କୁ ବ୍ଲକଗ୍ରାଣ୍ଟ ମିଳିଥିଲା। ଏହାପରେ ୨୦୧୩ର ଜିଆଇଏ ଅର୍ଡର ଅନୁସାରେ ଗ୍ରାଣ୍ଟ ଇନ୍-ଏଡ୍ ଆବେଦନକାରୀଙ୍କୁ ପ୍ରଦାନ କରାଯାଇଥିଲା। କିନ୍ତୁ ବ୍ଲକଗ୍ରାଣ୍ଟ ହାଇସ୍କୁଲରୁ ଅବସର ଗ୍ରହଣ କରିଥିବା ଆବେଦନକାରୀଙ୍କୁ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ମିଳି ନ ଥିଲା। ଅନ୍ୟପକ୍ଷରେ ସମାନ ପ୍ରସଙ୍ଗ ନେଇ ଦାୟର ଶରତ ଚନ୍ଦ୍ର ପରିଡା ମାମଲାର ଶୁଣାଣି କରି ୨୦୧୫ରେ ହାଇକୋର୍ଟ ବ୍ଲକଗ୍ରାଣ୍ଟ ସ୍କୁଲ ଅବସରପ୍ରାପ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କୁ ପେନସନ ଓ ଅବନସରକାଳୀନ ପ୍ରାପ୍ୟ ପ୍ରଦାନ ସପକ୍ଷରେ ରାୟ ପ୍ରଦାନ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟ କାଏମ ରଖିଥିଲେ। ଏହି ରାୟ ଆଧାରରେ ତାଙ୍କୁ ମଧ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ଅବସର ପରେ ଦିନଠାରୁ ପ୍ରଦାନ କରାଯାଉ ଦର୍ଶାଇ ଆବେଦନକାରୀ ସରକାରଙ୍କ ନିକଟରେ ଦରଖାସ୍ତ କରିଥିଲେ। କିନ୍ତୁ ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏହାପରେ ଆବେଦନକାରୀ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ମାଧମିକ ଶିକ୍ଷା ନିର୍ଦ୍ଦେଶକ ଓ କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀଙ୍କୁ ପକ୍ଷଭୁକ୍ତ କରି ହାଇକୋର୍ଟରେ ଦୁଇଟି ପୃଥକ ମାମଲା ରୁଜୁ କରିଥିଲେ। ଆବେଦନକାରୀ ବରଡଙ୍କ ପକ୍ଷରୁ ଆଇନଜୀବୀ ହୃଷିକେଶ ପ୍ରଧାନ ଓ ସାହୁଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

---

### ଚୋରା କାଠ ଜବତ: ୩ କୋର୍ଟ ଚାଲାଣ



**କେସିଙ୍ଗା,୨୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହରରୁ ଚୋରାରେ ଘର ଉପକରଣ କାଠ ଏକ ପିକଅପ୍ ଭ୍ୟାନ (ନଂ.ଓଡି୦୨ଏଏଫ-୩୬୭୭) ଯୋଗେ ବୋରିଆକୁ ନେଉଥିବା ବେଳେ କେସିଙ୍ଗା ରେଞ୍ଜର କର୍ମଚାରୀମାନେ ଜୋଲକୋ ନିକଟରେ ଶୁକ୍ରବାର ରାତିରେ ଚଢ଼ାଉ କରି ଜବତ କରିଥିଲେ । ଏଥିରେ ୪୦ ଖଣ୍ଡ ଶାଳ ଓ ମୁଦେ ଦ୍ୱାରବନ୍ଧ କାଠ ରହିଛି। ଏହି ଅଭିଯୋଗରେ ଡ୍ରାଇଭର ଲିଙ୍ଗରାଜ ସିଖା (୨୨) ଓ ୨ ଜଣ କାଠ ବ୍ୟବସାୟୀ ହେଲେ ପୁରୁଷୋତ୍ତମ ମୁନା (୨୬) ଓ ଜଗବନ୍ଧୁ ସୁନା (୬୦)ଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। କେସିଙ୍ଗା ରେଞ୍ଜର କର୍ମଚାରୀମାନେ କୌଣସି ସୂତ୍ରରୁ ଖବର ପାଇ ଜୋଲକୋ ଛକ ନିକଟରେ ସିଭିଲ ଡ୍ରେସରେ ଜଗି ରହିଥିଲେ। ହଠାତ ଉକ୍ତ ପିକଅପ୍ ଭ୍ୟାନ ପହଞ୍ଚିବାରୁ ଅଟକାଇ ରେଞ୍ଜ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରୁ ଉକ୍ତ କାଠ ଜବତ କରିଥିଲେ । ଏ ନେଇ କେସିଙ୍ଗା ରେଞ୍ଜ କାର୍ଯ୍ୟାଳୟର ଚିଠି ନଂ. ୩୮୪/୧୯ରେ କେସ ରୁଜୁ ହୋଇଥିବା ଜଣାପଡିଛି । ଏହି ଚଢ଼ାଉରେ ପ୍ରିୟବ୍ରତ ମିଶ୍ର ଫରେଷ୍ଟର, ଫରେଷ୍ଟ ଗାର୍ଡ ପ୍ରିୟରଞ୍ଜନ ଷଡଙ୍ଗୀ ସମେତ ୧୦ ଜଣ ପାରାଷ୍ଟାପଙ୍କ ମିଳିତ ଉଦ୍ୟମରେ ଏହି ଚୋରାକାଠ ଜବତ କରାଯାଇଥିଲା ।

---

ଟୋକନ ପ୍ରଦାନରେ ବିଳମ୍ବ ଅଭିଯୋଗ

## ଚାଷୀଙ୍କ କଲମପୁର-ଜୁନାଗଡ଼ ରାସ୍ତା ଅବରୋଧ

**କଲମପୁର,୨୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ପ୍ରାଥମିକ ସମବାୟ ସମିତି ଅଧୀନରେ ଥିବା କଲମପୁର ମଣ୍ଡି ଛକଠାରେ ଚାଷୀମାନେ ଟୋକନ ପ୍ରଦାନରେ ବିଳମ୍ବ ଅଭିଯୋଗ କରି ଶନିବାର କଲମପୁର-ଜୁନାଗଡ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସୂଚନା ଅନୁସାରେ କଲମପୁର ସମବାୟ ସମିତିରେ ଚାଷୀମାନଙ୍କ ଧାନ ବିକ୍ରିୟ ପାଇଁ ଯେଉଁ ଟୋକନ ବାହାରୁଛି, ସେହି ଟୋକନ ବିଳମ୍ବ ହେବା ଯୋଗୁ ଚାଷୀ ହଇରାଣ ହେଉଛନ୍ତି। ମଣ୍ଡିକୁ ଚାଷୀମାନେ ଧାନ ଆଣି ଶୀତକାକରେ ଜଗି ରହୁଛନ୍ତି। ଟୋକନ ପ୍ରଦାନରେ ବିଳମ୍ବ ଯୋଗୁ ଶନିବାର ଚାଷୀମାନେ ଏକତ୍ରିତ ହୋଇ ରାସ୍ତାରୋକୋ କରିଥିଲେ। ଦୀର୍ଘ ସମୟ ରାସ୍ତା ଅବରୋଧ ହେବା ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ଖବର ପାଇ ଧର୍ମଗଡ ଉପଖଣ୍ଡ ଯୋଗାଣ ନିରୀକ୍ଷକ ପ୍ରଫୁଲ୍ଲ ଦାସ ଘଟଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ମଙ୍ଗଳବାର ମଧ୍ୟରେ ମଣ୍ଡିରେ ଯେଉଁ ଯେଉଁ ସମସ୍ୟା ରହିଛି ସବୁ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । କଲମପୁର ଅଞ୍ଚଳର ସମସ୍ତ ମଣ୍ଡିରେ ମିଲର୍ସ ଏଜେଣ୍ଟମାନଙ୍କ ମର୍ଜିରେ ଧାନ କିଣା ଏବଂ ମଣ୍ଡିକୁ ଠିକ ଭାବେ ଟାର୍ଗେଟ ଆସୁ ନ ଥିବା ଯୋଗୁ ହଜାର ହଜାର କୁଇଣ୍ଟାଲ ଧାନ ପଡି ରହିଥିବା ଦେଖିବାକୁ ମିଳୁଛି। ମିଲର୍ସମାନଙ୍କ ଦ୍ୱାରା ନିୟୋଜିତ ଏଜେଣ୍ଟମାନେ ଚାଷୀମାନଙ୍କୁ ଠିକ ହିସାବ ଦେଉ ନ ଥିବା ଚାଷୀମାନଙ୍କୁ ଠିକ ସମୟରେ ଟୋକନ ନ ମିଳିବା, ଭାଗ ଚାଷୀମାନଙ୍କ ଟୋକନ ମିଳିବାରେ ବିଳମ୍ବତାକୁ ନେଇ ଚାଷୀମାନେ ବାଧ ହୋଇ ରାସ୍ତା ଅବରୋଧ କରିଥିଲେ ।



ଚାଷୀମାନେ ରାସ୍ତାରୋକୋ କରିଛନ୍ତି ।

---

## ଜିଲା ଅଣ ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ବୈଠକ

**ଭବାନୀପାଟଣା,୨୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଏକ ଜରୁରି ବୈଠକ ସ୍ଥାନୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରୂପକେଶରୀ ଦଳେଇଙ୍କ ଅଧକ୍ଷତାରେ ବୈଠକରେ ସଂଘ ଗୃହ ନିର୍ମାଣ ପାଇଁ ସମସ୍ତ ସହଯୋଗି ସଂଘ ସାହାର୍ଯ୍ୟ କରିବାକୁ ସ୍ଥିର ହୋଇଥିଲା। ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ପ୍ରତିବର୍ଷ ପଦନୋତି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ପଦନୋତି ଦେବା ପାଇଁ (କନିଷ୍ଠ ସହାୟକ) ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ବାରମ୍ବାର ଜିଲାପାଳଙ୍କ ନିକଟରେ ଦାବି କରାଯାଉଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ବହୁ କର୍ମଚାରୀ ଆଜି ପର୍ଯ୍ୟନ୍ତ ପଦନୋତି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ସହିତ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅମଲା ସଂଘ ସଭାପତି ସୁକାନ୍ତ ମହାପାତ୍ର, ଉପସଭାପତି ଭାବଗ୍ରାହୀ ନାୟକ, ବିଚାର ବିଭାଗୀୟ କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ପ୍ରଶନ୍ନ ପଟ୍ଟନାୟକ, ଜିଲା ୪ର୍ଥ ଶ୍ରେଣୀ ସମ୍ପାଦକ ସୁକଦେବ ମାଝି, ଅନ୍ତର୍ଯ୍ୟାମୀ ଚଲାନ ସମ୍ପାଦକ ଜିଲା ମଟର କର୍ମଚାରୀ ସଂଘ, ଲଡୁ ରାମ ଝାଙ୍କର କୃଷି ଓଭରସିଏର ସଂଘ, ରାକେଶ ରୋସନ ସାହୁ ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘ ଓ ବିଭିନ୍ନ ସଂଘର କର୍ମକର୍ତ୍ତା ଉପସ୍ଥିତଥିଲେ। ଜିଲା ସମ୍ପାଦକ ଅଭିମନ୍ୟୁ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

---

## ନବୋଦୟ ପରୀକ୍ଷା ଆସନ୍ତା ୧୧ରେ

**ଭବାନୀପାଟଣା,୨୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ନବୋଦୟ ବିଦ୍ୟାଳୟର ଶ୍ରେଣୀ ଚୟନ ପରୀକ୍ଷା ଆସନ୍ତା ୧୧ ତାରିଖ (ଶନିବାର) ଅନୁଷ୍ଠିତ ହେବ । ଏ ନେଇ ବିଦ୍ୟାଳୟ ଅଧକ୍ଷା ଏଲ୍ ମୀନା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। କଳାହାଣ୍ଡି ଜିଲାର ସମସ୍ତ ପରୀକ୍ଷାର୍ଥୀ ତଥା ଅଭିଭାବକମାନଙ୍କୁ ଅଧକ୍ଷା ଜଣାଇଛନ୍ତି ଯେ, ସେମାନେ ନିଜ ନିଜ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପରୀକ୍ଷାର୍ଥୀଙ୍କ ପ୍ରବେଶ ପତ୍ର ସଂଗ୍ରହ କରିବେ।

---



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା

## ସିକେରପଡ଼ାକୁ ହରାଇ ଚିଚର୍ଲା ଚାମ୍ପିୟନ

**ଭବାନୀପାଟଣା,୨୮।୧୨ (ଡି.ଏନ.ଏ.)**

ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଓ ସ୍ୱାଧୀନ ଯୁଥ କ୍ଲବ କର୍ଲାପଡାରେ ମିଳିତ ସହଯୋଗରେ ଚାଲିଥିବା ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଚିଚର୍ଲା ବନାମ ସିକେରପଡା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳରେ ଚିଚର୍ଲା ୧-୦ ଗୋଲରେ ବିଜୟୀ ହୋଇ ଦଳଗତ ଚାମ୍ପିୟନ ହୋଇଥିଲା। ନବୀନ ନାଏକ, ଉପେନ୍ଦ୍ର ଶବର, ସୁରେଶ ନାୟକ, ସନ୍ତୋଷାନନ୍ଦ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପୂର୍ବ ବିଧାୟକ ଦୁଷ୍ମନ୍ତ ନାଏକ ମୁଖ୍ୟଅତିଥି, ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ସମ୍ମାନିତ ଅତିଥି, ସେଂପୁର ସରପଞ୍ଚ ରାଜେଶ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ପ୍ରସନ୍ନ ମେହେର ଓ ଲେଖପାଳ ଦ୍ୱିତୀୟ ବନଛୋରଙ୍କ ତତ୍ତ୍ୱାବଧାନରେ ପୁରସ୍କୃତ ବିତରଣୀ କାର୍ଯ୍ୟକ୍ରମରେ ଯୁବ ଅନୁଷ୍ଠାନ ସଭାପତି ଧ୍ରୁବ ଚରଣ ପ୍ରଧାନ, ସମ୍ପାଦକ ଅଞ୍ଜନ ପ୍ରଧାନ, ହୃଦାନନ୍ଦ ବାରିକ, ନିର୍ମଳ ଚନ୍ଦ୍ର ପ୍ରଧାନ, ଜଗଦାନନ୍ଦ ପ୍ରଧାନ, ବଉଦ ମାଝି, ବାଣୀ ଭୂଷଣ ପ୍ରଦାନ, ଆଲୋକ ଜାଲ ଏବଂ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

---

ସିପିଆଇର ୧୪ ଦଫା ଦାବି

## ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ, ଶୋଭାଯାତ୍ରା

**ଜୁନାଗଡ,୨୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ୧୪ ଦଫା ଦାବି ନେଇ ଶନିବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ବିକ୍ଷୋଭ ଓ ଶୋଭାଯାତ୍ରା କରାଯାଇଛି। ଆରମ୍ଭରେ ଜୁନାଗଡ ସହରର ଡାକବଙ୍ଗଳା ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ଦଳୀୟ କର୍ମକର୍ତ୍ତା ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖକୁ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଅତିଥି ଭାବେ ଜାତୀୟ ପରିଷଦ ସଦସ୍ୟ ଅଭୟ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ବେହେରା, ଜିଲା ସହସମ୍ପାଦକ ଜଗଦିଶ ଦୁର୍ଗା, ଏଆଇଏସ୍ଏଫର ଜିଲା ଛାତ୍ରୀ ସଂଘ ଆବାହିକା ଝିଲି ବାଗ, ଜୋନ୍ ସମ୍ପାଦକ ବାନାମ୍ବର ମେହେର, ବିଦ୍ୟାଧର ନାଏକ, ଜିଲା ପରିଷଦ ସଦସ୍ୟ ମସ୍ତକ ସୁନାନୀ, ବିନିତା ମାଝି, ରାଜାରାମ ଡଙ୍ଗରୀ, ନୀଳକଣ୍ଠ ନାଏକ, କିଶୋର ଚନ୍ଦ୍ର ଛତ୍ରିଆ, ପ୍ରହଲ୍ଲାଦ ମଙ୍ଗରାଜ, ଶ୍ୟାମ ସୁନ୍ଦର ଜାଲ, ଅକ୍ଷୟ କୁମାର ମେହେର ପ୍ରମୁଖ ଯୋଗଦେଇ ଜୁନାଗଡ ବ୍ଲକର ବିଭିନ୍ନ ମୌଳିକ ସମସ୍ୟା ଉପରେ ଉଦ୍‌ବୋଧନ ଦେଇଥିଲେ। ସେହିପରି ଅଚ୍ଛେ ଦିନର ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିବା କେନ୍ଦ୍ର ସରକାରଙ୍କ ବାସ୍ତବିକ ରୂପର ବିଭିନ୍ନ ଉଦାହରଣ ଦେଇ ବର୍ଷିଥିଲେ। କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସଭା ପରିଚାଳନା କରିଥିଲେ। ପରେ ଏକ ୧୪ ଦଫା ଦାବିପତ୍ର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଥିଲା। ଜୁନାଗଡ ବିଡିଓ ଉପସ୍ଥିତ ନ ଥିବାରୁ ତାଙ୍କ ସ୍ଥାନରେ ଭାରପ୍ରାପ୍ତ ଏବିଡିଓ ସିଦ୍ଧେଶ୍ୱର ମେହେର ଏହାକୁ ଗ୍ରହଣ କରିଥିଲେ। ମଣ୍ଡିରେ ପଡିଥିବା ଧାନକୁ ଉଠାଯାଇ ଚାଷୀଙ୍କୁ ଧାନର ମୂଲ୍ୟ ତୁରନ୍ତ ପ୍ରଦାନ କରାଯାଉ। ସୁର୍ଲି, ସୁପେଲ, କୁସୁମ୍ବରା, ଲଖନାପଡା, ବିଜରାଦର ଓ ବେହେରାଗୁଡା ଗାଁକୁ ତୁରନ୍ତ ରାସ୍ତା ନିର୍ମାଣ କରାଯାଉ, ଦଖଲ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରାଯାଉ, ମଧ୍ୟାହ୍ନ ଭୋଜନ ରାନ୍ଧୁଥିବା ପାଚିକା ସହାୟିକାମାନଙ୍କୁ ସରକାରୀ ମାନ୍ୟତା ସହିତ ମାସିକ ୧୮ହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଉ, ଭୂମିହୀନଙ୍କୁ ଘରଡିହ ପ୍ରଦାନ କରାଯାଉ, ସିଲିଂ ଜମିର ପଟ୍ଟାପାଇଥିବା ହିତାଧିକାରୀଙ୍କୁ ଜମି ଚିହ୍ନଟ କରି ଜମି ଦଖଲ ଦିଆଯାଉ, ବିଧବା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉ, ଜୁନାଗଡ ଓ ଭବାନୀପାଟଣା ସହରର ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଉ, ଜବକାର୍ଡ ହିତାଧିକାରୀଙ୍କୁ ଶହେ ଦିନର କାମ ଯୋଗାଇ ଦିଆଯାଉ, ନିର୍ମାଣ ଶ୍ରମିକ ମାନଙ୍କ ବକେୟା ପଡିଥିବା ସହାୟତା ରାଶି ପ୍ରଦାନ କରାଯାଉ, ତଳମଲା ଓ ଆଟିଗାଁ ପଞ୍ଚାୟତକୁ ଯାଇଥିବା କେନାଲ ଜରିଆରେ ରବି ଚାଷ ପାଇଁ ପାଣି ଯୋଗାଇ ଦିଆଯାଉ, କୃଷି ଋଣ ଛାଡ କରାଯାଉ, ବନବାସୀମାନଙ୍କୁ ଜଙ୍ଗଲ ଅଧିକାର ବଳରେ ଅଧିକାର ଦିଆଯାଉ ଓ ଜୁନାଗଡଠାରେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯାଉ ଆଦି ଦାବି ରହିଛି। ଏହି ଦାବିଗୁଡିକ ଆସନ୍ତା ୨ ମାସ ମଧ୍ୟରେ ସମାଧାନ କରା ନ ଗଲେ ସିପିଆଇ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ ସହ ବ୍ଲକ କାର୍ଯ୍ୟାଳୟରେ ତାଲା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଅପରାହ୍ନରେ ଜିଲା ସାଙ୍ଗଠନିକ ସମ୍ମେଳନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା।




ବିଭିନ୍ନ ଦାବି ନେଇ ସିପିଆଇ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ। -ମହର୍ଷି ପରାଶର



**ସଂକ୍ଷେପରେ**

## ଧାଙ୍ଗେର ହତ୍ୟା ମାମଲା: ଧରାପଡ଼ିଲେ ଅଭିଯୁକ୍ତ ସ୍ୱାମୀ

ବରଗଡ଼ ଅଫିସ୍,୨୮।୧୨: ବରଗଡ଼ ସଦର ଥାନା ଅନ୍ତର୍ଗତ ଧାଙ୍ଗେର ସହରାପଡ଼ାରେ ସ୍ତ୍ରୀକୁ ହତ୍ୟା ପରେ ମୃତଦେହକୁ ଏକ ଆବଦ୍ଧ କୋଠରୀରେ ରଖି ଶିଶୁକନ୍ୟାକୁ ଧରି ଫେରାର ଥିବା ଅଭିଯୁକ୍ତ ସ୍ୱାମୀ ପୋଲିସ ହାତରେ ଧରାପଡ଼ିଛନ୍ତି । ଶନିବାର ସ୍ଥାନୀୟ ସଦର ଥାନା ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିବା ଖବର ମିଳିଛି । ଏ ସମ୍ପର୍କରେ ପୋଲିସ ପକ୍ଷରୁ ଅଧିକ କିଛି ସୂଚନା ଦିଆଯାଇ ନାହିଁ । ପ୍ରକାଶଥାଉକି, ମୃତା ମହିଳାଙ୍କ ବାପା ଝିଅ ଓ ନାତୁଣୀଙ୍କୁ ଭେଟିବା ପାଇଁ ଗତ ୧୪ତାରିଖରେ ଧାଙ୍ଗେର ସହରାପଡ଼ା ଆସିଥିବା ବେଳେ ଘରେ ତାଲା ପଡ଼ିଥିଲା। ପୂର୍ବରୁ ତାଙ୍କ ଜ୍ୱାଇଁ ଝିଅକୁ ମାରି ଦେବାକୁ ଧମକ ଦେଇଥିବାରୁ ତାକୁ ନେଇ ମୃତା ମହିଳାଙ୍କ ବାପାଙ୍କ ସନ୍ଦେହ ଦୃଢ଼ୀଭୁତ ହୋଇଥିଲା ଏବଂ କବାଟ ଭାଙ୍ଗିବାରୁ ଘର ମଧ୍ୟରେ ଝିଅର ଗଳିତ ମୃତଦେହ ପଡ଼ିଥିବା ସେ ଦେଖିବାକୁ ପାଇଥିଲେ। ଅନ୍ୟପଟେ ମୃତା ମହିଳାଙ୍କ ସ୍ୱାମୀ ଓ ଶିଶୁକନ୍ୟା ଘରେ ନ ଥିବା ଜଣାପଡ଼ିଥିଲା। ଏ ନେଇ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଧରିବା ପାଇଁ ତନାଘନା ଚଳାଇଥିଲା।



ବରଗଡ଼ରେ ଶନିବାର ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି ।

# ହସ୍ତତନ୍ତ ମେଳା ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୨୮।୧୨**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ବୟନିକା ପକ୍ଷରୁ ପ୍ରାୟୋଜିତ ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ ହୋଇଛି । ରାଜ୍ୟ ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବୟନିକା ସଭାପତି ଶେଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ଏବଂ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ହସ୍ତତନ୍ତ ଓ ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ଅତିଥି ଭାବେ ମଞ୍ଚାସୀନ ଥିଲେ ।

ବରଗଡ଼ ଧନୁଯାତ୍ରା ଅବସରରେ ଏଥର ଏଠାରେ ଚତୁର୍ଥଥର ପାଇଁ ହେଉଥିବା ଏହି ଜାତୀୟସ୍ତରୀୟ ହସ୍ତତନ୍ତ ମେଳାରେ ରାଜ୍ୟର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ରାଜ୍ୟ ତଥା ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ଯୋଗଦାନ କରି ସେମାନଙ୍କ ହସ୍ତତନ୍ତ ବସ୍ତ୍ର ଓ ପରିଧାନକୁ ପ୍ରଦର୍ଶିତ କରି ବିକ୍ରି କରିବେ। ଆସନ୍ତା ଜାନୁୟାରୀ ୧୯ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବାର କାର୍ଯ୍ୟକ୍ରମ ରହିଛି । ପ୍ରତ୍ୟହ ଦିନ ସାଢ଼େ ୧୧ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ମେଳା ଚାଲିବ। ଏହି ମେଳାରେ ଓଡ଼ିଶାର ପ୍ରତ୍ୟେକ ଷ୍ଟଲରେ ପ୍ରତ୍ୟେକ ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତି ଦେବାର ବ୍ୟବସ୍ଥା ରହିଛି । ମେଳାରେ ମୋଟ୍ ୫୦ଟି ଷ୍ଟଲ ଥିବାବେଳେ ସେଥିରୁ ୨୦ଟି ଷ୍ଟଲ ଓଡ଼ିଶାର ବିଭିନ୍ନ ପ୍ରମୁଖ ସଂସ୍ଥା ତଥା ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ସେରିଫେଡ୍ ଓ ଅନ୍ୟାନ୍ୟ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିମାନଙ୍କ ପାଇଁ ସଂରକ୍ଷିତ ରହିଥିବା ସୂଚନା ଦିଆଯାଇଛି।

ମେଳାରେ ଚଳିତବର୍ଷ କଲିକତାର ଦକ୍ଷିଣ କାଳୀ ମନ୍ଦିରର ପ୍ରତିକୃତି ପ୍ରମୁଖ ଆକର୍ଷଣ ହୋଇଛି । ମେଳାରେ ଓଡ଼ିଶା ହସ୍ତତନ୍ତର ଉତ୍କୃଷ୍ଟମାନର ଶାଢ଼ୀ ତଥା ତନ୍ତ ବୁଣା ପ୍ରଦର୍ଶିତ ହେବ । ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ତଥା ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ।

ସେହିପରି କାରିଗର ଓ ଗ୍ରାହକଙ୍କ ପ୍ରତ୍ୟକ୍ଷ ଭାବ ବିନିମୟ, ପରସ୍ପର ଜ୍ଞାନ କୌଶଳ, ବୟନ ଶୈଳୀ, ଡିଜାଇନ ଆଦି ଉପରେ ଆଲୋଚନାଚକ୍ର ରହିଛି । ମେଳାଟି ବୟନଶିଳ୍ପ ନିର୍ଦ୍ଦେଶାଳୟ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିବା ବେଳେ ଉଦଘାଟନୀ ସମାରୋହରେ ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ବୟନିକା ଏବଂ ସମ୍ବଲପୁରୀ ବସ୍ତ୍ରାଳୟର ପଦାଧିକାରୀ ଉପସ୍ଥିତ ଥିଲେ ।

## ଛିଡ଼ା ହୋଇଥିବା ବସ୍‌କୁ ଧକ୍କା ଦେଲା କାର୍

**ଲଖନପୁର,୨୮।୧୨(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ବନହରପାଲି ଥାନା ଅଧୀନ ବନ୍ଧବାହାଲ-ବେଲପାହାଡ ରାସ୍ତାର କିରାରମା ବାଇପାସ୍ ଛକରେ ଦୁଘର୍ଟଣା ଘଟିଛି। ଓଆର୍ ୨୩ଇ ୩୮୮୮ନଂ ବିଶିଷ୍ଟ ଭଗବତୀ ନାମକ ଏକ ଘରେଇ ବସ୍ ରାସ୍ତାରେ ଛିଡାହୋଇ ଯାତ୍ରୀଙ୍କୁ ଓହ୍ଲାଉଥିଲା। ଏହି ସମୟରେ ବିପରିତ ଦିଗରୁ ଆସୁଥିବା ଓଡି୨୩ ଜେ୧୮୦୧ନଂ ବିଶିଷ୍ଟ ଏକ କାର୍ ଭାରସାମ୍ୟ ହରାଇ ବସ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ କାର୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଛି। କାର୍ ଚାଳକ ଓ କାର୍ ପଛ ସିଟରେ ବସିଥିବା ଜଣେ ମହିଳା ସାମନ୍ୟ ଆହତ ହୋଇଛନ୍ତି। ଖବରପାଇ ବନ୍ଧବାହାଲ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାର୍‌କୁ ଜବତ କରିଛି। ଏ ନେଇ ବନହରପାଲି ଥାନାରେ ଏକ ମାମଲା ରୁଜୁ (ନଂ.୧୬୯/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଯାତ୍ରୀବାହୀ ମିନିବସ୍‌ଟି ଇବ୍‌ଥର୍ମାଲରୁ ଝାରସୁଗୁଡା ଅଭିମୁଖେ ଯାଉଥିବାବେଳେ କାର୍‌ଟି ବ୍ରଜରାଜନଗର କୁତାବଗାରୁ ବନ୍ଧବାହାଲ ଅଭିମୁଖେ ଆସୁଥିଲା।



ଯାତ୍ରୀବାହୀ ବସ୍‌କୁ ଧକ୍କାଦେବା ଫଳରେ କାର୍ ଭାଙ୍ଗିରୁଜି ଯାଇଛି।

## ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପିତ


ଗୋପପୁରରେ ଶୁଭସ୍ତମ୍ଭ ସ୍ଥାପନ ଅବସରରେ ଶ୍ରଦ୍ଧାଳୁ।

**ଲଖନପୁର,୨୮।୧୨(ଡି.ଏନ୍.ଏ.)** ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ଆସନ୍ତା ୪ରୁ ଆରମ୍ଭ ହେବ। ୧୦ତାରିଖରେ ଏହା ଶେଷ ହେବ। ଏହି ଅବସରରେ ଯାତ୍ରାର ବିଧିବିଧାନ ଅନୁଯାଇ ଶୁକ୍ରବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ବନ୍ଧବାହାଲ ଗ୍ରାମର ମୁଖ୍ୟ ଜମିଦାର ଦୈତାରୀ ପ୍ରସାଦ ସିଂହଙ୍କ ବାସଭବନରୁ ଖୋଳ, ମୃଦଙ୍ଗର ତାଳେ ତାଳେ ଏକ ଶୋଭାଯାତ୍ରା ବାହାରି ଥିଲା। ଗ୍ରାମର ଇଷ୍ଟଦେବୀ ମାଉଲିଗୁଡି ଓ ଭୀମବୁଡାଙ୍କ ନିକଟରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଗ୍ରାମର ଜମିଦାର ବଂଶଜ ସଞ୍ଜୟ ସିଂହ ଦାୟିତ୍ୱ ତୁଲାଇଥିଲେ। ନରେନ୍ଦ୍ର ପୂଜାରୀ ଓ ଟଙ୍କଧର ନେଟୀ ପୂଜକ ଥିଲେ। ଇଷ୍ଟଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ଆସି ଗୋପପୁର ଗାଁ ମଣ୍ଡପ ଓ ଧନୁଯାତ୍ରା ମଣ୍ଡପ ମଥୁରାପୁରରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ଏଥିରେ ଯାତ୍ରା କମିଟି ସମ୍ପାଦକ ପ୍ରେମାନନ୍ଦ ସାହୁ, ସାଲେଗ୍ରାମ ନାୟକ, ଘନଶ୍ୟାମ ସିଂହ, କୃଷ୍ଣଚନ୍ଦ୍ର ସିଂହ, ସୌକି ପ୍ରଧାନ, ବିଜୟ ପତି, ନିରଞ୍ଜନ କରାଳୀ, ରବୀନ୍ଦ୍ର ହୋତା, ବିରଞ୍ଚି ପ୍ରଧାନ, ସାଗର ସାହୁ, ପ୍ରସନ୍ନ ପ୍ରଧାନ, ମହେନ୍ଦ୍ର କଣ୍ଟା, ପ୍ରଦୀପ କରାଳୀ, ତେଜରାଜ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

## ନକଲି ଇସିରେ ଜମି କାରବାର, ୪ ଅଟକ

**ଭଟଲି, ୨୮।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ତହସିଲ ଅଞ୍ଚଳରେ ନକଲି ଇସି ଓ ପଟ୍ଟାରେ ଜମି କାରବାର ଚାଲିଥିବା ଅଭିଯୋଗ ହୋଇଛି । ଶନିବାର ଘଟଣାର ପର୍ଦ୍ଦାଫାଶ କରିଛନ୍ତି ଖୋଦ ଭଟଲି ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ରାମକୃଷ୍ଣ ମିଶ୍ର। ଶୁକ୍ରବାର ଅଫିସରେ ଜମି ରେଜେଷ୍ଟ୍ରି ଚାଲିଥିବା ବେଳେ ଦସ୍ତଖତରେ ଟାମ୍ପରିଂ ହୋଇଥିବା ମାଜିଷ୍ଟ୍ରେଟଙ୍କ ନଜରକୁ ଆସିଥିଲା । ସେହି କାଗଜାତ ଗୁଡ଼ିକ ପରେ ପୂର୍ବ ଜମିଜମା କାଗଜ ସହ ନ ମିଶିବାରୁ ତହସିଲଦାର ଏ ନେଇ କ୍ରେତା ଓ ବିକ୍ରେତାଙ୍କୁ ଡାକି ପଚାରାଉଚୁରା କରିବା ସହିତ ଭଟଲି ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାରେ ସମ୍ପୃକ୍ତି ସନ୍ଦେହରେ ୪ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି । ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୨୧୯/୧୯) ରୁଜୁ ହୋଇଛି ।

ସୂଚନା ଅନୁସାରେ, ଭଟଲି ତହସିଲ ଅନ୍ତର୍ଗତ ସୁକୁଡ଼ା ରାଜସ୍ୱ ଗ୍ରାମର ସୁକୁଡ଼ା ଗ୍ରାମର ଅଭ୍ୟାଗତ ତନସନାଙ୍କ ଚାଷ ଜମି ଶୁକ୍ରବାର ଭଟଲି ତହସିଲରେ ବିକ୍ରି ପାଇଁ ରେଜିଷ୍ଟ୍ରି ହେଉଥିଲା। ଏହି ସମୟରେ ଇସିରେ ଦସ୍ତଖତ ଜାଲିଆତି ହୋଇଥିବା ତହସିଲଦାର ସନ୍ଦେହ କରିଥିଲେ । ପରେ ସେ ରେଜିଷ୍ଟ୍ରିକୁ ସ୍ଥଗିତ ରଖିବା ସହିତ ପୂର୍ବ ରେକର୍ଡ଼ ଗୁଡ଼ିକୁ ଖୋଳତାଡ଼ କରିଥିଲେ। ଏହାପରେ କ୍ରେତା ଓ ବିକ୍ରେତାଙ୍କୁ ଡାକି ପଚରାଉଚୁରା କରି ଘଟଣାର ସତ୍ୟତା ଜାଣିପାରି ଭଟଲି ତହସିଲଦାର ଥାନାରେ ଲିଖିତ ଏତଲା ଦେଇଥିଲେ । ଏହି ଘଟାରେ ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ରଞ୍ଜିତ ନାୟକ ପ୍ରକାଶ କରିଛନ୍ତି ।

**ଭିକମପାଲି ମା ପଦ୍ମାସିନି କପ୍**

## ବୁନ୍ଦିଆ ଏକତା କ୍ଲବ୍‌କୁ ହରାଇ ଗୋବିନ୍ଦପୁର ଲାୟନ୍ସ ଷ୍ଟାର୍ ଚାମ୍ପିୟନ


ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଥିବା ମଞ୍ଚାସୀନ ଅତିଥିବୃନ୍ଦ।

**ଲଖନପୁର,୨୮।୧୨(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଭିକମପାଲି ହାଇସ୍କୁଲ୍ ପଡିଆରେ ଫ୍ରେଣ୍ଡସ୍ କ୍ଲବ୍ ତରଫରୁ ୧୩ତମ ମା ପଦ୍ମାସିନୀ କପ୍ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ୍ ମ୍ୟାଚ୍ ଗତ ୨୦ତାରିଖରୁ ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଛି। ଏଥିରେ ସମୁଦାୟ ୧୬ଦଳ ଅଂଶ ଗ୍ରହଣ କରିଥିଲେ। ଏଥିମଧ୍ୟରୁ ବୁନ୍ଦିଆ ଏକତା କ୍ଲବ୍ ଓ ଗୋବିନ୍ଦପୁର ଲାୟନ୍ସ ଷ୍ଟାର୍ ଦଳ ଫାଇନାଲ୍‌ରେ ପ୍ରବେଶ କରିଥିଲେ। ଏହି ଉଭୟ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳା ଯାଇଥିଲା। ବୁନ୍ଦିଆ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୧୫ ରନ୍ କରିଥିଲା। ଏହାର ଜବାବରେ ପ୍ରତିପକ୍ଷ ଗୋବିନ୍ଦପୁର ଦଳ ନିର୍ଦ୍ଧାରିତ ଓଭରରେ ୧୧୬ରନ୍ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବିଜେତା ଗୋବିନ୍ଦପୁର ଦଳକୁ ଚାମ୍ପିୟନ ଟ୍ରଫି ସହ ୧୫ହଜାର ଟଙ୍କା ଓ ଉପବିଜେତା ବୁନ୍ଦିଆ ଦଳକୁ ରନର୍ସ ଟ୍ରଫି ସହ ୧୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହା ସହିତ ବୁନ୍ଦିଆ ଦଳର ଖେଳାଳି ମୁକୁନ୍ଦଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଥିଲା। ସିରିଜ୍ ବିଜେତା ମୁକୁନ୍ଦଙ୍କୁ ଆୟୋଜକଙ୍କ ତରଫରୁ ପୁରସ୍କାର ଭାବେ ଏକ ମୋବାଇଲ୍ ପ୍ରଦାନ କରାଯାଇଥିଲା। ସେହିଭଳି ଗୋବିନ୍ଦପୁର ଦଳର ଖେଳାଳି ଭାଗ୍ୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଆୟୋଜକ ଫ୍ରେଣ୍ଡସ୍ କ୍ଲବ୍ ସଭାପତି ଅଭିଷେକ ହୋତା ଭାଗ୍ୟଙ୍କୁ ୨୧ଶହ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ସଚ୍ଚିଦାନନ୍ଦ ଭୋଇ ଓ ସୁଧାଂଶୁ ବିଶି ଅମ୍ପାୟର ଭାବେ ପରିଚାଳନା କରିଥିଲେ। ଏହି ଫାଇନାଲରେ ମ୍ୟାଚ୍‌ରେ ମୁଖ୍ୟଅତିଥି ବିଧାୟକ କିଶୋର ମହାନ୍ତି, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ନିର୍ମଳ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ସରପଞ୍ଚ କୃଷ୍ଣଚନ୍ଦ୍ର କାଲୋ, ସମିତି ସୁନ୍ଦରଲାଲ୍ ସେଠ୍, ବିଜେଡି ଯୁବନେତା ଶମ୍ଭୁ ମହାନ୍ତି, କ୍ଲବ୍ ସଭାପତି ଅଭିଷେକ ହୋତା ପ୍ରମୁଖ ଉପସ୍ଥିତିଥିଲେ । ଏହି ପୁରସ୍କାର ବିତରଣୀ ଉତ୍ସବକୁ ସାମାଜିକ କର୍ମୀ ପରିତୋଷ ମିଶ୍ର ପରିଚାଳନା କରିଥିଲେ । ଏଥିରେ ଆୟୋଜକ ଫ୍ରେଣ୍ଡସ୍ କ୍ଲବ୍‌ର ସଦସ୍ୟ ଦୀପକ ମେହେର, ମହେନ୍ଦ୍ର ମେହେର, ସ୍ୱାଧୀନ ମହାପାତ୍ର, ଛୋଟ ମେହେର, ହରି ଗଣ୍ଡ, ଅର୍ଜୁନ ଗଣ୍ଡ, କିଶୋର ମେହେର ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ଆକ୍ରମଣ

**କୋଲାବିରା,୨୮।୧୨(ଡି.ଏନ.ଏ.)**

କୋଲାବିରା ଗ୍ରାମର ତେଲେଙ୍ଗାପଡାର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ପଡାର ମହିଳାମାନେ ଗୋଡାଇବାରୁ ଅଭିଯୁକ୍ତ ଦ୍ୱୟ ସେଠାରୁ ଫେରାର ହୋଇଯାଇଛନ୍ତି। ପଡାର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କୋଲାବିରା ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ପୋଲିସ ସମସ୍ତଙ୍କୁ ବୁଝାସୁଝା କରି ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ଥାନାରୁ ଭିଡ ହଟିଥିଲା। ଶେଷରେ ପୋଲିସ ଜଣକୁ ଗିରଫ କରିଛି। ଅନ୍ୟ ଜଣେ ଫେରାର ହୋଇ ଯାଇଛନ୍ତି। ସୂଚନାଯୋଗ୍ୟ, ତେଲେଙ୍ଗାପଡାର ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଭୋଇ ସକାଳୁ ସକାଳୁ ଘରୁ ବାହାରୁଥିବା ସମୟରେ ସେହି ପଡାର ଜଣେ ବ୍ୟକ୍ତି ତାଙ୍କୁ ଧରିଥିଲେ। ଆଉ ଜଣେ ମାଡ ମାରିଥିଲେ। ଏହି ସମୟରେ ଆଖପାଖରେ ଉପସ୍ଥିତ ମହିଳାମାନେ ଦୌଡି ଆସି ଶିକ୍ଷକଙ୍କୁ ଉଦ୍ଧାର କରିଥିଲେ। ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ ଏବଂ ବରିଷ୍ଠ ନାଗରିକ ବୀରେନ୍ଦ୍ର କୁମାର ମହାପାତ୍ରଙ୍କ ନେତୃତ୍ୱରେ ଗାଁରେ ମହିଳା ଓ ପୁରୁଷମାନେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନାରେ ପହଞ୍ଚିଥିଲେ। ପ୍ରକାଶଯୋଗ୍ୟ, ତେଲେଙ୍ଗାପଡାରେ ହେବାକୁ ଥିବା ଅଷ୍ଟପ୍ରହର ନାମଯଜ୍ଞକୁ ଦୁଇ ଅଭିଯୁକ୍ତଙ୍କ ପରିବାର ବିରୋଧ କରି ଆସୁଛନ୍ତି। ଏହାକୁ କେନ୍ଦ୍ର କରି ଅବସରପ୍ରାପ୍ତ ଶିକ୍ଷକ ଭୋଇଙ୍କୁ ଦୁଇ ଅଭିଯୁକ୍ତ ଆକ୍ରମଣ କରିଛନ୍ତି।

## ଭାଜପା ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା



କର୍ମୀଙ୍କ ଗହଣରେ ଭାଜପା ଜିଲା ସଭାପତି ମଙ୍ଗଳ ସାହୁ।

**ଲଖନପୁର,୨୮।୧୨(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଭାରତୀୟ ଜନତା ପାର୍ଟି(ଭାଜପା)ର ନୂଆ ସଭାପତି ଭାବେ ମଙ୍ଗଳ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବନ୍ଧବାହାଲ ଭାଜପା ମଣ୍ଡଳ ତରଫରୁ ସ୍ଥାନୀୟ ଇନ୍ଦ୍ରଧନୁ କ୍ଲବ୍‌ରେ ଶୁକ୍ରବାର ସଭାପତି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ପରିଷଦ ସଦସ୍ୟ ସାମଲ ନାଏକ, ରଘୁନନ୍ଦନ ପଣ୍ଡା, ସମୀର ମିଶ୍ର, ବିଶ୍ୱନାଥ ଭୋଇ, ବିଶ୍ୱଜିତ୍ ଷଡଙ୍ଗୀ, ନିଳାଞ୍ଚଳ ସା, ପ୍ରଦୀପ କରାଳୀ, ହେମନ୍ତ ପଟେଲ, ଆଲୋକ ସାହୁ, ଆକୁଳ ସ୍ୱାଇଁ, ବିଜୟ ସେଠ୍, ଫୁଲ୍‌ସିଂହ ମାଝି, ତପନ ପାଢଯୋଶୀ, ରତ୍ନାକର ପ୍ରଧାନ, ପ୍ରସନ୍ନ ପାଢୀ ପ୍ରମୁଖ କର୍ମୀମାନେ ଉପସ୍ଥିତ ଥିଲେ।

## ଝାରବନ୍ଧରେ ତୁଷାରପାତ

**ଝାରବନ୍ଧ, ୨୮।୧୨ (ଡି.ଏନ.ଏ)**

ବରଗଡ଼ ଜିଲା ଝାରବନ୍ଧ ଅଞ୍ଚଳରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଏ ଅଞ୍ଚଳରେ ସରକାରୀ ଭାବେ ଶୀତ ମାପ ସୁବିଧା ନ ଥିଲେ ମଧ୍ୟ ୪ ରୁ ୫ ଡିଗ୍ରୀ ସେଲସିୟସ ପାରଦ ଖସିଥିବା ଅନୁମାନ କରାଯାଉଛି । ଶନିବାର ସକାଳେ ଅଞ୍ଚଳରେ ତୁଷାରପାତ ହୋଇଛି । ଝାରବନ୍ଧ ଅଞ୍ଚଳର ଡଭା, ଭଣ୍ଡାରପୁରୀ, ଜଗଦଲପୁର, ବିଲାସପୁର ଗାଁ ମାନଙ୍କରେ ଏପରି ଦେଖାଯାଇଛି । ଦୁଇ ଦିନ ତଳେ ସାମାନ୍ୟ ବର୍ଷା ପାଗ ଥିବା ବେଳେ ହଠାତ ତୁଷାରପାତ ହୋଇଛି । ଆଜି ଦିନ ସାରା ସୁଲୁସୁଲିଆ ପବନ ଲାଗି ରହିଥିଲା। ଝାରବନ୍ଧ ଅଞ୍ଚଳରେ ଖରା ଓ ବର୍ଷା ବିଗତ ଦିନମାନଙ୍କରେ ବେଶୀ ହୋଇଛି । ହେଲେ ଶୀତ ଏପରି ହୋଇ ନ ଥିବା ଚର୍ଚ୍ଚା ହେଉଛି ।

**ଅନ୍ତରାଡି ସ୍କୁଲର ହୀରକ ଜୟନ୍ତୀ ସମାରୋହ**

## ଶିକ୍ଷା ହିଁ ବିକାଶର ମୂଳଦୁଆ: ଶ୍ରମମନ୍ତ୍ରୀ

**ଅମ୍ବାଭୋନା, ୨୮।୧୨ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କପାଶିରା ଗ୍ରାମପଞ୍ଚାୟତ ଅନ୍ତରାଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଶନିବାର ହୀରକ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଉଦଘାଟନୀ ସମାରୋହରେ କପାଶିରା ସରପଞ୍ଚ ବିଷ୍ଣୁ ପଧାନ ଅଧ୍ୟକ୍ଷତା କରିଥିବା ବେଳେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ବିକାଶର ମୂଳଦୁଆ ବୋଲି ମତ ରଖିଥିଲେ। ଅମ୍ବାଭୋନା ତହସିଲଦାର ସଦାକର କୁମ୍ଭାର


ହୀରକ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ।

ଏହି ସଭାରେ ମୁଖ୍ୟବକ୍ତା, ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପଧାନ, ବ୍ଲକ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅଧ୍ୟକ୍ଷା ନୀଳକୁମାରୀ ନାୟକ, ଉପାଧ୍ୟକ୍ଷ ଠାକୁରରାମ ପଟେଲ, ବ୍ୟଙ୍ଗକବି ନୀତିଶ ଆଚାର୍ଯ୍ୟ, ଗୌନ୍ତିଆ ପ୍ରଦୀପ ସିଂଦେଓ, ପ୍ରଧାନଶିକ୍ଷକ ଭାବଗ୍ରାହୀ ମାଳି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅପରାହ୍ନରେ ଆୟୋଜିତ ଉଦଯାପନୀ ସମାରୋହରେ ଲରମ୍ଭା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ନେପାଳ ପଧାନ, ବ୍ଲକ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଫକୀର ପଧାନ, ଭୁକ୍ତା ସିଏଚସି ଡାକ୍ତର ହିତାକାଂକ୍ଷୀ ପଧାନ, ପ୍ରାଣୀଧନ ନିରୀକ୍ଷକ ନରେନ୍ଦ୍ର ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଫକୀର ମୋହନ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଧାନ, ସରପଞ୍ଚ ବିଷ୍ଣୁ ପଧାନ, ସ୍କୁଲ ଅଧ୍ୟକ୍ଷ ସଦାନନ୍ଦ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଏକ ବ୍ୟଙ୍ଗ ସମ୍ମିଳନୀ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ। -ସତ୍ୟସାଇ ବାବା

## ସଂକ୍ଷେପରେ

### ଜୟଦୁର୍ଗା କ୍ଲବର ବାର୍ଷିକ ମହୋତ୍ସବର ୫ମ ଦିବସରେ ଚିତ୍ରାଙ୍କନ, ପୁଚି ଓ ଦଉଡ଼ି ଡିଆଁ ପ୍ରତିଯୋଗିତା

ସୁନ୍ଦରଗଡ଼, ୨୮।୧୨ (ଡି.ଏନ୍.ଏ) ସ୍ଥାନୀୟ ରଙ୍ଗାଡିପା ଖେଳପଡିଆରେ ଚାଲିଥିବା ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବର ୫ମ ଦିବସ ଅବସରରେ କୁନି କୁନି ପିଲାଙ୍କୁ ନେଇ ଅଙ୍କ ଦୌଡ, ଚିତ୍ରାଙ୍କନ, ପୁଚି ଓ ଦଉଡି ଡିଆଁ ଆଦି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ବାଳକ ବିଭାଗର ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜିଲା ଓକିଲ ସଂଘର ସଭାପତି ଦୁଷନ୍ତ ନାଏକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କ୍ରୀଡା ସଙ୍ଗଠକ ସୌମେନ ବାରିକ, ରାଜ୍ୟସ୍ତରୀୟ ଫୁଟବଲ ଖେଳାଳି କିଶୋର ଚୌଧୁରୀ, ଉପେନ୍ଦ୍ର ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଗିରି ଦଣ୍ଡ ସେନା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ବିନା ଶିକ୍ଷକରେ ଚାଲିଛି ଶିକ୍ଷାଦାନ

**ଲେଫ୍ରିପଡ଼ା,୨୮।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିନା ଶିକ୍ଷକରେ ପାଠପଢା ଚାଲିଛି। ବ୍ଲକର ମଶାବିରା ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମ। ଏଠାରେ ଶିକ୍ଷାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଉନ୍ନୀତ ବିଦ୍ୟାଳୟକୁ ୨୦୧୨ ମସିହାରେ ଉଚ୍ଚ ବିଦ୍ୟାଳୟର ମାନ୍ୟତା ଦିଆଯାଇଛି। ଏହି ଉଚ୍ଚ ବିଦ୍ୟାଳୟରେ ମୋଟ୍ ୫୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ଦୀର୍ଘ ବର୍ଷ ଅତିକ୍ରମ ହୋଇଯାଇଥିଲେ ମଧ୍ୟ ହାଇସ୍କୁଲରେ ଏ ପର୍ଯ୍ୟନ୍ତ କୌଣସି ଶିକ୍ଷକ ନିଯୁକ୍ତି ଦିଆଯାଇ ପାରି ନାହିଁ। ଫଳରେ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପ୍ରାଥମିକ ଶିକ୍ଷକମାନଙ୍କ ଦ୍ୱାରା କାମଚଳା ଭାବେ ପାଠ ପଢା



ମଶାବିରାରେ ଥିବା ଉଚ୍ଚ ବିଦ୍ୟାଳୟ।

ଚାଲିଛି। ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନ ଦେବାରୁ ସ୍ଥାନୀୟ ଅଞ୍ଚଳବାସୀ ଏବଂ ଅଭିଭାବକ ମହଲରେ ପ୍ରବଳ ମାତ୍ରାରେ ଅସନ୍ତୋଷ ବୃଦ୍ଧି ପାଇଛି। ପୂର୍ବରୁ ଏହି ଅଞ୍ଚଳର ପିଲା ଉନ୍ନୀତ ବିଦ୍ୟାଳୟରେ ପଠନ ସାରି ବିଭିନ୍ନ ଦୂର ଦୂରାନ୍ତକୁ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବାକୁ ଯାଉଥିଲେ। ଅଞ୍ଚଳର

- ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପଢାଉଛନ୍ତି ପ୍ରାଥମିକ ଶିକ୍ଷକ
- ଅଞ୍ଚଳବାସୀ, ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି
- ଆଗାମୀ ଶିକ୍ଷାବର୍ଷରେ ଶିକ୍ଷକ ନିଯୁକ୍ତି କରାଯିବ: ବିଇଓ

ଶିକ୍ଷାର ଆବଶ୍ୟକତାକୁ ଶିକ୍ଷା ବିଭାଗ ଗୁରୁତ୍ୱ ଦେଇ ଉନ୍ନୀତ ବିଦ୍ୟାଳୟରୁ ଉଚ୍ଚ ବିଦ୍ୟାଳୟକୁ ସମ୍ପ୍ରସାରଣ କରିଥିବାରୁ ଅଞ୍ଚଳର ଜନସାଧାରଣଙ୍କ ଭିତରେ ବେଶ୍ ଆନନ୍ଦ ଉତ୍ସାହ ଲାଗି ରହିଥିଲା। ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଶିକ୍ଷକ ନିଯୁକ୍ତି ସକାଶେ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଏବଂ ଅଭିଭାବକ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାକୁ ଦେଖି ସ୍ଥାନୀୟ ଉନ୍ନୀତ ବିଦ୍ୟାଳୟରୁ ବହୁ ସଂଖ୍ୟାରେ ଅଭିଭାବକ ନିଜ ପିଲାଙ୍କୁ ପାଠ ପଢାଇବା ପାଇଁ ଅନ୍ୟତ୍ର ସାର୍ଟିଫିକେଟ୍ ନେଇଯାଇଥିବା ଜଣାପଡିଛି। ବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ଉପରେ ସ୍ଥାନୀୟ ଲେଫ୍ରିପଡା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ହରେକୃଷ୍ଣ ପୁରୋହିତଙ୍କୁ ପଚାରିବାରୁ ସେ କହିଲେ, ଏହି ଭଳି ଭାବେ ଜିଲାର ବିଭିନ୍ନ ବିଦ୍ୟାଳୟରେ ସମସ୍ୟା ରହିଛି। ଏ ଦିଗରେ ସୁନ୍ଦରଗଡ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି। ଆଗାମୀ ଶିକ୍ଷା ବର୍ଷରେ ନିଶ୍ଚିତ ଭାବେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ସେ କହିଛନ୍ତି।

### ଯୁବସାହିତ୍ୟିକ ପାଇବେ 'ତପସ୍ୟା ସମ୍ଭାବନା ପୁରସ୍କାର'

**ଭବାନୀପାଟଣା,୨୮।୧୨(ଡି.ଏନ.ଏ.)**

୨୦୧୯ ବର୍ଷ ପାଇଁ ସମ୍ମାନଜନକ 'ତପସ୍ୟା ସମ୍ଭାବନା ପୁରସ୍କାର' ପାଇବେ କଳାହାଣ୍ଡିର ଯୁବ ଗାଳ୍ପିକ ଡିଲେଶ୍ୱର ରଣା। ତପସ୍ୟା ଫାଉଣ୍ଡେସନ ଭୁବନେଶ୍ୱର ଦ୍ୱାରା ଦିଆଯାଉଥିବା ଏହି ପୁରସ୍କାର ଭାବେ ସେ ୨୦ ହଜାର ଅର୍ଥରାଶୀ ପାଇବେ। ଆସନ୍ତା ୧୨ ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ ଥିବା ୩ ପିଢିର ସାହିତ୍ୟକଙ୍କୁ ଉତ୍ସାହିତ କରିବା ପାଇଁ ଗତବର୍ଷଠାରୁ ତପସ୍ୟା ଫାଉଣ୍ଡେଶନ୍ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଉଛି। କଳାହାଣ୍ଡି ଜିଲା ନର୍ଲା ବ୍ଲକ ଧଅଁରାମାଲ ଗ୍ରାମର ବ୍ରଜରଣା ଓ ବିଦୁସିତା ରଣାଙ୍କ ପୁତ୍ର ଡିଲେଶ୍ୱର ରଣା ଓଡିଶା ସାହିତ୍ୟରେ ଜଣେ ଉଦ୍ୟମାନ ଲେଖକ। ନିଜର ସ୍ୱତନ୍ତ୍ର ଶୈଳିର ଗଳ୍ପ ପାଇଁ ଚର୍ଚ୍ଚିତ ଡିଲେଶ୍ୱର କବିତାରେ ଯେତିକି ସୂକ୍ଷ୍ମ ଗପରେ ସେତିକି ସକ୍ଷମ ସମ୍ପ୍ରତି ସେ ଭବାନୀପାଟଣା ବ୍ଲକରେ ସରକାରୀ ଶିକ୍ଷକ ଭାବେ ଅବସ୍ଥାପିତ। ସେ ଅଦ୍ୟାବଧି ନବପ୍ରତିଭା ପୁରସ୍କାର, କାଦମ୍ବିନି ଗଳ୍ପ ଉନ୍ମେଶ ପୁରସ୍କାର, ନବୀନତା ଶବ୍ଦ ସମ୍ମାନ, କବିତାରା, ୟୁଥ୍ ଉତ୍କଳ ସମ୍ମାନ, ଉଦେୟ ରାଗ ଯୁବ ପୁରସ୍କାର ଆଦି ପାଇ ସାରିଛନ୍ତି।

### ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ତାଲିମ

# ଗ୍ରାମ୍ୟ ମହିଳାଙ୍କ ଆତ୍ମନିଯୁକ୍ତି ହିଁ ସମାଜକୁ ସଶକ୍ତି କରିବ





ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣରେ ଯୋଗଦେଇଥିବା ଯୁବତୀ, ମହିଳା।

**ହେମଗିର, ୨୮।୧୨ (ଡି.ଏନ.ଏ)**

ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ ସୁନ୍ଦରଗଡଙ୍କ ଦ୍ୱାରା ଆୟୋଜିତ ତାଲିମ ଶିବିରର ଉଦ୍‌ଯାପନୀ ସମାରୋହ ଗତ ୨୭ ତାରିଖ ବେଲଡିହିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ହେମଗିର ବ୍ଲକ ଅଧକ୍ଷା ସୁଧାରାଣୀ ରାଉଡିଆ ଯୋଗଦେଇ ଗ୍ରାମ୍ୟ ମହିଳାଙ୍କ ଆତ୍ମ ନିଯୁକ୍ତି ହିଁ ସମାଜକୁ ସଶକ୍ତି କରିପାରିବ ବୋଲି କହିଥିଲେ। ଆଉ ଷ୍ଟେଟ ବ୍ୟାଙ୍କ ସୁନ୍ଦରଗଡଙ୍କ ଦ୍ୱାରା ଆୟୋଜିତ ଏହି ତାଲିମ ଶିବିର ହିଁ ଗ୍ରାମୀଣ ମହିଳାଙ୍କ ଆତ୍ମ ନିଯୁକ୍ତି ତଥା ଆର୍ଥିକ କ୍ଷେତ୍ରରେ ଯଥେଷ୍ଟ ସହାୟକ ହେବ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ସାନଘୁମୁଡା ସରପଞ୍ଚ ସୁଶ୍ରୀ ରେବତୀ ଛତ୍ରିଆ, ଏନ୍‌ଟିପିସିର ଡିଜିଏମ ଏ.କେ ମିଶ୍ର, ସିନିୟର ମ୍ୟାନେଜର ଏ.ସି ରାଉଲ, ଷ୍ଟେଟ ବ୍ୟାଙ୍କ ଆରସେଟି ନିର୍ଦ୍ଦେଶକ ଜନାର୍ଦ୍ଦନ ନାଏକ, ବିପିଏମ ପ୍ରଭାତ କେରକେଟା, କୋ-ଅପରେଟିଭ ବ୍ୟାଙ୍କ ମ୍ୟାନେଜର ଏସ. ମହାପାତ୍ର, ଏମଡି ବି. ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିର ୧୮ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖରେ ସମ୍ପନ୍ନ ହୋଇଥିଲା। ଏଥିରେ ତୁଲିଙ୍ଗା, ବେଲଡିହି, କୁତ୍ୟବଗା ଗ୍ରାମର ପ୍ରାୟ ୪୦ଜଣରୁ ଊର୍ଦ୍ଧ୍ୱ ମହିଳା ଦଶଦିନ ଧରି ତାଲିମ ନେଇଥିଲେ। ମୁଖ୍ୟତଃ ଏହି ପ୍ରଶିକ୍ଷଣ ଶିବିରରେ ବଜାରରେ ବର୍ତ୍ତମାନ ଛତୁର ଚାହିଦା ବୃଦ୍ଧି ପାଉଥିବାରୁ ମହିଳାମାନଙ୍କୁ ବିଭିନ୍ନ ପ୍ରକାରର ଛତୁ ଚାଷ ଉପରେ ତାଲିମ ଦିଆଯାଇଥିଲା । ଏଥି ସହିତ ପ୍ରଶିକ୍ଷକ ଶ୍ରୀକାନ୍ତ ପଟ୍ଟନାୟକଙ୍କ ଦ୍ୱାରା ବ୍ୟବସାୟୀକ ଗୁଣାବଳୀ, ବଜାରିକରଣ, ପରିଯୋଜନା ବିବରଣୀ, ମୂଲ୍ୟ ନିର୍ଦ୍ଧାରଣ ସମ୍ବନ୍ଧରେ ମହିଳାମାନଙ୍କୁ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଜ୍ଞାନକିଶୋର ପାଣିଗ୍ରାହୀ ଛତୁ ଚାଷ ସମ୍ବନ୍ଧରେ ତାଲିମ ଦେଇଥିଲେ। ଶେଷରେ ଉଦ୍‌ଯାପନୀ ଉତ୍ସବରେ ସମସ୍ତ ତାଲିମପ୍ରାପ୍ତ ମହିଳାଙ୍କୁ ମାନପତ୍ର ସହ ଛତୁ ମଞ୍ଜି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆରସେଟିର ପ୍ରଭାତରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ସୁରତ ଆନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୩୫ ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

**ସୁନ୍ଦରଗଡ଼, ୨୮।୧୨ (ଡି.ଏନ୍.ଏ.)**

ଜିଲା କଂଗ୍ରେସ କମିଟି ପକ୍ଷରୁ ଆଦର୍ଶ ନଗରସ୍ଥିତ କଂଗ୍ରେସ ଭବନ ଠାରେ ଜାତୀୟ କଂଗ୍ରେସର ୧୩୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପୂର୍ବତନ ଜିଲାସଭାପତି ବେଣୁମାଧବ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବରିଷ୍ଠ ନେତା ନିମାଇଁ ଚରଣ ନାଏକ, ପୂର୍ବତନ ବିଧାୟକ ଡ. ପ୍ରଫୁଲ୍ଲ କୁମାର ମାଝୀ ଯୋଗଦେଇଥିଲେ। ଦେଶର ସ୍ୱାଧୀନତା ଠାରୁ ଆରମ୍ଭ କରି ଦେଶରୁ ବ୍ରିଟିଶ ଶାସନକୁ ହଟାଇ ପରବର୍ତ୍ତୀ ସମୟରେ ସ୍ୱାଧୀନ ଭାରତ ଗଠନ ଓ ଦେଶର ବିକାଶରେ କଂଗ୍ରେସ ଦଳର ବଳିଷ୍ଠ ଭୂମିକା ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ। ବର୍ତ୍ତମାନ କେନ୍ଦ୍ରର ମୋଦି ସରକାର ସମସ୍ତ କ୍ଷେତ୍ରରେ ବିଫଳ ହୋଇଥିବାରୁ ଦେଶବାସୀଙ୍କ ନଜର ଏଡାଇବା ପାଇଁ ନାଗରିକତା ସଂଶୋଧନ ଆଣିବା ସହିତ ଏନଆରସି ଲାଗୁ କରିବା ପାଇଁ ଯୋଜନା ଚଳାଇଛନ୍ତି। ସମ୍ପ୍ରତି ଦେଶ ଘୋର ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ବେକାରୀ ସମସ୍ୟା, ଦରଦାମ ବୃଦ୍ଧିକୁ ଧ୍ୟାନ ନ ଦେଇ କେନ୍ଦ୍ର ସରକାର ନାଗରିକତ୍ୱ ସଂଶୋଧନ ଆଇନ୍ ଆଣି ଦେଶବାସୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। କଂଗ୍ରେସର ସମସ୍ତ କର୍ମୀ ଏକଜୁଟ ହୋଇ ସଙ୍ଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ ପ୍ରସାଦ, ନରେନ୍ଦ୍ର ସିଂ, କାଳୀପଦ ସାମଲ, ପର୍ଶୁରାମ ସରାଫ, ବିଜୁ ମହାରଣା, ସୁବ୍ରତ ପୁରୋହିତ, ସୁବାଶୀଷ ବାନାର୍ଜୀ, ଦୀକ୍ଷିତ ପଶାୟତ, ମୁନୁ ମୁଣ୍ଡା, ଅଶୋକ ପ୍ରସାଦ, ସେବାଦଳର ଭୀଷ୍ମଦେବ ସିଂ, ପ୍ରଣବ ସିଂ, ବିଶ୍ୱଜିତ ପଟ୍ଟନାୟକ, ସତ୍ୟଜିତ ପଣ୍ଡା, ମଣ୍ଟୁ ଯୋଶୀ, ବାପି ନାଏକ, ପ୍ରଦୀପ ସିଂ, ଅଲ ତମାସ ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଜେଜେଟିଏ ତରଫରୁ ଅସହାୟ ରୋଗୀ, ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

**ସୁନ୍ଦରଗଡ଼,୨୮।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ରେ ହାଡଭଙ୍ଗା ଶୀତ ଯୋଗୁ ସହରବାସୀ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ନିରାଶ୍ରୟ, ଗରିବମାନେ ଜାଡ ମାଡରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଳିତ ସପ୍ତାହରେ ପାରଦ ୧୦ ଡ଼ିଗ୍ରୀ ତଳକୁ ଖସିଥିବା ବେଳେ ଶୁକ୍ରବାର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ୍ ଛୁଇଁଥିଲା। ଏହାକୁ ଦୃଷ୍ଟିରେ ରଖି ଜୟଜଗନ୍ନାଥ ଟ୍ରକ ମାଲିକ ସଂଘ (ଜେଜେଟିଏ) ତରଫରୁ ସୁନ୍ଦରଗଡ ସହରରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶନିବାର ପୂର୍ବାହ୍ଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜେଜେଟିଏର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଜେଜେଟିଏ ଅଧ୍ୟକ୍ଷ ସଞ୍ଜୟ ନନ୍ଦ (ପିଲୁ)ଙ୍କ ନେତୃତ୍ୱରେ ଜେଜେଟିଏ କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ୱାର୍ଡ ବୁଲି ଗରିବ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କୁ କମ୍ବଳ ବାଣ୍ଟିବା ସହ ସୁନ୍ଦରଗଡ଼ର ବିଭିନ୍ନ ଅନାଥ ଆଶ୍ରମ, ମନ୍ଦିର ପ୍ରାଙ୍ଗଣ ଆଦି ଅଞ୍ଚଳରେ ଗରିବଙ୍କୁ କମ୍ବଳ ବାଣ୍ଟିଥିଲେ। ଏହା ଛଡା ଶୁକ୍ରବାର ରାତି ୮ ଟାରୁ ୨ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼ ପୌରାଞ୍ଚଳର ସମସ୍ତ ୱାର୍ଡ, ମାତୃ ଓ ଶିଶୁ ଚିକିତ୍ସାଳୟ ବୁଲି ଜେଜେଟିଏର ସଦସ୍ୟମାନେ ନିରାଶ୍ରୟଙ୍କୁ କମ୍ବଳ ବାଣ୍ଟିଥିଲେ। ଜେଜେଟିଏ ପକ୍ଷରୁ ୧ ହଜାରରୁ ଊର୍ଦ୍ଧ୍ୱ ଆତୁରଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜେଜେଟିଏ ସଭାପତି ସଞ୍ଜୟ ପୋଦ୍ଦାର, କାର୍ଯ୍ୟକାରୀ ସଭାପତି ସଞ୍ଜୟ ଚୌଧୁରୀ, ଉପସଭାପତି ଜୟନ୍ତ ଧଳ, ସମ୍ପାଦକ ନରେଶ ଆଚାର୍ଯ୍ୟ, ସହ ସମ୍ପାଦକ ଶ୍ରୀମନ୍ତ ଧର ଓ ସୁରଜ ଟପ୍ପୋ, କୋଷାଧ୍ୟକ୍ଷ ଅବଦୁଲ ସାଜିଦ, ସମୀକ୍ଷକ ବୀର କିଶୋର ସାମଲ, ଟ୍ରକ ମାଲିକ ନେତା ଲଲାଟ ପରିଡା, ମନ ବହିଦାର, ବିଶ୍ୱରଞ୍ଜନ ଦାସ, ଆଶିଷ ଅଗରୱାଲ, ଦିନେଶ ଠାକୁର, ବିଭୂତି ଭୂୟାଁ, ସରୋଜ ସାହୁ, ଦୀପକ ନାଏକ, କାଳିଆ ପତି, ପ୍ରଶାନ୍ତ ପଣ୍ଡା, ବାବଲୁ ପାଣିଗ୍ରାହୀ, ଦିନେଶ ଠାକୁର, ଶହବାଜ ହୁସେନ, ତ୍ରିଲୋଚନ କାକ, ପଙ୍କଜ ଶ୍ରେଷ୍ଠ, ବାବୁ ପଣ୍ଡା, ଭୀମ ରଚୱାନୀ, ଏମଡି ଜମାଲ, ମାନସ ଚାନ୍ଦ, ବାଲଗୋପାଲ ମିଶ୍ର, ଅମର ପଟେଲ, ଅଶିଷ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ।



ଜେଜେଟିଏ ତରଫରୁ ସୁନ୍ଦରଗଡ ସହରରେ ଅସହାୟ, ଗରିବଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

# ସ୍କାଉଟ ଗାଇଡର ରାଜ୍ୟସ୍ତରୀୟ ସୁକନ୍ୟା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବଡ଼ଗାଁ, ୨୮।୧୨ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବଡଗାଁ ଆଇଟିସି ପରିସର ସ୍ଥିତ ରାଜ୍ୟ ସ୍କାଉଟ, ଗାଇଡ ଟ୍ରେନିଂ କେନ୍ଦ୍ରରେ ଶନିବାରଠାରୁ ରାଜ୍ୟସ୍ତରୀୟ ସୁକନ୍ୟା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଶନିବାର ଅପରାହ୍ଣରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାପାଳ ନିଖିଳ ପୱନ କଲ୍ୟାଣ ମୁଖ୍ୟଅତିଥି ଓ ରାଜ୍ୟ ସ୍କାଉଟ ଗାଇଡ କମିଶନର କାଳୀ ପ୍ରସାଦ ମିଶ୍ର, ରାଜ୍ୟ ଆୟୋଜକ କମିଶନର ପୁଷ୍ପାଞ୍ଜଳି ମହାପାତ୍ର, ସ୍କାଉଟ ଗାଇଡ ପରିଚାଳକ ଅନାମିକା ଦାସ, ସ୍କାଉଟ ଗାଇଡ ଯୁବ ଫୋରମ ଅଧକ୍ଷ ଇବରାର ସରିର, ରାଉରକେଲା ସ୍କାଉଟ ଗାଇଡ ସଭାପତି ନାରାୟଣ ପତି ଅତିଥି ଭାବେ ଯୋଗଦେଇଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା (ବଡଗାଁ) ପୁଷ୍ପାଞ୍ଜଳି ମିଞ୍ଜ ଓ ନାୟୀକା ସାମାଜିକ ସଂଗଠନର ସଭାପତି ସୁବ୍ରତା ପତିଙ୍କୁ ସୁକନ୍ୟା ଏୱାର୍ଡରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଆଇଟିସିର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସୁକନ୍ୟା କାର୍ଯ୍ୟକ୍ରମରେ ୧୦୦୦ବାଳିକା ଯୁବତୀ ଯୋଗଦେଇଛନ୍ତି। ଆଇଟିସିର ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି ।

### ମହପଡ଼ା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# କାଲିପଡ଼ା ୧-୦ ଗୋଲରେ ବିଜୟୀ

**ବଡ଼ଗାଁ, ୨୮।୧୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତର ମହପଡା ଗ୍ରାମରେ ଶୁକ୍ରବାର ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ସ୍ଥାନୀୟ ତ୍ରିରଙ୍ଗ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟ ୩୧ ତାରିଖ ଉଦଯାପିତ ହେବ। ଶୁକ୍ରବାର ଫୁଲବାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୋଗୀନ୍ଦ୍ର କିଷାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ୧୮ଟି ଟିମ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କାଲିପଡା ଓ ମହପଡା ମଧ୍ୟରେ ହୋଇଥିଲା। କାଲିପଡା ୧-୦ ଗୋଲରେ ବିଜୟ ଅଭିଯାନ ଆରମ୍ଭ କରିଛି। ସୁଦର୍ଶନ ମାଝି ଓ ରାଜୀବ କିଷାନ ଖେଳ ପରିଚାଳନା କରୁଥିଲା ବେଳେ ଆୟୋଜକ କ୍ଲବର କର୍ମକର୍ତ୍ତା ଦିଲୀପ ମାଝି, ନରେଶ କିଷାନ, ଜନ୍ମେଜୟ ବାଡା, ବସନ୍ତ ବାଡା, ମୋହନଲାଲ ମିଞ୍ଜ ବିଭିନ୍ନ ଦାୟୀତ୍ୱ ତୁଲାଉଛନ୍ତି। ଚାମ୍ପିୟନ ଟିମକୁ ୩ ହଜାର, ରନର୍ସ ଅପ ଟିମକୁ ୨ ହଜାର, ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିବା ଦଳକୁ ୧ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ ।



ଉଦ୍‌ଘାଟନୀ ମ୍ୟାଚରେ ଖେଳାଳିଙ୍କ ସହିତ ଅତିଥି ।

# ବ୍ଲିଚିଂ ପାଉଡର କିଣାରେ ଅନିୟମିତତା ଅଭିଯୋଗ

## ଭିଜିଲାନ୍ସ ତଦନ୍ତ କରାଯିବା ପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି

**ଲେଫ୍ରିପଡା,୨୮।୧୨(ଡି.ଏନ.ଏ)**

ସରକାର ଜନସାଧାରଣଙ୍କ ପାଇଁ ଯୋଜନା ଉପରେ ଯୋଜନା କରିଚାଲିଛନ୍ତି। କିନ୍ତୁ ଯୋଜନାଗୁଡିକ ପଞ୍ଚାୟତ ସ୍ତରରେ ବାଟବଣା ହେଉଥିବା ଅଭିଯୋଗ ହେଉଛି। ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଅଲାପକା ପଞ୍ଚାୟତରେ ପାଇଖାନା ଦୁର୍ନୀତି ନେଇ ସମଗ୍ର ଜିଲାରେ ଚର୍ଚ୍ଚାରେ ରହିଥିବା ବେଳେ ବର୍ତ୍ତମାନ ବ୍ଲିଚିଂ ପାଉଡର କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସରଳତା ଓ ଅଜ୍ଞାନତାର ସୁଯୋଗ ନେଇ ପଞ୍ଚାୟତ ସ୍ତରର ଅସାଧୁ କର୍ମଚାରୀମାନେ ଦୁର୍ନୀତି କରିଚାଲିଛନ୍ତି। ସୂଚନା ଅନୁଯାୟୀ ଅଲାପକା ପଞ୍ଚାୟତରେ ଚତୁର୍ଦ୍ଦଶ ଅର୍ଥ କମିଶନ୍ ଏବଂ





ଅଲାପକା ପଞ୍ଚାୟତ କାର୍ଯ୍ୟାଳୟ।

ରାଜ୍ୟ ୪ର୍ଥ ଅର୍ଥ କମିଶନ୍ ଅନୁଦାନରେ ଏକ ଲକ୍ଷ ଚାରି ହଜାର ଟଙ୍କାର ବ୍ଲିଚିଂ ପାଉଡର କିଣାଯାଇଥିବା ଦର୍ଶାଯାଇଥିବା ବେଳେ ଏଠାରେ କୌଣସି ସ୍ଥାନରେ ବ୍ଲିଚିଂ ପାଉଡରର ବ୍ୟବହାର କରା ଯାଇ ନ ଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତ ପକ୍ଷରୁ ଗତ ୨୩ ଜୁଲାଇ ୨୦୧୯ଦିନ ଚାରି ହଜାର ଟଙ୍କାର ବ୍ଲିଚିଂ ପାଉଡର ଚତୁର୍ଦ୍ଦଶ ଅର୍ଥ କମିଶନ୍ ଅନୁଦାନରେ କିଣାଯାଇଥିବାର ଦର୍ଶାଇଥିବା ବେଳେ ପୁଣି ସେହି ଅନୁଦାନରେ ୩୦ ନଭେମ୍ବର ୨୦୧୯ରେ ପଚାଶ ହଜାର ଏବଂ ୪ର୍ଥ ଅର୍ଥ କମିଶନ୍‌ରୁ ପଚାଶ ହଜାର ଟଙ୍କାର ବ୍ଲିଚିଂ ପାଉଡର କିଣାଯାଇ ଥିବା ଜଣାପଡିଛି। ଏହା ବ୍ୟତୀତ ବ୍ଲିଚିଂ ପାଉଡର ପରିବହନ ଏବଂ ଛିଞ୍ଚିବା ସକାଶେ ୪ର୍ଥ ଅର୍ଥ କମିଶନ୍ ଅନୁଦାନରୁ ୨୪ହଜାର ଟଙ୍କା ଉଠାଇ ଖର୍ଚ୍ଚ କରାଯାଇଛି। ଲକ୍ଷାଧିକ ଟଙ୍କା କେବଳ ବ୍ଲିଚିଂ ପାଉଡର ଦ୍ୱାରା ପଞ୍ଚାୟତରୁ ଖର୍ଚ୍ଚ କରିଥିବାବେଳେ କେଉଁଠି ଏହାର ବ୍ୟବହାର କରାଯାଇଛି ବୋଲି ପଞ୍ଚାୟତବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦିଗରେ ସ୍ଥାନୀୟ ପଞ୍ଚାୟତ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ତେଣୁ ଏ ଦିଗରେ ଭିଜିଲାନ୍ସ ତଦନ୍ତ କରାଯିବା ପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୯ ଡିସେମ୍ବର, ୨୦୧୯



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି
କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ବାଣିଜ୍ୟ ମେଳା ବିଗ୍ ବଜାରର ଶେଷ ଦିବସ

**ରାଉରକେଲା, ୨୮।୧୨:** ସେକ୍ଟର-୧୩ ସ୍ଥିତ ମେଲଣ ପଡିଆରେ ଶ୍ରୀମାଲୀ ସେଲ୍ସ ଆଣ୍ଡ ମାର୍କେଟିଂ ପକ୍ଷରୁ ୧୦ ଦିନ ବ୍ୟାପି ଆୟୋଜିତ ହୋଇଥିବା ବିଶାଳ ବାଣିଜ୍ୟ ମେଳା- ବିଗବଜାରର ରବିବାର ଅନ୍ତିମ ଦିବସ। ମେଳାର ଶେଷ ଦିନ ହୋଇଥିବାରୁ ମେଳାରେ ଭାଗନେଇଥିବା ବିଭିନ୍ନ ବ୍ୟବସାୟିକ ସଂସ୍ଥାମାନେ ନିଜର ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର ଓ ରିହାତିମାନ ଘୋଷଣା କରିଛନ୍ତି । ଛୋଟ ଛୋଟ ପିଲାଙ୍କର ମନୋରଞ୍ଜନ ନିମନ୍ତେ ପ୍ରଥମ ଥର ପାଇଁ ମେଳାରେ ୱାଟର ବୋଟିଂର ଆୟୋଜନ କରାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନାମୀଦାମୀ କମ୍ପାନୀର ସାମଗ୍ରୀ ମେଳାର ମୁଖ୍ୟ ଆକର୍ଷଣ ପାଲଟିଛି । ଶେଷ ଦିନ ଓ ରବିବାରକୁ ଦୃଷ୍ଟିରେ ରଖି ସକାଳ ସାଢ଼େ ୧୦ଟାରୁ ରାତ୍ର ସାଢ଼େ ୯ଟା ପର୍ଯ୍ୟନ୍ତ ମେଳା ଚାଲୁ ରହିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

# ଆସ୍ଥାଗୃହ ଅନ୍ତେବାସୀଙ୍କ ସହ ଖାଇଲେ ଜିଲାପାଳ

**ସୁନ୍ଦରଗଡ,୨୮।୧୨ (ଡି.ଏନ୍.ଏ)**

ସମସ୍ତଙ୍କ ମଧ୍ୟରେ ବହିପଢିବା ଅଭ୍ୟାସ ସୃଷ୍ଟି କରିବା ପାଇଁ ସୁନ୍ଦରଗଡ଼ରେ 'ବହିପଢ' ଅଭିଯାନ ଆରମ୍ଭ କରି ଅଭିନବ ପ୍ରୟାସ କରିଥିବା ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଶନିବାର ସ୍ଥାନୀୟ ଆସ୍ଥାଗୃହରେ ଅନ୍ତେବାସୀଙ୍କ ସହ ଏକାଠି ବସି ମଧ୍ୟାହ୍ନ ଭୋଜନ କରି ପରେ ସେମାନଙ୍କୁ କମ୍ବଳ ବଣ୍ଟନ କରି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଜିଲାପାଳ ଆସ୍ଥାଗୃହ ପରିଦର୍ଶନ କରି ସେଠାରେ ରହୁଥିବା ଅନ୍ତେବାସୀଙ୍କ ସହିତ ଆଲୋଚନା କରି ସେମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଏଥି ସହିତ ସେଠାରେ ରହୁଥିବା ଅନ୍ତେବାସୀ ମାନଙ୍କର ସିଲେଇ, କ୍ଷିଟିଂ, ଛତୁଚାଷ ଓ ଗୋପାଳନ କାର୍ଯ୍ୟ ଦେଖି ପ୍ରଶଂସା କରିଥିଲେ। ଏହା ସହ ଆଗାମୀ ଦିନରେ ନଡାରୁ କମ୍ପୋଷ୍ଟ ଖତ ତିଆରି ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏନ୍‌ଟିପିସି ଡୁଲୁଙ୍ଗା କୋଇଲା ଖଣି







ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଆସ୍ଥାଗୃହରେ ଅନ୍ତେବାସୀଙ୍କ ସହ ଏକାଠି ବସି ମଧ୍ୟାହ୍ନ ଭୋଜନ କରୁଛନ୍ତି (ବାମ)। କମ୍ବଳ ପାଇଥିବା ଆସ୍ଥାଗୃହର ଅନ୍ତେବାସୀ।

ପ୍ରକଳ୍ପ ତରଫରୁ ଅନ୍ତେବାସୀମାନଙ୍କୁ ଜିଲାପାଳ କମ୍ବଳ ବଣ୍ଟନ କରିଥିଲେ। ପ୍ରକାଶ ଥାଉ କି ଆସ୍ଥା ଗୃହରେ ଅସହାୟ ମାନସିକ ଭିନ୍ନକ୍ଷମ ଓ ମାନସିକ ଭିନ୍ନକ୍ଷମ ଅସହାୟ ମହିଳା ମାନଙ୍କୁ ଉଦ୍ଧାର କରାଯାଇ ଏଠାରେ ରଖାଯାଉଛି। ସେମାନଙ୍କର ଚିକିତ୍ସା କରାଯାଇ ସୁସ୍ଥ ହେବା ପରେ ସେମାନଙ୍କୁ ଯୋଗ ଓ ଅନ୍ୟାନ୍ୟ ତାଲିମ ପ୍ରଦାନ କରାଯିବା ସହ ଆତ୍ମନିର୍ଭରଶୀଳ ହେବାପାଇଁ ତାଲିମ ଦିଆଯାଉଛି। ଜିଲାପାଳଙ୍କ ଏହି ପରିଦର୍ଶନ ବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ବିଶି ଆସ୍ଥା ଗୃହର ତତ୍ତ୍ୱାବଧାରିକା ଆଡଭୋକେଟ ସ୍ନେହଲତା ପଟେଲ, ଏନ୍‌ଟିପିସି ଡୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଗ୍ୟାସ୍ ବୁକିଂ କରିବାକୁ ଯାଇ ଠକାମିର ଶିକାର

# ଆକାଉଣ୍ଟରୁ ୧,୦୬୩୦୦ ଗାଏବ

**ସୁନ୍ଦରଗଡ଼, ୨୮।୧୨ (ଡି.ଏନ୍.ଏ)**

ବ୍ୟାଙ୍କ କାରବାରକୁ ଅଧିକ ସରଳ କରିବା ପାଇଁ ଅନଲାଇନ ପେମେଣ୍ଟ ବ୍ୟବସ୍ଥାକୁ ବର୍ତ୍ତମାନ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଗ୍ରାହକଙ୍କ ଅସାବଧାନତା ଓ ସରଳତାର ସୁଯୋଗ ନେଇ ଲୁଟେରାମାନେ ଅଭିନବ ଉପାୟରେ ଅନେକ ଆକାଉଣ୍ଟରୁ ସହଜରେ ଟଙ୍କା ଲୁଟି ନେଉଛନ୍ତି। ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ କନ୍ଦାବାହାଲ ଗ୍ରାମର ଜଣେ ପୋଲିସ କର୍ମଚାରୀ ଏଭଳି ଠକାମୀର ଶିକାର ହୋଇଥିବା ନେଇ ଥାନାରେ ରିପୋର୍ଟ ହୋଇଛି। ରାଉରକେଲା ଜିଆରପିରେ ଚାକିରି କରୁଥିବା କନ୍ଦାବାହାଲ ଗ୍ରାମର ରାଜକୁମାର ପଟେଲ ନାମକ ଏହି ପୋଲିସ କର୍ମଚାରୀ ଜଣକ ରନ୍ଧନ ଗ୍ୟାସ ବୁକିଂ ଲାଗି ଗତ ୨୫ ତାରିଖ ସୁନ୍ଦରଗଡ ଆସିଥିଲେ । ହେଲେ ସେଦିନ ବଡଦିନ ଛୁଟି ଥିବାରୁ ଗ୍ୟାସ ଦୋକାନ ବନ୍ଦ ଥିବାରୁ ଗୁଗୁଲରେ ସେହି ଗ୍ୟାସ ଏଜେନ୍ସିର ଟେଲିଫୋନ ନମ୍ବର ସର୍ଚ୍ଚ କରିଥିଲେ । ସର୍ଚ୍ଚ କରି ଏକ ନମ୍ବରରେ କଥା ହୋଇଥିଲେ। ଅପରପଟୁ ଜଣେ ବ୍ୟକ୍ତି ହିନ୍ଦୀ ଭାଷାରେ ୫/୫ ଘଣ୍ଟା ମଧ୍ୟରେ ଗ୍ୟାସ ପହଞ୍ଚିଯିବ କହି ଏକ ମେସେଜ ଲିଙ୍କ ପଠାଇଥିଲେ। ଏହି ଲିଙ୍କରେ ଥିବା ଏକ ଫର୍ମରେ ନିଜର ଆକାଉଣ୍ଟ ନମ୍ବର ଓ ଗୁଗୁଲର ପାସଓାର୍ଡ ଫିଲଅପ୍ କରିବାକୁ ବ୍ୟକ୍ତି ଜଣକ କହି ୫ଟଙ୍କାର ୟୁପିଆଇ କରିବାକୁ କହିଥିଲେ। ଏହାପରେ ପୋଲିସ କର୍ମଚାରୀ ଜଣକ ବ୍ୟସ୍ତତା ଭିତରେ ଲିଙ୍କରେ ଆସିଥିବା ଫର୍ମରେ ଏସବୁ ତଥ୍ୟ ଦେଇଥିଲେ। ଏହାପରେ ପ୍ରଥମେ ଦେଇଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବର ଭୁଲ ଅଛି କହି ଅନ୍ୟ ଏକ ଆକାଉଣ୍ଟ ନମ୍ବର ଦେବାକୁ କହିଥିଲେ। ପୋଲିସ କର୍ମଚାରୀ ଜଣକ ତାଙ୍କର ଅନ୍ୟ ଏକ ଆଉଣ୍ଟ ନମ୍ବରକୁ ପୁଣି ଫିଲଅପ୍ କରି ପଠାଇ ଦେଇଥିଲେ। ଏହାର ଠିକ ୧୫ ମିନିଟ ପରେ ପୋଲିସ କର୍ମଚାରୀ ଜଣକ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟରୁ ୩୬ହଜାର ଓ ଏଚଡିଏଫସି ବ୍ୟାଙ୍କରୁ ୭୦ହଜାର ୩ଶହ ଟଙ୍କା ଉଠା ଯାଇଥିବା ନେଇ ତାଙ୍କ ମୋବାଇଲକୁ ମେସେଜ ଆସିଥିଲା। ତାଙ୍କ ୨ଟି ଆକାଉଣ୍ଟରୁ ୨ଟି ପର୍ଯ୍ୟାୟରେ ୧ଲକ୍ଷ ୬ହଜାର ୩ଶହ ଟଙ୍କା ଗାଏବ ହୋଇଯିବା ଘଟଣାକୁନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ସଙ୍ଗେ ସଙ୍ଗେ ସମ୍ପୃକ୍ତ ବ୍ୟାଙ୍କକୁ ଫୋନ୍ କରି ତାଙ୍କ ଆକାଉଣ୍ଟକୁ ଲକ୍ କରିଥିଲେ । ଏହାପରେ ଏସମ୍ପର୍କରେ ଶନିବାର ସଦର ଥାନାରେ ରିପୋର୍ଟ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଶିଶୁର ଚିକିତ୍ସା ନେଇ ଗୁଣ୍ଡୁଚି ପକ୍ଷରୁ ସହାୟତା

**ରାଉରକେଲା ଅଫିସ, ୨୮।୧୨**

ସେବାଧର୍ମୀ ସାମାଜିକ ସଙ୍ଗଠନ ଗୁଣ୍ଡୁଚି ପକ୍ଷରୁ ଶନିବାର ଆଇସିୟୁରେ ଭର୍ତ୍ତି ଜଣେ ଶିଶୁ କନ୍ୟାର ଚିକିତ୍ସା ପାଇଁ ୫ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଶିଶୁର ବାପା ଜଗବନ୍ଧୁ ସାହୁ ଜଣେ ଗାଡି ହେଲପର ଭାବେ କାର୍ଯ୍ୟ କରନ୍ତି। ସେ ପ୍ଲାଣ୍ଟସାଇଟ ଅଞ୍ଚଳ ବାସିନ୍ଦା। ନିମୋନିଆରେ ପୀଡିତ ଶିଶୁର ଅବସ୍ଥା ଖରାପ ହେବାରୁ ତାଙ୍କୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇ ଥିଲା। ଚିକିତ୍ସା ପାଇଁ ଅର୍ଥ ବାଧକ ହେବାରୁ ସେ ଗୁଣ୍ଡୁଚି ଅନୁଷ୍ଠାନକୁ ସହଯୋଗ ମାଗିଥିଲେ। ଏମିତି ଅବସ୍ଥାରେ ଅନୁଷ୍ଠାନ ପକ୍ଷରୁ ତାଙ୍କ ବାପାଙ୍କୁ ୫ ହଜାର ପ୍ରଦାନ କରାଯାଇଛି। ଏନେଇ ସେ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଅନୁଦାନ ପ୍ରଦାନ ସମୟରେ ସାଧାରଣ ସମ୍ପାଦକ ଭଗବାନ ରାଉତ, ରାଜୀବ ବେହେରା, ଗଗନ ରାଉତ, ରଞ୍ଜନ ରାଉତରାୟ, ସୁବାସ ସାମଲ ଓ ସଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଗୁଣ୍ଡୁଚି ସାମାଜିକ ସଙ୍ଗଠନ କର୍ମକର୍ତ୍ତା ସହାୟତା ପ୍ରଦାନ କରୁଛନ୍ତି।





ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଇସ୍ରୋକୁ ସ୍ୱତନ୍ତ୍ର ଇସ୍ପାତ ଯୋଗାଣ କରାଯାଉଛି।

# ଇସ୍ରୋ ଗଗନାୟନ ନିମନ୍ତେ ଆର୍‌ଏସ୍‌ପି ପକ୍ଷରୁ ସ୍ୱତନ୍ତ୍ର ଇସ୍ପାତ ଯୋଗାଣ

**ରାଉରକେଲା ଅଫିସ,୨୮।୧୨**

ଦେଶର ପ୍ରମୁଖ ପ୍ରକଳ୍ପଗୁଡିକରେ ଯୋଗଦାନ ନିମନ୍ତେ ନିଜ ପ୍ରତିବଦ୍ଧତାକୁ ଦୋହରାଇବାକୁ ଯାଇ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଆଗାମୀ ପ୍ରକଳ୍ପ ନିମନ୍ତେ ସ୍ୱତନ୍ତ୍ର ଇସ୍ପାତ ଯୋଗାଣ କରାଯାଇଛି। ପ୍ଲେଟ ମିଲ ପକ୍ଷରୁ ଗତ ୨୮ରେ ଅନୁଷ୍ଠିତ ଏକ ସ୍ୱତନ୍ତ କାର୍ଯ୍ୟକ୍ରମରେ କାରଖାନାର ନିର୍ବାହୀ ନିର୍ଦ୍ଦେଶକ ଗୌତମ ବାନାର୍ଜୀ ପତାକା ଦେଖାଇ ପ୍ଲେଟ ଚାଲାଣର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପ୍ଲେଟ ମିଲ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଏ.କେ ପ୍ରଧାନ, ପିପିସି ବିଭାଗ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ମହାନ୍ତି, କ୍ୱାଲିଟି ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଏ ଦାଶଗୁପ୍ତାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ଆର୍‌ଏସ୍‌ପି ପ୍ଲେଟ ମିଲ ମିଶ୍ର ଧାତୁ ନିଗମ ହାଇଦ୍ରାବାଦ ସହ ଏକ ଦୀର୍ଘ ସୂତ୍ରୀ ଚୁକ୍ତି ଆଧାରରେ ନିୟମିତ ରୂପେ ମେରେଜିଙ୍ଗ ଷ୍ଟିଲ ରୋଲିଂ କରି ଆସୁଛି। ଏହି ଷ୍ଟିଲକୁ ଇସ୍ରୋର ପିଏସ୍‌ଏଲଭି ଓ ଜିଏସ୍‌ଏଲଭି କାର୍ଯ୍ୟକ୍ରମରେ ଉପଯୋଗ କରାଯାଉଛି। ଅଦ୍ୟାବଧି ୨୨ଶହ ଟନ ମେଜିଙ୍ଗ ଷ୍ଟିଲ ରୋଲିଂ କରାଯାଇ ମିଧାନୀ ହାଇଦ୍ରାବାଦକୁ ଯୋଗାଇ ଦିଆଯାଇଛି। ଉପରୋକ୍ତ ପ୍ଲେଟର ପ୍ରଥମ ପର୍ଯ୍ୟାୟ ରୋଲିଂ ସମୟରେ ଏହାର ପ୍ରତିନିଧି ଓ ଇସ୍ରୋ ବୈଜ୍ଞାନିକ ଉପସ୍ଥିତ ଥିଲେ।

# ରକ୍ଷଣାବେକ୍ଷଣ ଅଭାବରୁ ଡ୍ରେନ ଅବସ୍ଥା ଶୋଚନୀୟ

**ରାଉରକେଲା ଅଫିସ,୨୮।୧୨**

**ଫର୍ଟିଲାଇଜର ଟାଉନଶିପ୍**

ଫର୍ଟିଲାଇଜର ଟାଉନଶିପ ତଥା ସେକ୍ଟର- ୨୨ ଅଞ୍ଚଳବାସୀଙ୍କୁ ସାଧାରଣ ମୌଳିକ ସେବା ସୁବିଧା ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଟାଉନଶିପ ଅନ୍ତର୍ଗତ 'ଡି' ବ୍ଲକ ଅଞ୍ଚଳରେ ରାସ୍ତାଘାଟ ଓ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଫ୍ରେଣ୍ଡସ କ୍ଲବ ନିକଟରୁ ଖଟାଲ ଉପରକୁ ଲମ୍ବିଥିବା ରାସ୍ତାପାର୍ଶ୍ୱ ନାଳ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡିଛି। ଏହି ଡ୍ରେନରେ ଖଣ୍ଡିଏ ଇଟା ଦେଖିବାକୁ ମିଳୁ ନ ଥିବାବେଳେ ଉଭୟ ପାର୍ଶ୍ୱ ଗାର୍ଡ ୱାଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଫଳରେ ଏହା ଆବଶ୍ୟକତା ଠାରୁ ଦିନକୁ ଦିନ ଅଧିକ ପ୍ରଶସ୍ତ ଓ ବିପଦ ସଙ୍କୁଳ ହେବାରେ ଲାଗିଛି। ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ନାଳରେ ଖଟାଲ ଗୋରୁ ପାଣି କ୍ୱାର୍ଟର୍ସ ବାସିନ୍ଦାଙ୍କୁ ନାକେଦମ କରୁଛି। ଏହାକୁ ମରାମତି କରି ସିମେଣ୍ଟ ସ୍ଲାବ ପକାଇବାକୁ ଦୀର୍ଘ ଦିନ ହେବ ସ୍ଥାନୀୟ ବାସିନ୍ଦା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଏହା ସତ୍ତ୍ୱେ ଡ୍ରେନ ରକ୍ଷଣାବେକ୍ଷଣ ନେଇ କର୍ତ୍ତୃପକ୍ଷ ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ଦିଗରେ ଆରଏସ୍‌ପି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରାଯାଇଛି।



ରକ୍ଷଣାବେକ୍ଷଣ ଅଭାବରୁ ଡ୍ରେନ୍ ଶୋଚନୀୟ ହୋଇପଡ଼ିଛି।

### ନାଗରିକତା ଆଇନ୍, ଏନ୍‌ଆରସିକୁ ବିରୋଧ

# କଂଗ୍ରେସର ବିକ୍ଷୋଭ ଶୋଭାଯାତ୍ରା, ଦାବିପତ୍ର

**ରାଉରକେଲା ଅଫିସ, ୨୮।୧୨**

କେନ୍ଦ୍ର ଭାଜପା ନେତୃତ୍ୱାଧିନ ସରକାରଙ୍କ ନାଗରିକତା ସଂଶୋଧନ ଆଇନ ଓ ପ୍ରସ୍ତାବିତ ଏନ୍‌ଆରସିକୁ ବିରୋଧ କରି ଶନିବାର ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା, ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଏହାର ନେତୃତ୍ୱ ନେଇଥିଲେ। ଏହି ଶୋଭାଯାତ୍ରା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖ ଫିଟନେସ ପାର୍କ ନିକଟରୁ ବାହାରି ଆମ୍ବେଦକର ଛକ ରାସ୍ତା ଦେଇ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏହି ଅବସରରେ ଆୟୋଜିତ ପ୍ରତିବାଦ ସଭାରେ ଜର୍ଜ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ରାମାନନ୍ଦ ଶ୍ରୀଚନ୍ଦନ, ଦେବ ବିହାରୀ, ଇନ୍ଦ୍ରମୋହନ ପଣ୍ଡା, ସନ୍ତୋଷ ବିଶ୍ୱାଳ, ସଞ୍ଜୟ ପଣ୍ଡା, ସଂଖ୍ୟାଲଘୁ ନେତା ଏମଡି ଆସଲମ, ମୌଲାନା ମହମ୍ମଦ ଗାଜି, ସବିର ହୁସେନ ଓ ନିହାର ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ମୋଦି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି ବୋଲି ଅଭିଯୋଗ କରିଥିଲେ। ଦେଶବାସୀଙ୍କୁ ଭ୍ରମିତ କରିବାକୁ ନାଗରିକତା ସଂଶୋଧନ ଭଳି ଆଇନ ଲାଗୁ କରିବାକୁ ଅପଚେଷ୍ଟା କରୁଛନ୍ତି ବୋଲି ଏଥିରେ କଂଗ୍ରେସ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ। ଦେଶର ଘୋର ଆର୍ଥିକ ମାନ୍ଦାବସ୍ଥା





ଏନ୍‌ଆରସିକୁ ବିରୋଧ କରି ରାଉରକେଲାରେ କଂଗ୍ରେସ କର୍ମୀ ପ୍ରତିବାଦ ଶୋଭାଯାତ୍ରାରେ ଯାଉଛନ୍ତି।

ଚାଲିଥିବା ବେଳେ ବେକାରୀ ସମସ୍ୟା ହୁହୁ ହୋଇ ବଢିବାରେ ଲାଗିଛି। ଦରଦାମ ଆକାଶ ଛୁଆଁ ହେଲାଣି। ଦେଶର ମେରୁଦଣ୍ଡ କୁହାଯାଉଥିବା କୃଷକଙ୍କ ସମସ୍ୟା ପ୍ରତି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ଦେଶର ମହିଳା ଆଉ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି। ପ୍ରତ୍ୟକ ଦିନ ବିଭିନ୍ନ ରାଜ୍ୟରେ ନାରୀ ନିର୍ଯାତନା ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି। ଛାତ୍ର ଓ ଯୁବ ଗୋଷ୍ଠୀ ସେମାନଙ୍କ ଭବିଷ୍ୟତ ନେଇ ସନ୍ଦିହାନ ହୋଇ ପଡିଛନ୍ତି। କଳ କାରଖାନା ବନ୍ଦ ହେବାରେ ଲାଗିଛି। ନିଯୁକ୍ତି ନାହିଁ। ଏସବୁ ସମସ୍ୟାରୁ ଲୋକଙ୍କ ଦୃଷ୍ଟି ଏଡାଇବାକୁ କେନ୍ଦ୍ର ମୋଦି ସରକାର ନାଗରିକତା ସଂଶୋଧନ ଭଳି ଅବାସ୍ତବ ଆଇନ ଆଣିଛନ୍ତି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଜିଡିପି ୩ ପ୍ରତିଶତରୁ ହ୍ରାସ ପାଉଥିବା ଖୋଦ ଭାଜପା ନେତୃମଣ୍ଡଳୀ ସ୍ୱୀକାର କରୁଛନ୍ତି। ଏମିତି ଅବସ୍ଥାରେ ବିଭ୍ରାନ୍ତ କରିବାକୁ ଲୋକଙ୍କୁ ମୋଦି ସରକାର ଯୋଜନା କରିଛନ୍ତି। ଗୃହମନ୍ତ୍ରୀ ଅମିତ ଶାହା ଦେଶର ଆଇନ ଶୃଙ୍ଖଳା ନେଇ ଚିନ୍ତିତ ନୁହଁନ୍ତି। କେବଳ ଦେଶବାସୀଙ୍କୁ ବୋକା ବନାଇବାକୁ ଉଦ୍ୟମ କରାଯାଉଛି ବୋଲି ଏଥିରେ କୁହାଯାଇଥିଲା। ମୋଦି ସରକାରଙ୍କ ଜନବିରୋଧି ନୀତିକୁ ଦେଶବାସୀ ଓ ରାଉରକେଲା ସହରବାସୀ ବିରୋଧ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଏଡିଏମଙ୍କ ଜରିଆରେ ଭାରତର ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଥିଲା। ନାଗରିକ ସଂଶୋଧନ ଆଇନ ବାତିଲ ସହ ଏନ୍‌ଆରସି ବାତିଲ କରିବାକୁ ଦାବି କରାଯାଇ ଥିଲା। ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କଂଗ୍ରେସ ନେତା ଜର୍ଜ ତିର୍କୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ରୋହିତ ଯୋସେଫ ତିର୍କୀ, ଅବଦୁଲ ନୁମାନୀ ସାହେବ, ଏମଡି ମୋଇନୁଦ୍ଦିନ, ଚିତ୍ତରଞ୍ଜନ ମହାନ୍ତି, ଇଆରପି ସିଂ, ଅମ୍ବିକା ମହାନ୍ତି, ସୁନୀଲ ପଟ୍ଟନାୟକ, ପ୍ରଫୁଲ୍ଲ ପ୍ରଧାନ, ସୂର୍ଯକାନ୍ତ ବାରିକ, ଶିବୁ ଦୀପ. ଜବଲୁନ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଲହୁଣିପଡ଼ା ଅଞ୍ଚଳରେ ତୁଷାରପାତ

**ଲହୁଣୀପଡା, ୨୮।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣିପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଶୀତର ପ୍ରକୋପ ସହିତ ତୁଷାରପାତ ହେଉଥିବା ଦେଖିବାକୁ ମିଳିଛି । ପ୍ରବଳ ଶୀତ ଲହରି ଯୋଗୁ ଲୋକମାନେ ସକାଳୁ ଘରୁ ବାହାରକୁ ବାହାରି ପାରୁ ନ ଥିବା ବେଳେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ଯାଉଥିବା ଦେଖିବାକୁ ମିଳିଛି। ଗ୍ରାମ ଗୁଡିକରେ ନିଆଁ ଜାଳି ନିଆଁ ପୋଉଁ ହେଉଥିବା ଦେଖିବାକୁ ମିଳିଛି। ବିନାଶୀତ ବସ୍ତ୍ରରେ ବାହାରକୁ ବାହାରି ହେଉନାହିଁ। ଶୀତ ଲହରୀ ଯୋଗୁ ସାଧାରଣ ଜୀବନଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି । କେବଳ ଶୀତ ନୁହେଁ ଏହା ସହିତ ତୁଷାରପାତ ହେଉଥିବା ଶୁଣିବାକୁ ମିଳିଛି । ଲହୁଣୀପଡା ବ୍ଲକ କୁର୍ଡା ପଞ୍ଚାୟତ ମୁଣ୍ଡାଗାଁରେ ଚାଲିଥିବା କବାଡି ପ୍ରତିଯୋଗିତା ପାଇଁ ଲଗାଯାଇଥିବା ଟେଣ୍ଟ କପଡା ଉପରେ ତୁଷାର ଜମି ଯାଇଥିବା ଦେଖିବାକୁ ମିଳିଥିଲା। ମୁଣ୍ଡାଗାଁ ବିଦ୍ୟାଳୟ ପାଖରେ ମଧ ଦେଖିବାକୁ ମିଳିଛି। ନିଶ୍ଚିତପୁର ଗ୍ରାମରେ ତୁଷାର ଘଡିଥିବା ବେଳେ ପାଳଗଦା ଓ ଚାଷ ଜମିରେ ତୁଷାରପାତ ହେଉଥିବା ଜାଣିବାକୁ ମିଳିଛି।



ଲହୁଣୀପଡ଼ାରେ ହେଉଥିବା ତୁଷାରପାତ।

# ଷ୍ଟିଲ୍ ସିଟିରେ ଶୀତ ଲହରି, ଜନଜୀବନ ଅସ୍ତବ୍ୟସ୍ତ



ରାଉରକେଲା ବସ୍ତି ଅଞ୍ଚଳରେ ଲୋକେ ନିଆଁ ପୋଉଁଛନ୍ତି।

**ରାଉରକେଲା ଅଫିସ, ୨୮।୧୨**

ଗତ ଶୁକ୍ରବାର ରାତିରୁ ଷ୍ଟିଲ ସିଟି ରାଉରକେଲାରେ ଶୀତ ଲହରୀ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଏଥି ଯୋଗୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ଶନିବାର ସକାଳୁ ଥଣ୍ଡା ପ୍ରକୋପ ଏତେ ଥିଲା ଯେ, ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇ ପଡିଥିଲା। ଶୀତ ପୋଷାକ ପରିଧାନ ସତ୍ତ୍ୱେ ଥଣ୍ଡା ଅସମ୍ଭାଳ ଜଣା ପଡୁଥିଲା। ପ୍ରାୟ ଦିନ ୮ଟା ପର୍ଯ୍ୟନ୍ତ ରାସ୍ତାରେ ପଥଚାରୀଙ୍କ ଚଳାଚଳ ଦେଖିବାକୁ ମିଳି ନ ଥିଲା। ଖରା ହେବା ପରେ ଲୋକେ ପଦାକୁ ବାହାରି ଥିଲେ। ବିନା ଉଷୁମ ପାଣିରେ ଗାଧୋଇବା ଅନେକଙ୍କ ପାଇଁ କଷ୍ଟକର ହୋଇଥିଲା। ଖରା ସତ୍ତ୍ୱେ ଦିନଭରି ଲୋକଙ୍କ ଦେହରୁ ଶୀତ ପୋଷାକ ଉତୁରି ନ ଥିଲା। ପୂର୍ବାପେକ୍ଷା ସହର ବଜାରରେ ଗହଳଚହଳ ନ ଥିଲା। ପନିପରିବା ବଜାର ଫାଙ୍କା ଜଣା ପଡୁଥିଲା। କାମଧନ୍ଦା ସହ ବଜାର କାରବାର ମାନ୍ଦା ରହିଥିଲା। କୁହାଯାଇଛି ଯେ, ହଠାତ ସହରରେ ତାପମାତ୍ରା ୮ ଡିଗ୍ରୀକୁ ଖସି ଆସିଛି। ଏହା ଦିନେ ଦୁଇ ଦିନ ଧରି ଆହୁରି ତଳକୁ ଖସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୁନ୍ଦରଗଡ ଜିଲା ସ୍ୱାଭାବିକ ପାହାଡିଆ ଅଞ୍ଚଳ ହୋଇଥିବାରୁ ଏଠାରେ ଅନ୍ୟ ଅଞ୍ଚଳ ଅପେକ୍ଷା ଶୀତଲହରୀ ଟିକେ ଅଧିକ ବାଧୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।